RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR
•VOLUME- 43 •ISSUE-350 •THURSDAY •18 JUNE 2026 •PAGE-12 •₹ 7.00
•ବର୍ଷ-୪୩ •ସଂଖ୍ୟା-୩୫୦ •ଗୁରୁବାର •୧୮ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




# ମେସି ମ୍ୟାଜିକ୍

## କ୍ୟାରିୟରର ୨୦୦ ତମ ମ୍ୟାଚ୍‌ରେ ପୁଣି ହ୍ୟାଟ୍ରିକ୍

■ କନସାସ୍, ୧୭।୬ (ଏଜେନ୍ସି): ଫୁଟବଲର ଭଗବାନ କୁହାଯାଉଥିବା ଲିଓନେଲ ମେସି ପୁଣିଥରେ ବିଶ୍ୱକପ୍‌ରେ ତାଙ୍କ ମ୍ୟାଜିକ୍ ଦେଖାଇଛନ୍ତି। ଅନ୍ତର୍ଜାତୀୟ ଫୁଟବଲ୍‌ରେ ୨୦୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିବା ମେସି ଚଳିତ ଫିଫା ବିଶ୍ୱକପ୍‌ରେ ଆଲ୍‌ଜେରିଆ ବିପକ୍ଷ ଆଜିର ମୁକାବିଲାରେ ହ୍ୟାଟ୍ରିକ ଗୋଲ୍ ଦେଇ ପୁଣି ଥରେ ତାଙ୍କ ଅସଂଖ୍ୟ ପ୍ରଶଂସକଙ୍କ ମନ ଜିଣିଛନ୍ତି।

ଆଲ୍‌ଜେରିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଅଧିନାୟକ ମେସିଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦଳ ୩-୦ରେ ବିଜୟୀ ହୋଇ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ଚଳିତ ବିଶ୍ୱକପ୍‌ର ପ୍ରଥମ ଖେଳାଳି ଭାବେ ମେସି କେବଳ ହ୍ୟାଟ୍ରିକ ଗୋଲ୍ ଦେଇନାହାନ୍ତି; ଏହି ମ୍ୟାଚ୍‌ରେ ସେ ନିଜ ନାମରେ ଏକାଧିକ ବିଶ୍ୱ ରେକର୍ଡ ଯୋଡ଼ିଛନ୍ତି।

୨୧ ବର୍ଷ ତଳେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ଫୁଟ୍‌ବଲରେ ପାଦ ଥାପିଥିଲେ। ୩୮ ବର୍ଷ ୩୫୭ ଦିନ ବୟସରେ ପଦାର୍ପଣ କରିଥିବା ବିଶ୍ୱର ଏହି କିମ୍ବଦନ୍ତୀ ଫୁଟ୍‌ବଲର୍ ଇତିମଧ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ଫୁଟବଲ ଜଗତରେ ପ୍ରଭୁତ୍ୱ ଜାରି ରଖିଛନ୍ତି। କ୍ୟାରିୟରର ଶେଷ ବିଶ୍ୱକପ୍ ଖେଳୁଥିବା ମେସି ବିଶ୍ୱକପ୍ ଇତିହାସର ବୟୋଜ୍ୟେଷ୍ଠ ହ୍ୟାଟ୍ରିକ ଗୋଲ୍ ସ୍କୋରର୍ ହେବା ସହ ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ▶ପୃଷ୍ଠା-୭

# ବହିରେ ତ୍ରୁଟି: ମାଙ୍କଡ଼ ହାତରେ ଶାଳଗ୍ରାମ

■ ଭୁବନେଶ୍ୱର, ୧୭।୬ (ସମିସ): ଠିକ୍ ସମୟରେ ସ୍କୁଲ ପିଲାଙ୍କୁ ବହି ମିଳିଲା ନାହିଁ। ଅଭିଭାବକଙ୍କ ଅସନ୍ତୋଷ, ଶିକ୍ଷକ ସଂଘର ଚାପ ଓ ଗଣମାଧ୍ୟମରେ ସମାଲୋଚନା ପରେ ଯେଉଁ ବହି ମିଳିଲା; ହେଲେ ସେଥିରେ ଶହଶହ ନୁହେଁ, ହଜାର ହଜାର ଭୁଲ୍। ୮ଟି ଶ୍ରେଣୀର ପିଲାଙ୍କ ପାଇଁ କୋଟି କୋଟି ବହି ଛପାଗଲା। ବନ୍ଧେଇ କରି ସ୍କୁଲକୁ ପଠାଗଲା; ମାତ୍ର ବହି ଛପାଇବା ଦାୟିତ୍ୱରେ ଥିବା ଅଧିକାରୀମାନେ ଥରଟିଏ ଏହାକୁ ଦେଖିଲେ ନାହିଁ। ଓଡ଼ିଆ ବୁଝୁ ନ ଥିବା କିଛି ଅଣଓଡ଼ିଆ ଅଫିସର ଏହାକୁ ହେୟଜ୍ଞାନ କଲେ। ବ୍ରହ୍ମପୁର ଗୋଟେ ଜିଲ୍ଲା ହୋଇଗଲା। ଓଡ଼ିଶା ବିଧାନସଭା ସ୍ଥାନରେ କର୍ଣ୍ଣାଟକ ଫଟୋ ବସିଲା। ପିଲାଙ୍କ ପାଖରେ ପହଞ୍ଚିଲା ଏହିଭଳି ଯାବତୀୟ ଭୁଲ୍ ଥିବା ପଢ଼ାବହି। ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହାକୁ ଅତି ସାଧାରଣ କଥା ମନେ କଲେ। ପିଲାଙ୍କ ପଢ଼ାବହିରେ ଶିକ୍ଷା ବିଭାଗର ଏଭଳି ତ୍ରୁଟିକୁ କୌଣସି ଶିକ୍ଷକ, ଶିକ୍ଷାବିତ୍ ଏବଂ ଅଭିଭାବକ କେହି ବି ଗ୍ରହଣ କରିପାରୁନାହାନ୍ତି। ▶ପୃଷ୍ଠା-୭

### ତ୍ରୁଟି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୭ ଦିନରେ ରିପୋର୍ଟ ନିର୍ଦ୍ଦେଶ



ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ତଦନ୍ତ କମିଟି

■ ଭୁବନେଶ୍ୱର, ୧୭।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟି ଘଟଣାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ସଚିବ ଓ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଘଟଣାର ବିସ୍ତୃତ ଆଲୋଚନା କରିଛନ୍ତି। ସମଗ୍ର ଘଟଣାର ତଦନ୍ତ ନିମନ୍ତେ ଉନ୍ନୟନ କମିଶନଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି ଓ ଏହି କମିଟି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ତ୍ରୁଟି ▶ପୃଷ୍ଠା-୭

## ଦାୟିତ୍ୱହୀନ, ଖାମଖିଆଲି ମନୋଭାବ: ନବୀନ



'ଓଡ଼ିଆ ଅସ୍ମିତା' ନାରା ଦେଇ କ୍ଷମତା ହାସଲ ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି

■ ଭୁବନେଶ୍ୱର, ୧୭।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଶହଶହ ତ୍ରୁଟି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ବାହାରିବା ବିଜେପି ସରକାରର ଅତ୍ୟନ୍ତ ଦାୟିତ୍ୱହୀନ ତଥା ଖାମଖିଆଲି ମନୋଭାବକୁ ଦର୍ଶାଉଛି। ପିଲାମାନଙ୍କୁ ରାଜ୍ୟ ସରକାର ଠିକ୍ ▶ପୃଷ୍ଠା-୭

### ସୀମା ଟପିଲାଣି ୧୮ ରାଜ୍ୟର ବିତ୍ତୀୟ ନିଅଣ୍ଟ

# ୧୦ ବର୍ଷରେ ୩ ଗୁଣା ଋଣ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ବଢ଼ି ବଢ଼ି ଚାଲିଛି ରାଜ୍ୟଗୁଡିକର ଋଣ ଭାର। ବର୍ଷକୁ ବର୍ଷ ରାଜସ୍ୱ ନିଅଣ୍ଟିଆ ସ୍ଥିତି ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିବାରେ ଲାଗିଛି। ବର୍ତ୍ତମାନ ଦେଶର ୨୮ଟି ରାଜ୍ୟର ମୋଟ ଋଣ ଭାର ଗତ ୧୦ ବର୍ଷ ମଧ୍ୟରେ ପାଖାପାଖି ତିନିଗୁଣ ହୋଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ଋଣଭାର ୩୧.୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୯୦.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହାମଧ୍ୟରୁ ୧୮ଟି ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ; ଏହି ରାଜ୍ୟଗୁଡ଼ିକ ବିତ୍ତୀୟ ନିଅଣ୍ଟର ୩% ସୀମା ଅତିକ୍ରମ କରିଛନ୍ତି। ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାର ବିତ୍ତୀୟ ନିଅଣ୍ଟ ୨୫% ଅଧିକ ବୃଦ୍ଧି ଘଟିଛି। ମହାଲେଖା ନିୟନ୍ତ୍ରକ ଏବଂ ମହା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରା ଜାରି ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିର ତୃତୀୟ ବାର୍ଷିକ ସମୀକ୍ଷାରେ ସ୍ଥାନ ପାଇଛି ଏପରି ଚିନ୍ତାଜନକ ତଥ୍ୟ।



ରିପୋର୍ଟ ଅନୁସାରେ ମେଘାଳୟର ରାଜସ୍ୱ କ୍ଷତି ଦେଶରେ ସର୍ବାଧିକ ଏହାର ରାଜସ୍ୱ କ୍ଷତି ସମ୍ପୃକ୍ତ ରାଜ୍ୟର ଜିଏସଡିପି ଠାରୁ ୮.୬୯% ଅଧିକ। ଏହା ପଛକୁ ନାଗାଲାଣ୍ଡରେ ୬.୧୪ ପ୍ରତିଶତ ଏବଂ ସିକିମରେ ୫.୫୯ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଓଡ଼ିଶା, ଗୁଜରାଟ, କର୍ଣ୍ଣାଟକ, କେରଳ ଓ ମହାରାଷ୍ଟ୍ର ସମେତ ୧୪ଟି ପ୍ରମୁଖ ରାଜ୍ୟର ରାଜସ୍ୱ କ୍ଷତି ୨୦୨୩-୨୪ ତୁଳନାରେ ୨୦୨୪- ▶ପୃଷ୍ଠା-୭

**ବର୍ଷକରେ ୨୫% ବଢ଼ିଛି ଓଡ଼ିଶାର ବିତ୍ତୀୟ ନିଅଣ୍ଟ**

**ଦୈନନ୍ଦିନ ପ୍ରଶାସନିକ, ରାଜସ୍ୱ ଖର୍ଚ୍ଚ ପାଇଁ ଋଣ**

# ବିଭାଜନ ଚର୍ଚ୍ଚାରେ ଉଦ୍ଧବ ସେନା, ସମାଜବାଦୀ ପାର୍ଟି

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମସିରେ ବିଭାଜନ ପରେ ଏବେ ଉଦ୍ଧବ ଠାକରେଙ୍କ ଶିବ ସେନା (ୟୁବିଟି) ଏବଂ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ସପା) ସଂସଦୀୟ ଦଳରେ ମଧ୍ୟ ବିଭାଜନ ପାଇଁ ଉଦ୍ୟମ ଚାଲିଥିବା ନେଇ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଲୋକସଭାରେ ଉଦ୍ଧବଙ୍କ ସେନାର ୯ ଜଣ ସଭ୍ୟ ଥିବା ବେଳେ ୬ ଜଣ ବିଦ୍ରୋହ କରିବା ନେଇ ସୂଚନା ମିଳିଛି। ସେହିଭଳି ସପାର ୩୭ ଜଣ ଲୋକସଭା ସଭ୍ୟ ରହିଛନ୍ତି ଏବଂ ଏହା ମଧ୍ୟ ବିଭାଜନ ଆଡ଼କୁ ମୁହାଁଉଛି ବୋଲି ଉତ୍ତର ପ୍ରଦେଶର ଜଣେ ମନ୍ତ୍ରୀ ଦାବି କରିବା ପରେ ଜାତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ଦ୍ୱିତୀୟ ଥର ବିଭାଜନ ଆଡକୁ ମୁହାଁଉଥିବା କୁହାଯାଉଛି। ଲୋସଭାରେ ପାର୍ଟିର ୯ ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ସାଂସଦ ବିଦ୍ରୋହ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଆଜି ସେମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିବାକୁ ସମୟ ମାଗିଥିଲେ। କିନ୍ତୁ ବିଦ୍ରୋହୀ ୬ ଜଣଙ୍କ ମଧ୍ୟରୁ ଦୁଇ ଜଣ ସାଂସଦ ▶ପୃଷ୍ଠା-୭

**ସେନା ବିଦ୍ରୋହକୁ ଝଟ୍‌କା; ସାମିଲ୍ ହେଲେନି ୨ ସାଂସଦ**

**ସାଂସଦଙ୍କୁ ୫୦ କୋଟି ଯଚାଯାଉଛି: ସଂଜୟ**

**ବିଭାଜିତ ହେବ ସମାଜବାଦୀ ପାର୍ଟି: ୟୁପି ମନ୍ତ୍ରୀ**






### ମହାପ୍ରସାଦରେ ଶୁଦ୍ଧ ଗୁଆ ଘିଅ ବ୍ୟବହାର ନିର୍ଦ୍ଦେଶକୁ ଫୁଁ'

# ଶ୍ରୀମନ୍ଦିରରେ ଡାଲ୍‌ଡା ଘିଅ

■ ପୁରୀ, ୧୭।୬ (ସମିସ): ଶ୍ରୀମନ୍ଦିର ରୋଷଘରେ ମହାପ୍ରସାଦ ପ୍ରସ୍ତୁତିରେ କେବଳ ଓମ୍‌ଫେଡ ଶୁଦ୍ଧ ଗୁଆ ଘିଅ ବ୍ୟବହାର ହେବ। ରୋଷଘରକୁ ଅନ୍ୟ କୌଣସି ବ୍ରାଣ୍ଡର ଘିଅ ପ୍ରବେଶ କରିପାରିବ ନାହିଁ। ମନ୍ଦିର ପ୍ରଶାସନର ଏଭଳି କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାକୁ ଅନେକ ସମୟରେ ଉଲ୍ଲଙ୍ଘନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର ଏନ୍‌ଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ମନ୍ଦିରରୁ ୩୦ ପ୍ୟାକେଟ୍ ଡାଲ୍‌ଡା ଘିଅ ଜବତ କରିଛି। ଏହି ଘଟଣା ପରେ ମହାପ୍ରସାଦର ପବିତ୍ରତା ଓ ଶୁଦ୍ଧତା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ମହାପ୍ରସାଦ ପ୍ରସ୍ତୁତିରେ କେବଳ ଶୁଦ୍ଧ ଗୁଆ ଘିଅ ବ୍ୟବହାର କରିବାକୁ କଡ଼ା ନିର୍ଦ୍ଦେଶ ରହିଛି। ପ୍ରଶାସନ ପକ୍ଷରୁ ଓମ୍‌ଫେଡ୍ କମ୍ପାନୀର ଘିଅକୁ ହିଁ ଅନୁମୋଦନ ଦିଆଯାଇଛି। ନିୟମିତ ଯାଞ୍ଚ ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ମନ୍ଦିର ପରିସରୁ ଡାଲ୍‌ଡା ଘିଅ ପ୍ୟାକେଟ୍ ଠାବ କରି ଜବତ କରିଥିଲା। ଏହି ଘିଅ ▶ପୃଷ୍ଠା-୭



**୩୦ ପ୍ୟାକେଟ୍ ଜବତ କଲା ଶ୍ରୀମନ୍ଦିର ପ୍ରଶାସନ**

## ୩ ଜିଲ୍ଲାରେ ବଢ଼ିଲା ଖରା ଛୁଟି

■ ଭୁବନେଶ୍ୱର, ୧୭।୬ (ସମିସ): ଖରାଛୁଟି ସରିବା ପରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ରାଜ୍ୟରେ ପାଠପଢ଼ା ଆରମ୍ଭ ହେବ। ମାତ୍ର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଜିଲ୍ଲାପାଳମାନେ ଛୁଟି ଅବଧି ବୃଦ୍ଧି କରିଛନ୍ତି। ମୋଟ ୮ ଜିଲ୍ଲାରେ ୨୦ ତାରିଖ ଯାଏଁ ଛୁଟି ଘୋଷଣା ହୋଇଥିବାବେଳେ ୩ଟି ଜିଲ୍ଲାରେ ସକାଳୁଆ ପାଠପଢ଼ା ହେବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଲାଗି ରହିଛି। ମୌସୁମୀ ପହଞ୍ଚିଥିଲେ ମଧ୍ୟ ଅନେକ୍ ଜିଲ୍ଲାରେ ଆଶାନୁରୂପ ବର୍ଷା ହୋଇନାହିଁ। ଫଳରେ ଦିନର ତାପମାତ୍ରା ୪୦ ଡିଗ୍ରୀ ପାର କରୁଥିବାବେଳେ ଅଧିକ ଆର୍ଦ୍ରତା ପାଇଁ ଅସହ୍ୟ ଗୁଳୁଗୁଳି ହେଉଛି। ଏହାକୁ ଦୃଷ୍ଟିରେ ▶ପୃଷ୍ଠା-୭

**୨ ଜିଲ୍ଲାରେ ସକାଳୁଆ**

# ଅଟକିଛି ମୌସୁମୀ: ମେଘ ଉଭାନ୍

### ସାରା ଦେଶରେ ବର୍ଷାରେ ୪୦% ହ୍ରାସ; ଚିନ୍ତାରେ ଚାଷୀକୁଳ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଗତିପଥ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ହୋଇପଡ଼ିଛି। ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଏବଂ କୃତ୍ରିମ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ, କେନ୍ଦ୍ରୀୟ ଓ ପଶ୍ଚିମ ଭାରତର ଏକ ବଡ଼ ଅଞ୍ଚଳ ଏବେ ମେଘହୀନ ରହିଛି। ଜୁନ୍ ମାସ ଅଧା ହୋଇଯାଇଥିଲେ ମଧ୍ୟ ସ୍ୱାଭାବିକଠାରୁ ପ୍ରାୟ ୪୦ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚଳିତ ବର୍ଷର ଖରିଫ ଚାଷ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି। ଇନ୍‌ସାଟ-୩ଡିଏସ୍ ଉପଗ୍ରହରୁ ମିଳିଥିବା ସଦ୍ୟତମ ଚିତ୍ର ଅନୁଯାୟୀ, ଦେଶର ମୁଖ୍ୟ କୃଷି ଭିତ୍ତିଭୂମି ସଦୃଶ ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ▶ପୃଷ୍ଠା-୭



- ଗୁଜରାଟ: ୯୮% ନିଅଣ୍ଟିଆ ବର୍ଷା
- ମେଘାଳୟ: ୮୫% ନିଅଣ୍ଟିଆ ବର୍ଷା
- ମହାରାଷ୍ଟ୍ର: ୭୯% ନିଅଣ୍ଟିଆ ବର୍ଷା
- ଝାଡ଼ଖଣ୍ଡ: ୬୬% ନିଅଣ୍ଟିଆ ବର୍ଷା
- ଛତିଶଗଡ଼: ୬୫% ନିଅଣ୍ଟିଆ ବର୍ଷା

## ୨୧ ଯାଏଁ ଗରମ, ଗୁଳୁଗୁଳି

■ ଭୁବନେଶ୍ୱର, ୧୭।୬ (ସମିସ): ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇସାରିଥିବା ନେଇ ଆଇଏମ୍‌ଡି କହିଥିଲେ ମଧ୍ୟ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ରହୁଛି। ମାତ୍ର ଜୁନ୍ ଶେଷ ଆଡ଼କୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୧୭-୨୧ ଜୁନ୍ ମଧ୍ୟରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ସହ ଅସହ୍ୟ ଗରମ ହେବ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ▶ପୃଷ୍ଠା-୭

**ମୌସୁମୀକୁ ଶକ୍ତିଶାଳୀ କରାଇବ ଲଘୁଚାପ**

**ମାସର ଶେଷ ଆଡ଼କୁ ବଢ଼ିବ ବର୍ଷା ପରିମାଣ**

୧୭/୬/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୩,୪୩୯/- ସୁନା:୦୦.୨୦୦ ଗ୍ରାମ୍ ରୁପା: ୧୯.୦୦୦ ଗ୍ରାମ୍





ଖେଇ କାଠକୁ ନେଇ ବିବାଦ

# ୩ ଘଣ୍ଟା ବନ୍ଦ ରହିଲା ରଥ ନିର୍ମାଣ

## ଆଲୋଚନା ପରେ ରଥ କାମ ସ୍ୱାଭାବିକ ହେଲା

ପୁରୀ,୧୭।୬(ସମିସ)



ରଥ ନିର୍ମାଣ ସମୟରେ ବିଶ୍ୱକର୍ମା ମହାରଣାମାନେ ଖେଇ ଆକାରରେ ନିର୍ଦ୍ଦିଷ୍ଟ ସାଇଜ୍‌ର କିଛି କାଠ ପାଇଥା'ନ୍ତି। ବୁଧବାର ଏହି ଖେଇ କାଠକୁ ନେଇ ମହାରଣା ସେବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଏଥିପାଇଁ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମହାପ୍ରଭୁଙ୍କ ରଥ ନିର୍ମାଣ ବନ୍ଦ ରହିଥିଲା। ଶେଷରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ଆଲୋଚନା ହୋଇଥିଲା। ସେମାନଙ୍କର ଦୁଇ ଦାବିକୁ ମାନିବାକୁ ପ୍ରତିଶ୍ରୁତି ପରେ ରଥନିର୍ମାଣ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା ହୋଇ ନିଷ୍ପତ୍ତି ପରେ ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି କହିଛନ୍ତି ବିଶ୍ୱକର୍ମା ମହାରଣା।

ସୂଚନା ଅନୁଯାୟୀ, ତିନି ରଥର ମୁଖ୍ୟ ମହାରଣାଙ୍କୁ ଗତ ୧୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ଦେଇଥିବା ନୋଟିସ୍‌କୁ ନେଇ ହୋଇଥିଲା ବିବାଦ। ନୋଟିସ୍ ଅନୁଯାୟୀ, ୪ ଫୁଟ୍ ଲମ୍ବ ଓ ୩ ଫୁଟ୍ ଗୋଲେଇରୁ ଊର୍ଦ୍ଧ୍ୱ ଗୋଟା ଓ ସାଇଜ୍ କାଠ ମୁଖ୍ୟ ମହାରଣାମାନେ ପ୍ରଶାସନକୁ ଧାର୍ଯ୍ୟ ମୂଲ୍ୟ ବିନିମୟରେ ହସ୍ତାନ୍ତର କରିବେ। ୪ ଫୁଟ୍‌ରୁ କମ୍ କାଠକୁ ଇଚ୍ଛା କଲେ ମହାରଣାମାନେ ପ୍ରାପ୍ୟ (ଖେଇ) ହିସାବରେ ଗ୍ରହଣ କରିବେ କିମ୍ବା ମୂଲ୍ୟ ବିନିମୟରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିପାରିବେ ବୋଲି ଉଲ୍ଲେଖ ରହିଥିଲା। ଉକ୍ତ ମାପର କାଠ ନେବା ପୂର୍ବରୁ ତତ୍ତ୍ୱାବଧାରକ ଓ ଅମିନଙ୍କ ଅନୁମତି ନେବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ତେବେ ଯେକୌଣସି ମାପର ଚିରଟ କାଠ ଖେଇ ବା ପ୍ରାପ୍ୟ ହିସାବରେ ନେବାକୁ ଜିଦ୍ ଧରିଥିଲେ ମୁଖ୍ୟ ମହାରଣା ସେବକ। ସେମାନେ କହିଥିଲେ, ରଥ ନିର୍ମାଣ ସମୟରେ ବାହାରୁଥିବା ଛୋଟ କଟା କାଠକୁ ସେମାନେ ଖେଇ ଆକାରରେ ନେଇଥା'ନ୍ତି। ୪ ଫୁଟ୍‌ରୁ ଅଧିକ ଥିଲେ ଏହା ଶ୍ରୀମନ୍ଦିର ପ୍ରଶାସନ ନେଇଥାଏ। ମାତ୍ର ୪ ଫୁଟ୍‌ରୁ କମ୍ କାଠକୁ ମହାରଣା ସେବକ ନେଇଥା'ନ୍ତି। ୨୦୦୫ ମସିହାରେ ଏହି ନିଷ୍ପତ୍ତି ମୁତାବକ ପ୍ରତିବର୍ଷ ସେମାନେ କାଠ ନେଇଥା'ନ୍ତି।

ତେବେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ନିଆଯିବ ନିଷ୍ପତ୍ତି। ୪ ଫୁଟ୍ ଲମ୍ବ ଓ ୩ ଫୁଟ୍ ଗୋଲେଇ କାଠକୁ ନେବ ଶ୍ରୀମନ୍ଦିର ପ୍ରଶାସନ। ବଦଳରେ ମହାରଣାମାନେ ତାହାର ମୂଲ୍ୟ ନେଇପାରିବେ। ସ୍ୱତ୍ତ୍ୱଲିପି ଉଲ୍ଲଂଘନ ନେଇ ରଥଖଳାରୁ ଅଭିଯୋଗ ଆସିବା ପରେ ଏଭଳି ନୋଟିସ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ମୁଖ୍ୟ ମହାରଣା ରଥ ନିର୍ମାଣ ତତ୍ତ୍ୱାବଧାରକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବା କହିଛନ୍ତି। ତାଙ୍କୁ ପଦରୁ ହଟାଇବା ପାଇଁ ମହାରଣାମାନେ ଦାବି କରିଛନ୍ତି। ଏହା ଉପରେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଶ୍ରୀ ପୃଷ୍ଟି କହିଛନ୍ତି।

ରଥଖଳାରୁ...

# ତିନି ରଥର କନକ ମୁଣ୍ଡି, ଅଁଳା ପିଣ୍ଡି, ଛୋଟ କଳସ ପିଣ୍ଡି ନିର୍ମାଣ ଶେଷ

ପୁରୀ,୧୭।୬(ସମିସ): ରଥ ନିର୍ମାଣ କାର୍ଯ୍ୟ ୫୮ତମ ଦିବସରେ ପହଞ୍ଚିଛି। ବୁଧବାର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ତିନିରଥ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନେ ତିନିରଥର ଦ୍ୱିତୀୟ ଭୂଇଁ ବା ମଝି ଭୂଇଁ ଉଭୟ ପାଶ୍ୱର୍ରେ ଆଗ ଆଣି, ପଛ ଆଣି, ଅନ୍ଧାରୀ ତାଗ ବାଡ଼ିଆ ସହ ତିନିରଥ ଅଗ ଭୂଇଁରେ ସ୍ଥାପିତ ହୋଇଥିବା ବଡ଼ ଥଳ ପୋଟଳର ଝାଞ୍ଜ ସଳଖା କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ମହାରଣା ସେବକମାନେ ତିନି ରଥର କନକ ମୁଣ୍ଡି, ଅଁଳା ପିଣ୍ଡି ଏବଂ ଛୋଟ କଳସ ପିଣ୍ଡି ନିର୍ମାଣ ଶେଷ କରିଛନ୍ତି। ରୂପକାର ସେବକମାନେ କନ୍ଦର୍ପ ରୂପ ଖୋଦେଇ ଶେଷ ହୋଇଥିବା ୪ଟି ଲେଖାଏଁ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ପାଇଁ ଚିତ୍ରକର ଚାଳିକୁ ଭୋଇ ସେବକଙ୍କ ସହାୟତାରେ ପଠାଇବା ସହ ବାକି ତିନିରଥର ୪ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ଭୂଇଁ ପାଇଁ କଇଞ୍ଚି କଣ୍ଟା ଶେଷ କରି ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ରଥ ଉପର ପଟା ବାଡ଼ିଆ ପାଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ପାଇଁ ମହାପ୍ରଭୁଙ୍କ ପଇତା ଡୋରି ବୋଳିବା ପାଇଁ ପାଟରା ସେବକଙ୍କ ପାଇଁ ଆବଶ୍ୟକ ବାଉଁଶ ନାଳ ୩୦ଟି, ବାଉଁଶ କାଠି ୪୦ଟି ଏବଂ ବିଜେ ଡୋରି ବୋଳିବା ପାଇଁ ହାତୀ କିଆ, ଦୁଇ ହାତିଆ ଏବଂ ତିନି ହାତିଆ ପାଟ ବୋଳା କିଳା ୨୦ ଖଣ୍ଡ ଏଥିସହ ଘଣା ଲାଗି ପାଇଁ ୭ ଫୁଟ୍‌ର ବଡ଼ କାଠ କିଳା ନିର୍ମାଣ ଶେଷ କରି ରଥଯାତ୍ରାରେ ଠାକୁରଙ୍କ ସେବା ପୂଜା ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ଅପରପକ୍ଷରେ ଚିତ୍ରକରମାନେ ତିନିରଥର ପାଶ୍ୱର୍ ଦେବଦେବୀଙ୍କ ଚିତ୍ର ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନି ରଥର ଠାକୁରଙ୍କ ଆସ୍ଥାନ ବା ଶିଖର ଡମ୍ବୁରୁ, ଅଁଳା, ଓଲଟ ଶୁଆ, ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।



# ରଥଯାତ୍ରାରେ ଇସ୍କନ ଲୋଗୋ ବ୍ୟବହାର ନ ହେଉ

ପୁରୀ,୧୭।୬(ସମିସ): ଇସ୍କନର ଅଦିନିଆ ରଥଯାତ୍ରା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଉଛି। ଏ ସମ୍ପର୍କରେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲେ ମଧ୍ୟ ସେମାନେ ମାନୁନାହାନ୍ତି। ବାରମ୍ବାର ମନମାନୀ କରୁଛନ୍ତି। ଏହାକୁ ନେଇ ଭକ୍ତ, ସେବାୟତ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ଏହାରି ଭିତରେ ଇସ୍କନକୁ ନେଇ ଅସନ୍ତୋଷ ବଢ଼ିଛି। ତେବେ ଇସ୍କନ ଲୋଗୋ ବ୍ୟବହାର ନ କରିବାକୁ ଗୌତମ ଆଦାନୀଙ୍କୁ ଚିଠି ଲେଖିଛି ଓଡ଼ିଶା ଯୁବ ଚେତନା ସଂଗଠନ। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ଗତବର୍ଷ ରଥଯାତ୍ରାରେ ଆପଣଙ୍କ ଉଦ୍ୟୋଗ ପକ୍ଷରୁ ଭକ୍ତଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ମାଗଣା ଖାଦ୍ୟ ପ୍ୟାକେଟ୍‌ରେ ଆପଣଙ୍କ ଫଟୋ ସହ ଇସ୍କନ ଫଟୋ ରହିଥିଲା। ତେବେ ଏଇ କିଛି ବର୍ଷ ଧରି ଇସ୍କନ ଅଦିନିଆ ରଥଯାତ୍ରା କରି ମହାପ୍ରଭୁଙ୍କ ସମ୍ମାନ ହାନୀ କରୁଛି। ଏପରିକି ଗଜପତି ଓ ପ୍ରଶାସନକୁ ଭ୍ରୂକ୍ଷେପ କରୁନାହିଁ। ଏପରି ସ୍ଥିତିରେ ଆପଣ ଆଗାମୀ ରଥଯାତ୍ରାରେ ଇସ୍କନ ଲୋଗୋ ବ୍ୟବହାର କରନ୍ତୁ ନାହିଁ ବୋଲି ଆଦାନୀଙ୍କୁ ପତ୍ର ଲେଖିଛନ୍ତି ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର।

# ବାଲୁଖଣ୍ଡ ଅଭୟାରଣ୍ୟରେ ବେଆଇନ ପାଚେରି ନିର୍ମାଣ



ପୁରୀ,୧୭।୬(ସମିସ): ପୁରୀ ବାଲୁଖଣ୍ଡ ଅଭୟାରଣ୍ୟର ହରିହରାନନ୍ଦ ଆଶ୍ରମ ପଛ ପଟେ ଜଙ୍ଗଲ କାଟି ପାଚେରି ନିର୍ମାଣ ହେଉଛି। ପୁରୀ ବନଖଣ୍ଡ ଅନ୍ତର୍ଗତ ବାଲୁଖଣ୍ଡ ଜଙ୍ଗଲ ଭିତରେ କିପରି ବିନା ଅନୁମତିରେ ଜଙ୍ଗଲ କାଟି ପ୍ଲଟିଂ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲ ସୁରକ୍ଷାରେ ରେଞ୍ଜର, ବନ କର୍ମଚାରୀମାନେ ନିୟୋଜିତ ହୋଇଥିବା ସତ୍ତ୍ୱେ ଏପରି ଜଙ୍ଗଲ କାଟ୍ ହୋଇଛି। ବୁଧବାର ଏନେଇ ଡିଏଫ୍‌ଓଙ୍କ ନିକଟରେ ଅଭିଯୋଗ ହୋଇଛି।

# ନ୍ୟାୟ ଦାବିରେ ଥାନାର ଦ୍ୱାରସ୍ଥ ହେଲେ ପୀଡ଼ିତା ମହିଳା

ପୁରୀ,୧୭।୬(ସମିସ): ବଳପୂର୍ବକ ମୋ ବାଡ଼ିରେ ପଶି ଗଛଗୁଡ଼ିକୁ ହାଣି ନଷ୍ଟ କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ କରି କପିଳେଶ୍ୱରପୁର ଚତୁର୍ଥସର କନକ ସେଠୀ କପିଳେଶ୍ୱରପୁର ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ସଦର ଥାନା ଅଧିକାରୀଙ୍କୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଶ୍ରୀମତୀ ସେଠୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି କି ସେ ଦଳିତ ସମ୍ପ୍ରଦାୟର ହେବା ସହ ଭୂମିହୀନ ଅଟନ୍ତି। ତେଣୁ ବାସୁଦେବପୁର ମୌଜାର ଖାତା ନଂ ୨୨୩୮କୁ ସରକାରଙ୍କୁ ଜରିମାନା ଦେଇ ଜବରଦଖଲ କରିଥିବାବେଳେ ଉକ୍ତ ଜମି ପାଇଁ ୨୦୨୦ରୁ ଖଜଣା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦାନ କରି ଆସୁଛନ୍ତି। ଉକ୍ତ ଜମିରେ ଚଳପ୍ରଚଳ କରିବା ସହ ପରିବାର ପ୍ରତିପୋଷଣ କରିବା ପାଇଁ ନଡ଼ିଆ, ଆମ୍ବ, ପଣସ ଗଛ ଲଗାଇଥିଲୁ। ତେବେ ଗତ ୧୬ ତାରିଖ ଦିନ କପିଳେଶ୍ୱରପୁର ଗ୍ରାମର ୩୦ରୁ ୪୦ ଜଣ ଗ୍ରାମବାସୀ ହଠାତ୍ ବାଡ଼ି ଭିତରକୁ ବଳପୂର୍ବକ ଧସେଇ ପଶି ବାଡ଼ ଭାଙ୍ଗି ଲାଗିଥିବା ଗଛଗୁଡ଼ିକୁ ହାଣି ନଷ୍ଟ କରି ଦେଇଛନ୍ତି। ଏପରିକି ସେଠାରେ ଥିବା ବିଦ୍ୟୁତ୍ ସଂଯୋଗକୁ ମଧ୍ୟ କାଟି ଦେଇଛନ୍ତି। ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରି ବିଧା ଗୋଇଠା ମାରିଥିଲେ। ବାଡ଼ିରେ ଥିବା ବିଭିନ୍ନ ସାମଗ୍ରୀଗୁଡ଼ିକ ସାଙ୍ଗରେ ନେଇଯାଇଛନ୍ତି। ତେବେ ଏହା ପୂର୍ବରୁ ମଧ୍ୟ ୨୦୨୪ ମସିହାରେ ଉକ୍ତ ବ୍ୟକ୍ତିମାନେ ପରିବାରକୁ ଆକ୍ରମଣ କରିବା ସହ ଘର ପୋଡ଼ି ଦେଇଥିଲେ। ଯାହାର କେସ୍ ସଦର ଥାନାରେ ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ମାମଲାରେ କେହି ଗିରଫ ହୋଇନାହାନ୍ତି। ଯାହାଫଳରେ ସେମାନେ ପୁନର୍ବାର ଏଭଳି ଆକ୍ରମଣ ଏବଂ ହଣାକଟା କରିବାକୁ ସାହସ ପାଉଛନ୍ତି। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବାକୁ କନକ ସେଠୀ ଅଭିଯୋଗରେ ଦର୍ଶାଇଛନ୍ତି।

● ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

# ରଥ ସମ୍ମୁଖରେ ନୃତ୍ୟ ପାଇଁ ଯୋଗ୍ୟତା ନିର୍ଦ୍ଧାରଣ ହେଉ

ପୁରୀ,୧୭।୬(ସମିସ): ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ସମୟରେ ରଥ ସମ୍ମୁଖରେ ଅନଧିକୃତ ନୃତ୍ୟ ପ୍ରଦର୍ଶନ, ପରମ୍ପରାଗତ ରୀତିନୀତିର ସୁରକ୍ଷା ଆଦି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ପୁରୀ ପରମ୍ପରା ସୁରକ୍ଷା ମଞ୍ଚ, ଅଚ୍ୟୁତ ଟ୍ରଷ୍ଟ ଏବଂ ଅନ୍ୟ ଆଠଟି ଅନୁଷ୍ଠାନ ୬ ଦଫା ସମ୍ବଳିତ ଦାବିପତ୍ର ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି। ମଞ୍ଚର ଆବାହିକା ରୋମା ଦାଶମହାପାତ୍ରଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧିମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଜଣାଇଛନ୍ତି, ଘୋଷଯାତ୍ରା ସମୟରେ ରଥ ସମ୍ମୁଖରେ ହେଉଥିବା ସମସ୍ତ ନୃତ୍ୟ ପ୍ରଦର୍ଶନ ସମ୍ପର୍କରେ ଏକ ସ୍ପଷ୍ଟ ଓ ସାର୍ବଜନୀନ ନୀତି ଘୋଷଣା କରାଯାଉ। କେଉଁ ବ୍ୟକ୍ତି କିମ୍ବା ସଂଗଠନ ନୃତ୍ୟ କରିବାକୁ ଅନୁମତି ପାଇବେ ବା କେଉଁ ଆଧାରରେ ଅନୁମତି ଦିଆଯିବ ତାହା ସ୍ପଷ୍ଟ କରାଯାଉ। ଶ୍ରୀମନ୍ଦିର ପରମ୍ପରା, ରୀତିନୀତି ଓ ବରିଷ୍ଠ ସେବାୟତଙ୍କ ମତାମତ ଆଧାରରେ ନୃତ୍ୟ ପ୍ରଦର୍ଶନର ଯୋଗ୍ୟତା ନିର୍ଦ୍ଧାରଣ କରାଯାଉ। ଅନଧିକୃତ ପ୍ରବେଶ, ସୁରକ୍ଷା ବଳୟ ଉଲ୍ଲଙ୍ଘନ ଓ ଯେକୌଣସି ଅନିୟମିତତା ସମ୍ପର୍କରେ ସ୍ୱତନ୍ତ୍ର ତଦନ୍ତ କରାଯାଉ। କୌଣସି ସେବାୟତ କିମ୍ବା ଅଧିକାରୀ ଯଦି ପଦର ଦୁରୁପଯୋଗ କରନ୍ତି ତେବେ ସେମାନଙ୍କୁ ଦଣ୍ଡର ବ୍ୟବସ୍ଥା ହେଉ। ଏଥିସହିତ ଏକ ଦେବଦାସୀ ନୃତ୍ୟ ବା ମାହାରୀ ନୃତ୍ୟକୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିଲା। ଏହା ଏକ ପାରମ୍ପରିକ ନୃତ୍ୟ, ଯାହାକି ଭଗବାନଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଏହି ନୃତ୍ୟକୁ ବାହାରେ ପ୍ରଦର୍ଶିତ କରି ବ୍ୟବସାୟ କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ମଞ୍ଚ ସଦସ୍ୟ ଉପଲବ୍ଧି କରିଥିଲେ। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ଲେଙ୍କା, ସମାଜସେବୀ ଲଲାଟେନ୍ଦୁ ମିଶ୍ର, ନାରୀ ସଂଗଠନ ନେତ୍ରୀ ସୂର୍ଯ୍ୟକାନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରଜରାଣୀ ମହୋତ୍ସବର ରଜ ଉତ୍ସବ ଉଦ୍‌ଯାପିତ

ପୁରୀ,୧୭।୬(ସମିସ): ରଜରାଣୀ ମହୋତ୍ସବ ସମିତି ପକ୍ଷରୁ ହୁଳହୁଳିଆ ପୋଲ ନିକଟସ୍ଥ କ୍ରିଷ୍ଣା ଗାର୍ଡେନରେ ପ୍ରଥମଥର ପାଇଁ ଆୟୋଜିତ ତିନିଦିନିଆ ରଜ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ। ୨୦ରୁ ଅଧିକ ଦୋଳି ଓ ମହିଳାମାନଙ୍କ ପାଇଁ ବିଭିନ୍ନ ଖେଳ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଓଲିଉଡ୍‌ର ପ୍ରସିଦ୍ଧ ଗାୟିକା ନାବ୍ୟା ଯେଇତି ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ମନ ମୋହିଥିଲେ। ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ବିଧାୟକ ସୁନୀଲ ମହାନ୍ତି। ପାରମ୍ପରିକ ଓଡ଼ିଆ ପିଠାପଣା ଓ ରଜ ପାନର ସମ୍ଭାର ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଓଡ଼ିଶାର ପ୍ରସିଦ୍ଧ ଡ୍ୟାନ୍ସ ଗ୍ରୁପ୍ ରଜ ନୃତ୍ୟ ଗୀତ ପରିବେଷଣ କରିବା ସହିତ ଲୋକପ୍ରିୟ ଗାୟିକା ସନ୍ଧ୍ୟାରାଣୀଙ୍କ ଶୀଧେସ ମ୍ୟୁଜିକ୍ ବ୍ୟାଣ୍ଡ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦ୍ୱାରା ପୁରସ୍କୃତ କରାଯାଇଥିଲା। ରଜରାଣୀ ମୁକୁଟ ହାସଲ କରିଥିଲେ ସୌମ୍ୟାରାଣୀ କାଠୁଆ। ଅନୁଷ୍ଠାନର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, ମାର୍ଗଦର୍ଶକ ଶୈଳଭାମା ପଟ୍ଟନାୟକ, ଡ. ଭାରତୀ କୃଷ୍ଣ ବ୍ରହ୍ମା, ଦେବଦତ୍ତ ପଟ୍ଟନାୟକ, ଆବାହକ ଦିବ୍ୟରଞ୍ଜନ ସାହୁ, ସଂଯୋଜକ ରୋନକ ପଟ୍ଟନାୟକ, ଜ୍ଞାନରଞ୍ଜନ ଦାସ, ସଞ୍ଜୟ ବିଶୋଇ, ପ୍ରୟାସ ବିଶ୍ୱାଳ, ସୌରଭ ମହାନ୍ତି, ଅଭିଷେକ ମହାନ୍ତି, ସତ୍ୟପ୍ରିୟ ମହାନ୍ତି, ଆଦିତ୍ୟ ସିଂ, ଲୋକନାଥ ସାହୁ, ବାବୁନି ଦାସ, ନାରାୟଣ ସାହୁ, ଭଞ୍ଜଦେଓ ନାୟକ, ଦେବୀ ବ୍ରହ୍ମା କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ପ୍ରଥମଥର ପାଇଁ ଆୟୋଜିତ ଏହି ଉତ୍ସବରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଯୋଗଦେଇଥିଲେ।



# ୭୮ ଦିନରେ ପ୍ରତିବାଦ ପଦଯାତ୍ରା



ପୁରୀ,୧୭।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ କି ସରକାର କେହି ଶୁଣୁନାହାନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ବୁଧବାର ଏହି ପଦଯାତ୍ରା ୭୮ ଦିନରେ ପହଞ୍ଚିଛି। ହେଲେ ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଶିବସୁନ୍ଦର ମିଶ୍ର, ମନୋରଞ୍ଜନ ରଣସିଂହ, ମମତା ସ୍ୱାଇଁ, ସରସ୍ୱତୀ ପାତ୍ର, ପ୍ରଣତି ରାୟ, ସନ୍ଧ୍ୟାରାଣୀ ମିଶ୍ର, ଛବିରାଣୀ ମହାରଣା, ବନିତା ଦିକ୍ଷୀତ୍, ବର୍ଷା ଦାସ, ଅରୁଣା ପଟ୍ଟନାୟକ, ରାଜା ମହାନ୍ତି, ଜାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, ଜଗନ୍ନାଥ ମହାନ୍ତି, କିଶୋର ଚନ୍ଦ୍ର ଦାସ, ନୃସିଂହ ନାଥ ନାୟକ, ପ୍ରକାଶ ନାୟକ, ଲିଙ୍ଗରାଜ ସାହୁ, ସନ୍ତୋଷ ସେନାପତି, ଶିଶିରକାନ୍ତ ଶତପଥୀ, ଅଭିମନ୍ୟୁ ରାୟଗୁରୁ, ପ୍ରଦୀପ୍ତ କୁମାର ମହାନ୍ତି, ସାରଙ୍ଗଧର ଷଡ଼ଙ୍ଗୀ, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ ସାମିଲ ଥିଲେ।

# ୧୨୯ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ

ପୁରୀ,୧୭।୬(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ବୀରହରେକୃଷ୍ଣପୁର ଛକରୁ ୧୨୯ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ହୋଇଛି। ଏଥିରେ ବୀରହରେକୃଷ୍ଣପୁର ଗାଁର ମନୋରଞ୍ଜନ ପରିଡ଼ାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୧୨୯ ଗ୍ରାମ୍ ବ୍ରାଉନ୍‌ସୁଗର ସହ ଏକ ବାଇକ୍ ଓ ୧୦୦୦ ଟଙ୍କା ଜବତ ହୋଇଛି। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ୍ ୟୁନିଟ୍‌ର ଆଇଆଇସି ନିରାକାର ଦେହୁରୀ ଚଢ଼ଉ କରିଥିଲେ।

# ୧୬୮ ଜଣଙ୍କୁ ଭତ୍ତା ବଣ୍ଟନ



ପୁରୀ,୧୭।୬(ସମିସ): ଓଡ଼ିଶାର ନୂତନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ତଥା ଓଡ଼ିଶା ସରକାରଙ୍କ ଜନହିତକର ପଦକ୍ଷେପ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ମହାନଗର ନିଗମ ପକ୍ଷରୁ ନୂତନ ଭତ୍ତା ବଣ୍ଟନ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁନୀଲ କୁମାର ମହାନ୍ତି, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ଏବଂ ସହକାରୀ କମିସନର ଅରିଜିତ ନାୟକ ଉପସ୍ଥିତ ରହି ୧୬୮ ଜଣ ଯୋଗ୍ୟ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରେଶ୍ମା ମହାନ୍ତି, ଗୋଷ୍ଠୀ ସଂଗଠିକା, କାର୍ଯ୍ୟକ୍ରମଟିକୁ ସଫଳତାର ସହ ପରିଚାଳନା କରିଥିବାବେଳେ ସହକାରୀ କମିସନର ଅରିଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମାଟି ରାସ୍ତା ଯୋଗୁଁ ଦହଗଞ୍ଜ ଅଞ୍ଚଳବାସୀ

# ଢଳେଇ ରାସ୍ତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

ପୁରୀ,୧୭।୬(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସହ ସଂଯୋଗ କରୁଥିବା ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପୁରୀ ସଦର ବ୍ଲକ୍ ବୀରହରେକୃଷ୍ଣପୁର ପଞ୍ଚାୟତ ଅଧୀନ ବାଟଗାଁ ପ୍ରଧାନ ସାହିର ଅଧିବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବାଟଗାଁଠାରୁ ନୂଆଗାଁ ବେହେରାସାହି କ୍ଲବ୍ ଦେଇ କାଠପୋଲ ନଦୀ ବ୍ରିଜ୍ ପର୍ଯ୍ୟନ୍ତ ପ୍ରାୟ ୨ କିମି ମାଟି ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରିବା ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ନିବେଦନ ଦେଇଛନ୍ତି।



ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ରାସ୍ତା ଦେଇ ନୂଆଗାଁ, ଉତ୍ତରକୋଣାର ପ୍ରାୟ ୨,୫୦୦ ଲୋକ ପୁରୀ ଓ ଭୁବନେଶ୍ୱର ଯିବାଆସିବା କରିଥା'ନ୍ତି। ଦୈନନ୍ଦିନ ଜୀବିକାଠାରୁ ଆରମ୍ଭ କରି ସ୍କୁଲ ପିଲା, ବୃଦ୍ଧ ଓ ଗର୍ଭବତୀ ମହିଳା ସମସ୍ତେ ଏଇ ରାସ୍ତା ଉପରେ ନିର୍ଭର କରୁଛନ୍ତି। ହେଲେ ବର୍ଷା ଦିନେ ସମ୍ପୂର୍ଣ୍ଣ ରାସ୍ତା କାଦୁଅରେ ପରିଣତ ହୋଇଯାଉଛି। ଫଳରେ ପିଲାମାନେ ସ୍କୁଲ ଯାଇପାରୁନାହାନ୍ତି। ବୃଦ୍ଧବୃଦ୍ଧା ଘରୁ ବାହାରି ପାରୁନାହାନ୍ତି ଏବଂ ଅସୁସ୍ଥ ଲୋକଙ୍କୁ ଡାକ୍ତରଖାନା ନେବା ଅସମ୍ଭବ ହୋଇପଡୁଛି। ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀ କ୍ଷୁବ୍ଧ ହୋଇଛନ୍ତି। ମହାନଗର ନିଗମ ଅଞ୍ଚଳରେ ରହି ମାଟି ରାସ୍ତାରେ ଯାତାୟାତ କରିବା ଲଜ୍ଜାଜନକ ବୋଲି ସେମାନେ କହିଛନ୍ତି। ଯଦି ଶୀଘ୍ର ଢଳେଇ ରାସ୍ତା ନିର୍ମାଣ ନ ହୁଏ, ତେବେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ପ୍ରମୁଖ ଦାବି ହେଲା ବାଟଗାଁଠାରୁ କାଠପୋଲ ନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ଢଳେଇ ରାସ୍ତାରେ ପରିଣତ କରାଯାଉ।

ଏଥିପାଇଁ ସେମାନେ ଜିଲ୍ଲାପାଳଙ୍କ ସମେତ ଜଳସେଚନ ବିଭାଗ, ବିଡିଓ ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବସନ୍ତ କୁମାର ଜେନା, କାହ୍ନୁ ଚରଣ ପ୍ରଧାନ, ବଟକୃଷ୍ଣ ଜେନା, ପାଣ୍ଡବ ପୃଷ୍ଟି, ପ୍ରମୋଦ କୁମାର ସାହୁ, ଯୋଗେନ୍ଦ୍ର ଦାସ, ପ୍ରମୋଦ ବାରିକ, ବାବୁ ସ୍ୱାଇଁ, ବୃନ୍ଦାବନ ହାତୀ ପ୍ରମୁଖ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

# ପାରାଦୀପ ଗଡ଼ ରଜ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୧୭।୬(ସମିସ)



ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେଏମ୍‌ଭି. ପ୍ରୋଜେକ୍ଟ ମ୍ୟାନେଜର ସର୍ବାନନ୍ଦ, କୈବର୍ତ୍ତ ନେତା ତଥା ସମାଜସେବୀ ପ୍ରହଲ୍ଲାଦ ଚନ୍ଦ୍ର ବେହେରା, ବିଶିଷ୍ଟ ବ୍ୟବସାୟୀ ଭଗବାନ ପରିଡ଼ା, ରାଜକିଶୋର ପତି, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲିପ କୁମାର ବେହେରା ଓ ସରପଞ୍ଚ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ରଜ ମହୋତ୍ସବ କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ରଜ ମହୋତ୍ସବ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଯୁକ୍ତ ୨ ବାଣିଜ୍ୟରେ ଜିଲ୍ଲା ଟପ୍ପର ହୋଇଥିବା ଏସ୍‌ଏସ୍ ସ୍ମୃତିରଞ୍ଜନ ଓ ବିଜ୍ଞାନରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ସ୍ୱାଗତିକା ପରିଡ଼ା, ରାଜଲକ୍ଷ୍ମୀ ସ୍ୱାଇଁ ଏବଂ କିକ୍ ବକ୍ସିଂରେ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଶୁଭଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ରଜରାଣୀ, ମ୍ୟୁଜିକ୍ ଚେୟାର, ରଙ୍ଗୋଲି ଆଦି ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶରଣାବିନ୍ଦ ଓଝା ମଞ୍ଚ ସଞ୍ଚାଳନ କରିଥିବା ବେଳେ ରଜ ମହୋତ୍ସବ କମିଟିର ସମ୍ପାଦକ ଦେବଦୁର୍ଲ୍ଲଭ କର ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସଙ୍ଗୀତ ସରଗମ୍ ମେଲୋଡି ଗ୍ରୁପ୍ ଭୁବନେଶ୍ୱରର ପ୍ରଜ୍ଞା ହୋତାଙ୍କ ନାଚ ଗୀତରେ ଦର୍ଶକ ମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନୋରଞ୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ଚୌଧୁରୀ, ଜୟନ୍ତ ସେନାପତି, ସଂଗ୍ରାମ ବେହେରା, ମନୋଜ ରାଉତ, ଅନନ୍ତ ବିଶ୍ୱାଳ, ଅଲେଖ ମହାରଥା, ରାଜେନ୍ଦ୍ର ବେହେରା, ବିଚିତ୍ର ପ୍ରଧାନ, ରଞ୍ଜନ ସାମଲ, ଉଲ୍ଲାସ ମହାରଥା, ଜୀବନ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଭାତ ସାହୁ, ରମେଶ ବେହେରା, ଦୀପକ ପଣ୍ଡା, ଆରତୀ ଦାସ, ରଞ୍ଜିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସଂସ୍କାର ଭାରତୀର 'ରଜ ଉତ୍ସବ'




ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସଂସ୍କାର ଭାରତୀ (ଉତ୍କଳ ପ୍ରାନ୍ତ), ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଂଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ରଜ ଉତ୍ସବ- ୨୦୨୬' ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଭାରତୀର ରାଜ୍ୟ ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କାର ଭାରତୀର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନିରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ସଂସ୍କାର ଭାରତୀ ରାଜ୍ୟ କୋଷାଧ୍ୟକ୍ଷ ଦିଲ୍ଲୀପ ଜେନା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଇଂ. ବିଷ୍ଣୁ ସାହୁ ଯୋଗ ଦେଇଥିଲେ। ଯୁବ ସାହିତ୍ୟିକ ରଜତରଶ୍ମି ସ୍ୱାଇଁଙ୍କ ପରିଚାଳନାରେ ରଜ ସଂସ୍କୃତି ଭିତ୍ତିକ କବିତା ଆସର ଆୟୋଜିତ ହୋଇଥିଲା। କବିତା ଆସରରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଓ ବିଶିଷ୍ଟ ସାହିତ୍ୟିକ ଇଂ. ବିଷ୍ଣୁ ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ସଂଗୀତା ପଣ୍ଡା ଓ ଶିକ୍ଷୟିତ୍ରୀ ଅନସୂୟା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଏହି ଅବସରରେ ରଜ ପିଠା ପ୍ରତିଯୋଗିତା, ଗୀତ ପ୍ରତିଯୋଗିତା ଓ ନାଟକ "ଡାହାଣୀ' ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟ ଦାସ, ମଳୟ ଲେଙ୍କା, ରତିକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କାର ଭାରତୀର ଜଗତସିଂହପୁର ଜିଲ୍ଲା ପ୍ରଭାରୀ ସଂଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ତରା ହଁସିଣାରେ ରଜ ମହୋତ୍ସବ



କୁଜଙ୍ଗ, ୧୭।୬(ସମିସ): ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ଓ ହଁସିଣା ଗ୍ରାମରେ ୩ ଦିନ ବ୍ୟାପୀ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରାମର କୁଆଁରୀ ଯୁବତୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ବଳଦେବଜୀଉ ୟୁଥ କ୍ଲବ ପକ୍ଷରୁ ହଁସିଣା ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅକ୍ଷୟ କୁମାର ତରାଇଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ୍ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଜ୍ଜଳ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ମଣିଶଙ୍କର ଦାସ, କଟକ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ପପୁ ଭାଇ, ସଭାନେତ୍ରୀ କୁନି ଅପା, ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ସୁରେନ୍ଦ୍ର କୁମାର ସ୍ୱାଇଁ, ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ, ନାରୀନେତ୍ରୀ ଅବନ୍ତି ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ପାରାଦୀପ ବେଳାଭୂମି ରଜ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୧୭।୬(ସମିସ): ପାରାଦୀପ ବେଳାଭୂମିରେ ୧୫ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ତୁଳସୀ ୱେଲଫେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ରଜ ମହୋତ୍ସବରେ ପାରାଦୀପ ସମେତ କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଆଜି ଶେଷ ସନ୍ଧ୍ୟାରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ରଜ ପାନ ଠାରୁ ଆରମ୍ଭ କରି କୁମାରୀ ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ମେଲୋଡି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା। ଯ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହାତ ତିଆରି ଜିନିଷ, ମହିଳା ସଙ୍ଗଠନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ସାମଗ୍ରୀ ସବୁ ପସରା ମେଲିଥିଲେ। ଟ୍ରଷ୍ଟର ମୁଖ୍ୟ ପରିଚାଳକ ଶର୍ମିଷ୍ଠାରାଣୀ ନନ୍ଦ ଏହି ରଜ ମହୋତ୍ସବକୁ ଆୟୋଜନ କରିଥିବା ବେଳେ ଜଗତସିଂହପୁର ସଦର ଅଞ୍ଚଳର ପ୍ରଶାନ୍ତ କୁମାର ମଲ୍ଲିକ ଷ୍ଟଲ ପରିଚାଳନା କରିଥିଲେ।

# ଜିଲ୍ଲା ଟପ୍ପରଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା



ଏରସମା/ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ମେଧାବୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରରେ ଶ୍ରେଷ୍ଠ ସଫଳତା ହାସଲ କରି ଏରସମା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏରସମା ବ୍ଲକର ସୋମପୁର ଗ୍ରାମର ଓମପ୍ରକାଶ ସ୍ୱାଇଁ ଯୁକ୍ତ ଦୁଇ ପରୀକ୍ଷାରେ ଏବଂ ପଇଦା ଗ୍ରାମର ରୋଜାଲିନ ସାହୁ ଯୁକ୍ତ ତିନି ଭୂଗୋଳ ବିଷୟରେ ଜିଲ୍ଲା ଟପ୍ପର ହୋଇ ଅଞ୍ଚଳର ନାମକୁ ଉଜ୍ଜ୍ୱଳ କରିଛନ୍ତି। ଏହି ଅବସରରେ ସୋମପୁରସ୍ଥିତ ବିଲ୍ୱ ଗ୍ରାମେଶ୍ୱର ପୀଠରେ ଗ୍ରାମେଶ୍ୱର ସେବା ସଂଘ ଓ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଗଗନ ସ୍ୱାଇଁ ଅଧ୍ୟକ୍ଷତା କରି ଏହି ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ଏରସମା ବିଧାୟକ ସାରଦାପ୍ରସନ ଜେନା, ଆଡ଼ଭୋକେଟ ଡ. ବିରନାରାୟଣ ପାତ, ଅସବସରପ୍ରାପ୍ତ ସିସିଏଫ୍ ସୁଦର୍ଶନ ବେହେରା, ରମେଶ ସ୍ୱାଇଁ, ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ଦୁଷ୍ମନ୍ତ ସେଠୀ, ସୁନୀଲ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଇଦା ଓ ସୋମପୁର ପଞ୍ଚାୟତ ଜନସାଧାରଣ ଯୋଗଦେଇଥିଲେ। ତ୍ରିଲୋଚନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡଗିରି ଗାଦିବ୍ରହ୍ମ ରଜ ମହୋତ୍ସବ ଉଦ୍‌ଯାପିତ



ବାଲିକୁଦା,୧୭।୬(ସମିସ): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ଗଣ୍ଡକୁଳ ଗ୍ରାମର ଖଣ୍ଡଗିରି ଗାଦୀବ୍ରହ୍ମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟସାରଥୀ ମହାନ୍ତି, ସମ୍ମାନିତ ଅତିଥିଭାବେ ବିଜେପି ନେତା ମୋହିତ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ରଜ ଉତ୍ସବ ଉପଦେଷ୍ଟା ଜଗଦିଶ ବିଶ୍ୱାଳ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମିହିର ବିଶ୍ୱାଳ ବିଶ୍ୱାଳ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ ମନ୍ତ୍ରୀଙ୍କ ନିକଟରେ ଶିଶୁ ଉଦ୍ୟାନ, ସ୍ଥାୟୀ ମଣ୍ଡପ ଓ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ଆମନ୍ତ୍ରଣ ରୁଦ୍ର ନାରାୟଣ ପ୍ରଧାନ କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଗ୍ରାମ୍ୟ କମିଟି ସଭାପତି ପୁଷ୍କର ବିଶ୍ୱାଳ ପ୍ରଦାନ କରିଥିଲେ। ସମ୍ପାଦକୀୟ ବିବରଣୀ ଶିବ ପ୍ରସାଦ ନାୟକ ଓ ସହ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠ ପାଠ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରଜ କୁଇନ ଭାବେ ଲଗାତାର ଚତୁର୍ଥ ଥର ପାଇଁ ଜ୍ୟୋତିକା ପ୍ରିୟଦର୍ଶିନୀ ବାରିକ ବିଜୟିନୀ ହୋଇଥିଲେ। ଚନ୍ଦ୍ରକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବ ପ୍ରସାଦ ସ୍ୱାଇଁ, ସରଜିତ ନାୟକ, ରାକେଶ ନାୟକ, ଅନିତ୍ୟ ଜେନା, ରାଖାଲ ଶୁକ୍ଲା, ରାହୁଲ ଶୁକ୍ଲା, ଶୁଭକାନ୍ତ ସେଠ, ବାଦଲ ଜେନା, ବିଭୁ ଜେନା, ସୁବ୍ରତ ନାୟକ, ରିଙ୍କନ ନାୟକ, ସରୋଜ ନାୟକ, ଜୟନ୍ତ ଶୁକ୍ଲା, ସଚିନ ସେଠ, ଜିତୁନ ଜେନା, ରାକେଶ ଜେନା, ବାଦଲ ସ୍ୱାଇଁ, ବିଶ୍ୱଜିତ ଦାସ, ସୁଶାନ୍ତ ସାହୁ, ବିବେକ ଜେନା, ଦିଲ୍ଲୀପ ଜେନା, ଆଲୋକ ବିଶ୍ୱାଳ, ସମ୍ପଦ ସ୍ୱାଇଁ, ବାନମ୍ବର ଜେନା, ସୁନାକର ଜେନା, ବ୍ରଜବନ୍ଧୁ ଜେନା ପ୍ରମୁଖ ସହାୟତା କରିଥିଲେ।

# ଗ୍ରାମଦେବତୀଙ୍କ ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ

ବାଲିକୁଦା,୧୭।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ନହରଣା ପଞ୍ଚାୟତ ଫୁଲପାଟଣା ଗ୍ରାମରେ ୧୫୦ ବର୍ଷ ପୁରୁଣା ଗ୍ରାମଦେବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ଜୁନ ୨୧ରୁ ୨୪ ତାରିଖରେ ଅନୁଷ୍ଠିତ ହେବ। ତେବେ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ମନ୍ଦିରରେ ପ୍ରତିଷ୍ଠାରେ ଗ୍ରାମର କିଛି ଲୋକ ସହଯୋଗ କରୁନଥିବା ଅପରପକ୍ଷ କହିଛନ୍ତି। ଏପରିକି ସେମାନେ କିଛି ଦିନ ପୂର୍ବରୁ ଉପଜିଲ୍ଲାପାଳଙ୍କ ନିକଟରେ ମନ୍ଦିର ପ୍ରତିଷ୍ଠା ସ୍ଥାନରେ ୧୪୪ ଧାରା ଜାରି କରିବା ପାଇଁ ମାମଲା ରୁଜୁ କରିଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏହାର ତଦନ୍ତ କରି କେସ୍ ଖାରଜ କରିଦେଇଥିଲେ। ତେବେ ଏହା ପରେ ମଧ୍ୟ ଅସନ୍ତୋଷ ଲାଗି ରହିଥିବାରୁ ସପକ୍ଷବାଦୀ ଗୋଷ୍ଠୀ ଅସହଯୋଗ କରୁଥିବା ପରିବାରକୁ ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଏପରିକି ଶାନ୍ତିଶୃଙ୍ଖଳା ପାଇଁ ଉକ୍ତ ଚାରି ଦିନ ପୁଲିସ ବ୍ୟବସ୍ଥା ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ ଏହି ମନ୍ଦିର ନିର୍ମାଣ ଅନେକ ବର୍ଷ ତଳେ ହୋଇଥିଲେ ମଧ୍ୟ ବିବାଦ କାରଣରୁ ଏହାର ପ୍ରତିଷ୍ଠା ହୋଇ ପାରୁ ନଥିଲା। ଏନେଇ ମାମଲା ଥାନାରେ ଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ମାମଲା ହଟାଇ ନେବା ସହ ପ୍ରତିଷ୍ଠା ପାଇଁ ଏକ କମିଟି ଗଠନ କରି କାର୍ଯ୍ୟକୁ ଆଗେଇ ନେଇଥିଲେ। ତେବେ ଏନେଇ ସହଯୋଗ କରୁ ନଥିବା ଗୋଷ୍ଠୀଙ୍କ ପତିକ୍ରିୟା ନେବାରୁ ସେମାନେ କହିଛନ୍ତି କମିଟି ଗଠନ ପରେ ସେମାନେ ସମସ୍ତ କାର୍ଯ୍ୟ କମିଟି ଦ୍ୱାରା ପରିଚାଳନା କରିବା ପରିବର୍ତ୍ତେ ମନମୁଖୀ ଭାବେ ନେଇଥିଲେ। ଯେଉଁ କାରଣରୁ ଆମେ ସେମାନଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନଥିଲୁ। ଆମ ପକ୍ଷରୁ କୋର୍ଟରେ କୌଣସି ମାମଲା ହୋଇନାହିଁ।

# ଜୟବଡ଼ ସ୍କୁଲରେ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ସ୍ମୃତି ଉଦ୍ୟାନ ପ୍ରତିଷ୍ଠା ଦାବି

ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ଥିବା ଜୟବଡ଼ ପ୍ରାଥମିକ ବିଦ୍ୟାଳୟର ପୁରୁଣା ଶ୍ରେଣୀଗୃହକୁ ଭଙ୍ଗାଯାଇ ସେଠାରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ନାମରେ ସ୍ମୃତି ଉଦ୍ୟାନ କରିବା ପାଇଁ ଦାବି କରାଯାଇଛି। ଯୁବ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଏ ସମ୍ପର୍କୀତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ନିଜସ୍ୱ ଜମି ପ୍ରଦାନ କରି ଜୟବଡ଼ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ। ତେବେ ଏହି ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଶ୍ରେଣୀଗୃହ ପରିତ୍ୟକ୍ତ ଆବସ୍ଥାରେ ରହିଛି। ତେଣୁ ତାକୁ ତୁରନ୍ତ ଭଙ୍ଗାଯାଇ ସେଠାରେ ଏକ ପାର୍କ ନିର୍ମାଣ କରାଯାଉ ବୋଲି ଶୁଭକାନ୍ତ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥି ସହିତ ଏହାକୁ ପ୍ରାଣକୃଷ୍ଣ ପଢ଼ିହାରୀ ସ୍ମୃତି ଉଦ୍ୟାନ ନାମରେ ନାମିତ କରିବା ପାଇଁ ସେ ଦାବି ଉଠାଇଛନ୍ତି। ଏଠାରେ ଉଦ୍ୟାନ ନିର୍ମାଣ ହୋଇପାରିଲେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି ପିଲାମାନେ ସେଠାରେ ଖେଳକୁଦ କରିପାରିବେ ବୋଲି ଶ୍ରୀ ପଢ଼ିହାରୀ ଆଶାବ୍ୟକ୍ତ କରିଛନ୍ତି।

# ପାରାଦୀପରେ ସ୍ୱତନ୍ତ୍ର ଯୋଗ ଅଧିବେଶନ



ପାରାଦୀପ,୧୭।୬(ସମିସ): ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଆର୍ଟ ଅଫ୍ ଲିଭିଂ, ପାରାଦୀପ ୟୁନିଟ୍‌ର ମିଳିତ ସହଯୋଗରେ ପାରାଦୀପ ଠାରେ ଇଣ୍ଡିଆନ୍ କୋଷ୍ଟ ଗାର୍ଡ୍ ସିପ୍ ବରଦ୍‌ରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜିତ ହୋଇଯାଇଛି। ଆର୍ଟ ଅଫ୍ ଲିଭିଂ, ପାରାଦୀପ ୟୁନିଟ୍‌ର ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଯେଉଁଥିରେ ଉଭୟ ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପିଏଲ୍. ହରନାଧ ଏବଂ ପାରାଦୀପର କୋଷ୍ଟ ଗାର୍ଡ ଜିଲ୍ଲାର କମାଣ୍ଡର ଡିଆଇଜି ସଞ୍ଜୟ ନେଗି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବରୁ ଦେଶବ୍ୟାପୀ ଉତ୍ସବର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁସ୍ଥ ଜୀବନଶୈଳୀ ଏବଂ ସାମୂହିକ କଲ୍ୟାଣର ଥିମ୍ ଦିଗରେ ସାମୁଦ୍ରିକ ସଂସ୍ଥାଗୁଡ଼ିକର ବଢ଼ୁଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ସାମୁଦ୍ରିକ ସମ୍ପ୍ରଦାୟରେ ସୁସ୍ଥତା ଏବଂ ସହଯୋଗର ସଂସ୍କୃତିକୁ ନିରନ୍ତର ପ୍ରୋତ୍ସାହିତ କରିବାର ଏକ ନୂତନ ଶପଥ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

■ ଶହେ ପ୍ରତିଶତ ଫର୍ମ ବଣ୍ଟନ

# ୭ ବିଏଲ୍‌ଓ, ୩ ବିଏଲ୍‌ଓ ସୁପରଭାଇଜର ସମ୍ବର୍ଦ୍ଧିତ



ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ତିର୍ତ୍ତୋଲ ବ୍ଲକ୍ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୭ ଜଣ ବିଏଲ୍‌ଓ ଏବଂ ୩ ଜଣ ବିଏଲଓ ସୁପରଭାଇଜରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ପୁରସ୍କୃତ ହୋଇଥିବା ବିଏଲଓ ମାନେ ହେଲେ ପାର୍ଟ ନମ୍ବର ୮୧ର ଶେଖ୍ ଇସ୍ମାଇଲ୍ ଅଲି, ୮୨ର ନସିମ ଅହମଦ, ୯୮ର ସ୍ୱର୍ଣ୍ଣଲତା ଦାସ, ୧୦୭ର କବିତା ସେଠୀ, ୨୨୬ର ଅଞ୍ଜିତା ମହାନ୍ତି, ୨୨୭ର ନମିତା ବେହେରା ଓ ୨୫୧ର ଜୟସ୍ମିନୀ ଦାସ। ସେହିପରି ବିଏଲ୍‌ଓ ସୁପରଭାଇଜର ପ୍ରଣବ କୁମାର ସାହୁ, ସମୀର କୁମାର ଦାସ, ବସନ୍ତ ଓଝା, ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ବସନ୍ତ ଷଡ଼ଙ୍ଗୀଙ୍କୁ ସେମାନଙ୍କ କାର୍ଯ୍ୟ କୁଶଳତା ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

# ଚୋରା ବିଦେଶୀ ମଦ ଜବତ

ପାରାଦୀପ,୧୭।୬(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଭୁତମୁଣ୍ଡାଇ ନିକଟରୁ ଆଜି ଦିନ ୧ଟା ସମୟରେ ଜଣେ ଚୋରା ମଦ ବେପାରିକୁ ଗିରଫ କରିଛି ପୁଲିସ। ତା ନିକଟରୁ ଗୋଟିଏ କାର୍ଟୁନ୍ ବିଅର ଯାହା ୧୨ ଲିଟର ହେବ ତାକୁ ଜବତ କରାଯାଇଛି। ତାର ଘର କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅଞ୍ଚଳର ଗଡ ରୋମିଓ ଅଞ୍ଚଳରେ ହୋଇଥିବା ବେଳେ ତାର ନାମ ସମୀର ସେଠୀ (୪୬)। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ଡାବରରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ସ୍ମୃତିଚାରଣ



ବରୀ,୧୭।୬(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ଅନ୍ତର୍ଗତ ଡାବର ଗ୍ରାମରେ ଡାବର ପାଲା କମିଟି ଓ ଯାଜପୁର ଜିଲ୍ଲା ବରୀର 'ବିଦଗ୍ଧା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୨୦ତମ ପୂଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ବିଦଗ୍ଧାର ନିର୍ଦ୍ଦେଶକ କବି ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ କପିଳଚରଣ ସାମଲ, ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ୱାଟକୋ, ଓଡିଶାର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଦୀପ କୁମାର ସ୍ୱାଇଁ, ଗୀତିକାର ଦିଲ୍ଲିପ୍ ଜେନା, ଚଳଚ୍ଚିତ୍ର ନାୟିକା ଜ୍ୟୋତିର୍ମୟୀ ମହାନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ବସନ୍ତ କୁମାର ଜେନା, ବାବୁଲି ପରିଡା, ସୁରେନ୍ଦ୍ର ଜେନା, ଶିବଚରଣ ପରିଡା, ଗୌରାଙ୍ଗ ଚରଣ ସ୍ୱାଇଁ, ଅଦୈତ୍ୱ କୁମାର ପରିଡା ପ୍ରମୁଖ ଯୋଗଦାନ କରିଥିଲେ। ବିଦଗ୍ଧା ଅନୁଷ୍ଠାନ ତରଫରୁ ଡାବର ପାଲା କମିଟିର ସଭାପତି ନରେନ୍ଦ୍ର ପରିଡ଼ା ଓ ସଂପାଦକ ଗଦାଧର ପରିଡ଼ାଙ୍କୁ ବିଦଗ୍ଧା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦଗ୍ଧା ତରଫରୁ ଅନୁଷ୍ଠିତ 'ବିଦଗ୍ଧା ରଜପରୀ -୨୦୨୬' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସୁଦିପ୍ତା କର, ଆକାଂକ୍ଷା ପ୍ରିୟଦର୍ଶିନୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଗୀତିକାର ଦିଲ୍ଲୀପ ଜେନା, ବିଶିଷ୍ଟ ମଞ୍ଚ ଉପସ୍ଥାପିକା ସୌଭାଗିନୀ ସାହୁ (ଲିଜା) ବସନ୍ତ କୁମାର ଜେନା ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନ ତରଫରୁ ସେମାନଙ୍କୁ ବିଦଗ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦଗ୍ଧାର ଉପସଭାପତି ଜୟନ୍ତ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାଥୀ ମଙ୍ଗୁଳି ଚରଣ ପରିଡା, ସଂଜୟ ଫାରକ୍, ପ୍ରଭାତ ବାରିକ୍, ବିଜୟ ପରିଡା, ରାଜା ଜେନା, ସୌରଭ ସ୍ୱାଇଁ, ବାଦଲ ସ୍ୱାଇଁ, ଅଶୋକ ନାୟକ, ବାସୁଦେବ ନାୟକ, ରାକେଶ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଜୁନିଅର ରଜପରୀ ଇଶାନୀ ସ୍ୱାଇଁ ଓ ସିନିଅର ରଜପରୀ ଶୁଶ୍ରୀ ଶ୍ରୀୟା ଜେନା ବିଚାରପତିମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ଡାବର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଅପ୍ରଣ କରିଥିଲେ।

## ଜଗତେଶ୍ୱର ମହାଦେବଙ୍କ ଲଗ୍ନଧରା; ୧୯ରେ ବିବାହ



ଦୋବଲ,୧୭।୬(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗ୍ରାମର ବାବା ଜଗତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ନିମନ୍ତେ ବୁଧବାର ଲଗ୍ନଧରା ଓ ଗୁଆ ମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଛି। ଆସନ୍ତା ୧୯ ତାରିଖ ଶୀତଳ ଷଷ୍ଠୀ ଅବସରରେ ବିବାହ ଉତ୍ସବ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଚଳିତ ବର୍ଷ ବର ପିତା ଭାବେ ଉଡେଇପୁର ଗ୍ରାମର ପଦ୍ମଲୋଚନ ପୃଷ୍ଟି ଓ କନ୍ୟା ପିତା ଭାବେ ମାନଲାପୁର ଗ୍ରାମର ଭାଗିରଥୀ ସାହୁ ବିବାହ କାର୍ଯ୍ୟ ତୁଲାଇବେ। ଲଗ୍ନଧରା ସରିଲା ପରେ କନ୍ୟା ଘରୁ ଲଗ୍ନ ଚିଟାଉ ବର ଘରକୁ ଯାଇଥିଲା। ପଣ୍ଡିତ ରବି ନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ, ବାବି ନନ୍ଦ ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଲଗ୍ନଧରା କାର୍ଯ୍ୟରେ ରାମ ଚନ୍ଦ୍ର ସାହୁ, ଗଙ୍ଗାଧର ପାତ୍ର, ପ୍ରମୋଦ ବେହେରା, ପ୍ରମୋଦ ଆନ୍ଦିଆ, ପ୍ରତାପ ଆନ୍ଦିଆ, ସୁବାସ ବେହେରା, ଧୀରେନ୍ଦ୍ର ଆନ୍ଦିଆ, ଯଶୋବନ୍ତ ସାହୁ, ଶରତ ଆନ୍ଦିଆ, ନିମାଇଁ ଚରଣ ସାହୁ, ଚନ୍ଦ୍ରମଣି ସାହୁ, ବାସୁଦେବ ସାହୁ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବର୍ ଓ କନ୍ୟା ପକ୍ଷଙ୍କ ୨ ପରିବାର ଉପସ୍ଥିତ ଥିଲେ।

## ବେଆଇନ ଇଟାଭାଟିରେ ଚଢ଼ଉ; ୩୨ ହଜାର ଜରିମାନା



ଦୋବଲ,୧୭।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ବୁଧବାର ଏହି ମିଳିତ ଚଢ଼ଉରେ ପ୍ରଶାସନିକ ଅଧିକାରୀମାନେ ଜେସିବି ସହାୟତାରେ ଉକ୍ତ ଅଞ୍ଚଳର ସୁଧାଂଶୁ ଶେଖର ଦାସ, ଜ୍ୟୋତିରଞ୍ଜନ ପୋଥାଳ, ରଞ୍ଜନ ପୃଷ୍ଟି କରିଥିବା ବେଆଇନ ଇଟାଭାଟିକୁ ଭାଙ୍ଗି ଦେବା ସହିତ ୩୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ପାହାଡ଼ପୁର ଅଞ୍ଚଳରେ ବିନା ଅନୁମତିରେ ଏହି ଇଟାଭାଟି ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତିକରି ଭଦ୍ରକ ଖଣି ବିଭାଗ ଉପ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଧାମନଗର ଅତିରିକ୍ତ ତହସିଲ୍‌ଦାର ପଲ୍ଲିଭାରତୀ ମହାଳିକ ଏବଂ ଆର୍‌ଆଇ ବୁଲ୍‌ବୁଲ୍ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧାମନଗର ପୁଲିସ ସହଯୋଗରେ ଏହି ଚଢ଼ଉ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ସ୍ୱରୂପ ଜେସିବି ଲଗାଇ ଇଟାଭାଟିକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦିଆଯାଇଛି। ଏଥିସହିତ ବେଆଇନ କାର୍ଯ୍ୟ ପାଇଁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କଠାରୁ ୩୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ ଉପରେ ନଜର ରଖିବାକୁ ସାଧାରଣରେ ଦାବି ହେଉଛି।

### ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତାରେ ମଦ ଦୋକାନକୁ ବିରୋଧ

# ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ





ଭଦ୍ରକ/ଅସୁରାଳି,୧୭।୬(ସମିସ)

ଧାମନଗର ବ୍ଲକ୍ ଅଧୀନସ୍ଥ ଧୂଷୁରୀ-ପଙ୍ଗଟା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନକୁ ପୁନର୍ବାର ସ୍ଥାପନ ନ କରିବା ଦାବିରେ ବୁଧବାର ଭଦ୍ରକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ଓ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏହି ଦାବିପତ୍ର ଦେଇଥିଲେ। ସେହିପରି ଏହି ଜନବିରୋଧୀ ନିଷ୍ପତ୍ତି ବିରୋଧରେ "ଆଞ୍ଚଳିକ ଜନଜାଗରଣ ସୁରକ୍ଷା ମଞ୍ଚ' ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଉକ୍ତ ରାସ୍ତା ଦେଇ ୫ଟି ପଞ୍ଚାୟତର ଲୋକ, ଛାତ୍ରଛାତ୍ରୀ ଯାତାୟାତ କରୁଥିବାବେଳେ ମଦ ଦୋକାନ ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଏବଂ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଜନସ୍ୱାର୍ଥ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଉକ୍ତ ମଦ ଦୋକାନଗୁଡ଼ିକୁ ପୁନଃସ୍ଥାପନ ନ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରାଯାଇଛି। ଯଥାଶୀଘ୍ର ଏହି ପ୍ରସ୍ତାବିତ ମଦ ଦୋକାନ ସ୍ଥାପନ ନିଷ୍ପତ୍ତିକୁ ବାତିଲ୍ କରା ନ ଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଜୋର୍‌ଦାର କରାଯିବ। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସାହାସପୁର ସରପଞ୍ଚ ସରସ୍ୱତୀ ସାହୁ, ବାମକୁରା ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଦେବେନ୍ଦ୍ରନାଥ ପଣ୍ଡା, ଅନନ୍ତ ନାୟକ, ବିଦ୍ୟାଧର ବିଶ୍ୱାଳ ଓ କାର୍ତ୍ତିକ ପାଣିଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନବେଳେ ଡ. ଗିରିଶ ନାୟକ, ସୁଧୀର ନାୟକ, ବାଦଲ ବିଶ୍ୱାଳ, ରଞ୍ଜନ ଭୂୟାଁ, ନିଶିକାନ୍ତ ନାୟକ, ମାନସ ନାୟକ, ଆନନ୍ଦ ନାୟକ, ପୃଥ୍ୱୀରାଜ ନାୟକ ପ୍ରମୁଖ ସାମିଲ୍ ଥିଲେ।

### ଶ୍ରୀଶ୍ରୀଲକ୍ଷ୍ମୀନାରାୟଣଜୀଉ ମନ୍ଦିରରେ ରଜ ମହୋତ୍ସବ ଉଦ୍‌ଘାଟିତ

## 'ରଜ ପର୍ବ କଳା ସଂସ୍କୃତି ଉଜ୍ଜୀବିତ କରେ'

ଭଦ୍ରକ,୧୭।୬(ସମିସ): ମଙ୍ଗଳବାର ଶେଷ ରଜଦିନ ଶ୍ରୀଶ୍ରୀଲକ୍ଷ୍ମୀନାରାୟଣଜୀଉ ମନ୍ଦିର କମିଟି ପକ୍ଷରୁ ୧୫୧ତମ ରଜ ମହୋତ୍ସବ ସ୍ଥାନୀୟ କଦମବେଡ଼ାସ୍ଥିତ ହରିହାଟ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିର କମିଟି ଆବାହକ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ସମ୍ପାଦକ ଶୈଳେନ୍ଦ୍ର ବାରିକଙ୍କ ସଂଯୋଜନାରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଓଡ଼ିଆ ସଂସ୍କୃତିର ବାସ୍ନା ରଜରେ ମହକିଥାଏ ଓ ନାରୀମାନଙ୍କର ଚେତନାର ମହିମାକୁ ବର୍ଣ୍ଣିତ କରିଥାଏ ବୋଲି କହିଥିଲେ। ବିଧାୟକ ତାଙ୍କ ପାଣ୍ଠିରୁ ଆଲୋକୀକରଣ ଦେଇଥିବା ଓ ଆଗାମୀ ବର୍ଷେ ରୋଷେଇଶାଳା ଏବଂ କଲ୍ୟାଣ ମଣ୍ଡପ ପାଇଁ ଆର୍ଥିକ ଅନୁଦାନ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ଇଂ. ଅଭୟ ସୂତାର ପ୍ରମୁଖ ଯୋଗଦେଇ ରଜ ନିଜ ଅଞ୍ଚଳର କଳା ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।



୧୮୭୫ ମସିହାରୁ ପାଳିତ ହୋଇ ଆସୁଥିବା ରଜ ମହୋତ୍ସବରେ ରଜ ସଂକ୍ରାନ୍ତି ଦିନ ପ୍ରଭୁ ଲକ୍ଷ୍ମୀନାରାୟଣ ମନ୍ଦିରରେ ଭୂତକେଳି ସହ ଭାଗବତ ପାଠ କରାଯାଇଥାଏ। ଶେଷ ରଜଦିନଠାରୁ ମହୋତ୍ସବ ଉଦ୍‌ଘାଟନ ହୋଇ ୫ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଆର୍‌ଡିଏସ୍ ଗ୍ରୁପ୍‌ର ପିଲାମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ପ୍ରାକ୍ତନ କାଉନ୍‌ସିଲର ଚିଦାନନ୍ଦ ବାରିକ, କର୍ମକର୍ତ୍ତା ଅନନ୍ତ ବାରିକ, ବାବୁ ପୃଷ୍ଟି, ରାଜେନ୍ଦ୍ର ବାରିକ, ଭୀମ ମହାଲ, ବିଜୟ ବାରିକ, ଦୈତାରୀ ବେହେରା, ଅନନ୍ତ ନାୟକ, ବେଲୁ ନାୟକ, ବାଦଲ ବାରିକ ପ୍ରମୁଖ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ● ବାବା ଆଖଣ୍ଡଳମଣିଙ୍କ ପୀଠ ଚଳଚଞ୍ଚଳ

## ଆଜି ବାବାମଣିଙ୍କ ମଙ୍ଗନ, କାଲି ବିବାହ




ଭଦ୍ରକ/ଆରଡ଼ି,୧୭।୬(ସମିସ): ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତଥି ଅର୍ଥାତ୍ ଆସନ୍ତା ଶୁକ୍ରବାର ଦିନ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଅନୁଷ୍ଠିତ ହେବ ବିବାହ ଉତ୍ସବ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ପୀଠ। ବର ପିତା ଓ କନ୍ୟା ପିତାଙ୍କ ସହ ସମସ୍ତଙ୍କ ଘରେ ବନ୍ଧୁ ପରିଜନଙ୍କ ଭିଡ଼ ଜମିଲାଣି। ଦେବଦମ୍ପତିଙ୍କ ବିବାହ ବୈଦିକ ରୀତିନୀତି ଓ ଲୋକାଚାରରେ ହେଉଥିବାରୁ ଗୁରୁବାର ମଙ୍ଗଳକୃତ୍ୟ ଓ ହଳଦୀ ସ୍ନାନ ନୀତି ସମ୍ପନ୍ନ ହେବା ସହ ଶୁକ୍ରବାର ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି।



ମାନବୀୟ ଲୀଳା ଭାବେ ବାବାମଣିଙ୍କ ଚଳନ୍ତି ପ୍ରତିମା ହର, ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା ଗୌରୀଙ୍କୁ ବର ପିତା ଓ କନ୍ୟା ପିତା ନିଜ ନିଜ ଘରକୁ ନେବେ। ବିବାହ ନିମନ୍ତେ ମନ୍ଦିର ସମ୍ମୁଖରେ କାରିଗରଙ୍କ ପକ୍ଷରୁ ବେଦୀ ନିର୍ମାଣ ଚାଲିଥିବାବେଳେ ତୋରଣ ଓ ଆଲୋକସଜ୍ଜା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ପୀରାହାଟସ୍ଥିତ ପ୍ରଦେଶ ସେବା ସଂଗଠନ ପକ୍ଷରୁ ମାଙ୍ଗଳିକ ଚିତ୍ର ମନ୍ଦିର ପାଚେରିରେ ଅଙ୍କନ କରାଯାଇଛି।

ଚଳିତ ବର୍ଷ ବିବାହ ଉତ୍ସବରେ ବିହାରର ଅଘୋରୀ ନୃତ୍ୟ ସହ ଢେଙ୍କାନାଳର ଦୁଲୁଦୁଲି, ଖୋର୍ଦ୍ଧାର ପାଇକ ଆଖଡ଼ା, ବ୍ରହ୍ମପୁରର ଯୋଡ଼ିଶଙ୍ଖ, ଶ୍ରୀକ୍ଷେତ୍ର ପୁରୀର ସାହିମେଢ଼ ଓ ବନାଟି, ଘଣ୍ଟ ବାଦ୍ୟ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ସଙ୍କୀର୍ତ୍ତନମଣ୍ଡଳୀ ଓ ନୃତ୍ୟ କଳାକାର ଯୋଗଦେବେ। ସେହିପରି ବରଯାତ୍ରୀ ରୂପେ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ଯମ ଆଦି ଦେବଗଣଙ୍କ ସହ ଲକ୍ଷାଧିକ ଭକ୍ତ ଯୋଗଦେବେ। ଏଥିପାଇଁ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ଭଦ୍ରକ ଏସ୍‌ପି ମନୋଜ ରାଉତ ପୀଠରେ ସୁରକ୍ଷା ବ୍ୟବସ୍ଥା କିପରି କରାଯିବ ତା'ର ସମୀକ୍ଷା କରିବା ସହ ଟ୍ରାଫିକ୍ ବ୍ୟବସ୍ଥାର କ୍ଷେତ୍ରୀୟ ପରିଦର୍ଶନ କରିଥିଲେ। ଚଳିତ ବର୍ଷ ବର ପିତା ଭାବେ ଗଦାଧର ପାଢ଼ୀଙ୍କ ଯଜମାନ ଅସିତ୍ ସାହୁ ସୌଭାଗ୍ୟ ଲାଭ କରିଥିବାବେଳେ କନ୍ୟା ପିତା ଭାବେ ବିଚିତ୍ର ପାଢ଼ୀଙ୍କ ଯଜମାନ ମାନସ ରଞ୍ଜନ ସାହୁ ସୌଭାଗ୍ୟ ଲାଭ କରିଛନ୍ତି। ଅନ୍ୟପଟେ ବିବାହ ମଣ୍ଡପରେ ସାଜସଜ୍ଜା ଚାଲିବା ସହିତ ବର ପିତା ଓ କନ୍ୟା ପିତାଙ୍କ ଘରେ ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଉଭୟଙ୍କ ପକ୍ଷରୁ ମଙ୍ଗୁଳାଗୁଆ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି।

**ବ୍ୟାପକ ସୁରକ୍ଷା ବ୍ୟବସ୍ଥା; ଅଘୋରୀନୃତ୍ୟ, ଯୋଡ଼ିଶଙ୍ଖ ମୁଖ୍ୟ ଆକର୍ଷଣ**

### ଶାଳପଡ଼ା ଜଳସମ୍ପଦ ବିଭାଗର ବୈମାତୃକ ମନୋଭାବ

## ଜରାଜୀର୍ଣ୍ଣ ଅବସ୍ଥାରେ କେନାଲ ରାସ୍ତା



ବାରିକପୁର,୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଶାଳପଡ଼ା ଜଳସମ୍ପଦ ବିଭାଗର ବୈମାତୃକ ମନୋଭାବ ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ରେ ରହିଥିବା କେନାଲ ବ୍ୟବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଛି। ଚାଷଜମିକୁ ଜଳ ଯୋଗାଣ ଠିକ୍ ଭାବେ ହେଉ ନ ଥିବାବେଳେ ଗମନାଗମନ ପଥ ପାଇଁ ଉଦ୍ଦିଷ୍ଟ କେନାଲ ରାସ୍ତା ମଧ୍ୟ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲା ସଦରମହକୁମାଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ। ତେଣୁ ସ୍ଥାନୀୟ ଲୋକମାନେ ସେଠାକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆପତ୍ତି ଅଭିଯୋଗ କରିବା ପ୍ରାୟତଃ ଅସମ୍ଭବ ହେଉଛି। ତେଣୁ ବ୍ଲକ୍ ଅଞ୍ଚଳରେ କେନାଲ ଜଳ ଯୋଗାଣ ବ୍ୟବସ୍ଥାଠାରୁ ଆରମ୍ଭ କରି ଗମନାଗମନ ବାବଦରେ ଅନେକ ସମସ୍ୟା ଲାଗି ରହିଛି।

ସୂଚନା ମୁତାବକ, ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆଠାରୁ ମାନ୍ତପୁର ଛକ ୩ ନମ୍ବର ହାଇଲେବୁଲ କେନାଲକୁ ସଂଯୋଗ ହୋଇଥିବା ଶାଳନିଆ କେନାଲ ରାସ୍ତା ଏବେ ଶୋଚନୀୟ ହୋଇଛି। ପ୍ରାୟ ୪ ବର୍ଷ ପୂର୍ବରୁ ବିରିଡ଼ିଠାରୁ ଆମ୍ବଗଡ଼ିଆ ଓ ବନସ୍ତାଠାରୁ କେନାଲ ଶେଷ ମୁଣ୍ଡ ଯାଏଁ ବାମ ପାର୍ଶ୍ୱ ବନ୍ଧର ନିର୍ମାଣ କାର୍ଯ୍ୟ ହୋଇଥିଲା। ୨ଜଣ ଠିକାଦାର ମୋରମ୍ ଓ ମେଣ୍ଟାଲରେ ଏହି କେନାଲ ରାସ୍ତାକୁ ନିର୍ମାଣ କରିଥିଲେ। କାମ ସରିବାର ମାତ୍ର ଗୋଟିଏ ବର୍ଷ ପରେ ରାସ୍ତା ଉପରୁ ମେଣ୍ଟାଲ ଉଠିଯାଇଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗତବର୍ଷ ବିରିଡ଼ିଠାରୁ ଆମ୍ବଗଡ଼ିଆ ଗାଁ ଯାଏଁ କେନାଲ ରାସ୍ତାଟିରେ ପୁନଃ କାର୍ଯ୍ୟ ହୋଇଥିବାବେଳେ ଏହାର ପିଚୁ ନିର୍ମାଣ ହୋଇଛି। ପରିତାପର ବିଷୟ ଏବେ ବନସ୍ତାଠାରୁ ନେରଡ଼ା ଓ ଯଶୋଟିକିରିଠାରୁ ମାନ୍ତପୁର ଛକ ଯାଏଁ ପଥଚାରୀମାନେ ରାସ୍ତାରେ ଯିବାକୁ ଅତ୍ୟନ୍ତ କୁଣ୍ଠାବୋଧ କରୁଛନ୍ତି। ପାଖାପାଖି ୪ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ପାଲଟିଛି। ବାଇକ୍ ଓ ସାଇକଲ ଯୋଗେ ଯାଉଥିବା ଲୋକମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ମେଣ୍ଟାଲ, ମୋରମ୍ ଉଠିଯାଇଥିବା ବେଳେ ଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ରାସ୍ତା ତମାମ ଖାଲଖମା ପୂର୍ଣ୍ଣ ହୋଇଥିବାବେଳେ ବର୍ଷା ହେଲେ ସେଥିରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି। ଦୈନିକ ଏହି ପଥରେ ହଜାର ହଜାର ଜନସାଧାରଣ ଯାତାୟାତ କରୁଥିବାବେଳେ କେନାଲ ରାସ୍ତାଟିର ନବୀକରଣ କାର୍ଯ୍ୟ ପାଇଁ ବାରମ୍ବାର ଦାବି ହୋଇଛି। ପରିତାପର ବିଷୟ ବିଭାଗ ଏ ନେଇ ମୁଣ୍ଡ କାନ ଖେଳାଉନାହିଁ। ଏ ବାବଦରେ ଅଧୀକ୍ଷଣ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ମତାମତ ପାଇଁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅଧିକାରୀଦ୍ୱୟ କୌଣସି ଉତ୍ତର ଦେଇନାହାନ୍ତି। ଏପଟେ ଦିନକୁ ଦିନ ରାସ୍ତା ଅବସ୍ଥା ଶୋଚନୀୟ ହେଉଛି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ରାସ୍ତା ନିର୍ମାଣ ସକାଶେ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେବା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି।

### ● ଜଳସମ୍ପଦ ଡାକବଙ୍ଗଳାରୁ ଲୁହା ଯନ୍ତ୍ରାଂଶ ବିକ୍ରି ଉଦ୍ୟମ ପ୍ରସଙ୍ଗ

## ରାତିଅଧିଆ ଥାନାରେ ହାଜର ହେଲେ ଅଧୀକ୍ଷଣ ଯନ୍ତ୍ରୀ





ଭଦ୍ରକ,୧୭।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରୁ ବହୁ ପୁରୁଣା ଯନ୍ତ୍ରାଂଶକୁ ବିକ୍ରି ଉଦ୍ୟମ ଘଟଣାରେ ଚାନ୍ଦବାଲି ଥାନାରେ ରାତିଅଧିଆ ହାଜର ହେଲେ ଜଳସମ୍ପଦ ବିଭାଗର ଆଖୁଆପଦା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲ। ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମଙ୍ଗଳବାର ବିଳମ୍ବିତ ରାତି ଅର୍ଥାତ୍ ସମୟ ପାଖାପାଖି ୧୨ଟା ସମୟରେ ଚାନ୍ଦବାଲି ଥାନାକୁ ଆସିଥିଲେ। ଦିନରେ ନ ଆସି ଏମିତି ରାତିଅଧିଆ ଥାନାକୁ ଆସିବା କଥାକୁ ଚାନ୍ଦବାଲିବାସୀଙ୍କ ମନରେ ଅନେକ ପ୍ରକାରର ସନ୍ଦେହ ସୃଷ୍ଟି କରିଛି। ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଦାସଙ୍କ ଅଭିଯୋଗ ଲୁହା ଯନ୍ତ୍ରାଂଶ ବିକ୍ରି ଉଦ୍ୟମ କରି ଏପର୍ଯ୍ୟନ୍ତ ଗାଡ଼ି ଥାନାରେ ଅଛି, ଏସ୍‌ଡିଓ ଲିଖିତ ଅଭିଯୋଗ କରିଛନ୍ତି ଥାନାରେ ଏସବୁ ପରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଦନ୍ତ କରିବା ସମୟରେ ଅଧୀକ୍ଷଣ ଯନ୍ତ୍ରୀ ଜାଣିଶୁଣି ଅନୁପସ୍ଥିତ ରହିଲେ। ୨ଦିନ ପରେ ଦିନରେ ଥାନାକୁ ନ ଆସି ରାତିଅଧିଆ ଲୁଚି ଲୁଚି ଥାନାକୁ ଆସିବା ଅତି ନିନ୍ଦନୀୟ କଥା। ଯିଏ ଦୋଷୀ ଯାହା ପାଇଁ ଜଳସମ୍ପଦ ବିଭାଗ ଓ ସରକାର ବଦନାମ ହେଉଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶାସକ ଦଳ ନେତା ଦାବି କରୁଥିବାବେଳେ ଚାନ୍ଦବାଲି ପୁଲିସ କାହା ଚାପରେ ତଦନ୍ତକୁ ବାଟବଣା କରୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତେବେ ଚାନ୍ଦବାଲି ଡିଭିଜନ୍ ଏସ୍‌ଡିଓ ସୂରଜ ମଲ୍ଲିକ ଦେଇଥିବା ଏତଲା ଅନୁସାରେ ତଦନ୍ତ ଚାଲିଛି, ତଦନ୍ତରେ ଯିଏ ଆସିବ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚାନ୍ଦବାଲି ଥାନାଧିକାରୀ କହିଛନ୍ତି।

### ଭଦ୍ରକରେ 'ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ

# ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ପ୍ରଯୁକ୍ତି ଶିକ୍ଷା



ଭଦ୍ରକ,୧୭।୬(ସମିସ)

ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁଚର ଫାଉଣ୍ଡେସନ ପକ୍ଷରୁ ଭଦ୍ରକ ଜିଲ୍ଲାର ଚୟନିତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ସହରାଞ୍ଚଳର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଓ ଗ୍ରାମାଞ୍ଚଳ ବିଦ୍ୟାଳୟ ମଧ୍ୟରେ ଥିବା ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ସହ ସଂଯୋଗ କରାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବିଭିନ୍ନ ପ୍ରଶାସନିକ ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ସେଠୀ କହିଥିଲେ ଯେ, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ୍ ଜ୍ଞାନ କେବଳ ବଡ଼ ସହରର ବିଦ୍ୟାଳୟମାନଙ୍କ ପାଇଁ ସୀମିତ ରହିବା ଉଚିତ୍ ନୁହେଁ। ଗ୍ରାମାଞ୍ଚଳରେ ମଧ୍ୟ ପ୍ରଚୁର ପ୍ରତିଭା ରହିଛି ଏବଂ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ମଞ୍ଚ ପ୍ରଦାନ କରାଗଲେ ସେମାନେ ଦେଶର ଗୌରବ ବୃଦ୍ଧି କରିପାରିବେ। ତେବେ ଏଆଇ ମାନବୀୟ ବୁଦ୍ଧିମତାକୁ କେବେ ବି ଛାପି ନ ଯାଉ ବୋଲି ସେ ମତ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାରଙ୍କ ଓଡ଼ିଶା ଏଆଇ ନୀତି-୨୦୨୫ ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ପୂରଣ ଦିଗରେ ଏହି ଏଆଇ ହବ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକୁ ଗ୍ରାମସ୍ତରରେ କାର୍ଯ୍ୟକାରୀ କରାଯିବ। ଜିଲ୍ଲାପାଳ ଶ୍ରୀ ରାଉତରାଏ ବ୍ଲକ୍ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କୁ ଏହି ଅଭିଯାନର ଅଗ୍ରଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ ଯେ, ସେମାନଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ହିଁ ଏହି ପ୍ରଯୁକ୍ତିକୁ ବିଦ୍ୟାଳୟସ୍ତରରେ ସଫଳ କରିପାରିବ। ଆସନ୍ତା ଜୁଲାଇ ମାସରୁ ପିଏମ୍‌ଶ୍ରୀ ବି.ଏମ୍. ବାଗୁରାଇ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍ କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ହୋଇଥିବାବେଳେ ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଏକ ସମନ୍ୱୟ ବୈଠକ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦାପ୍ରସାଦ ପଣ୍ଡା ଏହି ପ୍ରକଳ୍ପର ସଫଳ ରୂପାୟଣ ପାଇଁ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଏଆଇ ବିଶେଷଜ୍ଞ ମାନସ ରଥ ଓ ତନ୍ମୟ ସ୍ୱାଇଁ ଏହି ପଦକ୍ଷେପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବାବେଳେ ଶ୍ୟାମଳ କିଶୋର ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଶେଷଜ୍ଞମାନେ ଏହି ହବ୍‌କୁ କେବଳ ଏକ ପ୍ରଯୁକ୍ତି ଭିତ୍ତିଭୂମି ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିର ଉପଭୋକ୍ତାରୁ ନବସୃଷ୍ଟିକାରୀରେ ପରିଣତ କରିବା ପାଇଁ ଏକ ସ୍ଥାୟୀ ଶିକ୍ଷା ପରିବେଶ ବୋଲି ବର୍ଣ୍ଣନା କରିଥିଲେ।

# ପାନୀୟ ଜଳ ସମସ୍ୟା ଓ ଭତ୍ତା ପ୍ରଦାନ ଦାବି



ଢେଙ୍କାନାଳ,୧୭ ।୬(ସମିସ): ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉକ୍ରଟ ଅଭାବ ଦେଖାଯାଇଛି। ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲା କଂଗ୍ରେସ ଉପସଭାପତି ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲାରେ ଅନେକ ହିତାଧିକାରୀ ଦୀର୍ଘ ୩ ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ପାଇନାହାନ୍ତି। ତୁରନ୍ତ ବକେୟା ଭତ୍ତା ପ୍ରଦାନ ନିମନ୍ତେ ମଧ୍ୟ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ଉପସଭାପତି ସରୋଜ ଶତପଥୀ, ସାଧାରଣ ସମ୍ପାଦକ ନୁରୁଲ ଇସଲାମ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ଟାଉନ ସଭାପତି ବିକାଶ ସ୍ୱାଇଁ, ମହିଳା ନେତ୍ରୀ ରୁମେନା ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଗନ୍ଦିଆ ନିର୍ବାଚନ ମଣ୍ଡଳୀ ଗଠନ ଦାବି

ଗଁଦିଆ,୧୭ ।୬(ସମିସ)




ସ୍ଥାନୀୟ ସମ୍ବିତ୍ ଇକୋ ଗାର୍ଡେନ ପରିସରରେ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗଁଦିଆ ଓ ଢେଙ୍କାନାଳ ସଦର ବ୍ଲକର ଶତାଧିକ ଯୁବକ, ସାମାଜିକ କର୍ମୀ, ପୂର୍ବତନ ଓ ବର୍ତ୍ତମାନର ଜନପ୍ରତିନିଧି ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ନୂତନ ଗଁଦିଆ ନିର୍ବାଚନ ମଣ୍ଡଳୀ ଗଠନ ପାଇଁ ଦୃଢ଼ ଦାବି ଉଠାଇବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକ ଏହି ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ ପୂର୍ବତନ ଷଡ଼ଙ୍ଗୀ ସରପଞ୍ଚ ତଥା ଷଡ଼ଙ୍ଗୀ ସେବା ସମବାୟ ସମିତି ସଭାପତି ଏହାକୁ ସମର୍ଥନ କରିଥିଲେ। ଦାବିକୁ ସଫଳ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଂଗଠନଙ୍କୁ ନେଇ ଏକ ଆଞ୍ଚଳିକ ସଂଗ୍ରାମ ସମିତି ଗଠନ କରାଯିବାକୁ ମତ ପ୍ରକାଶ ପାଇଛି। ପୂର୍ବତନ ଗଁଦିଆ ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତକୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯିବା ଫଳରେ ସ୍ଥାନୀୟ ଲୋକମାନେ ବିଭିନ୍ନ ପ୍ରଶାସନିକ ଓ ଜନପ୍ରତିନିଧିତ୍ୱ ଜନିତ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ବଣସିଂହ ସରପଞ୍ଚଙ୍କ ପ୍ରତିନିଧି ଜଳଧର ବେହେରା ଉଲ୍ଲେଖ କରିଥିଲେ। ସେହି ୯ଟି ପଞ୍ଚାୟତକୁ ପୁନର୍ବାର ପ୍ରସ୍ତାବିତ ଗଁଦିଆ ନିର୍ବାଚନ ମଣ୍ଡଳୀରେ ସାମିଲ କରିବା ପାଇଁ ସେ ଦାବି କରିଥିଲେ। ଏହି ପ୍ରସ୍ତାବକୁ ପୂର୍ବତନ ତରଭା ସରପଞ୍ଚ ପ୍ରସନ୍ନ ମଲ୍ଲିକ ସମର୍ଥନ କରିଥିଲେ।

୨୦୨୭ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗନ୍ଦିଆ ଓ ଢେଙ୍କାନାଳ ସଦର ବ୍ଲକର ପ୍ରାୟ ୬୦ ପଞ୍ଚାୟତରେ ଜିତିବା ସମ୍ଭାବନା ଥିବା ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଦେବା ପାଇଁ ଅନେକ ସଦସ୍ୟ ମତ ପ୍ରକାଶ କରିଥିଲେ। ବିଚାରବିମର୍ଶ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ନବୀନ ନନ୍ଦ କହିଥିଲେ। ସଭାପତି ନନ୍ଦ ଯୁବ ସଦସ୍ୟମାନଙ୍କୁ ଗ୍ରାମାଞ୍ଚଳରେ ଦୁର୍ନୀତି, ସରକାରୀ ଅର୍ଥର ଅପବ୍ୟବହାର ଏବଂ ଅନିୟମିତତା ବିରୋଧରେ ସଚେତନ ରହି ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ।

ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଖୁବ୍‌ଶୀଘ୍ର ଏକ ସୋସିଆଲ ମିଡିଆ ଟିମ୍ ଏବଂ ଆର୍‌ଟିଆଇ ଟିମ୍ ଗଠନ କରାଯିବ ବୋଲି ସେ ଏହି ଅବସରରେ ଘୋଷଣା କରିଥିଲେ। ସମାଜସେବୀ ଟଙ୍କଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସରୋଜ କୁମାର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଟା ଷ୍ଟିଲ୍ ସମ୍ମାନିତ




ଢେଙ୍କାନାଳ,୧୭ ।୬(ସମିସ): ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟ ରକ୍ତଭଣ୍ଡାର ପକ୍ଷରୁ ସମ୍ମାନିତ କରାଯାଇଛି। ସ୍ଥାନୀୟ ମହିଷାପାଟସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ, ଲଳିତ ମୋହନ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଢେଙ୍କାନାଳ, ସପନ କୁମାର ମହାନ୍ତି, ଢେଙ୍କାନାଳ ଓ ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଢେଙ୍କାନାଳ, ସ୍ୱରୂପ କୁମାର ସାହୁ, ବ୍ଲଡ୍ ବ୍ୟାଙ୍କ ଅଫିସର, ପ୍ରମୁଖଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ, ମେରାମଣ୍ଡଳୀ ପକ୍ଷରୁ ସିନିୟର ମେଡିକାଲ ଅଫିସର ଡାକ୍ତର ଅବିନାଶ ଦାଶ ଏହି ସମ୍ମାନ ଗ୍ରହଣ କରିଥିଲେ। ଢେଙ୍କାନାଳ ଡିଏଚ୍‌ଏଚ୍ ରକ୍ତଭଣ୍ଡାରକୁ ନିୟମିତ ଭାବେ ସର୍ବାଧିକ ରକ୍ତ ଯୋଗାଇବାରେ ଟାଟା ଷ୍ଟିଲ ମେରାମଣ୍ଡଳୀ ଯୋଗଦାନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଗତ ୫ ବର୍ଷ ମଧ୍ୟରେ କମ୍ପାନୀର କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ରକ୍ତଦାନ ଶିବିର ଆୟୋଜନ କରାଯାଇ ସଫଳତାର ସହ ପାଖାପାଖି ୨,୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲ୍ଲା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି। ସେହିପରି ଚଳିତ ବର୍ଷ ମଧ୍ୟ ଏହି ଅଭିଯାନ ମାଧ୍ୟମରେ ୩୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କମ୍ପାନୀ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲ୍ ନିରନ୍ତର ପ୍ରୟାସ କରିଆସୁଛି।

# ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରଙ୍କ ନିର୍ବନ୍ଧ ସମ୍ପନ୍ନ

ଗଁଦିଆ,୧୭ ।୬(ସମିସ): ଗଁଦିଆ ବ୍ଲକ୍ ବଣିଆପାଡ଼ାସ୍ଥିତ ସ୍ୱୟଂଭୂ ଆବିର୍ଭୂତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ବିବାହ ନିମନ୍ତେ ବୈଦିକ ରୀତିରେ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଛି। ବର ପିତା ମାତା ଭାବେ ବଣିଆ ପଡା ଆଜିତି ପ୍ରସାଦ ରାଉତ ଏବଂ ତାଙ୍କ ପତ୍ନୀ ସୌଜ୍ୟା ରାଣୀ ରାଉତ ଓ କନ୍ୟା ପିତା ଭାବେ ଅମ୍ବୁଜ ସାହୁ ତାଙ୍କ ପତ୍ନୀ ମମତା ସାହୁ ଦାୟିତ୍ୱ ଗ୍ରହଣ କରି ଗଁଦିଆ ଗ୍ରାମର ରାଧାକୃଷ୍ଣ ଜୀଉ ମଠ ଠାରେ ସମ୍ପୂର୍ଣ୍ଣ ଧର୍ମୀୟ ରୀତିନୀତି ଅନୁଯାଇ ବ୍ରାହ୍ମଣ ଙ୍କ ଦ୍ୱାରା ମନ୍ତ୍ର ପାଠ କରାଯାଇ ଉକ୍ତ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତତ ସହିତ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାଇ ଠାକୁରଙ୍କ ନୀତି କାନ୍ତି କରାଯାଇ ବିବାହ କାର୍ଯ୍ୟ ଆନନ୍ଦ ଓ ନିଷ୍ଠାର ସହିତ ପାଳନ କରିବା ନିମନ୍ତେ ଉଭୟ ଦମ୍ପତି ସଂକଳ୍ପ ଗ୍ରହଣ କରିଥିଲେ। ଶୀତଳ ଷଷ୍ଠୀ ଦିନ ପାରମ୍ପରିକ ରୀତିରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ନିର୍ବନ୍ଧ କାର୍ଯ୍ୟ ବେଳେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଜୀଉ ଆଞ୍ଚଳିକ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର କର୍ମକର୍ତ୍ତାଙ୍କ ସହିତ ଗଁଦିଆ ଓ ପାଖ ଗ୍ରାମର ଗ୍ରମବାସୀ ବୃନ୍ଦ ଉପସ୍ଥିତ ଥିଲେ।



# ଘର ତିଆରି ସାମଗ୍ରୀ ଚୋରି

ଢେଙ୍କାନାଳ,୧୭ ।୬(ସମିସ): ଟାଉନ ଥାନା ଅନ୍ତର୍ଗତ ଦେଉଳ ସାହି କନକଦୁର୍ଗା ମନ୍ଦିର ନିକଟରେ ଗତକାଲି ବିଳମ୍ବିତ ରାତିରେ ଚୋରି ଘଟଣା ଘଟିଥିବାର ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦା ତଥା ସାମ୍ବାଦିକ ଦୀପକ ରଞ୍ଜନ ମିଶ୍ରଙ୍କ ଘରେ ରଖାଯାଇଥିବା ସାଇକେଲ, ମଟର ସାଇକେଲ ଗାଡ଼ିରୁ ତେଲ, ଲୁହା ଘୋଡିଆଓ କିଛି ଲୁହା ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଟାଉନ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ପରଜଙ୍ଗ/କାମାକ୍ଷାନଗର,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ଥାନା ଦେଇ ଯାଇଥିବା ବଡ଼କମର ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର କୁଟୁରିଆ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମହାବିରୋଡ ଥାନା ମଦରଙ୍ଗା ମୁଣ୍ଡା ଗ୍ରାମର ପୃଥିବୀ ନାଏକ। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ମହାବିରୋଡ ଗ୍ରାମର ସତ୍ୟ ନାଏକ ଓ ମଦରଙ୍ଗାମୁଣ୍ଡାର ସରୋଜ ନାଏକ ଗୁରୁତର ଆହତ ହୋଇଛନ୍ତି। ତିନିଜଣ ଯାକ ଗୋଟିଏ ବାଇକ୍ ଯୋଗେ ପରଜଙ୍ଗ ଆଡ଼କୁ ଯାଉଥିବା ବେଳେ ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ପୃଥିବୀଙ୍କ ମୃତ ହୋଇଥିଲା। ସତ୍ୟ ଓ ସରୋଜଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

# ରଜରେ କବାଡ଼ି ପ୍ରତିଯୋଗିତା: ଭୁବନ ଓ ନୂଆ ଭୁବନ ଯୁଗ୍ମ ଚାମ୍ପିଅନ

ଭୁବନ,୧୭ ।୬(ସମିସ): ଭୁବନ ରଜ ଫାଉଣ୍ଡେସନ ତରଫରୁ ଅନୁଷ୍ଠିତ ତ୍ରିଦିବାସୀୟ କବାଡି ପ୍ରତିଯୋଗିତାରେ ଭୁବନ ଓ ନୂଆ ଭୁବନ ଯୁଗ୍ମ ଚମ୍ପିୟାନ ହୋଇଥିବା ଜଣାପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଗ୍ରୁପ ଏରେ ଲକ୍ଷ୍ମୀ ଛକ ବନ୍ଧାଳ ବାଜିଛକ, ଗଡ଼ଗଁପୁର ଗ୍ରୁପ ବିରେ ରାଉତ ସାହି ନୂଆ ଭୁବନ, ଲତାବିଲ, ତେଲିସାହି। ଫାଇନାଲରେ ନୂଆଭୁବନ ବନ୍ଧାଳସହିତ ଭୁବନର ଖେଳାଳି ଖେଳି ଥିଲେ। ଏହି ମ୍ୟାଚରେ ଉଭୟଙ୍କୁ ଯୁଗ୍ମ ଚମ୍ପିୟାନ ଘୋଷଣା କରାଯାଇଛି। ଖେଳକୁ ସଞ୍ଜୀବ କୁମାର ନାୟକ, ଉମାକାନ୍ତ ଦାସ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ଅତିଥି ଭାବେ ସୁବାସ ଜୁଏଲାରୀ ସୁବାସ ମେହେଣା, ସତ୍ୟବାଦି ସେନାପତି, ଲଳିତ ବେହେରା, ବିଜୟ ବେହେରା, ନନ୍ଦ କିଶୋର ଧୀର ଦିଲ୍ଲୀପ ଦାସ ଉପସ୍ଥିତ ରହି ଯୁଗ୍ମ ଚମ୍ପିୟାନଙ୍କୁ ପୁରସ୍କୃତ କରିଥିଲେ।



# ଅଷ୍ଟଶମ୍ଭୁ ରଜ ମହୋତ୍ସବ



ଭୁବନ,୧୭ ।୬(ସମିସ): ଭୁବନ ରଗଡି ଛକ ସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଅଷ୍ଟଶମ୍ଭୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଜମହୋତ୍ସବ ପାଳିତ ହୋଇଯାଇଛି। ୧୨ ବର୍ଷ ଧରି ଆୟୋଜନ ହେଉଥିବା ରଜ ମହୋତ୍ସବ ଚଳିତ ବର୍ଷ ମଧ୍ୟ ଧୁମ୍‌ଧାମରେ ପାଳିତ ହୋଇଛି। ସଭାପତି ଧୀରେନ୍ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାଧବ ବେହେରା ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଧାୟକ ଶତ୍ରୁଘ୍ନ ଜେନା ସିନେମା ଅଭିନେତ୍ରୀ ରୋମ୍ୟାଞ୍ଜଳି, ସମାଜସେବୀ ସମୀର ସାହୁ, ଇଂ ଦେବେନ୍ଦ୍ର ପୃଷ୍ଟି ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟଙ୍ଗ କବି ପ୍ରତାପ ରଶ୍ମି ନାୟକ,ପଶ୍ଚିମ ଓଡ଼ିଶା ଛାତ୍ରନେତା ପ୍ରଜ୍ଞା ପାରମିତା ସାହୁ, କୀର୍ତ୍ତନ ସଭାପତି ଦୁର୍ଯ୍ୟୋଧନ ସାହୁ, ସମାଜସେବୀ କମଳ ଲୋଚନ ମହାରଣାଙ୍କୁ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଜଗୀତ, ଝୋଟି, ମ୍ୟୁଜିକଚେୟାର, ଦଧିହାଣ୍ଡି ଭଙ୍ଗା, ରଜକୁଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା. । ସବୁଠାରୁ ଆକର୍ଷଣ ର କେନ୍ଦ୍ରବିନ୍ଦୁ ସାଜିଥିଲା ରାମଦୋଳି। ମନୋରଞ୍ଜନ ପାଇଁ ଝୁମର ନୃତ୍ୟ ପରିବେଶିତ ହୋଇଥିଲା। ସଂପାଦକ କଳ୍ପତରୁ ସାହୁ ଧନ୍ୟବାଦ ଦେଇଥିଲେ।

# ନଡ଼ିଆଳିରେ ରଜ ମହୋତ୍ସବ

ଢେଙ୍କାନାଳ,୧୭ ।୬(ସମିସ): ସଦର ବ୍ଲକ୍ ନଡିଆଳି ଗ୍ରାମରେ ୟୁଥ୍ ଫ୍ରେଣ୍ଡସ କ୍ଲବ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଗ୍ରାମର ମହିଳା ଓ ଝିଅମାନଙ୍କ ମଧ୍ୟରେ ପୋଡ଼ପିଠା, ପାନଭଙ୍ଗା, ଝୋଟି, ହୁଳହୁଳି, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଜଣାଅଜଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଅନୁଷ୍ଠାନର ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ପ୍ରଶଂଶା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ଭିତରେ ଭାଇଚାରା ସୃଷ୍ଟି କରିବା ସହ ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବାରେ ସମର୍ଥ ବୋଲି ମନ୍ତ୍ରୀ କହିଥିଲେ। ସମାଜସେବୀ ଶୈଳବାଳା ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଆଜିର ସମୟରେ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ କରି ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱ ରଖେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଭାତ ସାମଲ ଏବଂ ନାଟ୍ୟକାର ଦିନେଶ ଦାସ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗ୍ରାମର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅକାରଣ ବେହେରା ପରିଚାଳନା କରିଥଲେ। ସମ୍ପାଦକ ହରେକୃଷ୍ଣ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ବିଜ୍ଞାନ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ରକ୍ତ କର୍କଟରେ ପୀଡ଼ିତ ୮ ବର୍ଷର ଶିଶୁ

**ସହାୟତା ନିମନ୍ତେ ଆକୁଳ ନିବେଦନ**

ଢେଙ୍କାନାଳ,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତର ଝାରବେଡା ଗ୍ରାମରେ କୈଳାସ ନାୟକଙ୍କ ବଡ଼ପୁଅ ଶାଶ୍ୱତ ନାୟକ ଗତ ତିନି ବର୍ଷ ଧରି ବ୍ଲଡ୍ କ୍ୟାନ୍ସରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ନାଚି,ଡେଇଁ ଖେଳିବା ବୟସରେ ବ୍ଲଡ୍ କ୍ୟାନ୍ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛି ଜଣେ ୮ ବର୍ଷର ଶିଶୁ। ପୁଅର ଚିକିତ୍ସା ପାଇଁ ପରିବାର ପକ୍ଷରୁ ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଘରର ଜିନିଷପତ୍ର ବିକ୍ରି କରି ଚିକିତ୍ସା ଜାରି ରଖିଥିଲେ। ଏପରିକି ଅଧିକ ଅର୍ଥର ଆବଶ୍ୟକତା ପଡ଼ିବାରୁ ପରିବାର ଧାର ଉଧାର କରି ମଧ୍ୟ ଚିକିତ୍ସା ଚଳାଇ ଆସୁଛନ୍ତି। ଶାଶ୍ୱତଙ୍କ ବାପା କୈଳାସ ନାୟକ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ଏବେ ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ଶାଶ୍ୱତଙ୍କ ମା'ଶ୍ରଦ୍ଧାଞ୍ଜଳୀ ସାହୁ କୋହଭରା କଣ୍ଠରେ କହିଛନ୍ତି ଯେ ଧାର ଉଧାର କରି ଏପର୍ଯ୍ୟନ୍ତ ପୁଅର ଚିକିତ୍ସା କରାଇଛନ୍ତି। ମାତ୍ର ବର୍ତ୍ତମାନ ଅର୍ଥାଭାବ ଯୋଗୁଁ ଚିକିତ୍ସା ଜାରି ରଖିବା କଷ୍ଟସାଧ୍ୟ ହୋଇପଡ଼ିଛି। ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଲେ ପୁଅର ଉନ୍ନତ ଚିକିତ୍ସା ସମ୍ଭବ ହୋଇପାରିବ ବୋଲି ସେ ନିବେଦନ କରିଛନ୍ତି। ଶାଶ୍ୱତ ତୃତୀୟ ଶ୍ରେଣୀର ଜଣେ ମେଧାବୀ ଛାତ୍ର । ଏପରି ସ୍ଥିତିରେ ଶିଶୁଟିର ଚିକିତ୍ସା ପାଇଁ ସରକାରୀ ସହାୟତା ଓ ସମାଜର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

**ଜୟଦୁର୍ଗା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

# ନରଣପୁର ପପୁଲାର୍ କ୍ଲବ୍ ଚାମ୍ପିଅନ



ଢେଙ୍କାନାଳ,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଗଦାଶିଳା ପଞ୍ଚାୟତ ସାଇଁବିରି ଗ୍ରାମ ଫୁଟ୍‌ବଲ୍ ଖେଳପଡ଼ିଆରେ ଜୟଦୁର୍ଗା ଫୁଟ୍‌ବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ନରଣପୁର ପପୁଲାର କ୍ଲବ୍ ବନମାଳୀପ୍ରସାଦ ମଙ୍ଗଳା କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗଦାଶିଳା ସମିତିସଭ୍ୟା ସସ୍ମିତା ରାଉତ, ମୁଖ୍ୟବକ୍ତା ଭାବେ ସାଇଁବିରି ଫୁଟ୍‌ବଲ୍ ଦଳର ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଓ ସୁନାମଧନ୍ୟ ଫୁଟ୍‌ବଲ୍ ଖେଳାଳି ଗଙ୍ଗାଧର ରାଉତ, ସମ୍ମାନିତ ଅତିଥି ଭାବେ 'ନିଶ୍ୱାର୍ଡ'ର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀ, ସେନାଧିକାରୀ କୈଳାସ ରାଉତ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ ଓ କମିଟି ସଭାପତି ରାଜକିଶୋର ରାଉଳ ଉପସ୍ଥିତ ଥିଲେ। ଶାନ୍ତନୁ ରାଉଳ ଧାରାବିବରଣୀ ପ୍ରଦାନ କରିଥିବାବେଳେ ପ୍ରତ୍ୟୁଷ ରାଉତ ସ୍କୋର ସିଟ୍ ଓ ଚିରଞ୍ଜୀବ ଲେଙ୍କା, ପ୍ରୀତିରଞ୍ଜନ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ସିଦ୍ଧେଶ୍ୱରଙ୍କ ନିର୍ବନ୍ଧ ନୀତି ସମ୍ପନ୍ନ



ଢେଙ୍କାନାଳ,୧୭ ।୬(ସମିସ): ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ନିର୍ବନ୍ଧକାର୍ଯ୍ୟକ୍ରମ ପରିଚାଳନା କମିଟି ସଦସ୍ୟ ଏବଂ ସଦସ୍ୟା, ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ମନ୍ମଥ ମିଶ୍ରଙ୍କ ଉପସ୍ଥିତିରେ କନ୍ୟା ପିତା ପ୍ରଭାସ ଚନ୍ଦ୍ର ମିଶ୍ର ଏବଂ ବର ପିତା ଶିବ ପ୍ରସାଦ ଦାସ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଗୁରୁବାର ବିବାହ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଅନୁଷ୍ଠିତ ହେବ।

# ଆଳତୁମାରେ ଷୋଡ଼ଶ ରଜ ମହୋତ୍ସବ ଉଦ୍‌ଯାପିତ

କାମାକ୍ଷାନଗର,୧୭ ।୬(ସମିସ)




କାମାକ୍ଷାନଗର ଏନଏସି ଅନ୍ତର୍ଗତ ଆଳତୁମା ରାମିଆଳ ନଦୀ ଆମ୍ବତୋଟାରେ ଆଳତୁମା ରଜ ମହୋତ୍ସବ କମିଟି ଓ ନାଟ୍ୟ ଅନୁଷ୍ଠାନ ଭୂମିକା ସହଯୋଗରେ ତିନିଦିନ ବ୍ୟାପୀ ଆୟୋଜିତ ଷୋଡ଼ଶ ରଜ ମହୋତ୍ସବ ଉଦଯାପିତ ହୋଇଛି। ବିଭିନ୍ନ ପାରମ୍ପରିକ ଦୋଳି, ରଜପାନ ପସରା, ଖାଦ୍ୟ ଷ୍ଟଲ ସାଙ୍ଗକୁ ଚିତ୍ରଶିଳ୍ପୀ ପ୍ରଦୀପ ସେଣ୍ଠଙ୍କ ଦ୍ୱାରା ଆମ୍ବ ଗଛ ଗଣ୍ଡିଗୁଡ଼ିକରେ ସମାଜକୁ ବାର୍ତ୍ତା ଦେଲାଭଳି ଅଙ୍କା ଯାଇଥିବା ଛବି, ନୃତ୍ୟ, ସଙ୍ଗୀତ, ଅଭିନୟ ପାରମ୍ପରିକ ପିଠା ପ୍ରତିଯୋଗିତା ଆଦି ଆକର୍ଷଣୀୟ ହୋଇଥିଲା।

ଉଦଯାପନୀ ସନ୍ଧ୍ୟାରେ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ଅସିତ ରାଉତ, ଓଡ଼ିଶା ଘରୋଇ ଆଇଟିଆଇ ସଂଘ ସଭାପତି ଡ. ଅରୁଣ କୁମାର ନାୟକ, କମିଟି ମୁଖ୍ୟ ଉପଦେଷ୍ଟା ନାଟ୍ୟକାର ତଥା ନିର୍ଦ୍ଦେଶକ ମଧୁସୂଦନ ସେଣ୍ଠ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସଂଯୋଜକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ସେଣ୍ଠ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାର ପ୍ରତିଷ୍ଠିତ ନୃତ୍ୟ ଦଳ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଦଳଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆକର୍ଷଣୀୟ ରଜରାଣୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂଶ୍ରୀ ମିଶ୍ରଙ୍କୁ ଜଗାବଳିଆ ଫର୍ଣ୍ଣିଚର୍ସ ପକ୍ଷରୁ ଏକ ଡିଜିଟାଲ ଡ୍ରେସିଂ ଟେବୁଲ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରୀନା ପାଣିଗ୍ରାହୀଙ୍କୁ ପ୍ରିନ୍ସ ମୋବାଇଲ୍ ପକ୍ଷରୁ ଏୟାର କୁଲର ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃଷ୍ଣମୟୀ ବିଶ୍ୱାଳଙ୍କୁ ବେହେରା ଫର୍ଣ୍ଣିଚର୍ ପକ୍ଷରୁ ଡିଜିଟାଲ କାଠ ଘଣ୍ଟା ସହ ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଆଶିଷ ଓ ସ୍ୱପ୍ନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ମକରଧ୍ୱଜ ପ୍ରଧାନ, କାଉନସିଲର ସଞ୍ଜୟ କୁମାର ପରିଡ଼ା, ପ୍ରମୋଦ କୁମାର ସେଣ୍ଠ, ସଭ୍ୟ ଶୁଭ୍ରାଂଶୁ ସାହୁ, ରାଜେଶ ସେଣ୍ଠ, ପ୍ରଦୀପ୍ କୁମାର ମହାରଣା, ସଚ୍ଚିଦାନନ୍ଦ ମହାରଣା, ରଶ୍ମିରଞ୍ଜନ ସାହୁ, ଶୁଭ୍ରାଂଶୁ ମହାନ୍ତି, କର୍ପୁରାରି ସାହୁ, ଗୁରୁଚରଣ ସାହୁ, ସୌଭାଗ୍ୟ ବେହେରା, ଚନ୍ଦନ ବେହେରା, ପ୍ରଶାନ୍ତ ତ୍ରିପାଠୀ, ଦୀପକ ପରିଡ଼ା, ରାକେଶ ମହାରଣା, ଆଶିଷ ସେଣ୍ଠ, ମାନସ ଖୁଣ୍ଟିଆ, ବିଶ୍ୱଜିତ୍ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

■ ବିଶ୍ୱ ରକ୍ତଦାତା ଦିବସ

# ଜିଲ୍ଲାସ୍ତରୀୟ ରକ୍ତଦାତା ସମ୍ବର୍ଦ୍ଧନା ଉତ୍ସବ

ଢେଙ୍କାନାଳ,୧୭ ।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ରେଡ୍‌କ୍ରସ ସୋସାଇଟି ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ରକ୍ତଦାତା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ରକ୍ତଦାନ ମହତ୍ କର୍ମ, ରକ୍ତଦାନ ଦ୍ୱାରା ଶରୀରରେ କୌଣସି କ୍ଷତି ଘଟି ନ ଥାଏ ଏବଂ ଦୁର୍ବଳତା ଅନୁଭବ ହୋଇ ନ ଥାଏ ବୋଲି ପ୍ରକାଶ କରିଥିଲେ। ସମସ୍ତେ ଭାବେ ରକ୍ତଦାନ କରି ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ସେ ଆହ୍ୱାନ କରିଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ମାଧ୍ୟମ ଦ୍ୱାରା ରକ୍ତ ସୃଷ୍ଟି କରାଯାଇ ପାରିନାହିଁ। ପଶୁ ପକ୍ଷୀମାନଙ୍କ ରକ୍ତ ମଧ୍ୟ ମନୁଷ୍ୟ ପାଇଁ ପ୍ରଯୁଜ୍ୟ ହୋଇପାରି ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କ୍ଲବ୍‌ର କର୍ମକର୍ତ୍ତା ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ସପନ କୁମାର ମହାନ୍ତି, ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲଡ୍ ବ୍ୟାଙ୍କ ଅଧିକାରୀ ସ୍ୱରୂପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଏସ୍‌ବିଆଇ ଏଟିଏମରୁ ଲୁଟ୍

ବେତନଟୀ,୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ବେତନଟୀ ହାଟ ଛକରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ମଙ୍ଗଳବାର ପ୍ରାୟ ରାତି ୩ଟା ପରେ ଲୁଟ୍ ହୋଇଥିବାର ଜଣାପଡ଼ିଛି। ଏହି ଲୁଟ ପରେ ହାଇଦ୍ରାବାଦସ୍ଥିତ ଆଇବିଏଫ୍ କାର୍ଯ୍ୟାଳୟରୁ ବେତନଟୀ ଥାନାକୁ ଫୋନ ଆସିଥିଲା। ଖବର ପାଇ ବେତନଟୀ ପୋଲିସ ଟିମ ହାଟ ଛକସ୍ଥିତ ଏଟିଏମ୍ ନିକଟକୁ ତଦନ୍ତ ପାଇଁ ଆସିଥିଲେ ମଧ୍ୟ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇ ଥିଲେ। ଏହି ଲୁଟ୍ ଘଟଣାକୁ ନେଇ ବେତନଟୀ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜରଙ୍କ ଏତଲାକ୍ରମେ ବେତନଟୀ ଥାନାରେ କେସ ନମ୍ବର ୨୫୩/୨୬ରେ ଏକ ଲୁଟ ମାମଲା ରୁଜୁ କରାଯାଇଛି। ବେତନଟୀ ଥାନାର ଆଇଆଇସି ଶ୍ରୀ କ୍ରିଷ୍ଣା ପିଙ୍ଗୁଆ ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।



ମିଳିଥିବା ସୂଚନାନୁଯାୟୀ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏଟିଏମ୍ ଭିତରେ ପଶି ଗ୍ୟାସ କଟର ସାହାଯ୍ୟରେ ଏଟିଏମ ମେସିନ କାଟି ଲୁଟି ନେଇଛନ୍ତି। ଏହି ଟଙ୍କାର ପରିମାଣ ୫ଲକ୍ଷ ୬ହଜାର ୬ଶହ ଟଙ୍କା ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରଜପର୍ବ ପରେ ବଜାର ଫାଙ୍କା ଥିବାର ସୁଯୋଗ ନେଇ ଲୁଟ୍ କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଲୁଟ ସମୟର ଦୃଶ୍ୟ ଏଟିଏମ ଭିତରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଦୁଇଜଣ ଲୋକ ଏଟିଏମ୍ ଭିତରକୁ ପଶି ସେଠାରେ ଲାଗିଥିବା ଲୁହା ସଟର ଗେଟ୍‌ଟିକୁ ବନ୍ଦ କରି ଗ୍ୟାସ କଟର ସାହାଯ୍ୟରେ ଏଟିଏମ ମେସିନଟିକୁ କାଟିଥିଲେ। ପୁଲିସ ଲୁଟ୍‌ସ୍ଥଳ ନିକଟସ୍ଥ ବଜାର ଭିତରେ ସାଧାରଣ ଲୋକଙ୍କ ଘରେ ରାସ୍ତା ଆଡ଼କୁ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ପାଞ୍ଚପୀଢ଼ର ବିକାଶ ଓ 'ଅଖଣ୍ଡ ମୟୂରଭଞ୍ଜ' ଦାବିରେ ମଶାଲ ଶୋଭାଯାତ୍ରା

କରଞ୍ଜିଆ,୧୭।୬(ସମିସ):

ପାଞ୍ଚପୀଢ଼ ଅଞ୍ଚଳର ସର୍ବାଙ୍ଗୀଣ ବିକାଶ ଏବଂ ଦୀର୍ଘଦିନର ଜନସମସ୍ୟାର ସ୍ଥାୟୀ ସମାଧାନ ତଥା ଅଖଣ୍ଡ ମୟୂରଭଞ୍ଜ ଦାବିରେ ମଶାଲ ଶୋଭାଯାତ୍ରା କରାଯାଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଏକତା ଓ ସଚେତନତା ଦେଖିବାକୁ ମିଳିଛି। ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବକ, ଛାତ୍ରଛାତ୍ରୀ ଓ ସଚେତନ ନାଗରିକ ଏକତ୍ରିତ ହୋଇ ପାଞ୍ଚପୀଢ଼ର ବିକାଶ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପ୍ରଶାସନିକ କ୍ଷେତ୍ରରେ ଏହି ଅଞ୍ଚଳକୁ ଜିଲ୍ଲା ସଦୃଶ ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଅଞ୍ଚଳବାସୀଙ୍କ ମତାନୁସାରେ ପାଞ୍ଚପୀଢ଼ ଏକ ବିସ୍ତୃତ ଜନବହୁଳ ଅଞ୍ଚଳ ହୋଇଥିଲେ ମଧ୍ୟ ବହୁ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ପ୍ରଶାସନିକ କାର୍ଯ୍ୟ ସମ୍ପାଦନ ପାଇଁ ଲୋକମାନଙ୍କୁ ଦୂରଦୂରାନ୍ତକୁ ଯିବାକୁ




ପଡୁଥିବା ବେଳେ ଅନେକ ସମୟରେ ହଇରାଣ ହେବାକୁ ପଡୁଛି। ତେଣୁ ଉପଖଣ୍ଡ ସ୍ତରରେ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍), ଅତିରିକ୍ତ ପୁଲିସ ଅଧୀକ୍ଷକ (ଏଏସ୍ପି) ଏବଂ ଅନ୍ୟାନ୍ୟ ପ୍ରମୁଖ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି ହୋଇଛି। ଏହା ଦ୍ୱାରା ଲୋକମାନେ ନିଜ ଅଞ୍ଚଳରେ ହିଁ ବିଭିନ୍ନ ପ୍ରଶାସନିକ ସେବା ପାଇପାରିବେ ବୋଲି ଆଶା କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଅଞ୍ଚଳବାସୀ ନିଜ ଦାବିକୁ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଜିଲ୍ଲାସ୍ତରୀୟ ଚିକିତ୍ସାଳୟର ମାନ୍ୟତା ପ୍ରଦାନ କରି ଆଧୁନିକ ଚିକିତ୍ସା ସୁବିଧା, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବାକୁ ଦାବି ହୋଇଛି। ଉନ୍ନତ ଚିକିତ୍ସା ସୁବିଧାର ଅଭାବରୁ ରୋଗୀମାନଙ୍କୁ ବାରିପଦା, କଟକ କିମ୍ବା ଭୁବନେଶ୍ୱର ଭଳି ସହରକୁ ଯିବାକୁ ପଡୁଥିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷା କ୍ଷେତ୍ରର ବିକାଶକୁ ନେଇ ମଧ୍ୟ ଅଞ୍ଚଳବାସୀ ଗୁରୁତ୍ୱ ଦେଇଛନ୍ତି। ପାଞ୍ଚପୀଢ଼ ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଛି। ଏହା ଦ୍ୱାରା ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷା ପାଇବା ସହ ଭବିଷ୍ୟତରେ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ମତ ପ୍ରକାଶ ପାଇଛି। ପାଞ୍ଚପୀଢ ଅଞ୍ଚଳ ନିଜର ସମୃଦ୍ଧ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପାଇଁ ପରିଚିତ ହୋଇଥିଲେ ମଧ୍ୟ ବିକାଶର ମୁଖ୍ୟ ସ୍ରୋତରୁ ଦୀର୍ଘଦିନ ଧରି ପଛରେ ରହିଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ବିଶେଷ କରି ସ୍ୱାଧୀନତାର ପ୍ରାୟ ଆଠ ଦଶନ୍ଧି ପରେ ମଧ୍ୟ ରେଳ ଯୋଗାଯୋଗ ସୁବିଧାର ଅଭାବ ଅଞ୍ଚଳର ଆର୍ଥିକ, ସାମାଜିକ ଓ ଶିଳ୍ପ ବିକାଶରେ ବଡ଼ ପ୍ରତିବନ୍ଧକ ହୋଇ ରହିଛି। ଏହା ସହିତ ଉନ୍ନତ ସଡ଼କ ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ମଧ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏହି ସମସ୍ତ ଦାବିକୁ ନେଇ ଆଜି ସନ୍ଧ୍ୟା ୫ ଘଟିକା ସମୟରେ କରଞ୍ଜିଆ ସ୍ଥିତ ଶ୍ରୀଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳବାସୀ ଏକତ୍ରିତ ହୋଇ ଏକ ବିରାଟ ନଗର ପରିକ୍ରମା କରିଛନ୍ତି। "ଅଖଣ୍ଡ ମୟୂରଭଞ୍ଜ "ଦାବି ସକାଶେ ଏହି ପଦଯାତ୍ରାରେ ସମସ୍ତ ଅଞ୍ଚଳବାସୀ ତଥା ବିଜେଡି କର୍ମୀ, ସାମାଜସେବୀ, ଗଣମାଧ୍ୟମ ପ୍ରତିନିଧି ମଶାଲ ଧରି ନଗର ପରିକ୍ରମା କରି ସରକାରଙ୍କ ନିକଟରେ ପାଞ୍ଚପୀଢ଼ର ବିକାଶ ସମ୍ପର୍କିତ ଦାବିଗୁଡ଼ିକୁ ଜୋରଦାର ଭାବେ ଉପସ୍ଥାପନ କରିଛନ୍ତି। ସମସ୍ତ ଜନସାଧାରଣ ଏହି ଜନଆନ୍ଦୋଳନରେ ସାମିଲ ହୋଇ ପାଞ୍ଚପୀଢ଼ର ଉନ୍ନତି ପାଇଁ ଏକତାର ସହ ସ୍ୱର ଉଠାଇବାକୁ ଆହ୍ୱାନ କରିଛନ୍ତି।

# ବଢୁଛି ଗୋ-ତସ୍କରୀ ଓ ବାଲିଚାଲାଣ; ବର୍ଷିଲା ବିଜେଡି

ସାରସକଣା,୧୭।୬(ସମିସ): ଦିନକୁ ଦିନ ଗୋ ତସ୍କରୀ ଓ ବାଲି ଚାଲାଣ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି ସାରସକଣା ବିଜେଡି ନେତୃବୃନ୍ଦ। ସାରସକଣା ବିଜୁ ଜନତା ଦଳ ବ୍ଲକ୍ ସଭାପତି ମଣିଶଙ୍କର ବାରିକଙ୍କ ନେତୃତ୍ୱରେ ଏକ ପ୍ରେସ୍‌ମିଟ ଆଜି

**ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡିଙ୍କ ରଣ ହୁଙ୍କାର**

ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି ଓ ରାଜ୍ୟ ସମ୍ପାଦକ ଦିପକ ମଢୁଆଳ ଓ ମିଡ଼ିଆ ସେଲ୍ ସଂଯୋଜକ ସତ୍ୟଜିତ ଦତ୍ତ ଉପସ୍ଥିତ ଥିଲେ। କୁନୁରାମ ସିଂ, ଅଜୟ ମଣ୍ଡଳ, ବିନୟ ଭୋଲା, ମୁକେଶ ବେହେରା, ବାସୁଦେବ ମାହାନ୍ତ, ସୁମନ ମଢୁଆଳ ପ୍ରମୁଖ ଆଗଧାଡ଼ିର କର୍ମୀ ଉପସ୍ଥିତ



ଥିଲେ। ପ୍ରଥମେ ସଭାପତି ମଣିଶଙ୍କର ବାରିକ୍ ଗୋ ତସ୍କରୀ ଓ ଗଞ୍ଜେଇ କାରବାର, ବେଆଇନ ବାଲି ଚୋରା ଚାଲାଣନେଇ ସହ ବହୁତ ଘୋଟଣାକୁ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଝାରପୋଖରିଆ ଅଞ୍ଚଳରେ ଏହା ହେବା ଏକ ନିନ୍ଦନୀୟ ଘଟଣା। ଏହାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେଡି ଦଳ ସବୁବେଳେ ସଜାଗ ରହିଛି। ଏହି ବେଆଇନ ବାଲି କାରବାର କିପରି ରୋକ କରାଯିବ କହିଥିଲେ। ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗୋ ଚାଲାଣକୁ ନେଇ ଯେଉଁ ଚଢ଼ଉ ହୋଇଥିଲା ଓ ଚଢ଼ଉ ପୂର୍ବର ଟଙ୍କା ନେଇ ଫେରାର ହେବା ଘଟଣା ସମ୍ପୂର୍ଣ୍ଣ ସ୍ଥାନୀୟ ପୁଲିସ ପ୍ରଶାସନର ହାତ ଥିବା କହିଥିଲେ। ଡାହାଣୀ ହେଇ ଲାଗିବା ପୁଣି ଗୁଣିଆ ହେଇ ଝାଡ଼ିବା କଥା କହିଥିଲେ। ଗୋ ରକ୍ଷକ ନାମରେ ଗୋ ଭକ୍ଷକ ସମ୍ବନ୍ଧିତ କରିଥିଲେ। ଏ ଭଳି ନିନ୍ଦନୀୟ ଘଟଣା ପାଇଁ ସମ୍ପୂର୍ଣ୍ଣ ପୁଲିସ ପ୍ରଶାସନ ଦାୟୀ ବୋଲି କହିଥିଲେ। ଗୋ ରକ୍ଷକ ନାମରେ ଗୋ ତସ୍କରୀ କରୁଥିବା ଏ ସରକାର କୋବଳ ଲୋକ ଦେଖାଣିଆ ଚଢ଼ଉ କରି ଲୋକଙ୍କୁ ଭ୍ରମିତ କରୁଛି। ଅଞ୍ଚଳ ବେଆଇନ ବାଲି ଚୋରା ଚାଲାଣକୁ ନେଇ ମଧ୍ୟ ପ୍ରଶାସନକୁ ଦାୟୀ କରିଛନ୍ତି। ସୁବର୍ଣ୍ଣରେଖା ନଦୀର ବାଲିକୁ ସୁନା ରୁପା ଭାବେ ବାହାର ରାଜ୍ୟରୁ ଦିନରାତି ଚୋରି ହେଉଛି। ପ୍ରଶାସନ ସବୁ ଜାଣି ଚୁପ୍ ହେଇ ରହିବା ନିନ୍ଦନୀୟ ଘଟଣା। ସାରସକଣା ଶାନ୍ତିପୂର୍ଣ୍ଣ ଅଞ୍ଚଳକୁ ଅଶାନ୍ତ ପାଇଁ ପ୍ରୟାସ କରୁଥିବା ପ୍ରଶାସନ ଯଦି ଏହି ସବୁ ଘଟଣା ରୁ ନିବୃତ ନ ରୁହେ ଆଗାମୀ ଦିନରେ ଜୋରଦାର ଲେଢେଇ ହେବ ବୋଲି ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଆହୁରି ମଧ୍ୟ ତୋର ବର୍ଷର ବାଳିକାକୁ ଗଣଧର୍ଷଣ ମାମଲାର ତଦନ୍ତ ଜାରି ରହୁ ବୋଲି ମତବ୍ୟ ବ୍ୟକ୍ତ କରିଥିଲେ। ପରିଶେଷରେ ସମସ୍ତ ସାମ୍ବାଦିକ ଭାଇ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଅନ୍ୟାୟର ପ୍ରତିବାଦ ପାଇଁ ସାହାଯ୍ୟ ଲୋଡ଼ି ଥିଲେ।

# ଝୁମର୍ ସହିଦ ବାବୁରାମ ମହାନ୍ତଙ୍କ ସ୍ମୃତିଚାରଣ ସଭା

ବଡ଼ସାହି/ମାଣତ୍ରୀ,୧୭।୬(ସମିସ): ବଡ଼ସାହି ବ୍ଲକ୍ ଯୋଗୀନୂଆ ଗ୍ରାମ ପଞ୍ଚାୟତରେ ଆଜକୁ ୪୫ ବର୍ଷ ପୂର୍ବେ ବ୍ଲକ୍ ଯୋଗୀନୂଆଗାଁର ବାବୁରାମ ମହାନ୍ତଙ୍କ ଝୁମର ପରିବେଷଣ ସମୟରେ ପରଲୋକ ହୋଇଥିଲା। ସେହି ଦୁଃଖଦ ସ୍ମୃତିକୁସ୍ମରଣ କରିବା ପାଇଁ ତଥା ସମ୍ମାନ ଜଣାଇବା ପାଇଁ ଝୁମର ସଂସ୍କୃତିର ଅମର ସହିଦ ବାବୁ ରାମ ମହାନ୍ତ ସ୍ମୃତି ପରିଷଦ, ଜୟଗୋରାମ ଟିଭି, ଓଡ଼ିଶା ସଂକେତ ଟିଭି ଏବଂ ଶ୍ରଦ୍ଧା ମିଳନ ଖବର କାଗଜ ପକ୍ଷରୁ ଝୁମର ସହିଦ ବାବୁରାମ ମହାନ୍ତଙ୍କର ୪୫ ତମ ବଳିଦାନ ଦିବସ ଗବେଷକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଯୋଗୀନୂଆ ଗ୍ରାମ ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ୱର୍ଗତ ବାବୁରାମ ମହାନ୍ତଙ୍କର ସାଥୀ ଝୁମର କଳାକାର ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବରେ ପ୍ରତାପ ଚନ୍ଦ୍ର ମହନ୍ତ, ମୁଖ୍ୟବକ୍ତା ଭାବରେ ଜୟ ଗୋରାମ ଟିଭିର ନିର୍ଦ୍ଦେଶକ ତଥା "ଶ୍ରଦ୍ଧା ମିଳନ" ଖବର କାଗଜର ସମ୍ପାଦକ କବି ମନୋଜ କୁମାର ମହାନ୍ତ, ସମ୍ମାନିତ



ବକ୍ତା ଭାବରେ ଓଡ଼ିଶା ସଂକେତ ଟିଭିର ନିର୍ଦ୍ଦେଶକ ଗତିକୃଷ୍ଣ ମହାନ୍ତ ଯୋଗଦାନ କରି ଝୁମର ସହିଦ ବାବୁରାମ ମହାନ୍ତ କଳା ସଂସ୍କୃତି ପାଇଁ ମରି ମଧ୍ୟ ଅମର ହୋଇ ଯୁଗ ଯୁଗ ପାଇଁ ଆଗାମୀ ଦିନର କଳାକାର ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଝୁମର କଳାକାର ଭାବରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ପ୍ରତାପ ଚନ୍ଦ୍ର ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତି ଡକ୍ଟର ରମାକାନ୍ତ ମହାନ୍ତ ତାଙ୍କର ବକ୍ତବ୍ୟ ପ୍ରଦାନ କରି କହିଲେ ଯେ ଝୁମର ସହିଦ ବାବୁରାମ ମହାନ୍ତଙ୍କ ପାଇଁ ଯୋଗୀନୂଆ ଗାଁ ଭବିଷ୍ୟତରେ କବି ସାହିତ୍ୟିକ କଳାକାର ଝୁମର ଗବେଷକ ଏବଂ ସଂସ୍କାରକ ମାନଙ୍କର ତୀର୍ଥ କ୍ଷେତ୍ର ହେବ। ୱାର୍ଡ ମେମ୍ବର ରୀନା ରାଣୀ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହତ କାର୍ଯ୍ୟକ୍ରମରେ ଲକ୍ଷ୍ମୀମଣି ମହାନ୍ତ, ବାସନ୍ତୀ ମହାନ୍ତ, ଯତନମଣି ମହାନ୍ତ, ଅନିତା ମହାନ୍ତ, ବେବି ମହାନ୍ତ, ନର୍ମଦା ମହାନ୍ତ, ଶାନ୍ତି ମଣି ମହାନ୍ତ, ଛୋଟା ମହାନ୍ତ, ଲମ୍ବୋଦର ମହାନ୍ତ, ଶମ୍ଭୂ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ମୃଦଙ୍ଗ ବାଦକ ଓସ୍ତାଦ୍ କମଳାକାନ୍ତ ଜେନାଙ୍କ ପରଲୋକ

ବଡସାହି,୧୭।୬(ସମିସ): ବଡ଼ସାହି ବ୍ଲକ୍ ବର୍ତ୍ତନା ଗ୍ରାମର ବିଶିଷ୍ଟ ମୃଦଙ୍ଗ ବାଦକ ତଥା ଓସ୍ତାଦ୍ କମଳାକାନ୍ତ ଜେନା (୮୩) ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତଃ ଜେନା ଜଣେ ବିଶିଷ୍ଟ ମୃଦଙ୍ଗ ବାଦକ ତଥା ଓସ୍ତାଦ୍ ଭାବରେ ବେଶ୍ ଜଣାଶୁଣା ଥିଲେ। ଗ୍ରାମର ବିଭିନ୍ନ ନ୍ୟାୟ ନିଶାପ କରିବାରେ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ପ୍ରାୟ ବର୍ଷେ ଧରି ସେ କିଡନି ଜନିତ ସମସ୍ୟାରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ସମୟରେ ତାଙ୍କର ଦୁଇପୁଅ ଚନ୍ଦନ ଓ ବନ୍ଦନ, ଦୁଇ ପୁତ୍ରବଧୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ସରପଞ୍ଚ ଗୋପୀନାଥ ନାଏକ, ପି ଏସ୍ ମେମ୍ବର ନବୀନ ମହାନ୍ତ, ମଣ୍ଡଳ ଯୁବ ବିଜେପି ସଭାପତି ଗଣେଶ ନାଏକ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ତାଙ୍କ ନିକଟରେ ଥିବା ବିଦ୍ୟା ଲୁପ୍ତ ହୋଇଗଲା ବୋଲି ଗ୍ରାମବାସୀ ଦୁଃଖର ସହିତ ପ୍ରକାଶ କରିଛନ୍ତି। ତାଙ୍କର ପିତା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ଜେନା ମଧ୍ୟ ବିଶିଷ୍ଟ ସଂକୀର୍ତ୍ତନ ଗାୟକ ଓ ଲେଖକ ଥିଲେ। ତାଙ୍କର ମୃତ୍ୟୁ ଏ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି।



**ମୁଖ୍ୟମନ୍ତ୍ରୀ ଓ ଏସ୍‌ପି କେହି ବୁଝିଲେନି ପୀଡ଼ିତାଙ୍କ ଦୁଃଖ**

# ରାଷ୍ଟ୍ରପତିଙ୍କୁ ଗୁହାରି କଲେ ପୀଡ଼ିତା ପରିବାର

ବାରିପଦା/ମୋରଡା,୧୭।୬(ସମିସ): ବିବାଦୀୟ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନ ଅଭିଯୋଗ ଦେବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଥାନାରେ ଧମକ

**ଥାନାରେ ନାବାଳିକାକୁ ଧମକ ପରେ ଚେତାଶୂନ୍ୟ ଘଟଣା**

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପତ୍ର ପ୍ରଦାନ**

ଦେବା ଘଟଣାକୁ ନେଇ ଆଜି ଅପରାହ୍ଣରେ ନାବାଳିକାଙ୍କ ବାପା-ମା' ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ତେବେ ଜିଲ୍ଲାପାଳ ରାଇରଙ୍ଗପୁର ଗସ୍ତରେ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ ଉକ୍ତ



ଅନୁରୋଧ ପତ୍ର ଗ୍ରହଣ କରିଛନ୍ତି। ଆସନ୍ତା ଜୁନ ୧୯ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଥିବାରୁ ତାଙ୍କୁ ଉକ୍ତ ଅନୁରୋଧ ପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗ ମୁତାବକ, ମୋରଡା ଥାନାକୁ ଗତ ମେ ୧୬ ତାରିଖ ନାବାଳିକା ଉପରେ ହୋଇଥିବା ଅତ୍ୟାଚାରକୁ ନେଇ ନାବାଳିକାର ପରିବାର ଅଭିଯୋଗ କରିବା ପାଇଁ ଯାଇଥିବା ବେଳେ ଥାନା ଅଧିକାରୀ ସୁମିତ କୁମାର ସୋରେନ କେଶ ନଦେବାକୁ ଚାପ ପକାଇବା ସହ କେଶ କଲେ ନାବାଳିକାକୁ ୭ବର୍ଷ ଜେଲ ହେବ ବୋଲି ଧମକ ଦେଇଥିଲେ। ଯାହାଫଳରେ ନାବାଳିକା ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ କିଶାନତାଣ୍ଡି ପରେ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇ ଦୀର୍ଘ ଚାରିଘଣ୍ଟା ପରେ ଚେତା ଫେରିଥିଲା। ଉକ୍ତ ଘଟଣା ବାବଦରେ ପରିବାର ବର୍ଗ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଥାନା ଅଧିକାରୀ ଶ୍ରୀ ସୋରେନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଉକ୍ତ ଘଟଣାର ସଠିକ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ ରହିଛି।

**ଶୁଳିଆପଦା ବ୍ଲକ୍ ଠିକାଦାର ସଂଘ ଗଠିତ**

# ବିଶେଶ୍ୱର ସଭାପତି, ପ୍ରକାଶ ସମ୍ପାଦକ



ଶୁଳିଆପଦା,୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠିକାଦାର ସଂଘର ଶୁଳିଆପଦା ବ୍ଲକ୍ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦେଉଳି ଇକୋ ପାର୍କରେ ଆୟୋଜିତ ବୈଠକରେ ନାମ ଘୋଷଣା କରାଯାଇଛି। ବ୍ଲକ୍ ସଭାପତି ଭାବେ ବିଶେଶ୍ୱର ବେହେରା, ସମ୍ପାଦକ ଭାବେ ପ୍ରକାଶ ମହାପାତ୍ର, କୋଷାଧକ୍ଷ ଭାବେ ମୁରଲୀଧର ମହାନ୍ତ, ଉପଦେଷ୍ଟା ଭାବେ ଦୀପକ କୁମାର ପତି, ବିଶ୍ୱରଞ୍ଜନ ମହଲା, ନାରାୟଣ ସି.ଅନ୍ତର୍ଯ୍ୟାମୀ କାନୁନ୍‌ଗୋ ଓ ଦୀପକ ଚୌଧୁରୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ବ୍ଲକ୍‌ର ସମସ୍ତ ୩ କୋଟିର ଠିକା କାମକୁ ୦.୧ ପ୍ରତିଶତ କମରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ହୋଇଛି। ଏହାର ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନି ଦିଆଯାଇଛି।

# ପୋଲ ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ଜଳ ସତ୍ୟାଗ୍ରହ

ଶରତ,୧୭।୬(ସମିସ):

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଟିଗୁଟୁ ମଧୁସାହି ଏବଂ ସରଡିହା ପଞ୍ଚାୟତ

**ବର୍ଷାଦିନେ ହନ୍ତସନ୍ତ ୩୨ ହୋ ଜନଜାତି ପରିବାର**

**ଗ୍ରାମକୁ ପଶିପାରେନି ଆମ୍ବୁଲାନ୍ସ**

ମଧ୍ୟରେ ପ୍ରବାହିତ ହେଉଥିବା 'ଡାମୁକା' ନଦୀ/ନାଳ ଉପରେ ସ୍ଥାୟୀ ନିର୍ମାଣ କରାଯିବା ଦାବିରେ ଆଜି ପ୍ରାୟ ୩ ଘଣ୍ଟା କାଳ ରାମଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣଙ୍କ ଦ୍ୱାରା ଜଳ ସତ୍ୟାଗ୍ରହ କରାଯାଇଛି। ଡାମୁକା ନଦୀ/ନାଳ ଏକ ନାଳ ଯାହା ସୁନେଇ



ଡ୍ୟାମକୁ ଉତ୍ତର-ପଶ୍ଚିମ ଦିଗରୁ ଡ୍ୟାମରେ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଗ୍ରାମବାସୀ କହିଛନ୍ତି - ବର୍ଷା ଋତୁରେ ଏହି ନାଳରେ ପାଣି ବଢ଼ି ଆସେ ଏବଂ ନିର୍ମାଣ ହୋଇ ନ ଥିବାରୁ ଉକ୍ତ ମଧୁସାହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏହି ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ବର୍ଷା ଋତୁରେ ଗ୍ରାମକୁ ଆମ୍ବୁଲାନ୍ସ ଗାଡ଼ି ପଶି ପାରେ ନାହିଁ ଫଳରେ କେହି ଜ୍ୱର ହେଲେ କିମ୍ବା ଡାକ୍ତରଖାନା ପହଞ୍ଚି ପାରେ ନାହିଁ। ଗ୍ରାମବାସୀ ଦେଖି ନାହାଁନ୍ତି ପକ୍କା ରାସ୍ତା। ରୋଗୀଙ୍କ ଆମ୍ବୁଲାନ୍ସ ସାଜେ ଖଟିଆ ବା ସଙ୍ଗୀଭାର। ଗ୍ରାମବାସୀ ସରଡିହା ପଞ୍ଚାୟତର ଚାମ୍ପୁସାହି ସ୍କୁଲ ନିକଟ ଛକ ପର୍ଯ୍ୟନ୍ତ ଗଲେ ଯାଇକି ଆମ୍ବୁଲାନ୍ସ ଗାଡ଼ି ଧରି ପାରନ୍ତି ବୋଲି କହିଛନ୍ତି। ତେଣୁ ତାଙ୍କ ଗ୍ରାମ୍ୟ ରାସ୍ତାର ଦୂରାବସ୍ଥା ଦେଖିବା ପାଇଁ କପ୍ତିପଦା ବ୍ଲକ ବିଡିଓ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ରାସ୍ତା ଏବଂ ସେତୁ ନିର୍ମାଣ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଆଜିର ଜଳ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ରମେଶ ସୟ, ଦୁଲମୁ ଆଲଡା, ଜାମାଦାର ବାଲମୁଚୁ, ମେଞ୍ଚ ବାନାରା, ତୁରୀ ମୁଣ୍ଡା, ଦେହୁରୀ ବାନାରା, ଗୁଲୁ ଲାମାୟେ,କୁନି ବାନାରା, ଶାଙ୍କାରୀ ମୁଣ୍ଡା, ରାଇମଣି ବାନାରା, ରାମାଏ ବାନାରା, ଟୁନୁ ବାନାରା ପ୍ରମୁଖ ଶତାଧିକ ଜନସାଧାରଣ ଏଥିରେ ଅଂଶଗ୍ରହଣ କରିଥିଲେ।

# ମୟୂରଭଞ୍ଜ ଜୁନିଅର ରଗ୍‌ବୀ ଟିମ୍ ଘୋଷଣା

**ରାଜ୍ୟ ପ୍ରତିଯୋଗିତାରେ ଭାଗ ନେବ**

ବାରିପଦା,୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ଫୁଟବଲ୍ ଆସୋସିଏସନ୍ (ଏମ୍‌ଡିଆର୍‌ଏଫ୍‌ଏ) ପକ୍ଷରୁ ବୁଧବାର ଅଧିକାରୀ ଭାବେ ଜୁନିଅର ମୟୂରଭଞ୍ଜ ରଗ୍‌ବୀ ଦଳ (ବାଳକ ଓ ବାଳିକା) ଘୋଷଣା କରାଯାଇଛି। ଏହି ଦଳ ଗୁରୁବାର କଳିଙ୍ଗ ଷ୍ଟାଡିଅମ୍, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଅଲ୍ ଓଡ଼ିଶା ଇଣ୍ଟର ଡିଷ୍ଟ୍ରିକ୍ଟ ଜୁନିଅର ରଗ୍‌ବୀ ୭ଏସ ଚାମ୍ପିଅନସିପ୍ ୨୦୨୬ରେ ଅଂଶଗ୍ରହଣ କରିବ। ଏହି ଅବସରରେ ଏସ୍‌ଏସ୍ ଓ ଏଏ ଅଧ୍ୟକ୍ଷ ସର୍ଦ୍ଦାର ହେମ୍ବ୍ରମ ଏବଂ ସଚିବ ସୁକେନ୍ଦୁ ଦାସ ଉପସ୍ଥିତ ଥିଲେ। ସେହିପରି ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ଫୁଟବଲ୍ ଆସୋସିଏସନର ମ୍ୟାନେଜିଂ ଡାଇରେକ୍ଟର ବାବା ଧଳରାମ ହାଁସଦାହ ଉପସ୍ଥିତ ରହି ବାଳକ ଓ ବାଳିକା ବର୍ଗର ଜୁନିଅର ମୟୂରଭଞ୍ଜ ରଗ୍‌ବୀ ଦଳର ଖେଳାଳି ତାଲିକା ଅଧିକାରିକ ଭାବେ ଘୋଷଣା କରିଥିଲେ। ବାଳକ ଦଳରେ ଅଧିନାୟକ ଭାବେ ଦିନସାନ୍ ହାଁସଦାଃ ଏବଂ ଉପ ଅଧିନାୟକ ଭାବେ ସୁବାସ୍ ହାଁସଦାଃ ଥିବା ବେଳେ ମଣ୍ଟୁ ଟୁଡୁ, ଗାଜୋ ସୋରେନ୍, ହରିଶ ଚନ୍ଦ୍ର କାଣ୍ଡାଙ୍ଗକେଲ୍, କୃଷ୍ଣ ଚନ୍ଦ୍ର କାଣ୍ଡାଙ୍ଗକେଲ୍,



ଭୀମା ହାଁସଦାଃ, ଲୁଦିରାମ ହେମ୍ବ୍ରମ, ଅବିନ୍ ପୁର୍ତି, ରହିଦାସ୍ ସିଂହ, ଜାଦୁ ଗୋଡ଼ସୋରା ଏବଂ କାଶୀନାଥ ଟୁଡୁ ସାମିଲ ଅଛନ୍ତି। କୋଚ୍ ଭାବେ ସୁବ୍ରତ ଭୌମିକ ଏବଂ ମ୍ୟାନେଜର ଭାବେ କାର୍ତ୍ତିକ କୁମାର ସିଂହ ଦାୟିତ୍ୱ ନିର୍ବାହ କରିବେ। ସେହିପରି ବାଳିକା ଦଳର ଅଧିନାୟିକା ଭାବେ ସନ୍ଧ୍ୟାମଣି ସିଂହ ଏବଂ ଉପ ଅଧିନାୟିକା ଭାବେ ସୋନାଲି ମାରଣ୍ଡିଙ୍କ ସହିତ ଜୋବା ମାରଣ୍ଡି, ଜାସ୍ମି ମୁର୍ମୁ, ବାଲେ କିସ୍କୁ, ସୁଭଦ୍ରା ସୋରେନ୍, ଜେମା ଡିଗି ଏବଂ ଜୟନ୍ତୀ ବାସ୍କେ ସାମିଲ ଅଛନ୍ତି। କୋଚ୍ ଭାବେ ଜିତେନ୍ଦ୍ର ସିଂହ ଏବଂ ମ୍ୟାନେଜର ଭାବେ ପାମା ମୁର୍ମୁ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ଏମ୍‌ଡିଆର୍‌ଏଫ୍‌ଏର ଆମ୍ବାସାଡର ସାନନ୍ଦ ମାରଣ୍ଡି, ଅଧ୍ୟକ୍ଷ ସୁନାରାମ କିସ୍କୁ ଏବଂ ସଚିବ ଜେ ସୁଶିଲ୍ ହେମ୍ବ୍ରମ ସମସ୍ତ ଖେଳାଳି, କୋଚ୍ ଏବଂ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଚାମ୍ପିଅନସିପ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ରଗ୍‌ବୀ ପାଇଁ ଏହି ଚୟନ ଏକ ଗର୍ବର ବିଷୟ ହୋଇଥିବାବେଳେ ଏହା ଜିଲ୍ଲାର ଯୁବ ଖେଳାଳିମାନଙ୍କ ଦକ୍ଷତା, ପରିଶ୍ରମ ଓ ରଗ୍‌ବୀ ପ୍ରତି ଥିବା ଉତ୍ସାହର ପ୍ରତିଫଳନ ବୋଲି କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

**ସମ୍ବଲପୁର ସହରରେ ଶୀତଳଷଷ୍ଠୀ ସୀମିତ ଉଦ୍ୟମ ଅଭିଯୋଗ**

# ସରାଗ ଭାଙ୍ଗିଲା ଛୁଟି ତାଲିକା

ସମ୍ବଲପୁର, ୧୭।୬ (ସମିସ): ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ବିଶ୍ୱ ପ୍ରସିଦ୍ଧ। ଦେବ ଦେବ ମହାଦେବ ଏବଂ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ତଥା ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ରାଜ୍ୟ, ଦେଶ ତଥା ବିଦେଶରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ସମ୍ବଲପୁର ଜିଲ୍ଲାର ଘରେ ଘରେ ଉତ୍ସବର ମାହୋଲ ହୋଇଥାଏ। ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ଶୀତଳଷଷ୍ଠୀ ଦେଖିବା ପାଇଁ ଲୋକେ ପରିବାର ସହ ଧାଇଁ ଆସିଥାନ୍ତି। ଶୀତଳଷଷ୍ଠୀ ଶୋଭାଯାତ୍ରା ରାତିତମାମ ଦେଖିବାପରେ ଦିନବେଳା ଦେଖି ସନ୍ଧ୍ୟାକୁ ଗାଁକୁ ଫେରି ଯାଇଥାନ୍ତି। ପ୍ରତିବର୍ଷ ଶିବ ବିବାହଠାରୁ ଆରମ୍ଭ କରି ନଗର ପରିକ୍ରମା ଓ ମନ୍ଦିର ପ୍ରବେଶ ଶେଷ ହେବା ପର୍ଯ୍ୟନ୍ତ ଛୁଟି ହେଉଥିବାବେଳେ ଚଳିତବର୍ଷ କେବଳ ୨୦ ତାରିଖ ନଗର ପରିକ୍ରମା ଓ ମନ୍ଦିର ପ୍ରବେଶ ଦିନଟିକୁ ତାହା ମଧ୍ୟ 'ସମ୍ବଲପୁର'ରେ ଛୁଟି କରାଯାଇଛି। କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଛୁଟି ନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତବର୍ଷ ଆସନ୍ତା ୧୮ ତାରିଖ ବିଳମ୍ବିତ ରାତି ବ୍ରାହ୍ମମୁହୂର୍ତ୍ତ ଶୁଭଲଗ୍ନରେ ଦେବ ଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ବିବାହ ହେଉଥିବାବେଳେ ୧୯ ତାରିଖ ରାତିରେ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରି ୨୦ ତାରିଖ ଦିନତମାମ ଚାଲିବାପରେ ଅପରାହ୍ଣରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବେ। ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ। ଏହି ଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବେ। ଏପରିସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ୧୮ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବ ବୋଲି ଘୋଷଣାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଣି ଏହାପରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର ଶୀତଳଷଷ୍ଠୀ ସକାଶେ ୨୦ ତାରିଖକୁ କେବ ଳ ସମ୍ବଲପୁର ସଦର ଉପଖଣ୍ଡରେ ଛୁଟି ଘୋଷଣା କରିଛନ୍ତି। କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଛୁଟି କରାଯାଇନାହିଁ। ଗୋଟିଏ ଜିଲ୍ଲାର ସମଗ୍ର ଅଞ୍ଚଳକୁ ଛୁଟି ଘୋଷଣା ନ କରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୀତଳଷଷ୍ଠୀ କେବଳ ସମ୍ବଲପୁରର ଏବଂ ସମ୍ବଲପୁର ଜିଲ୍ଲାର ବି ନୁହେଁ କି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ବିଦ୍ୟାଳୟ ଖୋଲା ଏବଂ ଆର୍‌ଡିସିଙ୍କ ନୋଟିସକୁ ନେଇ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିରୋଧ କରିବାକୁ ସଜବାଜ ହେଉଛନ୍ତି।

ସମାଜସେବୀ ପ୍ରଫୁଲ୍ଲ ହୋତା କହିଛନ୍ତି, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡର ବିଭିନ୍ନ ବ୍ଲକ୍‌ରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମହଦେବଙ୍କ ଯୁଗଳ ଦର୍ଶନ କରିବାକୁ ଆସିଥାନ୍ତି। ଦେବଦମ୍ପତିଙ୍କୁ ଗଣ୍ଠୁଆଳ ବେଶରେ ଦେଖିବାକୁ ବର୍ଷକୁ ଥରେମାତ୍ର ସୁଯୋଗ ମିଳିଥାଏ। ଜିଲ୍ଲାବାସୀ ହୋଇ ଶୀତଳଷଷ୍ଠୀରେ ସାମିଲ ହୋଇ ନ ପାରିବା ଦୁଃଖର ବିଷୟ। ସେଥିରୁ ଆମେ ବଞ୍ଚିତ କରିବା ଅନୁଚିତ। ତେଣୁ, ସରକାର ଓ ଜିଲ୍ଲା ପ୍ରଶାସନ ସମଗ୍ର ସମ୍ବଲପୁର ଜିଲ୍ଲାରେ ୨୦ ତାରିଖକୁ ଛୁଟି ଘୋଷଣା କରିବା ଉଚିତ। ସାମାଜିକ କର୍ମୀ ସରୋଜ କହିଛନ୍ତି, ରାଜ୍ୟ ସରକାରଙ୍କ ସଞ୍ଜ୍ଞା ଅନୁସାରେ ଶୀତଳଷଷ୍ଠୀ ସମ୍ବଲପୁର ଭିତରେ ସୀମିତ ଏକ ସ୍ଥାନୀୟ ପର୍ବ। ତେବେ, ଲୌକିକ ଦେବବିବାହ ଶୀତଳଷଷ୍ଠୀ ବର୍ତ୍ତମାନ ସୀମା ସରହଦ ଡେଇଁ ବିଶ୍ୱ ଦରବାରରେ ପହଞ୍ଚିଲାଣି। ଏଣୁ ସରକାର ନିଜ ଦୃଷ୍ଟିଭଙ୍ଗୀ ଓ ବିଚାର ବଦଳାଇ ଶୀତଳଷଷ୍ଠୀକୁ ଏକ ରାଜ୍ୟସ୍ତରୀୟ ଗଣପର୍ବ ରୂପେ ମାନ୍ୟତା ଦେଇ ଛୁଟି ଘୋଷଣା କରିବା ଉଚିତ।

## ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ଛୁଟି ତାଲିକା

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଏହି ଡିଭିଜନ ଅଧୀନ ବିଭିନ୍ନ ଜିଲ୍ଲାରେ ୨୦୨୬ ବର୍ଷରେ ସ୍ଥାନୀୟ ଛୁଟି (ଲୋକାଲ୍ ହଲିଡେ) ପତ୍ରସଂଖ୍ୟା ୧ ତା.୧.୧.୨୦୨୬ ଜରିଆରେ ଘୋଷଣା କରିଛନ୍ତି। ତଦନୁଯାୟୀ, ଅନୁଗୋଳ ଜିଲ୍ଲାରେ ୨୩-୧୧-୨୦୨୬ (ବଡ଼ ଓଷା) ରେ ସମସ୍ତ ଉପଖଣ୍ଡରେ ଛୁଟି ଥିବାବେଳେ ବଲାଙ୍ଗୀର ଜିଲ୍ଲାରେ ୧୬-୨-୨୦୨୬ (ମହା ଶିବରାତ୍ରି) ରେ ସମସ୍ତ ଉପଖଣ୍ଡରେ ଛୁଟି, ବରଗଡ଼ ଜିଲ୍ଲାରେ ୫-୧-୨୦୨୬ (ପୌଷ ପୂର୍ଣ୍ଣିମା) ରେ ବରଗଡ଼ ଉପଖଣ୍ଡ ଏବଂ ୩୦-୪-୨୦୨୬ (ନୃସିଂହ ଚତୁର୍ଦ୍ଦଶୀ) ରେ ପଦମପୁର ଉପଖଣ୍ଡରେ ଛୁଟି, ବୌଦ୍ଧ ଜିଲ୍ଲାରେ ୨୩-୧୧-୨୦୨୬ (କାର୍ତ୍ତିକ ଶେଷ ସୋମବାର) ରେ ସମସ୍ତ ଉପଖଣ୍ଡରେ ଛୁଟି, ଦେବଗଡ଼ ଜିଲ୍ଲାରେ ୨୩-୧୧-୨୦୨୬ (ବଡ଼ ଓଷା) ରେ ସମସ୍ତ ଉପଖଣ୍ଡରେ ଛୁଟି, ଢେଙ୍କାନାଳ ଜିଲ୍ଲାରେ ୨୩-୧୧-୨୦୨୬ (ବଡ଼ ଓଷା) ରେ ସମସ୍ତ ଉପଖଣ୍ଡରେ ଛୁଟି, ଝାରସୁଗୁଡ଼ା ଜିଲ୍ଲାରେ ୧୬-୨-୨୦୨୬ (ମହା ଶିବରାତ୍ରି ପରଦିନ) ରେ ସମସ୍ତ ଉପଖଣ୍ଡରେ ଛୁଟି, ନୂଆପଡ଼ା ଜିଲ୍ଲାରେ ୧୭-୯-୨୦୨୬ (ନୂଆଁଖାଇ ପରଦିନ) ରେ ସମସ୍ତ ଉପଖଣ୍ଡରେ ଛୁଟି, କେନ୍ଦୁଝର ଜିଲ୍ଲାରେ ୧୬-୬-୨୦୨୬ (ଶେଷ ରଜ) ରେ ସମସ୍ତ ଉପଖଣ୍ଡରେ ଛୁଟି, ସମ୍ବଲପୁର ଜିଲ୍ଲାରେ ୨୦-୬-୨୦୨୬ (ଶୀତଳଷଷ୍ଠୀ) ରେ ସମ୍ବଲପୁର ସଦର ଉପଖଣ୍ଡ, ୨୧-୧୦-୨୦୨୬ (ବିଜୟା ଦଶମୀ ପରଦିନ) ରେ କୁଚିଣ୍ଡା ଉପଖଣ୍ଡ ଏବଂ ୨୩-୧୧-୨୦୨୬ (ବଡ଼ ଓଷା) ରେ ରେଢ଼ାଖୋଲ ଉପଖଣ୍ଡରେ ଛୁଟି, ସୁବର୍ଣ୍ଣପୁର ଜିଲ୍ଲାରେ ୧୭-୯-୨୦୨୬ (ନୂଆଁଖାଇ ପରଦିନ) ରେ ସମସ୍ତ ଉପଖଣ୍ଡରେ ଛୁଟି, ସୁନ୍ଦରଗଡ଼ ଜିଲ୍ଲାରେ ୨୫-୧୧-୨୦୨୬ (ଛାଡ଼ଖାଇ) ରେ ସୁନ୍ଦରଗଡ଼ ସଦର ଉପଖଣ୍ଡ, ୨୯-୮-୨୦୨୬ (ରାକ୍ଷୀ ପୂର୍ଣ୍ଣିମା ପରଦିନ) ରେ ପାନପୋଷ ଉପଖଣ୍ଡ ଏବଂ ୨୩-୧୧-୨୦୨୬ (ରାହାସ ପୂର୍ଣ୍ଣିମା ପୂର୍ବଦିନ) ରେ ବଣାଇ ଉପଖଣ୍ଡରେ ସ୍ଥାନୀୟ ଛୁଟି ରହିବ ବୋଲି ଘୋଷଣା କରାଯାଇଛି।

## ବଲାଙ୍ଗିରର ୯ ଶୀତଳ ଷଷ୍ଠୀ ଅନୁଷ୍ଠାନକୁ ୩୬ ଲକ୍ଷ ଟଙ୍କା ଅନୁଦାନ

ବଲାଙ୍ଗିର, ୧୭।୬ (ସମିସ): ବଲାଙ୍ଗିର ସହରରେ ଅନୁଷ୍ଠିତ ହେଉଥିବା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ୯ଟି ପୂଜା କମିଟିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶ କ୍ରମେ ସଂସ୍କୃତି ବିଭାଗ ୩୬ ଲକ୍ଷ ଟଙ୍କା ଅନୁଦାନ ଦେଇଛି। ପତ୍ର ସଂଖ୍ୟା ୮୨୦୦ (୧୭.୦୬.୨୦୨୬) ଅନୁଯାୟୀ ଗାନ୍ଧୀନଗରପଡା, ସୁଦପଡା, ରାଧାରଣୀପଡା, ଏବିଏସ୍ଏସ୍ ରୋଡ, ବିବିଏସ୍ଏସ୍, ସାଗରପଡା, ପେଲେସଲାଇନ, କଂସାରିପଡା, ସ୍ୱାଧୀନ ନଗରକୁ ୪ ଲକ୍ଷ ଲେଖାଏଁ ଅନୁଦାନ ରାଶି ଘୋଷଣା କରାଯାଇଛି।










# ମୁମୂର୍ଷୁ ଅବସ୍ଥାରେ ମହିଳା ଉଦ୍ଧାର

ହାଟଡିହୀ,୧୭।୬(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ପଦାଡୋ ଜିରୋ ପଏଣ୍ଟ ନିକଟରୁ ଜଣେ ବିବାହିତା ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ନନ୍ଦିପଦା ପୁଲିସ ଉଦ୍ଧାର କରିଛି। ମହିଳା ଜଣଙ୍କ ଅସୁସ୍ଥତା କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ପ୍ରାୟ ୭ଟା ବେଳେ ମହିଳା ଜଣକ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଡକାଇ ମହିଳାଙ୍କୁ ଡାକ୍ତରଖାନା ପଠାଇଥିଲା। ମହିଳାଙ୍କ ଘର ଆନନ୍ଦପୁର ଥାନାଞ୍ଚଳରେ ବୋଲି ଜଣାପଡ଼ିଛି। ପାରିବାରିକ କଳହରୁ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିବା ଚର୍ଚ୍ଚା ହେଉଛି। ମହିଳା ଜଣକ ଏଠାକୁ ମୁମୂର୍ଷୁ ଅବସ୍ଥାରେ କିପରି ଆସିଲେ ତାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

# ବାଇକ୍ ଦୁର୍ଘଟଣାରେ ୨ ମୃତ, ୩ ଗୁରୁତର



ହାଟଡିହୀ,୧୭।୬(ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଚୋ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ତାଜିପୁର ଗ୍ରାମର କେଶବ ଜେନା (୩୨) ଓ ଶିବକୁମାର ଜେନା (୩୫)। ଗୁରୁତର ୩ ଜଣ ହେଲେ ତାଜିପୁର ଗ୍ରାମର ଲକ୍ଷ୍ମଣ ଜେନା (୩୭) ଓ କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଅକରୁଆ ଗ୍ରାମର ରାଜଗୋବିନ୍ଦ ଜେନା ଓ କୃଷ୍ଣଚନ୍ଦ୍ର ଜେନା। ତାଜିପୁର ଗ୍ରାମର ତିନିଜଣ ଯୁବକ ଏକ ବାଇକ୍‌ରେ ଆଗରପଡ଼ାରୁ ଆନନ୍ଦପୁର ଅଭିମୁଖେ ଯାଉଥିଲେ। ଆନନ୍ଦପୁର ରାସ୍ତାର ବଞ୍ଚୋ ଛକରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର କେଶବ ଓ ଶିବଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଆନନ୍ଦପୁର-ଭଦ୍ରକ ରାସ୍ତାରେ ପ୍ରାୟ ଏକ ଘଣ୍ଟା ଧରି ଗାଡ଼ିମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

■ ଦେଓଗାଁରେ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ

# ଏନ୍‌ଏସ୍‌ଡି ପକ୍ଷରୁ ନାଟକ 'ହେ ବନ୍ଧୁ' ମଞ୍ଚସ୍ଥ



ଆନନ୍ଦପୁର, ୧୭।୬ (ସମିସ): ଘସିପୁରା ବ୍ଲକର ଦେଓଗାଁଠାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀ ଓ ଭାରତୀୟ ତୈଳ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ପିଏମଶ୍ରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଚାଲୁଥିବା ପ୍ରଶିକ୍ଷଣ ପରେ ରାଷ୍ଟ୍ରୀୟ ଶିଶୁନାଟ୍ୟ କର୍ମଶାଳାର ଉଦଯାପନୀ ଦିବସରେ ଦେଓଗାଁ ହାଟ ପଡିଆଠାରେ ନାଟକ ହେ ବନ୍ଧୁ ମଞ୍ଚସ୍ଥ ହୋଇଥିଲା। ସଂଯୋଜକ ଅମ୍ବିକା ଦାଶ ଓ ରେଜିଷ୍ଟ୍ରର ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସନମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ସୋମରେଶ ରାଉତରାୟ, କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପଣ୍ଡା, ପୂର୍ବତନ ସୈନିକ ସଙ୍ଘ ସଭାପତି ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କଳାକାରଙ୍କ ଉଚ୍ଚକୋଟିର ଅଭିନୟକୁ ପ୍ରଶଂସା କରିଥଲେ। ନିର୍ଦ୍ଦେଶକ ଅବିନାଶ ଦେଶ ପାଣ୍ଡେ, ସହ ନିର୍ଦ୍ଦେଶକ ଦେବାନନ୍ଦ ନାୟକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କୁ ନେଇ ନାଟକ ପରିବେଷଣ କରାଯାଇଥିଲା। ନାଟକଟି ଶିଶୁଙ୍କ ସଚେତନତା ଉପରେ ଆଧାରିତ। ପରିବେଶ ସୁରକ୍ଷା ଦିଗରେ ବାର୍ତ୍ତା ଦେବା ସହ ନାଟକଟି ବେଶ୍ ଲୋକପ୍ରିୟ ହୋଇପାରିଛି। ନାଟକଟିରେ ମୋଟ ୪୧ ଜଣ ଛାତ୍ରଛାତ୍ରୀ ଅଭିନୟ କରିଥିବା ବେଳେ ମୁଖ୍ୟ ଭୂମିକାରେ ସୁଶ୍ରୀ ସ୍ମରିକା, ହିମାଂଶୁ ଶେଖର ସାହୁ, ଅର୍ଚ୍ଚିତ ପଣ୍ଡା, ସାଇ ସମ୍ପର୍ଣ୍ଣା ପତି, ଜାଗୃତି ରାଉତ, ସୁଧାଂଶୁ ଶେଖର ସାହୁ ତପନ କୁମାର ସାହୁ, ଜୟସ୍ମିତ ପାଣି ଅମ୍ଳାନ ଆଶୁତୋଷ, ବିଶ୍ୱରୁପା ନାୟକ ଦ୍ରୀଷ୍ଟି ଦିବ୍ୟାଂଶୀ ପୁହାଣ ତୃଷ୍ଣାମୟୀ ବାରିକଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ପାର୍ଶ୍ୱ ଅଭିନୟ ଅନ୍ୟ ଛାତ୍ରଛାତ୍ରୀ ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟକଟି ନୂଆ ଦିଲ୍ଲୀରେ ପରିବେଷଣ କରାଯିବ ବୋଲି ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## କେନାଲ ଜବରଦଖଲ କରି ସବଷ୍ଟେସନ ନିର୍ମାଣ

# ଚାଷ କାର୍ଯ୍ୟ ପ୍ରଭାବିତ

କେନ୍ଦୁଝର, ୧୭।୬(ସମିସ)

ପାଟଣା ବ୍ଲକ ଅନ୍ତର୍ଗତ ଗୋଡିପୋଖରୀ ଇଲେକ୍ଟ୍ରିକାଲ ଗ୍ରୀଡ ନିକଟରେ ଥିବା ଜଳସମ୍ପଦ ବିଭାଗ କେନାଲ ଉପରେ ସବଷ୍ଟେସନ ନିର୍ମାଣ ଯୋଗୁଁ ତଳମୁଣ୍ଡକୁ ଜଳଯୋଗାଣ ବ୍ୟାଘାତ ହୋଉଥିବା ଅଭିଯୋଗ ହୋଇଛି। କେନାଲ ଉପରେ ବିଦ୍ୟୁତ୍ ବିଭାଗ ସବଷ୍ଟେସନ ନିର୍ମାଣ କରିଥିବାରୁ କେନାଲ ମରାମତି ଏବଂ ସଫେଇ ହୋଇ ପାରୁନାହିଁ। ଫଳରେ କେନାଲ ଏକପ୍ରକାର ବନ୍ଦ ହୋଇଯାଇଛି। ଗୋଡିପୋଖରୀ ମାଇନର କେନାଲ ଯମୁନାପଶିଠାରୁ ଆରମ୍ଭ ହୋଇ ଗୋଡିପୋଖରୀ ଦେଇ ବାରଡାଙ୍ଗୁଆ ପର୍ଯ୍ୟନ୍ତ ଯାଇଛି। ଗୋଡିପୋଖରୀଠାରେ ଥିବା ଗ୍ରୀଡ ନିକଟରେ ବିଦ୍ୟୁତ୍ ବିଭାଗ କେନାଲ ଉପରେ ସବଷ୍ଟେସନ କରିଥିବାରୁ କେନାଲରେ ଜଳ ଯୋଗାଣ ହୋଇପାରୁନାହିଁ। କେନାଲ ଜବରଦଖଲ ଯୋଗୁଁ ତଳମୁଣ୍ଡରେ ୩ କିଲୋମିଟର ପର୍ଯ୍ୟନ୍ତ କେନାଲକୁ ଜଳ ଯାଇପାରୁ ନଥିବାରୁ ୧୫୦୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରଭାବିତ ହୋଇଛନ୍ତି। ଏନେଇ କେନ୍ଦୁଝର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଲିପିକା ଡି କାଶ୍ୟପ କହିଛନ୍ତି ଯେ ଟାଟା ପାୱାରକୁ ଏନେଇ ଚିଠି କରି ସବଷ୍ଟେସନ କେନାଲ ଉପରୁ ଉଠାଇବା ପାଇଁ କୁହାଯାଇଛି। ଟାଟା ପାୱାର କେନାଲ ଉପରୁ ସବଷ୍ଟେସନ ଅନ୍ୟତ୍ର ଉଠାଉ ନଥିବାରୁ କେନାଲରେ ଜଳ ପ୍ରବାହ ହୋଇପାରୁନାହିଁ। ଖରିଫ୍ ଫସଲ ଋତୁ ଆରମ୍ଭ ହୋଇଥିବାବେଳେ କେନାଲରେ ପାଣି ଯାଉ ନଥିବାରୁ ଚାଷୀଙ୍କ ସମସ୍ୟା ବଢିଛି। ଏଲ-ନିନୋ ଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ସମୀକ୍ଷା ବୈଠକ କରୁଥିବାବେଳେ କେନାଲ ଅବରୋଧ ହେବା ବିଭାଗର ଚିନ୍ତା ବଢାଇ ଦେଇଛି। ସରକାରଙ୍କ ପକ୍ଷରୁ ବର୍ଷାର ସ୍ଥିତି, ଜଳଭଣ୍ଡାରର ଜଳସ୍ତର, କୃଷି କାର୍ଯ୍ୟକଳାପ ଓ ଜଳସମ୍ପଦର ନିରନ୍ତର ସମୀକ୍ଷା କରାଯାଉଥିବାବେଳେ କେନାଲ ଉପରୁ ସବଷ୍ଟେସନ ଉଠାନଗଲେ ଚାଷ କାର୍ଯ୍ୟ ପ୍ରଭାବିତ ହେବ। ଟାଟା ପାୱାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତବନୀ ଦେଇଛନ୍ତି।



# ରଜଗୀତ ଓ ଶବରୀ ନୃତ୍ୟରେ ଦୁଲୁକିଲା ଗାଁ



■ ବିସର୍ଜିତ ହେଲେ ରଜବତୀ

ଡୁରୁମୁଙ୍ଗା, ୧୭।୬(ସମିସ): ବର୍ଷକ ପାଇଁ ରଜବତୀଙ୍କୁ ବିଦାୟ ଦେଲେ ଯୁବତୀ ଓ ମହିଳା। କେନ୍ଦୁଝର ଜିଲ୍ଲାର ଗଣ ପର୍ବ ରଜ ପାଇଁ ଗତ ୩ ଦିନ ହେବ ପହିଲି ରଜ, ରଜସଂକ୍ରାନ୍ତି, ବସୁମତୀ ସ୍ନାନ ଓ ଭୂମି ଦହନ ପାଇଁ ଉତ୍ସବମୁଖର ଥିଲା। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ରଜ ପର୍ବ ତିନି ଦିନ ଧରି ବେଶ୍ ଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଥିଲା। ସମସ୍ତେ ରଜ ମଉଜରେ ମସଗୁଲ ଥିଲେ। ବୁଧବାର ପାଟଣା ବ୍ଲକ୍ ବଡପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିର ଯୁବତୀ ଓ ମହିଳାମାନେ ମାଟିରେ ରଜବତୀ ମୂର୍ତ୍ତି ତିଆରି ପୂଜା ଅର୍ଚ୍ଚନା କରି ମୁଣ୍ଡରେ ରଜବତୀଙ୍କୁ ବୋହି ସାହି ସାହିରେ ବୁଲି ଭୋଗ ଲଗାଇଥିଲେ। ରଜ ଗୀତ ଓ ଶବରୀ ନୃତ୍ୟରେ ଗାଁ ଦାଣ୍ଡ ଦୁଲୁକିଥିଲା। ରଜବତୀଙ୍କୁ ଡିଜେ ବାଜା ନୃତ୍ୟଗୀତ ମାଧ୍ୟମରେ ସ୍ୱାମ୍ ଶିମୁଳି ନାଳ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ରଜ ଗୀତ ଓ ଶବରୀ ନୃତ୍ୟର କରିବା ପରେ ରଜବତୀଙ୍କୁ ଭୋଗ ଲଗାଇବା ପରେ ରଜବତୀଙ୍କୁ ଆସନ୍ତା ବର୍ଷକୁ ପୁନର୍ବାର ଆଗମନ ପାଇଁ ମନାସିବା ସହ ଶିମୁଳି ନାଳ ଜଳରେ ବିସର୍ଜନ କରିଥଲେ। ଆଉ ରଜ ସରିଯିବାର ବିଷାଦରେ ଘରକୁ ବାହୁଡ଼ିଥିଲେ ଯୁବତୀ ଓ ମହିଳା।

# ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି ବୈଠକ



ବଡ଼ବିଲ, ୧୭।୬(ସମିସ): ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନିମନ୍ତେ ଆଜି ବଡ଼ବିଲ ବିକାଶ ମହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, କାଉନସିଲର ଧର୍ମେନ୍ଦ୍ର ମହାନ୍ତ, ଅଶୋକ ପ୍ରଜାପତି, ନଳିନୀକାନ୍ତ ମହାନ୍ତ, ଅକ୍ଷୟ ସାହୁ, ବିଜୟ ମଜୁମଦାର, ରିଶାନ୍ତ କୁମାର, ମନୀଷ କର୍ମକାର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସମସ୍ତ ୧୫ଟି ୱାର୍ଡର ଜନସାଧାରଣ, ଆସନ୍ତା ୨୧ ତାରିଖ ବିକାଶ ମହଲଠାରେ ସମୂହ ଯୋଗାଭ୍ୟାସରେ ସାମିଲ ହେବାକୁ ନିର୍ବାହୀ ଅଧିକାରୀ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବଡ଼ବିଲର ଏକାଧିକ ମହିଳା ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବି

## ଦୋଷମୁକ୍ତ ନ କରିବା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ସହଯୋଗ କରିବେନି ପାଟଣା ବ୍ଲକ୍‌ର ସରପଞ୍ଚ



ଡୁରୁମୁଙ୍ଗା, ୧୭।୬(ସମିସ): କେନ୍ଦ୍ରାପଡା ଜିଲ୍ଲା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ସପକ୍ଷରେ ବାହାରିଛି ପାଟଣା ବ୍ଲକ ସରପଞ୍ଚ ସଙ୍ଘ। ଯେପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ପ୍ରଦାନ ସହ ସମ୍ପୂର୍ଣ୍ଣ ଦୋଷମୁକ୍ତ ନ କରାଯିବ ସେ ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟରେ ପାଟଣା ବ୍ଲକର ସରପଞ୍ଚ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେବା ସହ ବୁଧବାର ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାଟଣା ବ୍ଲକ ସରପଞ୍ଚ ସଙ୍ଘ ସଭାପତି ତଥା ଡୁମୁରିଆ ପଞ୍ଚାୟତ ସରପଞ୍ଚ ଗୌରହରି ନାଏକ, କୋଷାଧ୍ୟକ୍ଷ ମୁଷାଖୋରି ପଞ୍ଚାୟତ ସରପଞ୍ଚ ଭାମାମଣି ଦାସଙ୍କ ସହ ବଡପାଟଣା ସରପଞ୍ଚ ବିନତି ବାନାରା, ମିରିଗିଖୋଜି ସରପଞ୍ଚ ମନମୋହନ ବେହେରା କଣ୍ଟିଆପଡା ସରପଞ୍ଚ ଲିନା ନାଏକ, ବାଉଁଶୁଳି ସରପଞ୍ଚ ସୁଜାତା ସର୍ଦ୍ଦାର, ଚେମଣା ସରପଞ୍ଚ ହେମଲତା ନାଏକ, ଚାକୁଣ୍ଡାପାଳ ସରପଞ୍ଚ ରକ୍ଷାମଣୀ ନାଏକ ପୋଲାଣଘାଟି ସରପଞ୍ଚ ରାଉତ ମୁଣ୍ଡା, ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକ ପ୍ରମୁଖ ପାଟଣା ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଚାମେଲିଙ୍କ କ୍ଷେତ୍ରରେ ଘଟିଥିବା ଅମାନବିକତାକୁ ବିରୋଧ କରି ନାୟିକ ତଦନ୍ତ ସହ ସିସିଟିଭି ଫୁଟେଜ ଏବଂ ମୋବାଇଲରେ ଥିବା ସମସ୍ତ ଭିଡିଓ ସାର୍ବଜନୀନ କରିବାକୁ ଦାବି କରିଛି ସରପଞ୍ଚ ସଙ୍ଘ। ଯେ ପର୍ଯ୍ୟନ୍ତ ଚାମେଲି ଓଝାଙ୍କୁ ନ୍ୟାୟ ସହ ଦୋଷମୁକ୍ତ କାରାଯାଇନାହିଁ ସେ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ ବୋଲି ସଙ୍ଘ ପକ୍ଷରୁ କୁହ।।ଯାଇଛି।

# ରାସ୍ତା ପାଇଁ ବେଆଇନ ଗଛ କଟା ଘଟଣାରେ ଓଏମ୍‌ସିକୁ ନୋଟିସ

କେନ୍ଦୁଝର, ୧୭।୬(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଉପର ଜାଗର ନିକଟ କଡ଼ାବନ୍ଧ ସାହିରେ ରାସ୍ତା କାମ ପାଇଁ ବେଆଇନ ଗଛ କଟା ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶୁଆକାଟୀସ୍ଥିତ ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପରିଚାଳକ ଏବଂ ଓଏମସି ସିଭିଲ ସିନିୟର ମ୍ୟାନେଜରଙ୍କୁ ବନ ବିଭାଗ ନୋଟିସ କରିଛି। ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ନୟନକାନ୍ତ ସାହୁ ନୋଟିସ କରିବା ପରେ ଗଛକଟା କାମର ନିୟୋଜିତ ଗାଡି ଏବଂ କର୍ମଚାରୀଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଠିକାଦାର ବିନା ଅନୁମତିରେ ଗଛ କାଟିବା ପରେ ଜେସିବିରେ ଗଛଗୁଡ଼ିକୁ ପୋତି ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଓଡିଶା ଖଣି ନିଗମର ସିଏସ୍‌ଆର ଫଣ୍ଡରେ କଡାବନ୍ଧ ସାହିରେ ରାସ୍ତା ନିର୍ମାଣ ହେଉଛି। ରାସ୍ତା କାମ ପାଇଁ ବେଆଇନ ଗଛ କଟାଯାଇଥିଲା। ଏନେଇ ଖବର ପ୍ରକାଶ ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗତ ସୋମବାର ଶୁଆକାଟୀ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ, ଶୁଆକାଟୀ ବିଟ୍ ଫରେଷ୍ଟ ଗାର୍ଡ ତପସ୍ୟା ତାପର୍ଯ୍ୟ ନାୟକଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳ ଯାଞ୍ଚ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା ସହ କଟା ଗଛର ମୂଳ ଗଣନା କରି ରେଞ୍ଜ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ଆଜି ଓଡିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ଏବଂ ଓଏମସି ସିନିୟର ମ୍ୟାନେଜର ସିଭିଲଙ୍କୁ ନୋଟିସ କରିବା ସହ କାମ ବନ୍ଦ କରିବାକୁ କହିଛନ୍ତି। ଅନ୍ୟପକ୍ଷରେ ଓଡିଶା ଖଣି ନିଗମର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ପାଖାପାଖି ୧ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଠିକାଦାର କିଭଳି ବନା ଅନୁମତିର ବହୁ ପୁରାତନ ଗଛ କାଟିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡିଶା ଖଣି ନିଗମର ସିଏସ୍‌ଆର ନୋଡାଲ ଅଫିସର ସଞ୍ଜିବ କୁମାର ସାମଲ କିପରି ଏହାର ତଦାରଖ କଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାମ ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ଚାଲିଥିବାରୁ କାମର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରିବେଶ ସୁରକ୍ଷା ପାଇଁ ଓଡିଶା ଖଣି ନିଗମ ପ୍ରତିବର୍ଷ ସିଏସ୍‌ଆର ଫଣ୍ଡରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପ୍ରକୃତରେ ବିଭାଗ ଏ ଦିଗରେ ଆନ୍ତରିକତା ଅଭାବ ରହୁଛି। ଓଏମ୍‌ସି ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଏ ଦିଗରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



## ଆନନ୍ଦପୁର ପୌରାଞ୍ଚଳରେ ଦୀପ ତଳ ଅନ୍ଧାର

# ଯୋଜନା ବିହୀନ ନିର୍ମାଣ କାର୍ଯ୍ୟ; ବଢୁଛି ଜନଅସନ୍ତୋଷ

ଆନନ୍ଦପୁର, ୧୭।୬ (ସମିସ)

କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ପୁରୁଣା ସହର ଏବଂ ଏହା ଗମନାଗମନ, ବାଣିଜ୍ୟିକ ତଥା ରାଜନୈତିକ କେନ୍ଦ୍ରବିନ୍ଦୁ କୁହାଯାଉଥିଲେ ମଧ୍ୟ ପୌରାଞ୍ଚଳରେ ଯୋଜନାଭିତ୍ତିକ ନିର୍ମାଣ କାର୍ଯ୍ୟ ପରିଲକ୍ଷିତ ହେଉ ନଥିବା ଜଣାପଡ଼ିଛି। ବିଭିନ୍ନ ୱାର୍ଡର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନଥିବାରୁ ଆବର୍ଜନା ଜଳ ନିଷ୍କାସନ

## ଅନେକ ରାସ୍ତାରେ ଡ୍ରେନ ନାହିଁ

ହୋଇ ନପାରି ରାସ୍ତା ଉପରେ ଭାସୁଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ବିଭିନ୍ନ ସାହିବସ୍ତିରେ କୋଠାନିର୍ମାଣ ବେଳେ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଅନୁମତି ନେଉ ନଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡିଛି। ଗୃହନିର୍ମାଣ କରୁଥିବା ବ୍ୟକ୍ତି ନିର୍ମାଣ ମଞ୍ଜୁରୀପତ୍ରର ଆବଶ୍ୟକ କରୁନାହାନ୍ତି ବର୍ଜ୍ୟଜଳ ନିଷ୍କାସନର କୌଣସି ଯୋଜନାବଦ୍ଧ ବ୍ୟବସ୍ଥା ନାହିଁ। ୧୭ଟି ୱାର୍ଡରେ ପେଭର ପକା ଯାଇ ରାସ୍ତା ନିର୍ମାଣ କରାଯାଇଛି। ହେଲେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ପେଭରରାସ୍ତା ଉପରେ ଆବର୍ଜନା ଜଳ ରାସ୍ତା ଉପରେ ଜମି ରହୁଛି ବିବାହ, ବ୍ରତ ଓ ଜନ୍ମଦିନ ଅବସରରେ ଭୋଜି ପରେ ପ୍ରସ୍ତୁତି ସାମଗ୍ରୀ ସବୁ ରାସ୍ତା ଉପରେ ଢାଳି ଦିଆଯାଉଥିବାରୁ ଦୁର୍ଗନ୍ଧ ପରିସ୍ଥିତି ସୃଷ୍ଟି ହେଉଛି। ଆମିଷ ପାଣି ରାସ୍ତାରେ ଜମିବା ସହିତ ଅସହ୍ୟ ଦୁର୍ଗନ୍ଧ ହେଉଛି। କେତକ ମୁକୁଳା ଡ୍ରେନରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ତତ୍ ସହିତ କେତେକ ଲୋକ ପାଇଖାନା ବର୍ଜ୍ୟବସ୍ତୁ ସିଧା ମୁକୁଳା ଡ୍ରେନକୁ ଛାଡ଼ିଦେଉଥିବାରୁ ପରିବେଶ ଦୂଷିତ ହୋଇପଡିଛି। କେତେକ ବ୍ୟକ୍ତି ସରକାରୀ ଜମିକୁ ମାଡ଼ି ଘର କରିଥିବାରୁ ଡ୍ରେନ୍ ନିର୍ମାଣରେ ବାଧା ଉପୁଜିଛି। ଆନନ୍ଦପୁର ସହର ଏକ ପ୍ରମୁଖ ସହର ହୋଇଥିବାରୁ ଏହାର ବିଧିବଦ୍ଧ ଯୋଜନା କରାଯାଇ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗାଇ ଦେବାକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ତଥା ହାଇକୋର୍ଟ ଆଇନ୍‌ଜୀବୀ ଯୁଧିଷ୍ଠିର ମହାରଣା ଦାବି କରିଛନ୍ତି।




# ସ୍ଥାଣୁ ପାଲଟିଛି ଖଣି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ

ଯୋଡ଼ା, ୧୭।୬(ସମିସ): ରାଜ୍ୟ ତଥା ଦେଶର ଅର୍ଥନୀତିକୁ ସୁଦୃଢ଼ କରୁଥିବା ଖଣି ଅଞ୍ଚଳରେ କୋଟି କୋଟି ଟଙ୍କାର ଖଣିଜ ସମ୍ପଦ ଉତ୍ତୋଳନ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିକାଶ ଚିତ୍ର ନିରାଶାଜନକ ରହିଛି। ଖଣି କମ୍ପାନୀଗୁଡ଼ିକ ପାଇଁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, କୌଶଳ ବିକାଶ, ପରିବେଶ ସୁରକ୍ଷା ଓ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଖଣି ପ୍ରଭାବିତ ଅଞ୍ଚଳରେ ଏହା କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଖଣି ଅଞ୍ଚଳର ଗ୍ରାମଗୁଡ଼ିକରେ ପାରିପାର୍ଶ୍ୱିକ ବିକାଶ ଏକପ୍ରକାର ସ୍ଥାଣୁ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ପ୍ରତିଫଳନ ଅଭିଯୋଗକୁ ସ୍ପଷ୍ଟ କରୁଛି। ଆଜି ବି ଭଙ୍ଗା ରାସ୍ତା, ପାନୀୟଜଳ ସମସ୍ୟା, ସ୍ୱାସ୍ଥ୍ୟସେବାର ଅଭାବ, ଧୂଳି ପ୍ରଦୂଷଣ ଓ ବେକାରୀ ସମସ୍ୟା ଲାଗି ରହିଛି। ଖଣି କାର୍ଯ୍ୟ ଯୋଗୁଁ ପରିବେଶ ଓ ଜନଜୀବନ ପ୍ରଭାବିତ ହେଉଥିବା ସତ୍ତ୍ୱେ ପ୍ରଭାବିତ ଲୋକଙ୍କ ପାଇଁ ଦୃଶ୍ୟମାନ ସିଏସଆର ପ୍ରକଳ୍ପ ଦେଖିବାକୁ ମିଳୁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ବିଶେଷଜ୍ଞମାନଙ୍କ ମତରେ, ସିଏସଆର କେବଳ ବୃକ୍ଷରୋପଣ କିମ୍ବା ଅନୁଦାନ ବଣ୍ଟନରେ ସୀମିତ ନ ରହି ସ୍ଥାୟୀ ବିକାଶମୂଳକ ପଦକ୍ଷେପ ହେବା ଆବଶ୍ୟକ। ଖଣି ଅଞ୍ଚଳର ଲୋକମାନଙ୍କ ଜୀବନମାନରେ ପ୍ରକୃତ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ରୋଜଗାର ସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ଖଣିରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ସିଏସଆର କାର୍ଯ୍ୟକଳାପର ଅଭାବ ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଅଞ୍ଚଳରୁ ଖଣିଜ ଯାଉଛି, କିନ୍ତୁ ବିକାଶ ଆସୁନାହିଁ। କମ୍ପାନୀମାନେ ସିଏସଆର ନାଁରେ କେତେ ଖର୍ଚ୍ଚ କରୁଛନ୍ତି ଏବଂ ତାହାର ଲାଭ କିଏ ପାଉଛି, ତାହାର ସାମାଜିକ ଅଡିଟ୍ ହେବା ଆବଶ୍ୟକ ବୋଲି ଦାବି ହେଉଛି।

# କଟକ ସିଟି







## ଆଇଫୋନ୍ ଛିନ୍ତାଇ; ଅଟୋ ଚାଳକ ଗିରଫ




କଟକ, ୧୭।୬(ସମିସ): କଟକ ସହରରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଛିନତାଇ ଘଟଣାର ପର୍ଦ୍ଦାଫାସ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସମ୍ପୃକ୍ତ ଅଭିଯୁକ୍ତ ଅଟୋ ଚାଳକ ମାଲଗୋଦାମ ଥାନା ପାରେଶ୍ୱରସାହି ଅଞ୍ଚଳର ଦେବୁ ଓରଫ ଅସିତ କୁମାର ମିଶ୍ର (୩୬)କୁ ଗିରଫ କରାଯାଇ ଏକ ଅଟୋରିକ୍ସା ଏବଂ ଚୋରି ହୋଇଥିବା ଦାମୀ ଆଇଫୋନ୍‌କୁ ପୁଲିସ ଜବତ କରିଛି। ଗତ ଜୁନ୍ ୩ତାରିଖ ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା ତାଳପଦା ଅଞ୍ଚଳର ବିରୂପାକ୍ଷ ବେହେରା (୨୬) ରହିବା ପାଇଁ ଏକ ଲଜ୍ ଖୋଜିବା ଉଦ୍ଦେଶ୍ୟରେ ମଙ୍ଗଳାବାଗ ଟ୍ରାଫିକ ଛକରୁ ଏକ ଅଟୋରିକ୍ସା ଭଡ଼ା କରିଥିଲେ। ବିଭିନ୍ନ ସ୍ଥାନ ବୁଲିବା ପରେ ସେ କଟକ ରେଳ ଷ୍ଟେସନ ଅଭିମୁଖେ ଯାଉଥିବା ସମୟରେ ଅଟୋ ଭଡ଼ାକୁ ନେଇ ଚାଳକ ଅସିତଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାର ସୁଯୋଗ ନେଇ ଓଏମପି ଛକ ପାଖରେ ଅଟୋ ଚାଳକ ଜଣକ ବିରୂପାକ୍ଷଙ୍କଠାରୁ ତାଙ୍କର 'ଆଇଫୋନ୍ ଏକ୍ସଆର୍' ମୋବାଇଲ୍ ଫୋନ୍‌ଟିକୁ ଜୋରଜବରଦସ୍ତି ଛିନତାଇ କରି ସେଠାରୁ ଫେରାର ହୋଇଯାଇଥଲା। ଅଭିଯୋଗେ ଆଧାରରେ ପୁଲିସ ତଦନ୍ତ କରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରିଛି।

## ଲାଗୁନି ଅଙ୍କୁଶ
# ବେଧଡ଼କ ଚାଲିଛି ଯାନବାହନର ମୌଳିକ ଢାଞ୍ଚା ପରିବର୍ତ୍ତନ

କଟକ, ୧୭।୬(ସମିସ)



ଆଇନ ଅନୁଯାୟୀ କୌଣସି ଯାନକୁ ତାହାର ମୂଳ ଢାଞ୍ଚାରୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ବିଗତ କିଛି ଦିନ ହେବ ବିଭିନ୍ନ ଶୋଭାଯାତ୍ରା ତଥା ଭସାଣିରେ ଅଂଶଗ୍ରହଣ କରୁଥିବା ଡିଜେ ଯାନଗୁଡ଼ିକ ବେଆଇନ ଭାବେ ସେହି ଗାଡିର ମୂଳ ଅନୁମୋଦିତ ଷ୍ଟ୍ରକଚର୍ ବା ଢାଞ୍ଚାରେ ପରିବର୍ତ୍ତନ କରୁଛନ୍ତି। ଯାନର ଉଚ୍ଚତା, ଲମ୍ବ ଏବଂ ପ୍ରସ୍ଥରେ ପରିବର୍ତ୍ତନ କରି ତାହାକୁ ନୂଆ ରୂପ ଦେଉଛନ୍ତି। ସେହିଭଳି ପୁରୁଣା ଦୁଇଚକିଆ ଯାନ ଇଞ୍ଜିନ ସହ ଟ୍ରଲି ଲଗାଇ ଏହାକୁ ମାଲବାହୀ ଯାନର ରୂପ ଦିଆଯାଉଛି। ଏଭଳି ବେଆଇନ କାମ ବିରୋଧରେ ପରିବହନ ବିଭାଗ କିନ୍ତୁ ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଏହା ଉପରେ ଅଙ୍କୁଶ ନିୟମିତ ଭାବେ ଲାଗିପାରୁ ନଥିବା ବେଳେ ନିୟମ ଉଲ୍ଲଙ୍ଘନ କରି ଚାଲିଛି ପୁରୁଣା ଗାଡ଼ିର ମୋଡିଫିକେସନ ବା ରୂପାନ୍ତରଣ। ଏଭଳି କାମ କ୍ଷେତ୍ରରେ ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଦୁର୍ଘଟଣା ଆଶଙ୍କା ବଢ଼ୁଛି।

ପ୍ରଦୂଷଣ ମାତ୍ରା କମାଇବା ଏବଂ ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ସରକାର ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକୁ ସ୍କ୍ରାପ୍ କରିବା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି। ହେଲେ ଏହା ବାଟବଣା ହୋଇ ରହିଛି। ସହରରେ କେତେକ ବ୍ୟବସାୟୀ ପୁରୁଣା ଗାଡ଼ିକୁ ବେଆଇନ ଭାବେ ରୂପାନ୍ତରିତ କରି ନିଜ ବ୍ୟବସାୟରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି କେତେକ ବ୍ୟବସାୟୀ ମୋଟର ଯାନ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ଏହି ଗାଡ଼ିଗୁଡ଼ିକ ପଛରେ ଟ୍ରଲି ସଂଯୋଗ କରୁଛନ୍ତି ଏବଂ ଏହାକୁ ନିଜ ବ୍ୟବସାୟିକ ସାମଗ୍ରୀ ପରିବହନରେ ବ୍ୟବହାର କରୁଛନ୍ତି। ଜଗତପୁର, ଛତ୍ରବଜାର, ମାଲଗୋଦାମ ଓ ଖପୁରିଆ ଆଦି ଅଞ୍ଚଳରେ ଏଭଳି ରୂପାନ୍ତରିତ ବେଆଇନ ଗାଡ଼ିଗୁଡ଼ିକ ନିୟମିତ ଭାବେ ଚଳାଚଳ କରୁଥିବା ଦେଖାଯାଉଛି। ଏହି ଗାଡ଼ି ଚାଳକମାନେ ନା ହେଲମେଟ୍ ପିନ୍ଧୁଛନ୍ତି, ନା ସେମାନଙ୍କ ପାଖରେ କୌଣସି ବୈଧ ଡ୍ରାଇଭିଂ ଲାଇସେନ୍ସ ରହୁଛି। ସେମାନେ ଅତି ବ୍ୟସ୍ତବହୁଳ ବଜାର ମଧ୍ୟରେ ଏହି ବିପଜ୍ଜନକ ଗାଡ଼ିଗୁଡ଼ିକୁ ଦ୍ରୁତ ଗତିରେ ଚଳାଉଛନ୍ତି। ଯଦି ପୁଲିସ ସ୍କ୍ରାପ୍ ଗୋଦାମଗୁଡ଼ିକରେ ଚଢ଼ଉ କରେ, ତେବେ ଅନେକ ଚୋରି ବାଇକ୍ ଜବତ ହୋଇପାରିବ। ପୁରୁଣା ଗାଡ଼ି କିଣିବା ନାଁରେ ସେମାନେ ଚୋରା ବାଇକ୍ କାରବାର କରି ସହଜରେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି। ଡିଜେ ନାମରେ ବେଆଇନ ଭାବେ ଚାରିଚକିଆ ଯାନଗୁଡିକର ମୌଳିକ ଢାଞ୍ଚା ପରିବର୍ତ୍ତନ ହେଉଥିବାରୁ କିଛି ମାସ ପୂର୍ବରୁ ସ୍ୱତନ୍ତ୍ର ସର୍କୁଲାର ଜାରି କରିଥିଲା ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ)। ବେଆଇନ ଭାବେ ଗାଡିର ମୂଳ ଢାଞ୍ଚା ବଦଳାଇଲେ ସେହି ଗାଡିଗୁଡିକର ପଞ୍ଜୀକରଣ ପ୍ରମାଣପତ୍ର ଓ ଫିଟନେସ ରଦ୍ଦ କରାଯିବ ବୋଲି ସର୍କୁଲାରରେ କୁହାଯାଇଥିଲା। ମୋଟର ଯାନ ଆଇନର ଧାରା ୫୨ ଅନୁଯାୟୀ, ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀ ବାହାରେ କୌଣସି ପ୍ରକାରର ବେଆଇନ ପରିବର୍ତ୍ତନ କିମ୍ବା ମୋଡିଫିକେସନ କରିବା ଏକ ଦଣ୍ଡନୀୟ ଅପରାଧ। ତଥାପି ଏହା ବିରୋଧରେ କିଛି ପଦକ୍ଷେପ ଗ୍ରହଣ କରାଯାଇପାରୁନି। ବିଭାଗୀୟ ଅଧିକାରୀ କହିଛନ୍ତି ଯେ ସହରରେ ଚଳାଚଳ କରୁଥିବା ଏହିଭଳି ଯାନଗୁଡ଼ିକ ବିରୋଧରେ ଖୁବ୍‌ଶୀଘ୍ର ଏନଫୋର୍ସମେଣ୍ଟ ଜୋରଦାର କରାଯିବ।

### ଦୁଇଚକିଆ ଇଞ୍ଜିନ ଟ୍ରଲିରେ ସାମଗ୍ରୀ ପରିବହନ; ଚାରିଚକିଆ ଯାନରେ ଡିଜେ ଭ୍ୟାନ୍

## ନନ୍ଦନକାନନ ମୁଖ୍ୟ ଗେଟ୍ ସମ୍ମୁଖ ଗାଡ଼ିରେ ନିଆଁ

ବାରଙ୍ଗ, ୧୭।୬(ସମିସ): ବୁଧବାର ମଧ୍ୟାହ୍ନ ସମୟରେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମୁଖ୍ୟ ଗେଟ୍ ସାମ୍ନା ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଏକ କଳା ରଙ୍ଗର ବାଇକ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଲୋକଙ୍କ କହିବା ମୁତାବକ, ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କ ସହିତ ଗାଡ଼ିଟି ଗେଟ୍ ସମ୍ମୁଖ ରାସ୍ତାକଡ଼ରେ ଛିଡ଼ା କରି ପାଖ ଦୋକାନକୁ ଯାଇଥିଲେ। ବାଇକ୍‌ର ଇଞ୍ଜିନରୁ ପ୍ରଥମେ ଧୂଆଁ ବାହାରିଥିଲା। କିଛି ସେକେଣ୍ଡ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ସେହି ସମୟରେ ଗେଟ୍ ନିକଟରେ ଶହ ଶହ ପର୍ଯ୍ୟଟକଙ୍କ ଭିଡ ଥିଲା। ଲୋକେ ଦୌଡ଼ି ପଳାଇଥିବା ବେଳେ ଗାଡ଼ି ଚାଳକ ଦୋକାନରୁ ଏକ ପାଣି ବୋତଲ ଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ବଢ଼ିବାରେ ଲାଗିଥିଲା। ପରେ ନିକଟସ୍ଥ ଦୋକାନୀମାନେ ପାଣି ମାରି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ବାଇକ୍ ପ୍ରାୟ ପୋଡ଼ି ଯାଇଥିଲେ ମଧ୍ୟ କାହାର କୌଣସି ହାନି ହୋଇ ନଥିବା ଜଣାପଡ଼ିଛି।

## ସହମତିରେ ମାମଲାର ସମାଧାନ ନେଇ ସଚେତନତା

କଟକ, ୧୭।୬(ସମିସ): ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମାମଲାଗୁଡିକର ସହଜ ଓ ସରଳ ସମାଧାନ ନିମନ୍ତେ ଆରମ୍ଭ ହୋଇଛି ସମାଧାନ ସମାରୋହ-୨୦୨୬। ଦ୍ୱାର ଦେଶରେ ନ୍ୟାୟ ଓ ବିବାଦ ଲିପ୍ତ ପକ୍ଷଙ୍କର ସହମତିରେ ମାମଲାର ପରିସମାପ୍ତି ନିମନ୍ତେ ଏହି ବିକଳ୍ପ ବିବାଦ ସମାଧାନ ପଦ୍ଧତି ଭାବରେ ଗ୍ରହଣ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ସମୁଦାୟ ୧୭୧୯ଟି ମାମଲା ସହମତି ଭିତ୍ତିରେ ସମାଧାନ ପାଇଁ ଚିହ୍ନଟ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ହାଇକୋର୍ଟ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସହଯୋଗରେ 'ସମାଧାନ ସମରୋହ ସଚେତନତା ଶିବିର' ଓଡ଼ିଶା ନ୍ୟାୟିକ ଏକାଡେମୀଠାରେ ଆୟୋଜିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ହରିଶ ଟଣ୍ଡନ, ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଅନ୍ୟ ବିଚାରପତିବୃନ୍ଦ ବୈବାହିକ ବିବାଦ, ଦୁର୍ଘଟଣା ଦାବି ମାମଲା, ଚେକ୍ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ବିବାଦ, ଫୌଜଦାରୀ ରଫାଦଫାଯୋଗ୍ୟ ମାମଲା, ଶ୍ରମ ଆଇନ ବିବାଦଗୁଡିକର ପାରସ୍ପରିକ ସହମତି ମାଧ୍ୟମରେ ସମାଧାନ ପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହି ମାମଲାର ସମାଧାନ ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ସ୍ୱତନ୍ତ୍ର ଅଦାଲତ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।



## ରଖେ ହରି ମାରେ କିଏ
## ମହାନଦୀ ସେତୁ ତଳୁ ଚଳନ୍ତା ଟ୍ରେନରୁ ଖସିପଡ଼ିଥିବା ଯୁବକ ଉଦ୍ଧାର

କଟକ, ୧୭।୬(ସମିସ): କଥାରେ ଅଛି ରଖେ ହରି ତ ମାରେ କିଏ ? ଏକ ଚଳନ୍ତା ଟ୍ରେନରୁ ରେଳ ସେତୁ ତଳକୁ ଖସି ପଡ଼ିଥିବା ଜଣେ ଯୁବକଙ୍କ ଜୀବନ ବଞ୍ଚିଯାଇଛି। ମହାନଦୀ ରେଳ ସେତୁ ତଳୁ ଜଣେ ଆହତ ଯୁବକଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମାଲଗୋଦାମ ଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀର ମିଳିତ ସହଯୋଗରେ ଯୁବକଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଉକ୍ତ ରେଳ ସେତୁ ତଳେ ଜଣେ ବ୍ୟକ୍ତି କ୍ଷତବିକ୍ଷତ ଅବସ୍ଥାରେ ପଡ଼ି ରହିଥିବା ନେଇ ସ୍ଥାନୀୟ ଲୋକେ ମାଲଗୋଦାମ ଥାନା ପୁଲିସକୁ ଖବର ଦେଇଥିଲେ। ପ୍ରାଥମିକ ପଚରାଉଚରା ବେଳେ ସେ ଚଳନ୍ତା ଟ୍ରେନରୁ ହଠାତ ଗୋଡ଼ ଖସି ତଳକୁ ପଡ଼ିଯାଇଥିବା ପ୍ରକାଶ କରିଛନ୍ତି। ଆହତ ଯୁବକ ଜଣକ ଯାଜପୁର ଜିଲ୍ଲା ବରି ଅଞ୍ଚଳର ଶ୍ରୀକାନ୍ତ ପାଢ଼ୀ ବୋଲି ପରିଚୟ ମିଳିଛି। ଦୁର୍ଘଟଣା ଯୋଗୁଁ ଶ୍ରୀକାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଡାକ୍ତରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଦୁର୍ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ଯାଜପୁରରେ ରହୁଥିବା ତାଙ୍କ ପରିବାର ସଦସ୍ୟଙ୍କୁ ଅବଗତ କରାଯାଇଛି। ମାଲଗୋଦାମ ଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀର ଏଭଳି ତ୍ୱରିତ ତଥା ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଯୁବକଙ୍କ ଜୀବନ ରକ୍ଷା ହୋଇପାରିଥିବାରୁ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି।




## କ୍ରିମିନାଲ କୋର୍ଟ୍‌ସ ବାର୍ ଆସୋସିଏସନ୍‌ର ଶୀତତାପ ନିୟନ୍ତ୍ରିତ ହଲ୍ ଉଦ୍‌ଘାଟିତ



କଟକ, ୧୭।୬(ସମିସ): କଟକ କ୍ରିମିନାଲ କୋର୍ଟସ ବାର ଆସୋସିଏସନ ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପ୍ରଦତ୍ତ ଏୟାର କଣ୍ଡିସନଗୁଡିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ଶ୍ରୀ ପ୍ରଧାନଙ୍କ ସମେତ ଆଇନଜୀବୀ ପ୍ରତିଷ୍ଠା ଚିନ୍ମରା ଲାଇବ୍ରେରୀ ଓ ମହିଳା କମନ ରୁମରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ହଲଗୁଡିକୁ ଉଦଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ପରୀକ୍ଷିତ ପଣ୍ଡା, ଜଗବନ୍ଧୁ ରାଉତ, କୈଳାଶଚନ୍ଦ୍ର ବରାଳ, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ସାହୁ, ଶରତ କୁମାର ପ୍ରଧାନ, ଧ୍ରୁବଚନ୍ଦ୍ର ରାଉତ, ପ୍ରଭାତ କୁମାର ପ୍ରହାରାଜ ଓ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରିମିନାଲ କୋର୍ଟସ ବାର ଆସୋସିଏସନର ସଭାପତି ଆଇନଜୀବୀ ବାଦଲଚନ୍ଦ୍ର ରାୟ, ଉପସଭାପତି ତାପସ କୁମାର ନାୟକ, ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀପ୍ରିୟା ସାହୁ, ପାଠାଗାର ସମ୍ପାଦକ ସନ୍ଧ୍ୟାରାଣୀ ଦାସ, କୋଷାଧକ୍ଷ ସୌମେନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିଲେ।

## ନନ୍ଦନକାନନରେ ବିଶ୍ୱ କୁମ୍ଭୀର ଦିବସ
# ସଚେତନତା ସହ ସଂରକ୍ଷଣର ବାର୍ତ୍ତା

ବାରଙ୍ଗ/ନନ୍ଦନକାନନ, ୧୭।୬(ସମିସ): ବିଶ୍ୱ କୁମ୍ଭୀର ଦିବସ ଅବସରରେ ଆଜି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁମ୍ଭୀରମାନଙ୍କ ସଂରକ୍ଷଣ ଓ ସେମାନଙ୍କ ପ୍ରାକୃତିକ ବାସସ୍ଥାନର ସୁରକ୍ଷା ସାଙ୍ଗକୁ ସେମାନଙ୍କର ପରିଚାଳନା ଜଡ଼ିତ କର୍ମଚାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ନନ୍ଦନକାନନ ପରିସରରେ ବିଶ୍ୱ କୁମ୍ଭୀର ଦିବସ ପାଳନ କରାଯାଇଛି। ନନ୍ଦନକାନନର ଉପନିର୍ଦ୍ଦେଶକ ପ୍ରଦୀପ କୁମାର ମିରାସେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍ୟାନରେ ଥିବା ମଗର, ଘଡ଼ିଆଳ ଓ ବଉଳା କୁମ୍ଭୀର ପରି ୭ ପ୍ରଜାତିର କୁମ୍ଭୀର ବିଷୟରେ ଆଲୋକପାତ କରିଥିଲେ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ କୁମ୍ଭୀର ସଂଗ୍ରହକୁ ବଜାୟ ରଖିଛି। ଯେଉଁଥିରେ ୭ଟି ପ୍ରଜାତିର ମୋଟ ୨୭୨ଟି କୁମ୍ଭୀର ଅଛନ୍ତି। ଏହି ସଂଗ୍ରହରେ ମଗର କୁମ୍ଭୀର ୫୪, ଘଡ଼ିଆଳ ୧୬୯, ଲୁଣିଆ ପାଣି କୁମ୍ଭୀର ୨୫, ମୋରେଲେଟସ୍ କୁମ୍ଭୀର ୨, ସିଆମିଜ୍ କୁମ୍ଭୀର ୧୪, କୁଭିୟରସ୍ ଡ୍ୱାର୍ଫ୍ କାଇମାନ ୫ ଏବଂ ନାଇଲ୍ କୁମ୍ଭୀର ୩ଟି ଅଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ମହାରଣା ମୁଖ୍ୟ ଅତିଥି ଭାବରେ କୁମ୍ଭୀରଙ୍କ ପରିବେଶଗତ ସଂରକ୍ଷଣ ଚ୍ୟାଲେଞ୍ଜ ଏବଂ ଏହି ପ୍ରଜାତିଗୁଡ଼ିକୁ ସୁରକ୍ଷା ଦେବାରେ ପ୍ରାଣୀ ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରାଇଥିଲେ। ଚିଡ଼ିଆଖାନା ଅଧିକାରୀ, ପଶୁପାଳକ, ଚିଡ଼ିଆଖାନା ସ୍ୱେଚ୍ଛାସେବକ, ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଅଂଶସ୍ୱରୂପ, ନନ୍ଦନକାନନରେ ପରିଚାଳିତ କୁମ୍ଭୀର ପ୍ରଜାତି ପାଳନ, କଲ୍ୟାଣ ଏବଂ ସଂରକ୍ଷଣ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ଅବଦାନ ପାଇଁ ସାତ ଜଣ ଚିଡ଼ିଆଖାନା ରକ୍ଷକଙ୍କୁ ସ୍ୱୀକୃତି ଏବଂ ସମ୍ମାନ ପ୍ରଦାନ କରାଯାଇଥିଲା।

୨୦୧୯ରେ ନନ୍ଦନକାନନ ମହାନଦୀରେ ଘଡ଼ିଆଳଙ୍କ ପ୍ରଜାତି ପୁନରୁଦ୍ଧାର ପାଇଁ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ସେବେଠାରୁ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧି ଓ ପୁନରୁଦ୍ଧାର କରିବା ପାଇଁ ୩୨ଟି (୧୨ ଅଣ୍ଡିରା ଏବଂ ୨୦ ମାଈ) ଜିପିଏସ /ଭିଏଚଏଫ ଟ୍ୟାଗ୍ ହୋଇଥିବା ଘଡ଼ିଆଳ ମହାନଦୀରେ ଛଡ଼ାଯାଇଛି। ଏହାଦ୍ୱାରା ଅନେକ ସମ୍ପ୍ରଦାୟ-ଭିତ୍ତିକ ସଂରକ୍ଷଣ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ୧୦ କିଲୋମିଟର ମାଛ ଧରିବା ପାଇଁ କ୍ଷତିପୂରଣ, ଦୁର୍ଘଟଣାବଶତଃ ଧରାପଡ଼ିଥିବା ଘଡ଼ିଆଳଙ୍କ ପ୍ରୋତ୍ସାହନମୂଳକ ପ୍ରତ୍ୟାବର୍ତ୍ତନ ଏବଂ 'କୁମ୍ଭୀରା ବନ୍ଧୁ' ଅଭିଯାନ ରହିଛି।

ପ୍ରାୟ ୪୦ ବର୍ଷ ପରେ ମହାନଦୀରେ ଘଡ଼ିଆଳଙ୍କ ପ୍ରାକୃତିକ ପ୍ରଜନନର ପୁନରୁଦ୍ଧାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ୨୦୨୧ରୁ ୨୦୨୫ ମଧ୍ୟରେ ମୋଟ ୧୬୦ଟି ଛୁଆ ଜନ୍ମ ହୋଇଛନ୍ତି। ଏହି ବର୍ଷ ସାତକୋଶିଆ ଘାଟିରେ ଗୋଟିଏ ଘଡ଼ିଆଳ ଅଣ୍ଡା ଦେଇଥିଲା ଏବଂ ୧୯ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲା। ଅନ୍ୟପକ୍ଷରେ ନନ୍ଦନକାନନରେ ଏମାନଙ୍କ ପ୍ରଜନନରେ ବୃହତ ସଫଳତା ହାସଲ କରିଛି। ୨୦୨୫ରେ ୧୪ଟି ଛୁଆ ଜନ୍ମ ହୋଇଥିଲା ବେଳେ ୨୦୨୬ରେ ୭୬ଟି ଛୁଆ ଜନ୍ମ ହୋଇଛନ୍ତି। ଏହି ସଫଳତାଗୁଡ଼ିକ ଗୁରୁତର ବିଲୁପ୍ତପ୍ରାୟ କୁମ୍ଭୀରଙ୍କ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ନନ୍ଦନକାନନର ସମନ୍ୱିତ ପଦ୍ଧତିର ପ୍ରଭାବଶାଳୀତାକୁ ପ୍ରଦର୍ଶନ କରେ ବୋଲି ଉପନିର୍ଦ୍ଦେଶକ ଶ୍ରୀ ମୀରାସେ ପ୍ରକାଶ କରିଛନ୍ତି।

## ଏଥର ୧ଲକ୍ଷ ୩୦ହଜାର ୮୯୭ ହେକ୍ଟର ଜମିରେ ଖରିଫ ଧାନ ଚାଷ ଲକ୍ଷ୍ୟ
# ଏଲ୍‌ନିନୋ ପ୍ରଭାବ ପାଇଁ ମଧ୍ୟମ ଅବଧିର ଧାନ ଚାଷକୁ ମିଳିବ ପ୍ରୋତ୍ସାହନ

କଟକ, ୧୭।୬(ସମିସ)

ଏଲ୍-ନିନୋ ପ୍ରଭାବରେ ସ୍ୱଳ୍ପ ବୃଷ୍ଟିପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସେମାନଙ୍କୁ କୌଣସି ପ୍ରକାର କ୍ଷତି ନ ହେବା ଦିଗରେ ବିଶେଷ ଧ୍ୟାନ ଦିଆଯିବ। କମ୍ ବୃଷ୍ଟିପାତ ପରିସ୍ଥିତିକୁ ଆଧାର କରି ଚାଷୀମାନଙ୍କୁ ଉପଯୁକ୍ତ ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ କମ୍ୟୁନିଟି ନର୍ସରୀ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଏହାର ସୁବିଧା ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ମଧ୍ୟମ ଅବଧିର ଧାନ ଚାଷକୁ ପ୍ରୋତ୍ସାହନ ଦିଆଯିବ ବୋଲି ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ ବୈଠକରେ ନିଷ୍ପତ୍ତି କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମନ୍ୱିତ କୃଷି ଆଧାରରେ ଆବଶ୍ୟକ ସହାୟତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୬ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି। ୨୦୨୬ ଖରିଫ ଋତୁରେ ମୋଟ ୧୩୦୮୯୭ ହେକ୍ଟର ଜମିରେ ଧାନ, ୯୩୦ ହେକ୍ଟର ଜମିରେ ମକା ଓ ୧୬୪୫ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହ ୮୨୭୧ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୧୯୦୦ ହେକ୍ଟର ଜମିରେ ତୈଳବୀଜ, ୬୪୦ ହେକ୍ଟର ଜମିରେ ଝୋଟ, ୨୧୮୮୧ ହେକ୍ଟର ଜମିରେ ପନିପରିବା, ୩୦୬୦ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୧୮୧୬ ହେକ୍ଟର ଜମିରେ ଆଖୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ବିଳମ୍ବିତ ତଳି ପକାଇବା ବ୍ୟବସ୍ଥା କରାଯିବା ସହ ଚାଷୀମାନଙ୍କୁ ଜଳସେଚନ ସୁବିଧା ସୁନିଶ୍ଚିତ କରିବାକୁ ଜଳସେଚନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚାଷୀମାନଙ୍କର ପନିପରିବା ଚାଷ ପ୍ରତି ଆଗ୍ରହକୁ ପ୍ରାଧାନ୍ୟ ଦେଇ, ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍ୱଳ୍ପକାଳୀନ ଲିଜ୍ ବ୍ୟବସ୍ଥା କରିବା ଏବଂ ବିବିଧ ଫସଲ ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି। ଜିଲ୍ଲାରେ ଲଙ୍କା ଚାଷ ପାଇଁ ଉପଯୋଗୀ ସ୍ଥାନରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଓ ବ୍ଲକ କୃଷି ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ନିୟମିତ ବୈଠକ କରି ସେମାନଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସହକାରୀ କୃଷି ନିର୍ଦ୍ଦେଶିକା ଅସୀମା ମିଶ୍ରଙ୍କ ସହ ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିବନ୍ଧକ, ଜଳସେଚନ ଯନ୍ତ୍ରୀ, ଉଠା ଜଳସେଚନ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## • 'ଅପରେସନ୍ ନନ୍ହେ ଫରିସ୍ତେ'
## ଆସାମର ଦୁଇ ନାବାଳିକା ଉଦ୍ଧାର

କଟକ, ୧୭।୬(ସମିସ): ଶିଶୁ ସୁରକ୍ଷା ସକାଶେ ଚାଲିଥିବା ଅଭିଯାନ 'ଅପରେସନ୍ ନନ୍ହେ ଫରିସ୍ତେ' ଅଧୀନରେ କଟକ ରେଳ ଷ୍ଟେସନରୁ ଆସାମର ଦୁଇଜଣ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଖୋର୍ଦ୍ଧା ରୋଡ୍ ଡିଭିଜନାଲ ସିକ୍ୟୁରିଟି କଣ୍ଟ୍ରୋଲ୍‌ରୁ ଏକ 'ରେଲ୍ ମଦଦ୍' ଅଭିଯୋଗ ଆସିଥିଲା। ଆସାମର ତିନସୁକିଆରୁ ତାମିଲନାଡୁ ଅଭିମୁଖେ ଯାଉଥିବା ଏନଟିଏସକେ-ଟିବିଏମ ଏକ୍ସପ୍ରେସ (ଟ୍ରେନ୍ ନଂ-୧୫୯୩୦)ର ଏସ-୪ କୋଚ୍‌ରେ ଦୁଇଜଣ ନାବାଳିକା ଅସହାୟ ଅବସ୍ଥାରେ ଯାତ୍ରା କରୁଥିବାରୁ ମାନବ ଚାଲାଣର ଶିକାର ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଇଥିଲା। ଟ୍ରେନଟି କଟକ ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବା ମାତ୍ରେ କଟକ ଆରପିଏଫ୍ ପୋଷ୍ଟର ଅଧିକାରୀ ଓ ଜଣେ ମହିଳା କନଷ୍ଟେବଳ ସେହି କୋଚ୍‌କୁ ଯାଇ ନାବାଳିକାଦ୍ୱୟଙ୍କୁ ଚିହ୍ନଟ କରିଥିଲେ। ଉଭୟେ ଏକାକୀ ଯାତ୍ରା କରୁଥିଲେ। ଆରପିଏଫ୍ କର୍ମଚାରୀମାନେ ସେମାନଙ୍କୁ କାଉନସେଲିଂ କରିବା ପରେ ସତ୍ୟ ପଦାକୁ ଆସିଥିଲା। ନାବାଳିକାଦ୍ୱୟ ଘର ଲୋକଙ୍କୁ ନଜଣାଇ ଫୋନ୍ ମାଧ୍ୟମରେ ଯୋଗାଯୋଗରେ ଥିବା ସେମାନଙ୍କ ପୁରୁଷ ବନ୍ଧୁଙ୍କୁ ଭେଟିବା ପାଇଁ ବେଙ୍ଗାଲୁରୁ ପଳାଇ ଯାଉଥିବା ପ୍ରକାଶ କରିଥିଲେ। ଆରପିଏଫ୍ ପକ୍ଷରୁ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା। ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ, ଦୁଇ ନାବାଳିକାଙ୍କୁ ସୁରକ୍ଷିତ ରଖିବା ଓ ଥଇଥାନ କରିବା ପାଇଁ କଟକ ଚାଇଲ୍ଡଲାଇନ/ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି।

## ସରକାରଙ୍କ ସଫଳତା ବଖାଣିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ସାରିବାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ

ଯାଜପୁର, ୧୭।୬(ସମିସ)



ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଯାଜପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗତ ଦୁଇ ବର୍ଷରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୁରଜ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଯାଜପୁର ଜିଲ୍ଲାରେ ରହିଥିବା ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକୁ ସାରିବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ମଧ୍ୟ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ସମାଜ ସେବୀ ଦେବଯାନୀ ପ୍ରଧାନ, ସମାଜସେବୀ ଗୌତମ ରାୟ, ସମାଜସେବୀ ବବିତା ମଲ୍ଲିକ, ଉମେଶ ଜେନା ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଓ ବୁଦ୍ଧିଜୀବୀ ସମ୍ମିଳନୀ

ଯାଜପୁର, ୧୭।୬(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏଥିରେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ କ୍ରୀଡ଼ା, କଳା ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଯାଜପୁରର ଏକ ସମୃଦ୍ଧ ପରମ୍ପରା ରହିଛି। ସେହି ଉତ୍କୃଷ୍ଟ ଐତିହ୍ୟ ଏବଂ ବିକାଶର ଧାରାକୁ ସକାରାତ୍ମକ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ସୋସିଆଲ ମିଡିଆ ଏକ ପ୍ରୟୋଗ ଭାବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ତ୍ତମାନ ଏହାର ପ୍ରଭାବଶାଳୀ ଭୂମିକା ରହିଛି। ତେଣୁ ସମାଜକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଉଚିତ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭା, ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ, କଳାକୃତି, ସ୍ଥାନୀୟ ସମସ୍ୟା, ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ। ଏହାସହ ମନ୍ତ୍ରୀଙ୍କ ସମେତ ବଡ଼ଚଣା ବିଧାୟକ, ଧର୍ମଶାଳା ବିଧାୟକ ଏବଂ ଜିଲ୍ଲାପାଳ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ, କ୍ରୀଡ଼ା ପ୍ରତିଭା, ଐତିହ୍ୟ ସଂସ୍କୃତିର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ବିଷୟରେ ବୁଦ୍ଧିଜୀବୀ ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର କଣ୍ଟେଣ୍ଟ କ୍ରିଏଟର, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ, ସମାଜସେବୀ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



## ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ

ଯାଜପୁର, ୧୭।୬(ସମିସ): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀ ପାଠାଗାର ସହାୟତା ସଭାଗୃହରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲାପାଳ ମିସ୍ ଆଦ୍ୟାଶା ରାଉତ, ଯାଜପୁର ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଧାନାଥ ନାୟକ, ପୁଲିସ ଅପରାଧ ଶାଖା ଅଧିକାରୀ ସୌମ୍ୟରଞ୍ଜନ ନାଥ ଏହି ଦିବସର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିଥିଲେ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସନ୍ଧ୍ୟାରାଣୀ ସାହୁ ଓ ହେମଲତା ସେଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ରାଉତ। କର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଭାପତି ସତ୍ୟସୁନ୍ଦର ସାହୁ ସମ୍ପାଦକ ସରୋଜିନୀ ସାହୁ ସଦସ୍ୟଗଣ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

## ସିଂହପୁର ହାଇସ୍କୁଲରେ ଗୁରୁପୂଜନ କାର୍ଯ୍ୟକ୍ରମ

ସିଂହପୁର, ୧୭।୬(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ବଟକୃଷ୍ଣ ମଲ୍ଲିକ, ସତ୍ୟ ନାରାୟଣ ପାତ୍ର, କଲ୍ୟାଣୀ ଧଳ, ପ୍ରହ୍ଲାଦ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ୩୧ ବର୍ଷ ପରେ ସହପାଠୀମାନେ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ପାଠପଢ଼ା ସମୟର କଥାକୁ ମନେ ପକାଇ ଥିଲେ। ସମସ୍ତ ସାଙ୍ଗ ମାନେ ପରିବାର ସହିତ ଖୁସି ମନାଇଥିଲେ। ପାଠ ପଢ଼ା ସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ସହପାଠୀ ମାନେ ଆଗାମୀ ଦିନରେ ନିଜ ନିଜ ଭିତରେ ଉତ୍ତମ ସମ୍ପର୍କ ରକ୍ଷା ପାଇଁ ମତ ବ୍ୟକ୍ତ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ତପନ କୁମାର ଜେନା, ମମତା ଥାଟୋଇ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ରାଜିବ ଖିଲାର, ସୁନିଲ ଧଳ, ତୁଷାର ବେଉରିଆ, ସ୍ନେହାଶିଷ ପାଢ଼ୀ, ଅଜିତ ବେହେରା, ବିଜୟ ପ୍ରଧାନ, ସୁଧୀର ବିଶ୍ୱାଳ, ସନ୍ତୋଷୀ ଜେନା, ରଞ୍ଜିତା ଥାଟୋଇ, ମଳୟ ସାମଲଙ୍କ ସମେତ ଶତାଧିକ ବ୍ୟାଚର୍ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ରବୀନ୍ଦ୍ର କୁମାର ନାୟକ, ମାୟାଧର ନାୟକ ଯୋଗ ଦେଇଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନ

ଜେନାପୁର, ୧୭।୬(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଜେନାପୁର ଶାଖାର ଅତିରିକ୍ତ ଶାଖା ପରିଚାଳକ ସାଗର ମହାରଣାଙ୍କୁ ଗୋମାତା ସେବା ସଙ୍ଗଠନ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ସଙ୍ଗଠନର ସମ୍ପାଦକ ନିଷ୍କାନ୍ତ ଖଟୁଆ ଓ ପ୍ରକାଶ କୁମାର ଗୋଛାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଶ୍ରୀଯୁକ୍ତ ମହାରଣାଙ୍କୁ ଉତ୍ତରୀୟ ଓ ଗୋମାତାଙ୍କ ଫଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜେନାପୁର ଶାଖାରେ ୩ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକରି ସେ ସମିଆଁ ଶାଖାକୁ ବଦଳି ହୋଇଛନ୍ତି ବୋଲି ଶାଖା ପରିଚାଳକ ବିଶ୍ୱଜିତ୍ ନାୟକ ସୂଚନା ଦେଇଛନ୍ତି। ତାଙ୍କ ସ୍ଥାନରେ ନୂତନ କର୍ମଚାରୀ ଭାବେ ଦେବାଶିଷ ସେଠୀ ଯୋଗଦେଇଛନ୍ତି।

# 'ବିପଦର ବନ୍ଧୁ' ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



କୁଆଖିଆ, ୧୭।୬(ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରଭୁ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୁଳମଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଟ୍ରଷ୍ଟର ଉପାଧ୍ୟକ୍ଷ ତଥା ଯୁବ ସମାଜସେବୀ ଜନ୍ମେଜୟ ସାହୁ, ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର ମିଶ୍ର, ମନ୍ଦିର ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ସୁଦାମ ଚରଣ ଦାସ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସାମ୍ବାଦିକ ଗଗନ ଦାସ, ଆଲୋକ ପହି, ପ୍ରଶାନ୍ତ ନାୟକ, ଶୁଭେନ୍ଦୁ ସାମଲ, ରଞ୍ଜିତ ରାଉତ, ବିଶ୍ୱପ୍ରକାଶ ଖୁଣ୍ଟିଆ, ଚିନ୍ମୟ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ସୁଶାନ୍ତ ଗୋଛାୟତ, କୈଳାଶ ମଲ୍ଲିକ, ଅମୂଲ୍ୟ ବରାଳ, ବିଶ୍ୱନାଥ ସ୍ୱାଇଁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବାନନ୍ଦ ପଣ୍ଡା, ବିଶ୍ୱଜିତ୍ ଦାସ, ଦୈତାରି ଜେନା, ଶିଶିର ପଣ୍ଡା, ଯଶୋବନ୍ତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପଦେଷ୍ଟା ଅରବିନ୍ଦ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଟମକା ଅଞ୍ଚଳରେ ରଜ ଉତ୍ସବ ଉଦ୍‌ଯାପିତ

ଦାନଗଦି/ଟମକା, ୧୭।୬(ସମିସ): ଟମକା ଥାନା ଅଧୀନସ୍ଥ କିଆଝର, ଦେଉଳକଣ, ଓସ୍ତପାଳ, ବାଙ୍ଗର କୋଟା, ଚିତ୍ରୀ, ଗୋବର୍ଦ୍ଧନପୁର, ନଚ୍ଛିପୁରା ଓ ଉଚ୍ଚବାଲି ପଞ୍ଚାୟତରେ ରଜ ପର୍ବ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍ଗରକୋଟା ପଞ୍ଚାୟତର ଆମ୍ଫୋର ଗ୍ରାମରେ ରଜ ମହୋତ୍ସବ ପ୍ରତି ସନ୍ଧ୍ୟାରେ ଖୋଲାମଞ୍ଚରେ ସ୍ଥାନୀୟ କୁନି, ଯୁବ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ଅଭିନୟ ପରିବେଷଣ କରାଯାଇଥିଲା। କିଶୋରୀ, ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ଆଥ୍ଲେଟିକ୍ ପ୍ରତିଯୋଗିତା କରାଯାଇ ଯୁବକ ସଂଘ ତରଫରୁ ପୁରସ୍କାର ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମହୋତ୍ସବ ପଡ଼ିଆରେ ଦୋଳି ଖେଳିବା ସହିତ ମୀନାବଜାର ବୁଲିବା ଓଡ଼ିଆର ପିଠା ଖାଇ ଭରପୁର ଆନନ୍ଦ ଉପଭୋଗ କରିଥିଲେ। ଏହି ଅବସରରେ ରଜକମିଟି ତରଫରୁ ଟମକା ମହାଗିରି ପ୍ରେସ୍ କ୍ଲବର ସଭାପତି ହରିହର ବାରିକ୍ ଓ ସମ୍ପାଦକ ଏସ୍‌କେ ଅବତାର ଅଲ୍ଲୀଙ୍କୁ ସାମ୍ବାଦିକ ଗୌରବରେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନରୋତ୍ତମ ବେହେରା ସହ ସମ୍ପାଦକ ଅନିଲ୍ କୁମାର ଦାସ କୋଷାଧ୍ୟକ୍ଷ ଅଜୟ ଦେହୁରୀ ଟମକା ଥାନାର ଏଏସ୍‌ଆଇ ଦୀପ୍ତିକାନ୍ତ ଦାସଙ୍କୁ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍, ଭାଷ୍ୟକାର ତାରିଣୀ ପ୍ରସାଦ ପୁହାଣ ଓ ବାବାଜୀଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ଚନ୍ଦନ ପାଣି ସମ୍ପାଦକ ହାପି ମହାପାତ୍ର ବରିଷ୍ଠ ସଭ୍ୟ ଚଗୁଲୁ ବଳ, ଶରତ ବଳ ସମେତ ଗ୍ରାମବାସୀ ସମସ୍ତ ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ। ଟମକା ପୁଲିସ୍ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂକୁ କଡ଼ାକଡି କରାଯାଇଥିଲା।



# ନଚ୍ଛିପୁରାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଦାନଗଦି, ୧୭।୬(ସମିସ): ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ନଚ୍ଛିପୁରା ପଞ୍ଚାୟତରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଅତିଥିଭାବେ ଯୋଗଦେଇଥିଲେ। ଖେଳ ପ୍ରତି ଯୁବମାନଙ୍କର ଆଗ୍ରହ, ଟିମ୍ ସ୍ପିରିଟ୍ ଓ ଜିତିବାର ଜୋସ୍ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହାସହ ଆଜିର ଜେନ୍-ଜେ କେବଳ ସୋସିଆଲ ମିଡ଼ିଆରେ ସୀମିତ ନୁହେଁ, ସେମାନେ ଖେଳ, ସମାଜ ଓ ନେତୃତ୍ୱରେ ମଧ୍ୟ ନୂଆ ପରିଚୟ ସୃଷ୍ଟି କରୁଛନ୍ତି ବୋଲି ଇଂ. ଘଡ଼ାଇ ମତପ୍ରକାଶ କରିଛନ୍ତି।



# ବିଜୟଙ୍କ ପରିବାରକୁ ଭେଟିଲେ ମୋକିମ

ବ୍ରହ୍ମବରଦା, ୧୭।୬(ସମିସ): ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ରହ୍ମବରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବଂଗତ ନେତା ବିଜୟ ଦାସଙ୍କ ପରଲୋକର ଅଷ୍ଟମ ଦିନରେ ଓଡ଼ିଶା ଜନତା କଂଗ୍ରେସ ଦଳର ସଭାପତି ମହମ୍ମଦ ମୋକିମ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

ଏହି ଅବସରରେ ଶ୍ରୀ ମୋକିମ ମୃତକଙ୍କ ପୁଅ ଓ ଝିଅ ଏବଂ ଅନ୍ୟାନ୍ୟ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ମୋକିମ୍‌ଙ୍କ ଗସ୍ତ ସମୟରେ ଦଳୀୟ ନେତା ବିଦ୍ୟାଧର ମହାନ୍ତି, ସୁଜିତି ସ୍ୱାଇଁ, ଭବାନୀ ଶଙ୍କର ନାୟକ, ଗୋବିନ୍ଦ ସାମଲ, ନିକୁଞ୍ଜ ପଶାୟତ, ସଞ୍ଜୟ ରାୟ, ବରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଆବୁ ସାୟେମା, ବ୍ରହ୍ମବରଦା ବିଜେପି ଯୁବନେତା ରାକେଶ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ଅନ୍‌ୱର୍ ଖାନ୍ ଓ ଅଟଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବରୁଣେଶ୍ୱରରେ ଶିବ-ପାର୍ବତୀ ବିବାହ ପାଇଁ ପ୍ରସ୍ତୁତି

ବିଞ୍ଝାରପୁର, ୧୭।୬(ସମିସ): ଆସନ୍ତା ଜୁନ୍ ୧୯ ତାରିଖରେ ବିଞ୍ଝାରପୁରର ପ୍ରସିଦ୍ଧ ବାବା ବରୁଣେଶ୍ୱରଙ୍କ ଶିବ-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଆଉ ମାତ୍ର ଦୁଇ ଦିନ ପରେ ଦେବାଧିଦେବ ମହାଦେବ ବର ଏବଂ ମାତା ପାର୍ବତୀ କନ୍ୟା ରୂପେ ସାଜିବେ। ଏହି ପବିତ୍ର ଉତ୍ସବକୁ ନେଇ ଶିବ-ପାର୍ବତୀ ବିବାହ କମିଟି ଓ ସେବାୟତମାନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବିବାହ ଶୋଭାଯାତ୍ରାରେ ସଂକୀର୍ତ୍ତନ, ବୀରବାଦ୍ୟ ଓ ବିଭିନ୍ନ ଧାର୍ମିକ ଦଳ ସାମିଲ ହେବେ। ବରାନୁଗମନ ଶୋଭାଯାତ୍ରାରେ ସମଗ୍ର ବରୁଣେଶ୍ୱର କ୍ଷେତ୍ର ଉତ୍ସବମୁଖର ହୋଇଉଠିବ।



କାର୍ଯ୍ୟକ୍ରମ ଅନୁଯାୟୀ, ଜୁନ୍ ୧୯ ତାରିଖ ସକାଳେ ସୂର୍ଯ୍ୟପୂଜା, ପାର୍ଶ୍ୱଦେବତାଙ୍କ ପୂଜା, ଦେବୀଙ୍କ ମହାସ୍ନାନ ଓ ମଙ୍ଗନ କାର୍ଯ୍ୟ ଅନୁଷ୍ଠିତ ହେବ। ଏହା ସହ ମହାଦେବଙ୍କ ମହାରୁଦ୍ରାଭିଷେକ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ। ସନ୍ଧ୍ୟା ୬ଟାରୁ ବରଯାତ୍ରୀଙ୍କ ଗହଣରେ ମହାଦେବଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ରାତି ୧୦ଟା ୩୦ ମିନିଟରେ ବିବାହ କାର୍ଯ୍ୟ ଆରମ୍ଭ ହେବାର ସୂଚନା ମିଳିଛି। ଅନ୍ୟପକ୍ଷରେ ମାତା ପାର୍ବତୀଙ୍କ ପିତା ଭୂମିକାରେ ଥିବା ମିହିର କୁମାର ପଣ୍ଡାଙ୍କ ପରିବାର ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି। ଘର ଘର ବୁଲି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଥିବା ବେଳେ ବିବାହ ପାଇଁ ଆବଶ୍ୟକ ଯାନି-ଯୌତୁକ, ଗହଣାଗାଣ୍ଠି ଓ ଲୁଗାପଟା କ୍ରୟ କାର୍ଯ୍ୟ ମଧ୍ୟ ଜୋରଦାର ଭାବେ ଚାଲିଛି। କନ୍ୟା ପିତା ଭାବେ ମିହିର କୁମାର ପଣ୍ଡା କହିଛନ୍ତି, ମୋ ଝିଅ ପାର୍ବତୀଙ୍କ ବିବାହ ଉତ୍ସବରେ ମହାଦେବଙ୍କ ପରି ଜ୍ୱାଇଁ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ। ବରଯାତ୍ରୀ ଭାବେ ଆସୁଥିବା ସମସ୍ତ ଅତିଥିଙ୍କୁ ଯଥୋଚିତ ସମ୍ମାନ ଦେଇ ବିଦାୟ କରିବା ସହ ଏହି ବିବାହ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଛି।

# ବଣମାଲ୍ଲୀ ମହୋତ୍ସବ ଉଦ୍‌ଯାପିତ

କବାଟବନ୍ଧ, ୧୭।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁରସ୍ଥ ଗଡ଼ଜାତ ସ୍ମାରକୀପୀଠଠାରେ ବଣମାଲ୍ଲୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ରଜ ସନ୍ଧ୍ୟାରେ ବଣମାଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଆନୁକୂଲ୍ୟରେ ଏହି ଦ୍ୱାଦଶତମ ବଣମାଲ୍ଲୀ ମହୋତ୍ସବରେ ପାରମ୍ପାରିକ ଲୋକନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ସୁଶ୍ରୀ ରଶ୍ମିତା ବେହେରା ଏବଂ ଅନୁଷ୍ଠାନର ସଭାପତି ଡ଼. ଜୟଦେବ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ତୁହିନାଂଶୁ ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଫୁଲ୍ଲ କୁମାର ଦାସ, ଅଜୟ କୁମାର ଦାସ, ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ବ୍ୟଙ୍ଗକବି ବାଇଧର ମାଝୀ, ଶିକ୍ଷାବିତ୍ ମନୋରଞ୍ଜନ ଶତପଥୀ, ସଭାର ସଭାପତି ଭାବରେ ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ମହକ' ସମ୍ପାଦିକା ଦମୟନ୍ତୀ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ପ୍ରତିଭା ଦମୟନ୍ତୀ ପ୍ରଧାନ, ବବିତା ସ୍ୱାଇଁ, ଅନସୂୟା ମଲ୍ଲିକ, ଲୋପାମୁଦ୍ରା ବେହେରା, ପଙ୍କଜିନୀ ମଲ୍ଲିକ, ସୌମ୍ୟରଞ୍ଜନ ଖଟୁଆ, ରଚିତା ଦାସ, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ସୁବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ମା ସରସ୍ୱତୀ ଯୁବ ଅନୁଷ୍ଠାନ ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ଶତପଥୀ, ଲୋକନାଥ ପୁରୀ, ପ୍ରଦୀପ ଶତପଥି, ରାମଚନ୍ଦ୍ର ମହାନ୍ତି, ବୃନ୍ଦାବନ ଶତପଥୀ, ମାନସ ରଞ୍ଜନ ପ୍ରଧାନ, ଲାଲମୋହନ ଶତପଥୀ, ଅତୁଳ ସାହୁ, ସୁବ୍ରତ ସାହୁ, ତୀର୍ଥବାସି ଦଳାଇ, ମଧୁସ୍ମିତା ଖଟୁଆ ଓ ଅନୁଷ୍ଠାନର ଅନ୍ୟ ସମସ୍ତ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପୂଣ୍ୟତିଥି

ବରୀ, ୧୭।୬(ସମିସ)



ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୨୦ତମ ପୂର୍ଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବିଦଗ୍ଧା ଅନୁଷ୍ଠାନ ଦ୍ୱାରା କବିଙ୍କ ଶ୍ରାଦ୍ଧ ଦିବସକୁ ଭ୍ରାମ୍ୟମାଣ ଉତ୍ସବ ମାଧ୍ୟମରେ ପାଳିତ ହେଉଛି। ଏହି ଉତ୍ସବରେ କବିଙ୍କ ସମାଧୀ ପୀଠ ଅଭିମନ୍ୟୁ ବାଲିଆଠାରେ ତିଳତର୍ପଣ ଆଦି କାର୍ଯ୍ୟ ସମାପନ ପରେ କେବଳ ଯାଜପୁର ଜିଲ୍ଲା ମଧ୍ୟରେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠାନ ଦ୍ୱାରା ପାଳିତ ହେଉଥିଲା। ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାର ନାଉଗାଁ ଅନ୍ତର୍ଗତ ଡାବର ଗ୍ରାମରେ ଡାବର ପାଲା କମିଟି ଓ ବିଦଗ୍ଧାର ମିଳିତ ଆନୁକୂଲ୍ୟରେ ପୂର୍ଣ୍ୟତିଥି ପାଳିତ ହୋଇଯାଇଛି। ବିଦଗ୍ଧାର ନିର୍ଦ୍ଦେଶକ କବି ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦଗ୍ଧ କବିଙ୍କ ସୃଷ୍ଟି ସମ୍ଭାର ଅନନ୍ୟ ଓ ଅତୁଳନୀୟ ଯାହା ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପ୍ରଚାର ପ୍ରସାରର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ କପିଳଚରଣ ସାମଲ ଅଭିମନ୍ୟୁ ସାହିତ୍ୟକୁ ପାଲା ସଂସ୍କୃତି ଆଜି ବଞ୍ଚାଇ ରଖିଛି। କବିଙ୍କ ମହାନ ସୃଷ୍ଟି ଯେତେ କ୍ଲିଷ୍ଟ ହେଲେ ବି ରସିକ ହୃଦୟ ପାଇଁ ଏହା ଅତ୍ୟନ୍ତ ସରଳ ଓ ତରଳ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ୱାଟକୋ, ଓଡ଼ିଶାର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଦୀପ କୁମାର ସ୍ୱାଇଁ, ଗୀତିକାର ଦିଲ୍ଲିପ୍ ଜେନା, ଚଳଚ୍ଚିତ୍ର ନାୟିକା ଜ୍ୟୋତିର୍ମୟୀ ମହାନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ବସନ୍ତ କୁମାର ଜେନା, ବାବୁଲି ପରିଡ଼ା, ସୁରେନ୍ଦ୍ର ଜେନା, ଶିବଚରଣ ପରିଡ଼ା, ଗେଛରାଙ୍ଗ ଚରଣ ସ୍ୱାଇଁ, ଅଦୈତ୍ୱ କୁମାର ପରିଡ଼ା ପ୍ରମୁଖ ଯୋଗଦାନ କରି ବିଦଗ୍ଧା ଅନୁଷ୍ଠାନର ଏତାଦୃଶ କାର୍ଯ୍ୟକ୍ରମର ପ୍ରଶଂଶା କରିଥିଲେଫ ବିଦଗ୍ଧା ଅନୁଷ୍ଠାନ ତରଫରୁ ଡାବର ପାଲା କମିଟିର ସଭାପତି ନରେନ୍ଦ୍ର ପରିଡ଼ା ଓ ସମ୍ପାଦକ ଗଦାଧର ପରିଡ଼ାଙ୍କୁ ବିଦଗ୍ଧା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସରେ ବିଦଗ୍ଧା ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବିଦଗ୍ଧା ରଜପରୀ -୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସୁଦିପ୍ତା କର, ଆକାଂକ୍ଷା ପ୍ରିୟଦର୍ଶିନୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଗୀତିକାର ଦିଲ୍ଲୀପ ଜେନା, ବିଶିଷ୍ଟ ମଞ୍ଚ ଉପସ୍ଥାପିକା ସୌଭାଗିନୀ ସାହୁ (ଲିଜା) ବସନ୍ତ କୁମାର ଜେନା ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନ ତରଫରୁ ସେମାନଙ୍କୁ ବିଦଗ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦଗ୍ଧାର ଉପସଭାପତି ଜୟନ୍ତ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାଥୀ ମଙ୍ଗୁଳି ଚରଣ ପରିଡ଼ା, ସଞ୍ଜୟ ଫାରକ୍, ପ୍ରଭାତ ବାରିକ୍, ବିଜୟ ପରିଡ଼ା, ରାଜା ଜେନା, ସୌରଭ ସ୍ୱାଇଁ, ବାଦଲ ସ୍ୱାଇଁ, ଅଶୋକ ନାୟକ, ବାସୁଦେବ ନାୟକ, ରାକେଶ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଚଳିତ ବର୍ଷ ବିଦଗ୍ଧା ରଜପରୀ ଜୁନିଅର ଓ ସିନିଅର ଦୁଇଟି ବିଭାଗରେ ବର୍ଣ୍ଟନ କରାଯାଇଥିବା ବେଳେ ସମୁଦାୟ ୪୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଜୁନିଅର ରଜପରୀ ଇଶାନୀ ସ୍ୱାଇଁ ଓ ସିନିଅର ରଜପରୀ ଶୁଶ୍ରୀ ଶ୍ରୀୟା ଜେନା ବିଚାରପତିମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ଡାବର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଅପ୍ରଣ କରିଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ଚଚ୍ଛାରାଗୁଡ଼ା ଗ୍ରାମରେ ବିଜୁ ଜନତା ଦଳ ପ୍ରତିନିଧି ଦଳ





## ସଠିକ୍ ତଦନ୍ତ ନହେଲେ ଥାନା ଘେରାଉ

ନବରଙ୍ଗପୁର,୧୭।୬(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡିଙ୍ଗା ଥାନା ଆଟିଗାଁ ପଞ୍ଚାୟତ ଅନ୍ତର୍ଗତ ଚଚ୍ଛାରାଗୁଡା ଗ୍ରାମରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ପରେ ଏହି ଘଟଣାର ପୁଙ୍ଖାନପୁଙ୍ଖ ତଦନ୍ତ କରିବା ପାଇଁ ଆଜି ବିଜୁ ଜନତା ଦଳର ଏକ ତଥ୍ୟ ଅନୁସନ୍ଧାନକାରୀ ପ୍ରତିନିଧି ଦଳ ଚଚ୍ଛାରାଗୁଡା ଗ୍ରାମରେ ପହଞ୍ଚିଥିଲା। ଦଳର ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ନବିନା ନାୟକ, କୌଶଲ୍ୟା ପ୍ରଧାନୀ, ନିବେଦିତା ମହାନ୍ତି, ଲିପିକା ବୋରାଇ, ରାଧା ଭତ୍ରା, ସର୍ବେଶ୍ୱରି ମାଝୀ, ସାଧାରଣ ସମ୍ପାଦକ ରବି ପଟ୍ଟନାୟକ, ନଗର ସଭାପତି ପ୍ରମୋଦ ରଥ ପ୍ରମୁଖ ଚଚରାଗୁଡା ଗ୍ରାମକୁ ଯାଇଥିଲେ। ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହ ଆଲୋଚନା ଅବସରରେ ସେମାନେ ପୋଲିସର ତଦନ୍ତରେ ସନ୍ତୁଷ୍ଟ ନଥିବା ଅଭିଯୋଗ କରିଥିଲେ। ପୋଲିସ୍ ଏହି ଘଟଣାରେ ଜଣକୁ ଗିରଫ କରି ହତ୍ୟା ଦଫା ଲଗାଇ ଥିବା ବେଳେ ପ୍ରକୃତ ଘଟଣାକୁ ପୁଲିସ ଚପାଇ ଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମୃତ ଯୁବତୀଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ନିଖୋଜ ଯୁବତୀଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସେମାନଙ୍କ ଯୁକ୍ତି ଅନୁସାରେ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଜଣେ ବ୍ୟକ୍ତି ଫୁଲସିଂ ଭତ୍ରାଙ୍କ ଘର ସାମ୍ନାରେ ପକେଇ ଦେବା ଅସମ୍ଭବ। ପ୍ରତିନିଧି ଦଳ ସମସ୍ତ ଅଭିଯୋଗକୁ ଅନୁଧ୍ୟାନ କରି ଏହି ଘଟଣାରେ ଜଡ଼ିତ ସମସ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ସହ ପୀଡ଼ିତାଙ୍କ ପରିବାରକୁ ୩ ଦିନ ମଧ୍ୟରେ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଯଦି ଉକ୍ତ ଦିନ ମଧ୍ୟରେ ଦାବି ପୁରଣ ନ ହୁଏ, ତା ହେଲେ ୩ ଦିନ ପରେ କୋଡ଼ିଙ୍ଗା ଥାନା ଘେରାଓ କାରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦେଇଛି ଜିଲ୍ଲା ବିଜେଡି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଗୁଣୁପୁର,୧୭।୬ (ସମିସ): ଚଳିତ ବର୍ଷ ରଥଯାତ୍ରା-୨୦୨୬କୁ ସୁଚାରୁ ରୂପେ ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ଲକ୍ଷ୍ୟରେ ଗୁଣୁପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ୍‌ଙ୍କ ଅଧ୍ୟକ୍ଷତାର ବୈଠକ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୀଳାବତୀ ଆଚାର୍ଯ୍ୟୀ ପରିଚାଳନ କରିଥିଲେ। ବିଧାୟକ ସତ୍ୟଜିତ ଗମାଙ୍ଗ ବୈୖଠକରେ ଉପସ୍ଥିତ ଥିଲେ। ବୈଠକରେ ରଥ ନିର୍ମାଣ, ଯାତ୍ରାପଥର ମରାମତି, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ରଥର ଚକ ଓ ଅକ୍ଷ ନିର୍ମାଣ ପାଇଁ କାଠ ଯୋଗାଣ, ରଥ ନିର୍ମାଣ ଓ ଫିଟନେସ୍ ପ୍ରମାଣପତ୍ର ପ୍ରଦାନ, ରଥଯାତ୍ରା ପଡ଼ିଆ ଓ ଯାତ୍ରାପଥର ସଫେଇ ଓ ମରାମତି, ରାସ୍ତା ଆଲୋକୀକରଣ, ପାନୀୟ ଜଳ ଯୋଗାଣ ଓ ପାର୍କିଂ ବ୍ୟବସ୍ଥା ଉପରେ ସମ୍ପୃକ୍ତ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରଥଯାତ୍ରା, ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ଛିଞ୍ଚନ, ପ୍ରାଥମିକ ଚିକିତ୍ସା ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହାସହ ଏନସିସି, ସ୍କାଉଟ୍ ଓ ଏନଏସଏସ ସ୍ୱେଚ୍ଛାସେବକ ନିୟୋଜନ, ସାଂସ୍କୃତିକ ମଣ୍ଡପ, ମୀନା ବଜାର, ଟେଣ୍ଟ ଓ ସାଉଣ୍ଡ ବ୍ୟବସ୍ଥା ସହ ଡ୍ରୋନ କ୍ୟାମେରା ମାଧ୍ୟମରେ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀ ଓ ସଂସ୍ଥାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରଥଯାତ୍ରାକୁ ସଫଳ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ପୂର୍ବବର୍ଷ ରଥଯାତ୍ରା ରେ କିଛି ଖଳ ପ୍ରକୃତିର ଲୋକଙ୍କ ପାଇଁ ମୀନାବଜାର ଟେଣ୍ଡର ପ୍ରକ୍ରିୟା ସଫଳ ହୋଇପାରିନଥିବା ନେଇ ବୈଠକ ରେ ଉଦବେଗ ପ୍ରକାଶ ପାଇଥିଲା। ଯାହାକି ଠାକୁରଙ୍କ ଭଣ୍ଡାରଘରକୁ ମୀନାବଜାରର ଆଖିଦୃଶିଆ ଅନୁଦାନ ଆସି ପାରିନଥିଲା। ଚଳିତ ବର୍ଷ ଭକ୍ତଙ୍କ ମନୋରଞ୍ଜନ ସକାଶେ ମୀନାବଜାର ପାଇଁ ପ୍ରଶାସନ ଆଗୁଆ ଟେଣ୍ଡର ପ୍ରକ୍ରିୟା କରିବା ଆବଶ୍ୟକତା ଥିବା ନେଇ ଆଲୋଚନା ହୋଇଥିଲା। ସେବାୟତ ମାନେ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିର ପରିଚାଳନା ଓ ଦରମା ବାବଦରେ ଅସନ୍ତୋଷ ହୋଇ ବୈଠକ ରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଥିଲେ। ମନ୍ଦିର ପରିସରରେ ଅସ୍ଥାୟି କମିଟି ଦାନ ଅର୍ଥ ଆଦାୟ ଉଦ୍ଦିଷ୍ଟ ବୋର୍ଡ ଲଗାଇଥିବା ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦେବୋତ୍ର ବିଭାଗର ହସ୍ତକ୍ଷେପରେ ଯାବତୀୟ ଅର୍ଥ ଆଦାୟ ଓ ପରିଚାଳନା ହେବା ପାଇଁ ବୈଠକରେ ଦାବି ଉଠିଥିଲା। ସୁଚନାଯୋଗ୍ୟ, ମନ୍ଦିର ପରିଚାଳନା ଓ ଠାକୁରଙ୍କ ଉଦେଶ୍ୟରେ ଦାନ କରାଯାଉଥିବା ଦ୍ରବ୍ୟ ଓ ଦକ୍ଷିଣାକୁ କାର୍ଯ୍ୟାଳୟରେ ପୌଠ କରି ରସିଦ ଗ୍ରହଣ ବୋର୍ଡକୁ ହଟାଇଦେବାପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦେବୋତ୍ତର ବିଭାଗର ବିନା ଅନୁମତିରେ କୌଣସି ପଦକ୍ଷେପ ନିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଥିଲେ। ବୈଠକରେ ଗୁଣୁପୁର ପୌରପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ଦଳପତୀ କାର୍ଯ୍ୟୀ, ପୌରପରିଷଦ ନିର୍ବାହି ଅଧିକାରି ସନ୍ତୋଷ ନାୟକ,ଆଦର୍ଶ ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କଅଁର, ବିଦ୍ୟୁତ୍ ବିଭାଗ, ବନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର ଶୁବ୍ରସ୍ମାତ ରାଉତ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀ ସହ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଡକ୍ଟର ଚନ୍ଦ୍ର ଧ୍ୱଜ ପଣ୍ଡା, ମୁଖ୍ୟ ସେବାୟତ ମନୋଜ ପାଢୀ, ସୁଆର ସୁଦାମ ପଣ୍ଡା, ମନ୍ଦିର ଉନ୍ନୟନ କମିଟି, ଉମା ଦାସ, ଇନ୍ଦ୍ରାକ୍ଷି ଦାସ, ଏସ୍ ବାବାପ୍ରସାଦ, ଗାଙ୍ଗାରାଜୁ ଶବର, ତିରୁପତୀ ମହାନ୍ତି, ତିରୁପତୀ ରଥ, ଟୁକୁନା ରଥ, ମୁପା ପାଣି, ବରିଷ୍ଠ ଓକିଲ ଉମା ଚରଣ ପଟନାୟକ, ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ବୈପାରୀଗଡ଼ା,୧୭।୬(ସମିସ): ଓଡ଼ିଶା ସରକାରଙ୍କ ସଫଳ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ "ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଗୁଣ ଗାନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ବିକାଶମୂଳକ ପଦକ୍ଷେପ, ଜନକଲ୍ୟାଣକାରୀ ଯୋଜନା ଓ ସୁଶାସନ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୁର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟା ମଣି ଯାନୀ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ବିଡ଼ିଓ ସୁବ୍ରତ ସାହୁ, ତହସିଲଦାର ସିଂଗ୍ଧା ଚୌଧୁରୀ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ, ସହକାରୀ ଯନ୍ତ୍ରୀ ଖିରୋଦ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଡାବୁଓ ଚନ୍ଦ୍ର ପୂଜାରୀ, ସିଡିପିଓ ସବିତା ବ୍ରହ୍ମକ୍ଷ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାବତ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ବୈପାରୀଗୁଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ବିଭିନ୍ନ ଷ୍ଟଲର ବ୍ୟବସ୍ଥା କରାଯାଇଛି।

## ବଜ୍ରପାତରେ ୨ ବଳଦ ମୃତ

ନନ୍ଦାହାଣ୍ଡି,୧୭।୬(ସମିସ): ବୁଧବାର ଅପରାହ୍ନରେ କାଳବୈଶାଖୀ ବର୍ଷା ବେଳେ ବିଜୁଳି ମାରି ଦୁଇ ବଳଦର ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ଦହଣା ପଞ୍ଚାୟତ ଅନ୍ତର୍ଗତ ମୋରାଳି ଗ୍ରାମରେ। ସକାଳୁ ହଳ କରି ସାରି ଫେରିବା ପରେ ପ୍ରେମ ଦର୍ଶନ ସୁନା ଘର ପଛପଟ ବାଉଁଶ ବୁଦା ମୂଳରେ ଦୁଇ ବଳଦକୁ



ବାନ୍ଧି ଥିଲେ। ଅପରାହ୍ନ ପ୍ରାୟ ଦୁଇ ଘଣ୍ଟା ସମୟରେ ବାଉଁଶ ବୁଦାରେ ବଜ୍ରପାତ ହୋଇଥିଲା। ସୂଚନା ମୁତାବକ ଶ୍ରୀ ସୁନା ଗତ ତିନି ମାସ ତଳେ ହଳେ ବଳଦକୁ ୬୦ ହଜାର ଟଙ୍କା ଦେଇ କିଣିଥିଲେ। ନିଜ ଜମିରେ ହଳ କରିବା ସହ ଅନ୍ୟ ଘରେ ମଧ୍ୟ ହଳ ନେଇ ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ବର୍ତ୍ତମାନ ଦୁଇ ବଳଦ ମୃତ ହେବା ପରେ କିପରି ନିଜ ଜମି ଚାଷ କରିବେ ଓ ପରିବାର ଗୁଜୁରାଣ ମଧ୍ୟ କେମିତି ମେଣ୍ଟାଇବି ବୋଲି ଚିନ୍ତାରେ ପଡ଼ିଛନ୍ତି। ଘଟଣା ସ୍ଥଳରେ ନନ୍ଦାହାଣ୍ଡି ପ୍ରାଣୀ ସମ୍ପଦ ବିଭାଗର ଡ. ବିଶ୍ୱ ରଞ୍ଜନ ସାହୁ ଓ ଦହଣା ସର୍କଲ ରାଜସ୍ୱ ନିରୀକ୍ଷକ ବାବୁଲା ଭତରା ଏ ନେଇ ନିରୀକ୍ଷଣ କରିଥିଲେ। ଆକସ୍ମିକ ଦୁର୍ଘଟଣାର ତଥ୍ୟ ପ୍ରଦାନ କଲେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କିଛି କ୍ଷତି ପୂରଣ ଆର୍ଥିକ ସହାୟତା ରାଶି ମିଳିପାରେ ବୋଲି ସୂଚନା ମିଳିଛି।

● ୯ ଦିନ ଅନ୍ଧାରରେ ଗ୍ରାମବାସୀ

# ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ପାପଡାହାଣ୍ଡି୧୭।୬ (ସମିସ): ଗ୍ରୀଷ୍ମପ୍ରବାହ ବଢି ଚାଲିଥିବା ବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯୋଗୁଁ ୯ ଦିନ ଅନ୍ଧାରରେ ଗ୍ରାମବାସୀ। ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ଦେଇଛନ୍ତି। ଦୁଇ ଦିନ ଭିତରେ ଟ୍ରାନ୍ସଫର୍ମର ଲଗାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଫାର୍ସାଗୁଡା ଗ୍ରାମ ୯ ଦିନ ହେଲା ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଛି। ଚଳିତ ମାସ ୯ ତାରିଖରେ ପ୍ରବଳ ଘଡଘଡି ,ପବନ ସହ ବର୍ଷା ହେବା ଫଳରେ ଗାଁରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡି ଯାଇଛି। ବିଦ୍ୟୁତ ନ ଥିବା କାରଣରୁ ଅଧିକ ମାତ୍ରାରେ ଗରମ ସହ ଗୁଳୁଗୁଳି ପ୍ରବଳ ହୋଉଛି। ଯାହାକୁ ନେଇ ଅସ୍ତବ୍ୟସ୍ତ ଜୀବନ ବିତାଉଥିବା କହିଛନ୍ତି ଗ୍ରାମବାସୀ। ଏହି ସମସ୍ୟା ନେଇ ୧୨ ତାରିଖରେ କୋଷାଗୁମୁଡ଼ା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଆଜି ଗ୍ରାମର ମହିଳା ପୁରୁଷ ମିଶି ପାପଡାହାଣ୍ଡି ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଟ୍ରାନ୍ସଫର୍ମର ଲଗାଇବାକୁ ଦାବି କରିଛନ୍ତି। ଅନ୍ୟପଟେ ଦୁଇ ଦିନ ଭିତରେ ଯଦି ଟ୍ରାନ୍ସଫର୍ମର ଲଗା ନ ଯାଏ, ତେବେ ରାସ୍ତାରୋକ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ କୋଷାଗୁମୁଡା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଦୁଇ ଭିତରେ ଟ୍ରାନ୍ସଫର୍ମର ଲଗାଯିବ ବୋଲି କହିଛନ୍ତି।

## ସ୍ନିଗ୍ଧାରାଣୀ ମିଶ୍ର ସର୍ବଭାରତୀୟ ରାମାୟଣ ରିସର୍ଚ୍ଚ କାଉନ୍‌ସିଲ ମହିଳା ଶାଖା ରାଜ୍ୟ ସମ୍ପାଦିକା ମନୋନୀତ



ସେମିଳିଗୁଡା,୧୭।୬(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ବରିଷ୍ଠ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ଜାତୀୟ ରାମାୟଣ ରିସର୍ଚ୍ଚ କାଉନସିଲର ଓଡିଶା ମହିଳା ଶାଖାର ରାଜ୍ୟ ସଂପାଦିକା ଭାବରେ ସଂସ୍ଥାର ଜାତୀୟ ସଭାପତି ଶ୍ରୀ ଶ୍ରୀ ୧୦୦୮ ପରମହଂସ ପୂଜ୍ୟ ସ୍ୱାମୀ ସଂଦିପେନ୍ଦ୍ର ଜୀ ମହାରାଜଙ୍କ ଦ୍ୱାରା ହାଇଦ୍ରାବାଦଠାରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀମତୀ ମିଶ୍ରଙ୍କ ସନାତନ ଧର୍ମର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱାମୀଜୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କାଉନ୍‌ସିଲର ଦକ୍ଷିଣ ଭାରତ ଆବାହକ ତଥା ଉପସଭାପତି ୟାରମ୍ ଭେଙ୍କଟ ରେଡୀ ଓ ଅନ୍ୟ ରାଜ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସିପିଆଇ(ଏମ୍‌ଏଲ୍) ବ୍ଲକ୍ ସଂପାଦକଙ୍କ ପରଲୋକ

ପଦ୍ମପୁର,୧୭।୬(ସମିସ): ସିପିଆଇ (ଏମ୍‌ଏଲ୍) ନେତା ତଥା ପଦ୍ମପୁର ବ୍ଲକର ସିପିଆଇ (ଏମ୍‌ଏଲ) ବ୍ଲକ ସମ୍ପାଦକ ତଥା ଜିଲ୍ଲା କମିଟି ସଭ୍ୟ ରାଜେନ୍ଦ୍ର ମାଝୀଙ୍କ ପରଲୋକ ଘଟିଛି। ସେ ଜିଲ୍ଲାର ପାଚିକା ଓ ସହାୟିକା ମାନଙ୍କ ଅଧିକାର ପାଇଁ ସେ ଲଢେଇ କରି ଆସୁଥିଲେ । ବହୁତ ଦିନ ଧରି ସ୍ୱାସ୍ଥ୍ୟ ଠିକ୍ ନ ଥିବାରୁ ବ୍ରହ୍ମପୁର ମେଡିକାଲ ଓ ଗୁଣପୁର ମେଡିକାଲରେ ସେ ଚିକିତ୍ସାଧୀନ ରହିଥିଲେ। ଗତ ମଙ୍ଗଳବାର ସକାଳେ ନିଜ ଶଶୁର ଘର ପଦ୍ମପୁର ବ୍ଲକ୍ ଗୁଲୁଗୁଡା ପଞ୍ଚାୟତ ପୁସିଗୁଡା ଗାଁରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ପରେ ପରିବାର ଲୋକେ ତାଙ୍କୁ ପୁସିଗୁଡାରୁ ନିଜ ଗାଁ ମିଳିକା ପାଗାଂକୁ ନେଇଥିଲେ।



ତାଙ୍କ ବାସଭବନ ଠାରୁ ଶହ ଶହ ଲୋକଙ୍କ ଶୋଭାଯାତ୍ରାରେ ଶବକୁ ଶ୍ମଶାନ ଘଟକୁ ନିଆଯାଇ ଖ୍ରୀଷ୍ଟିଆନ ପରମ୍ପରା ଅନୁସାରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଛି। ଏହି ସମୟରେ ରାଜେନ୍ଦ୍ର ମାଝୀଙ୍କ ସ୍ତ୍ରୀ ଓ ପୁତ୍ର, ଭଉଣୀ, ମାଥ୍ୟୁ ରଇତ, ଝିରମିୟ ମାଝୀ, ଏଲିଅ ମାଝୀ, ଭୀମ ମାଝୀ, ଯୋହନ ମାଝୀ, ପ୍ରଦୀପ ମାଝୀ,ଯକ୍ଷ ଲିମା, ହର୍ଷଦନ୍ଦଂ ଲିମା, ବୃନ୍ଦାବନ ବିଡିକା, କରୁଣାକର ଲିମା,ବାଲାଜୀ ନିମାଲା, ତୁଳସା ନିମାଲାଏବଂ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଜିଲ୍ଲାର ବହୁ ଆଦିବାସୀ ନେତା ଶୋକ ପ୍ରକାଶ କରିବା ସହ ସିପିଆଇ ଏମ୍ ଏଲ୍ ନେତା ତ୍ରିପତି ଗମାଙ୍ଗ ଗଭୀର ଦୁଃଖପ୍ରକାଶ କରିଛନ୍ତି।

## ବ୍ଲକ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ



ନନ୍ଦପୁର,୧୭।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆଜି ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଦୀର୍ଘ ୬ ଦିନ ଧରି ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଆଜି ଦ୍ୱିତୀୟ ଦିନ ଜାତି ଓ ଜନଜାତି ସମ୍ବାଦ ବିତର୍କ ମାଧ୍ୟମରେ ସରକାରଙ୍କ ଦୁଇବର୍ଷର ଉପଲବ୍ଧି ଉପରେ ସାଧାରଣ ଜନତାଙ୍କ ସହ ବିତର୍କ ଆଲୋଚନା ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ନନ୍ଦପୁର ମଣ୍ଡଳ ସଭାପତି ହରିହର ବେହେରା, ପାଡୁଆ ମଣ୍ଡଳ ସଭାପତି ରବି ରାମସିଂ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଲଡିଏମ୍ ଲିଙ୍ଗରାଜ ସାହୁ, ବିଜେପି ବରିଷ୍ଠ ନେତା ଏସ କେ ଗଫୁର ପ୍ରମୁଖ ଯୋଗଦେଇ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ସରକାରଙ୍କ ଦୁଇବର୍ଷର କାର୍ଯ୍ୟର ସଫଳତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଏସଡିସି ଚେୟାରମ୍ୟାନ୍ ଭଗବାନ ମୁଦୁଲି, ବରିଷ୍ଠ ବିଜେପି ନେତା ସରୋଜ କୁମାର ମିଶ୍ର, ଜୟରାମ ଭୋଇ, କୋରାପୁଟ ଜିଲ୍ଲା ଏସସି ସେଲ୍ ସାଧାରଣ ସମ୍ପାଦକ ମୋହନ ବୈରାଗୀ ପ୍ରମୁଖ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ଷ୍ଟଲ ସବୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ମଙ୍ଗଳ ଅଧିକାରୀ ନଗେନ ତ୍ରିପାଠୀ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ କମଲ ରାଓ ସ୍ମିଥ୍ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗାଦବାକତରା ଗ୍ରାମରୁ କୁଟୁରା ଉଦ୍ଧାର

ପାପଡାହାଣ୍ଡି/ନବରଙ୍ଗପୁର ୧୭।୬ (ସମିସ): ପାପଡାହାଣ୍ଡି ବ୍ଲକ ଗାଦବାକତରା ଗାଁରୁ ଏକ କୁଟୁରାକୁ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ୬ଟାରୁ ୭ଟା ମଧ୍ୟରେ ଗାଁ ଭିତରେ ୪ ବର୍ଷର କୁଟୁରା ଟି ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ।



ଖବର ପାଇ ମୈଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର, ଉମାଶଙ୍କର ମିଶ୍ର, ଝାଡେଶ୍ୱର ହରିଜନ ଓ କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କୁଟୁରାଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। କୁଟୁରା ଟିକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ତେବେ ବନ ବିଭାଗ କର୍ମଚାରୀ ମାନେ ଲୋକଙ୍କୁ ଦୂରରେ ରହିବାକୁ ଅନୁରୋଧ କରିବା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ସଚେତନ କରିଥିଲେ। ଉଦ୍ଧାର ପରେ କୁଟୁରାଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୁଟୁରାକୁ ସୁରକ୍ଷିତ ଭାବେ ପାପଡାହାଣ୍ଡି ଡିଅର ପାର୍କରେ ଛଡା ଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କୁଟୁରାଟି ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଓ ପାଣିର ସନ୍ଧାନରେ ଲୋକବସତି ଅଞ୍ଚଳକୁ ଚାଲି ଆସିଥିବା କୁହାଯାଉଛି।

## ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

# ଅନ୍ଧାର ରାତିରେ ଚାଲିଛି ବ୍ରିଜ୍ ନିର୍ମାଣ କାର୍ଯ୍ୟ

ନନ୍ଦାହାଣ୍ଡି, ୧୭।୬(ସମିସ): ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମେଣ୍ଟ୍ରି ପଞ୍ଚାୟତର ବାଦୀଗୁଡା ଗ୍ରାମରୁ ତେନ୍ତୁଳୀଖୁଣ୍ଟି ବ୍ଲକକୁ ସଂଯୋଗ କରୁଥିବା ଆରଡ଼ି ବିଭାଗର ରାସ୍ତା ଓ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟ ଅଧପନ୍ତରିଆ ଥିଲା। ଅଭିଯୋଗ ପରେ କିଟି କିଟି ଅନ୍ଧାର ରାତିରେ ପୁଣି ନିର୍ମାଣ କାର୍ଯ୍ୟ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସନ୍ଧ୍ୟା ସାଢେ ୬ ଘଣ୍ଟା ସମୟରେ ଅଧପନ୍ତରିଆ ବ୍ରିଜ ନିର୍ମାଣ କାର୍ଯ୍ୟ ଦେଖି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜେ. ଜୟପ୍ରକାଶଙ୍କୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ବିଳମ୍ବିତ ରାତିରେ ବ୍ରିଜ ନିର୍ମାଣ କାର୍ଯ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତରେ ସମାପନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବିଳମ୍ବିତ ରାତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ନଥିଲା ଲାଇଟ୍‌ର ସୁବିଧା। ଅନୁପସ୍ଥିତ ଥିଲେ ବିଭାଗୀୟ ଯନ୍ତ୍ରୀ, ମୋବାଇଲ ଆଲୁଅରେ ଚାଲିଥିଲା ନିର୍ମାଣ କାର୍ଯ୍ୟ। ଗ୍ରାମବାସୀଙ୍କ କହିବା ଅନୁସାରେ କାମ ନିମ୍ନମାନରେ କରାଯାଉଥିବା ବେଳେ ସମ୍ପୃକ୍ତ ଆରଡ଼ି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟରେ ଉପସ୍ଥିତ ନଥିଲେ। ରାତି ସମୟରେ ବ୍ରିଜ ନିର୍ମାଣ କାମ କରାଯାଉଥିବାରୁ କେତେ ପରିମାଣର ସିମେଣ୍ଟ, ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର ହେଉଛି, ତାହାର ସଠିକ୍ ତଦାରଖ ହେଉଛି କି ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ଏନେଇ ଆରଡ଼ି ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ରାତିରେ ଏପରି କାମ କରିବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ ଜେଇଙ୍କ ଉପସ୍ଥିତି ଆବଶ୍ୟକ। ସେ ଜେଇଙ୍କୁ ପଠାଇଥିବା କହିଥିଲେ ମଧ୍ୟ ରାତି ଦଶଟା ସୁଦ୍ଧା କାର୍ଯ୍ୟ ସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରଡ଼ି ବିଭାଗର ଏହି ବେପାରିଆ ମନଭାବ ଓ ଦାୟିତ୍ୱହୀନ ନିର୍ମାଣ କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ହେଉଛି।



■ ବଦଳି ଲାଗି ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍

# କେନ୍ଦୁଝରରୁ ଧରାପଡ଼ିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର ୧୭।୬ (ସମିସ): ଓଡ଼ିଆ ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ କରି ବଦଳି ହେବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଲାଗି ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ବଡ଼ଗୋବରା ଗାଁର ଲକ୍ଷ୍ମଣ ହେମ୍ବ୍ରମ (୩୧)।

ପୁଲିସ ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ସୁନ୍ଦରଗଡ଼ ବରଗାଁ ଓ ସଦର ବ୍ଲକକୁ ବଦଳି ହେବା ପାଇଁ ଯୋଜନା କରିଥିଲେ। ଦୁଇ ଯନ୍ତ୍ରୀ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ପ୍ୟାଡର ନକଲ୍ ପ୍ରସ୍ତୁତ କରି ବଦଳି ପାଇଁ ନିଜ ନାମ ଲେଖିଥିଲେ। ଖାଲି ସେତିକି ନୁହେଁ, ଉପବାଚସ୍ପତିଙ୍କ ଦସ୍ତଖତ ମଧ୍ୟ ଜାଲିଆତି କରିଥିଲେ। ଏହାପରେ ଉକ୍ତ ସୁପାରିଶ ପତ୍ରକୁ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଦାଖଲ କରିଥିଲେ। ପଞ୍ଚାୟତିରାଜ ବିଭାଗ ମଧ୍ୟ ଏହି ପତ୍ରକୁ ସତ୍ୟ ବୋଲି ବିଶ୍ୱାସ କରିଥିଲା। ସୁପାରିଶ ପତ୍ର ଅନୁସାରେ ଗତ ୮ ତାରିଖ ଦିନ ମୋନାଲିସା ଓ ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ସଂପୃକ୍ତ ବ୍ଲକକୁ ବଦଳି କରାଯାଇଥିଲା। ତେବେ ଉପବାଚସ୍ପତିଙ୍କ ପକ୍ଷରୁ ସେଭଳି କୌଣସି ସୁପାରିଶ କରାଯାଇନଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏଭଳି କାରନାମା ପଦାକୁ ଆସିବା ପରେ ଉପବାଚସ୍ପତିଙ୍କ



ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଗତକାଲି ରାତିରେ କେନ୍ଦୁଝରରେ ଚଢ଼ଉ କରି ଲକ୍ଷ୍ମଣଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ

# ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା: ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ କମିବା ଉଦବେଗଜନକ। ଡବଲ ଇଞ୍ଜିନ ସରକାରରେ ଅନୁଦାନ ବୃଦ୍ଧି ପାଇବା ପରିବର୍ତ୍ତେ କମୁଥିବାରୁ ମୁଖ୍ୟମନ୍ତ୍ରୀ ଏ ବାବଦରେ କେନ୍ଦ୍ର ସରକାରଙ୍କ ନିକଟରେ ମୁହଁ ଖୋଲନ୍ତୁ ଦାବି କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଥିଲେ ଯେ ସରକାରକୁ ଆସିବା ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବ ବୋଲି କହିଥିଲା ବିଜେପି। କିନ୍ତୁ ପଞ୍ଚଦଶ ଅର୍ଥ କମିଶନ (୨୦୨୧-୨୬)ଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ ୪.୫୩ ପ୍ରତିଶତ ଅର୍ଥ ମିଳିଥିବା ବେଳେ ଷୋଡ଼ଶ ଅର୍ଥ କମିଶନ (୨୦୨୬-୩୧)ଙ୍କ ସୁପାରିଶରେ ତାହା ୪.୪୨ ପ୍ରତିଶତକୁ ହ୍ରାସ ପାଇଛି। ଏହାଦ୍ୱାରା ଓଡ଼ିଶା ପ୍ରଭୂତ କ୍ଷତି ସହିବ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫,୮୦୦ କୋଟି ଟଙ୍କାର ଅନୁଦାନ ମିଳିବାକୁ ଥିବାବେଳେ ଟଙ୍କାଟିଏ ବି ଅନୁଦାନ ମିଳିଲାନି। ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ଏହି



■ ଚଳିତ ବର୍ଷ କମିବ ୫୩୦ କୋଟି ଟଙ୍କାର ଅନୁଦାନ
■ ଦୁଇ ବର୍ଷରେ ୨ ଯୋଜନାକୁ କେନ୍ଦ୍ରୀୟ ଅନୁଦାନ ଶୂନ

ଯୋଜନାରେ ଓଡ଼ିଶା ଅନୁଦାନ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେଲା। ସେହିପରି ଜଳ ଜୀବନ ମିଶନ ଯୋଜନାରେ ବାର୍ଷିକ ୬ ହଜାର କୋଟି ଟଙ୍କା ଅନୁଦାନ ମିଳିବାକୁ ଥିବାବେଳେ ଗତ ୨ ବର୍ଷ ମଧ୍ୟରେ ଟଙ୍କାଟିଏ ବି ଅନୁଦାନ ଓଡ଼ିଶାକୁ ମିଳିଲା ନାହିଁ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଓଡ଼ିଶା ହକରୁ ବଞ୍ଚିତ ହେଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ନିକଟରେ ମୁହଁ ଖୋଲିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଡ. ସାହୁ ଆହୁରି କହିଥିଲେ ଯେ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ବଜେଟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ନ କରିପାରିବାରୁ କେନ୍ଦ୍ର ଅନୁଦାନ କାଟିଦେଉଛି ଏବଂ ଯାହାବି ଅନୁଦାନ ରାଜ୍ୟକୁ ମିଳୁଛି, ତାହା ଆର୍ଥିକ ବର୍ଷ ଶେଷରେ ମିଳୁଥିବାରୁ ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟ ବିଜେପି ସରକାରଙ୍କ ଅପାରଗତା ଲାଗି ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ମିଳୁନଥିବାରୁ ଗ୍ରାମାଞ୍ଚଳରେ ପିଇବା ପାଇଁ ପାଣି ମିଳୁନାହିଁ। ଏହାସହ ଷୋଡ଼ଶ ଅର୍ଥ କମିଶନଙ୍କ ନୂଆ ଫର୍ମୁଲା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଗତ ୨ ବର୍ଷ ଧରି କେନ୍ଦ୍ରୀୟ ଅନୁଦାନ କମିବା ଏବଂ ରାଜ୍ୟ ବଜେଟରେ ବରାଦ ଅର୍ଥ ଖର୍ଚ୍ଚ ହୋଇନପାରିବା ଫଳରେ ବିକାଶ ବାଧାପ୍ରାପ୍ତ ହୋଇଛି। ପୂର୍ବ ବିଜେଡି ସରକାରରେ ଆର୍ଥିକ ପରିଚାଳନାରେ ଦେଶରେ ୧ ନମ୍ବର ସ୍ଥାନରେ ଥିବା ଓଡ଼ିଶାର ଆର୍ଥିକ ସ୍ଥିତି ଆଜି ବିଗିଡ଼ି ଯାଇଛି। ପ୍ରଚାର ସର୍ବସ୍ୱ ବିଜେପି ସରକାର ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଦାବିକୁ କେନ୍ଦ୍ର ନିକଟରେ ଉପସ୍ଥାପିତ କରି ରାଜ୍ୟ ପାଇଁ ଅଧିକ ଅନୁଦାନ ଆଣନ୍ତୁ, ନଚେତ୍ ଓଡ଼ିଶାବାସୀ କେବେ କ୍ଷମା ଦେବେ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉପସ୍ଥିତ ଥିଲେ।

# ବ୍ୟାଗରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର

ରାୟଗଡ,୧୭।୬(ସମିସ): ରାୟଗଡ ଜିଲ୍ଲାରେ ପୁଣି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଚାନ୍ଦିଲି ଥାନା ଅନ୍ତର୍ଗତ ଖଲିଗୁଡ଼ା ନିକଟରେ ଏକ କଳା ରଙ୍ଗର ବଡ଼ ବ୍ୟାଗ ଭିତରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ହାତ ଓ ଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ମିଳିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

**ହାତଗୋଡ଼ ବାନ୍ଧି ନିର୍ମମ ହତ୍ୟା ସନ୍ଦେହ**

ସୂଚନା ଅନୁଯାୟୀ, ରାୟଗଡ-ଜେକେପୁର ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ହ୍ୟୁଣ୍ଡାଇ ସର୍ଭିସ ଶୋ'ରୁମ ପାଶ୍ୱର୍ର ଏକ ଖୋଲା ପଡ଼ିଆରୁ ଆଜି ସକାଳେ ତୀବ୍ର ଦୁର୍ଗନ୍ଧ ବାହାରୁଥିବା ଦେଖି ଶୋ'ରୁମ କର୍ମଚାରୀମାନେ ସନ୍ଦେହ କରିଥିଲେ। ସେମାନେ ନିକଟକୁ ଯାଇ ଦେଖିବା ବେଳେ ଏକ କଳା ବ୍ୟାଗ ଅଧା ଖୋଲା ଅବସ୍ଥାରେ ପଡ଼ିଥିବା ନଜରକୁ ଆସିଥିଲା। ଶୋ'ରୁମ ମ୍ୟାନେଜର ବିଜୟ ବିଶ୍ୱାସ ଚାନ୍ଦିଲି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆସିଷ୍ଟାଣ୍ଟ କଲେକ୍ଟର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଶୁଭେନ୍ଦୁ ସାହୁଙ୍କ ଉପସ୍ଥିତିରେ ବ୍ୟାଗ ଖୋଲାଯିବା ପରେ ସେଥିରୁ ଜଣେ ଯୁବତୀଙ୍କ ମୃତଦେହ ବାହାରିଥିଲା। ମୃତଦେହର ଦୁଇ ହାତ ଓ ଗୋଡ଼ ବନ୍ଧା ଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଦେଖାଯାଇଛି। ମୁହଁ ପଚିଯାଇଥିବାରୁ ପରିଚୟ ଚିହ୍ନଟ କରିବା ସମ୍ଭବ ହୋଇପାରିନାହିଁ। ପ୍ରାୟ ୪ରୁ ୫ ଦିନ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ଓ ପୋଲିସ ଟିମ୍ ପହଞ୍ଚି ବିଭିନ୍ନ ପ୍ରମାଣ ସଂଗ୍ରହ କରିଛନ୍ତି। ରାୟଗଡ ଏସ୍‌ଡିପିଓ ଗୌରହରୀ ସାହୁ, ଚାନ୍ଦିଲି ଥାନା ଏସଆଇ ଆଶୁତୋଷ ସାହୁ, ଏଏସଆଇ ଶିବରାମ ସ୍ୱାଇଁଙ୍କ ସହ ଅନ୍ୟ ମାନେ ଘଟଣାର ତଦନ୍ତ ଚଳାଇଛନ୍ତି। ପରେ ଜିଲ୍ଲାର ନବନିଯୁକ୍ତ ଏସପି ରାଜ ପ୍ରସାଦ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତର ଅଗ୍ରଗତି ସମୀକ୍ଷା କରିଥିଲେ। ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ବଢୁଛି ସଡ଼କ ଦୁର୍ଘଟଣା ମୃତ୍ୟୁ

**ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରୁଛି ପରିବହନ ବିଭାଗ; ଫଳ ଶୂନ୍**

ଭୁବନେଶ୍ୱର,୧୭।୬(ସମିସ): ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟରେ ବ୍ୟବସ୍ଥା ପରେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ନୂତନ ନିୟମ ସାଙ୍ଗକୁ ବିଭିନ୍ନ ସଂସ୍ଥାର ସହଯୋଗ ନେଇ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ପ୍ରତ୍ୟେକ ଦିନ ଦୁର୍ଘଟଣାର ହାର ବଢ଼ି ଚାଲିଛି। ଭୁବନେଶ୍ୱରରେ ଗୋଟିଏ ଦିନରେ ଦୁର୍ଘଟଣା ଯୋଗୁଁ ୩ ଜଣଙ୍କର ଜୀବନ ଯାଇଛି। ସହର ଭିତରେ ସ୍ଥିତି ଏମିତି ଥିବା ବେଳେ ରାଜପଥଗୁଡ଼ିକରେ ଏହା ଆହୁରି ସମ୍ବେଦନଶୀଳ ଅବସ୍ଥା ସୃଷ୍ଟି କରୁଛି। ଅନ୍ୟପଟେ ଦୁର୍ଘଟଣା ବୃଦ୍ଧି ଓ ଜୀବନହାନୀ ମଧ୍ୟରେ ରାଜ୍ୟରେ ସଡ଼କ ସୁରକ୍ଷା ନାଁରେ ଆଇଆଇଟ ମାଡ୍ରାସକୁ ପାଣି ଭଳି ଟଙ୍କା ଗଣାଯାଉଥିବା ବେଳେ ଏହି ସଂସ୍ଥା ଦ୍ୱାରା ଓଡ଼ିଶା କେତେ ସୁଫଳ ପାଇଛି ତାକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ବର୍ତ୍ତମାନ ଦୈନିକ ହାରାହାରି ୧୮ ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣା ଯୋଗୁଁ ପ୍ରାଣ ହରାଉଛନ୍ତି। ଏହା ଛଡ଼ା ଆହତଙ୍କ ସଂଖ୍ୟା ୪୦-୫୦ ରହୁଛି। ଏଭଳି ପରିସ୍ଥିତିରେ ଗବେଷଣା ନାଁରେ ଆଇଆଇଟି ମାଡ୍ରାସ ବ୍ୟାପକ ଅର୍ଥ ନେଉଥିଲେ ମଧ୍ୟ ଏହି ସଂସ୍ଥାର କାର୍ଯ୍ୟ କେବଳ ପୋଷ୍ଟର ବ୍ୟାନରେ ସୀମିତ ରହିଯାଉଛି। କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଦେଇ ବହୁ ସଂଖ୍ୟକ ଧଳାହାତୀ ଆଇଆଇଟି ମାଡ୍ରାସ ଦ୍ୱାରା ପୋଷାଯାଉଥିଲେ ମଧ୍ୟ ଏହି ସଂସ୍ଥା କରୁଥିବା କାର୍ଯ୍ୟର ସରକାର କାହିଁକି ସମୀକ୍ଷା କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ବ୍ୟତିତ ଏହି ସଂସ୍ଥା ପକ୍ଷରୁ ରାଜ୍ୟରେ ଦୁର୍ଘଟଣା ହାର ବୃଦ୍ଧିର କାରଣ ଖୋଜାଯିବା ସହ ଏହାର ନିରାକରଣ ପାଇଁ ସୁପାରିସ କରିବ ବୋଲି ଚୁକ୍ତି କରାଯାଇଥିଲା। ହେଲେ ଏହି ସଂସ୍ଥା କେଉଁ ସୁପାରିସ କରିଛି ଓ ଏହାଦ୍ୱାରା କେଉଁ ପଦକ୍ଷେପ ନିଆଯାଇଛି ତାହାର ମଧ୍ୟ କୌଣସି ହିସାବ ନାହିଁ।

ଅନ୍ୟ ଏକ ଘଟଣା ଭାବେ ପୂର୍ବରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ଜିଲ୍ଲାରେ ପ୍ରତି ମାସରେ ସଡ଼କ ସୁରକ୍ଷା ସମିତି ବୈଠକ ବସିବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଜିଲ୍ଲାପାଳମାନଙ୍କୁ ସଡ଼କ ସୁରକ୍ଷା ସମିତିର ବୈଠକ କରିବାକୁ ସେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଧିକାଂଶ ଜିଲ୍ଲାରେ ସଡ଼କ ସୁରକ୍ଷା ସମିତିର ବୈଠକ ବର୍ଷକୁ ଥରେ ମଧ୍ୟ ଅନୁଷ୍ଠିତ ହେଉ ନାହିଁ। କେବଳ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏହି ବୈଠକ ଅନୁଷ୍ଠିତ ହେଉଛି। ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶନାମାକୁ କୌଣସି ଜିଲ୍ଲାର ଜିଲ୍ଲାପାଳମାନେ କାର୍ଯ୍ୟକାରୀ କରୁନାହାଁନ୍ତି। ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କିମିଟିର ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଦୁର୍ଘଟଣାର ତଦନ୍ତ କରିବା ଓ ଦୁର୍ଘଟଣାର ନିରାକାରଣ ପାଇଁ ବିହିତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହାକୁ ମଧ୍ୟ ଜିଲ୍ଲା ସ୍ତରରେ ଅନୁପାଳନ କରାଯାଉ ନାହିଁ। ଏହି ଘଟଣାକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ଆଇଆଇଟି ମାଡ୍ରାସ ସହ ସରକାର କରିଥିବା ଚୁକ୍ତିକୁ ତୁରନ୍ତ ରଦ୍ଦ କରାଯିବା ଉଚିତ ବୋଲି କହିଛନ୍ତି। ଏ ସମ୍ପର୍କରେ ଶ୍ରୀ ନନ୍ଦ ପତ୍ର ମାଧ୍ୟମରେ ମୁଖ୍ୟଶାସନ ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହ ଖୋର୍ଦ୍ଧା ଜିଲ୍ଲାର ଦୁର୍ଘଟଣା ହାର ଅନ୍ୟ ଜିଲ୍ଲା ଅପେକ୍ଷା ସର୍ବାଧିକ ହୋଇଥିବାରୁ ଏହି ଜିଲ୍ଲାରେ ଦୁର୍ଘଟଣା ନିରାକାରଣ ପାଇଁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ଓ ଜିଲ୍ଲା ସ୍ତରରୀୟ କମିଟିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

**ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ**

# ପିଲାଛୁଆଙ୍କ ଭବିଷ୍ୟତ ନଷ୍ଟ ପାଇଁ ଷଡ଼ଯନ୍ତ୍ର

ଭୁବନେଶ୍ୱର,୧୭।୬(ସମିସ): ଶିକ୍ଷାରେ ପ୍ରାଇମେରୀ ସ୍ତର ହେଉଛି ମୂଳଦୁଆ। ଏହିଠାରୁ ଭବିଷ୍ୟତର ପିଣ୍ଡପଡ଼େ ଓ ଏହି ମୂଳଦୁଆରୁ ଶିକ୍ଷାପ୍ରାପ୍ତ କରି ଓଡ଼ିଶାରୁ ଅନେକ ସୁନାମଧନ୍ୟ ବିଦ୍ୱାନ ରାଜ୍ୟର ଟେକ ରଖିଛନ୍ତି। କିନ୍ତୁ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତାଙ୍କ ବିଚାରଧାରାକୁ ଏନସିଇଆରଟି ଏବଂ ଓଡ଼ିଶାର ପାଠ୍ୟକ୍ରମରେ ଛାପୁଛନ୍ତି। ଓଡ଼ିଶା ଅସ୍ମିତା ନାମରେ ସରକାରକୁ ଆସିଥିବା ଦଳ ଅସ୍ମିତାର ହତ୍ୟା କରୁଛନ୍ତି ବୋଲି କହି ସରକାରଙ୍କ ଉପରେ ପର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ବୁଧବାର କଂଗ୍ରେସ ଭବନଠାରେ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ପାଠ୍ୟଖସଡ଼ା ତିଆରିବେଳେ ଓଡ଼ିଶାର ଗୁଣି ଜ୍ଞାନି ମାନଙ୍କୁ ଅଣଦେଖା କରାଯାଉଛି। କଥାରେ ଅଛି ଗୋଟିଏ ଦେଶକୁ ନିପାତ କରିବାକୁ ହେଲେ ଶିକ୍ଷାକୁ ନିପାତ କରିଦେଲେ ପରମାଣୁ ବୋମାର ଆବଶ୍ୟକତା ମଧ୍ୟ ନଥାଏ। ଯାହା ଜଣାଯାଉଛି ମୂଢ଼ମାନେ ଶାସନ ଗାଦିରେ ବସିଛନ୍ତି। ଦେଶ ଜାତି ପାଇଁ କିଛି ବଳିଦାନ ନାହିଁ। ଶିକ୍ଷା ସଂସ୍କୃତି କିଛି ନାହିଁ। ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ୫୦ କୋଟି ଟଙ୍କା ପାଣିରେ ପଡ଼ିଗଲା। କୋର କମିଟିର ଅନୁଧ୍ୟାନ ବିନା ବହି ଛପା ହେଲା କେମିତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଶିକ୍ଷାମନ୍ତ୍ରୀ ଏହି ଗୁରୁତ୍ୱର ଭୁଲକୁ ସ୍ୱୀକାର ନକରି ଓଲଟା ଶିକ୍ଷକମାନେ ସୁଧାରି ଶିକ୍ଷାଦାନ କରିବେ ବୋଲି ବକ୍ତବ୍ୟ ପ୍ରକାଶ କରିବାକୁ ନେଇ ଉକ୍ତ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଏହାକୁ ଲଜ୍ୟାଜନକ ବୋଲି କହିବା ସହ ଏନସିଇଆରଟି ଓ ଓଡ଼ିଶା ଶିକ୍ଷା ବିଭାଗର ଛାପା ଦାୟିତ୍ୱ କେଉଁ ଏଜେନ୍ସି ଟେଣ୍ଡର ପାଇଛି, ତାହାର ତଦନ୍ତ ଦାବି କରିଛନ୍ତି। କେଉଁ ବିଜେପି ନେତାଙ୍କ ସହଯୋଗରେ ଏଜେନ୍ସି କାମ ପାଇଛି। ଏ ସବୁର ତଦନ୍ତ ହେବା ଆବଶ୍ୟକ ବୋଲି ଦଳ ଦାବି କରିଛି। ବିଜେପି ସରକାର ଶିକ୍ଷା ବିଭାଗକୁ ଏବଂ ପିଲାଛୁଆଙ୍କ ଭବିଷ୍ୟତକୁ ନଷ୍ଟ କରିବାପାଇଁ ଷଡଯନ୍ତ୍ର କରିଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସସି ମୂଲ୍ୟାୟନ ବିଭ୍ରାଟ ଓ ବର୍ତ୍ତମାନର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କୌଣସିଟିରେ ସରକାରଙ୍କ କୌଣସି ମନ୍ତ୍ରୀ ଉତ୍ତର ଦାୟିତ୍ୱ ନେଉନାହାନ୍ତି କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ ମଧୁବାବୁ, ଗୋପବନ୍ଧୁ ଆଦି ସମସ୍ତ ପ୍ରଥିତଯଶା ଗୁଣି ଜ୍ଞାନି ଓଡ଼ିଆ ସନ୍ତାନଙ୍କ ପ୍ରତି ଏକ ବଡ଼ ଅପମାନ



ବୋଲି ଉକ୍ତ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିନିମନ୍ତେ କ୍ଷମା ମାଗିବା ଉଚିତ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଛାତ୍ର ନେତା ୟାସିର ନୱାଜ ଓ ଛାତ୍ର ନେତା ବିଭୁତିଭୂଷଣ ମହାପାତ୍ର ସରକାରଙ୍କୁ ଚେତାବନୀ ଦେଇ କହିଥିଲେ ଯେ ଏହି ଅକ୍ଷମଣୀୟ ତ୍ରୁଟିପାଇଁ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ, ନହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ସମ୍ମିଳନୀରେ ଅନ୍ୟମାନଙ୍କ ସହ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ଉପସ୍ଥିତ ଥିଲେ।

**୪୫ତମ ଏଚଏଲସିଏ ବୈଠକ**

# ୯ ଟି ଜିଲ୍ଲାରେ ୨୦ ମେଗା ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୧୭।୬(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ହାଇ-ଲେଭଲ୍ କ୍ଲିୟରାନ୍ସ ଅଥରିଟି (ଏଚଏଲସିଏ)ର ୪୫ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ୯ଟି ଜିଲ୍ଲାରେ ୨୦ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଗୁଡ଼ିକରେ ମୋଟ ୭୬,୬୧୧.୮୬ କୋଟି ନିବେଶ ହେବାକୁ ଥିବାବେଳେ ୫୦,୫୧୭ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଦୁଇ ବର୍ଷ ପୂରଣ କରୁଥିବା ବେଳେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ନିବେଶ ସ୍ଥଳୀ ଭାବେ ଉଭା ହୋଇଛି। ପ୍ରଗତିଶୀଳ ନୀତି, ବ୍ୟବସାୟିକ ସହଜତା (ଇଜ୍ ଅଫ୍ ଡୁଇଂ ବିଜନେସ୍)ର ସୁଧାର, ସୁଦୃଢ଼ ଭିତ୍ତିଭୂମି ଏବଂ ସକ୍ରିୟ ନିବେଶକ ସହଯୋଗ ମାଧ୍ୟମରେ ଆମେ ପାରମ୍ପରିକ ଏବଂ ଆଧୁନିକ ଉଭୟ କ୍ଷେତ୍ରରେ ନିବେଶ ଆକୃଷ୍ଟ କରିବାରେ ସଫଳ ହୋଇଛୁ। ଆଜିର ଅନୁମୋଦନ ଓଡ଼ିଶା ପ୍ରତି ନିବେଶକମାନଙ୍କ ବଢୁଥିବା ବିଶ୍ୱାସ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି, ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ ତଥା ସମଗ୍ର ରାଜ୍ୟରେ ସନ୍ତୁଳିତ ବିକାଶ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପଗୁଡ଼ିକ ନିଯୁକ୍ତି ସୃଷ୍ଟି, ଶିଳ୍ପର ବିବିଧକରଣ ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମଣି-ମୁକ୍ତା ବା ରତ୍ନପଥର ବିନିର୍ମାଣ, ସବୁଜ ଶକ୍ତି ଉପକରଣ, ମହାକାଶ ଓ ପ୍ରତିରକ୍ଷା, ବିରଳ ମୃତ୍ତିକା ଖଣିଜ ଭିତ୍ତିକ ମୂଲ୍ୟ-ସଂଯୋଜିତ ଉତ୍ପାଦ, ଫାର୍ମାସ୍ୟୁଟିକାଲ୍ସ (ଔଷଧ), ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, କେମିକାଲ୍ସ, ଇସ୍ପାତ, ଲୁହା ଏବଂ ଫେରୋ ଆଲୟଜ୍ ଏବଂ ଶକ୍ତି ଓ ନବୀକରଣଯୋଗ୍ୟ ଶକ୍ତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟାପିଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ କିରା ଡାଏମ୍ ଏଲଏଲପି, ଅଞ୍ଜଳି ଲାବ୍‌ଟେକ୍ ଲିମିଟେଡ୍ ଏବଂ ଗ୍ରୋ ମ୍ୟାଗ୍ନିଫିସେଣ୍ଟ ପ୍ରାଇଭେଟ ଲିମିଟେଡ୍ ଖୋର୍ଦ୍ଧାରେ ମୋଟ ୯,୮୧୭.୫୦ କୋଟି ନିବେଶରେ ଲାବ୍-ଗ୍ରୋନ୍ (କୃତ୍ରିମ) ହୀରା ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ। ଏହା ମୋଟ ୮,୧୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଟାଟା ପାୱାର ରିନିଉଏବଲ୍ ଏନର୍ଜି ଲିମିଟେଡ୍ ଗଞ୍ଜାମରେ ୧୦,୦୦୦ କୋଟି ନିବେଶରେ ଏକ ସୋଲାର ପିଭି ସେଲ୍ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୫,୦୦୦ କର୍ମସଂସ୍ଥାନ ସୁଯୋଗ



ସୃଷ୍ଟି ହେବ। ଏହି କ୍ଷେତ୍ରକୁ ଆହୁରି ସୁଦୃଢ଼ କରି ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍ ଗଞ୍ଜାମରେ ଏକ ସୋଲାର ପିଭି ସେଲ୍ ବିନିର୍ମାଣ କେନ୍ଦ୍ରରେ ୧,୭୦୯.୮୧ କୋଟି ନିବେଶ କରିବ, ଯାହା ୫୧୯ ଟି କର୍ମସଂସ୍ଥାନ ସୃଷ୍ଟି କରିବ।

ଏନ୍ଏନ୍ ମ୍ୟାଗ୍ନେଟେକ୍ ପ୍ରାଇଭେଟ ଲିମିଟେଡ୍ ଖୋର୍ଦ୍ଧା/କଟକରେ ହାଇ-ପରଫରମାନ୍ସ ଇଭି ଗ୍ରେଡ୍ ମ୍ୟାଗ୍ନେଟ୍ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା ପାଇଁ ୧,୨୫୦ କୋଟି ନିବେଶ କରିବ, ଯାହା ୨,୦୦୦ କର୍ମସଂସ୍ଥାନ ସୃଷ୍ଟି କରିବ। ସେହିପରି ଏଲ ଆଣ୍ଡ ଟି ଲିମିଟେଡ୍ ଗଞ୍ଜାମରେ ଏକ ପ୍ରକଳ୍ପରେ ୨,୪୦୦ କୋଟି ନିବେଶ କରିବାକୁ ଅନୁମତି ପାଇଥିବା ବେଳେ ଏହାଦ୍ୱାରା ୨,୦୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶାର ଉତ୍ପାଦନ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ରତ୍ନମଣି ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ଲିମିଟେଡ୍ ଯାଜପୁରରେ ୧,୬୪୨ କୋଟି ନିବେଶରେ ଏକ ସମନ୍ୱିତ ସ୍ପେଶାଲିଟି ଷ୍ଟିଲ୍ (ସ୍ୱତନ୍ତ୍ର ଇସ୍ପାତ) ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ୮୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ନେକ୍ଟର ଲାଇଫ୍‌ସାଇନ୍ସେସ୍ ଲିମିଟେଡ୍ ସମ୍ବଲପୁରରେ ଏକ ଔଷଧ ବିନିର୍ମାଣ ୟୁନିଟ୍ ପାଇଁ ୧,୧୭୦ କୋଟି ନିବେଶ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଜୁପିଟର ୱାଗନ୍ସ ଲିମିଟେଡ୍ ଯାଜପୁରରେ ୧,୫୦୦ କୋଟି ନିବେଶରେ ଏକ ରେଳ କୋଚ୍ ବିନିର୍ମାଣ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ବେଳେ ଏଥିରୁ ୧୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

ଇସ୍ପାତ, ଲୁହା ଏବଂ ଫେରୋ ଆଲୟଜ୍ କ୍ଷେତ୍ରର ଏକ ବଡ଼ ନିବେଶ ପ୍ରସ୍ତାବକୁ ମଧ୍ୟ ବୈଠକରେ ଅନୁମୋଦନ ମିଳିଛି। ରଶ୍ମି ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ୍ ଯାଜପୁରରେ ଏକ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୫,୦୦୦ କୋଟି ନିବେଶ କରିବ, ଯାହା ୧୧,୦୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ ସମ୍ବଲପୁରରେ ୧ ଏମଟିପିଏ ବିଶିଷ୍ଟ ସମନ୍ୱିତ ଇସ୍ପାତ ବିନିର୍ମାଣ ୟୁନିଟ୍ ପାଇଁ ୭,୫୮୦ କୋଟି ନିବେଶ କରିବ, ଯାହା ଦ୍ୱାରା ୩,୫୦୦ ଚାକିରି ସୃଷ୍ଟି ହେବ।

ଏହି କ୍ଷେତ୍ରକୁ ଆହୁରି ସମ୍ପ୍ରସାରିତ କରି ଏସଏମସି ପାୱାର ଜେନେରେସନ୍ ଲିମିଟେଡ୍ (ବଡ଼ମାଲ) ଝାରସୁଗୁଡ଼ାରେ ଏହାର ଇସ୍ପାତ କାରଖାନା ଏବଂ ସିମେଣ୍ଟ ବିନିର୍ମାଣ ୟୁନିଟ୍‌ର ସମ୍ପ୍ରସାରଣ ପାଇଁ ୫,୩୫୦ କୋଟି ନିବେଶ କରିବ, ଯାହା ୨,୦୦୦ କର୍ମସଂସ୍ଥାନ ଯୋଗାଇ ଦେବ। ଅନ୍ୟପକ୍ଷରେ ଏସଏମସି ପାୱାର ଜେନେରେସନ୍ ଲିମିଟେଡ୍ (ହିରମା) ଏକ ସମାନ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୩,୮୦୦ କୋଟି ନିବେଶ କରିବ, ଯାହା ଦ୍ୱାରା ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବିଆର ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁରରେ ୨,୪୦୦ କୋଟି ନିବେଶ କରିବାକୁ ଯାଉଥିବା ବେଳେ ଏଥିରେ ୫,୦୨୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ସେହିପରି ଓଡ଼ିଶା ଆଲୟ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ରେ ଏକ ଲୁହାପଥର ବେନିଫିସିଏସନ୍ ପ୍ଲାଣ୍ଟରେ ୧,୨୦୦ କୋଟି ନିବେଶ କରିବ, ଯାହା ଦ୍ୱାରା

● ୭୬,୬୧୨ କୋଟି ଟଙ୍କାର ନିବେଶ ମଞ୍ଜୁର, ୫୦,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ହେବ ସୃଷ୍ଟି
● ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ନିବେଶ ସ୍ଥଳୀ ଭାବେ ଉଭା ହୋଇଛି: ମୁଖ୍ୟମନ୍ତ୍ରୀ

୧,୧୦୦ ଚାକିରି ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଶକ୍ତି ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରାଜପୁଷ୍ପା ରେନୋଭା ଏଲଏଲପି ମାଲକାନଗିରିରେ ୫,୨୨୦ କୋଟି ନିବେଶରେ ଏକ ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୫୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି ହେବ। ଏହାବ୍ୟତୀତ, କେୟୁ ଉର୍ଜା ପ୍ରାଇଭେଟ ଲିମିଟେଡ୍ ଝାରସୁଗୁଡ଼ାରେ କୋଇଲା ଭିତ୍ତିକ ସର୍ମାଲ ପାୱାର ପ୍ଲାଣ୍ଟରେ ୨,୪୭୧.୯୮ କୋଟି ନିବେଶ କରିବ, ଯାହା ୪୭୮ କର୍ମସଂସ୍ଥାନ ସୃଷ୍ଟି କରିବ। ରାସାୟନିକ କ୍ଷେତ୍ରରେ ମଧ୍ୟ ଏକ ପ୍ରମୁଖ ନିବେଶ ଦେଖିବାକୁ ମିଳିଛି, ଯେଉଁଠାରେ ସିଂଘଲ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍ ରାୟଗଡ଼ାରେ ୧,୩୦୦.୫୭ କୋଟି ନିବେଶରେ ଏକ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି, ଯାହା ୩,୦୦୦ କର୍ମସଂସ୍ଥାନ ସୃଷ୍ଟି କରିବ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ଅସନ୍ତୋଷ

# ତଦନ୍ତ ବାଟବଣା ନ ହେଉ: ପିଷ୍ଟା

ପୁରୀ,୧୭।୬(ସମିସ): ଜାତୀୟ ଶିକ୍ଷାନୀତି ଆଧାରରେ ଆମ ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ସେଥିରେ ୧୬୭୮ଟି ତ୍ରୁଟି ଦେଖିବାକୁ ମିଳିଥିବାରୁ ସମସ୍ତ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାଫଳରେ ଗଣଶିକ୍ଷା ବିଭାଗକୁ ସର୍ବସାଧାରଣରେ ସମାଲୋଚିତ ହେବାକୁ ପଡ଼ିଛି। ଜାତୀୟସ୍ତରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ଏନ୍‌ସିଇଆର୍‌ଟି ଦୁଇରୁ ତିନି ବର୍ଷ ନେଉଥିବାବେଳେ ଆମ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଗଣଶିକ୍ଷା ବିଭାଗ ଏତେ ତରବରିଆ ଭାବେ ତିନି ଚାରି ମାସ ଭିତରେ ନୂଆ ପାଠ୍ୟ ପୁସ୍ତକ କାହିଁକି ପ୍ରସ୍ତୁତ କଲେ ଏହା ହେଉଛି ବଡ଼ ପ୍ରଶ୍ନ। ଗୋଟିଏ ପଟେ ରାଜ୍ୟରେ ୧ଲକ୍ଷରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ଯେତିକି ଶିକ୍ଷକ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏବେ ପ୍ରଶ୍ନ ଉଠୁଛି, ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକ କିପରି ସଂଶୋଧନ ହେବ ଓ ଶ୍ରେଣୀରେ ଶିକ୍ଷାଦାନ କରାଯିବ ସେଥିପାଇଁ ଶିକ୍ଷକମାନେ ମଧ୍ୟ ଚାପରେ ଅଛନ୍ତି। ପାଠ୍ୟପୁସ୍ତକ ପ୍ରସ୍ତୁତି ପରେ ଓସେପା ତରଫରୁ ସେଥିରେ ଥିବା ତ୍ରୁଟି ବାହାର କରି ଶିକ୍ଷକମାନଙ୍କୁ ତ୍ରୁଟି ସଂଶୋଧନ କରିବାକୁ ନିର୍ଦ୍ଦେଶନାମା ଜାରି କରାଗଲା। କିନ୍ତୁ ନୂଆ ପାଠ୍ୟ ପୁସ୍ତକକୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ଶିକ୍ଷକମାନଙ୍କୁ ଜାନୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ "ପ୍ରବୋଧନା' ତାଲିମ ସମୟରେ ଯଦି ପାଠ୍ୟପୁସ୍ତକର ସଫ୍ଟ କପି ଯୋଗାଇ ଦିଆଯାଇଥା'ନ୍ତା ତେବେ ଆଜି ଏ ପରିସ୍ଥିତି ଉପୁଜି ନ ଥା'ନ୍ତା। ତାଲିମ ସମୟରେ ଶିକ୍ଷକମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରିପାରିଥା'ନ୍ତେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଠ୍ୟ ପୁସ୍ତକରେ ଖାଲି ମୁଦ୍ରଣ ଜନିତ ତ୍ରୁଟି, ସ୍ଥାନ ପରିବର୍ତ୍ତନ ଓ ଫଟୋଚିତ୍ର ତ୍ରୁଟି ହୋଇନାହିଁ ବରଂ ପାଠ୍ୟ ପୁସ୍ତକରେ ବହୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୁରାତନ ଓ ପୌରାଣିକ ବିଷୟ ସ୍ଥାନ ପାଇଛି। ଯେତେବେଳେ ବିଶ୍ୱ ସମୁଦାୟ ବିଜ୍ଞାନ, ବୈଷୟିକ ବିଜ୍ଞାନ ଓ ଗବେଷଣା କରି ଆଧୁନିକ ଆଡ଼କୁ ଯାଉଛି ସେହି ସମୟରେ ଏଭଳି ବହି ପ୍ରସ୍ତୁତ କରିବା ନିନ୍ଦନୀୟ ଅଟେ। ତେଣୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୌରାଣିକ ଓ ପୁରାତନ ଶିକ୍ଷାକୁ ପାଠ୍ୟପୁସ୍ତକରୁ ବାଦ୍ ଦେବାକୁ ସଂଘ ଦାବି କରିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ତିନିଜଣିଆ କମିଟି ଗଠନ କରିଛନ୍ତି ଓ ୭ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେଲା ପରେ ଯେଉଁମାନେ ଦୋଷ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ ସ୍ୱାଗତ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ। ତଦନ୍ତ ଯେପରି ବାଟବଣା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି। ଗଣଶିକ୍ଷା ବିଭାଗ ପାଠ୍ୟ ପୁସ୍ତକ ପ୍ରସ୍ତୁତି ନିମନ୍ତେ କେତୋଟି କମିଟି କରିଥିଲେ ଓ ସେହି କମିଟିରେ କିଏ କିଏ ଥିଲେ ସେମାନଙ୍କ ନାମ ତାଲିକା ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଘ ଦାବି କରିଛି। ଯେଉଁମାନଙ୍କ ଯୋଗୁଁ ଆଜି ଗଣଶିକ୍ଷା ବିଭାଗ ସର୍ବସାଧାରଣରେ ନିନ୍ଦିତ ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି କରି ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବାକୁ ସଂଘର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, ଅଗାଧୁ ସେଠୀ, କାର୍ଯ୍ୟକାରୀ ସଭାପତି ଧରଣୀଧର ମଲ୍ଲିକ, ସୁଧାଂଶୁ ଶେଖର ମଣ୍ଡଳ, ସହସମ୍ପାଦକ ଚିନ୍ତାମଣି ପାଢ଼ୀ, ସନ୍ତୋଷ ଦୁବେ, ଆଭାଲିନ ପରିଡ଼ା, କେଶବ ଦଳାଇ ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

କୁଚିଣ୍ଡା,୧୭।୬(ସମିସ): ବାମରା ନିକଟସ୍ଥ କର୍ଲା ମଧୁପୁର ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କର୍ଲା ମଧୁପୁର ଗ୍ରାମର ରିଙ୍କି ନାଏକ କୌଣସି କାରଣରୁ ମାନସିକ ଚାପରେ ଥିବା ବେଳେ ଘରେ ଥିବା କିଛି ଅଦରକାରୀ ଔଷଧ ଖା ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

# ଶ୍ୟାମ୍ ମେଟାଲିକ୍ସ ପକ୍ଷରୁ ଲଙ୍ଗ ସର୍ଭିସ ଆୱାର୍ଡ




ସମ୍ବଲପୁର,୧୭।୬(ସମିସ): ରେଙ୍ଗାଲି ପଣ୍ଡଲୋଇର ସ୍ଥିତ ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ "ଲଙ୍ଗ ସର୍ଭିସ ଆୱାର୍ଡ -୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଶୀତିଜ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହା ସହିତ କମ୍ପାନୀର ବରିଷ୍ଠ ନିର୍ଦ୍ଦେଶକ ଦେବ କୁମାର ତିୱାରୀ, ସିଓଓ ସୂର୍ଯ୍ୟକାନ୍ତ କାହାଲସିଂହ ଏବଂ ମାନବ ସମ୍ବଳ ଅଧିକାରୀ ପ୍ରବୀଣ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଶ୍ୟାମ ମେଟାଲିକ୍ସରେ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ନିରନ୍ତର ସେବା ଯୋଗାଇ ଆସିଥିବା କର୍ମଚାରୀମାନଙ୍କୁ "ଲଙ୍ଗ ସର୍ଭିସ ଆୱାର୍ଡ-୨୦୨୬' ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ସଭା ଶେଷରେ ମାନବ ସମ୍ବଳ ଅଧିକାରୀ ପ୍ରବୀଣ କୁମାର ସମସ୍ତ ଅତିଥି ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାହାମରେ ପୋଖରୀ ମଝିରେ ଆଡ଼ିବନ୍ଧ ନିର୍ମାଣ ଅଭିଯୋଗ

ସମ୍ବଲପୁର,୧୭।୬(ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ବାହାମ ପଞ୍ଚାୟତର ବାହାମ ଗ୍ରାମରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ଗାଁରେ ଥିବା କଟା (ପୋଖରୀ)ର ପଙ୍କୋଦ୍ଧାର କାର୍ଯ୍ୟାଦେଶ ନେଇଥିବା ଠିକାଦାର ଜେଇଙ୍କ କଥା ନ ମାନି କଟା ମଝିରେ ଏକ ଆଡ଼ିବନ୍ଧ ନିର୍ମାଣ କରିଦେଇଛନ୍ତି। ଏହାଦ୍ୱାରା ଗ୍ରାମର ଶହ ଶହ ଏକର ଜମିକୁ ଜଳଯୋଗାଣ ବାଧାପ୍ରାପ୍ତ ହେବ ଏବଂ ବର୍ଷା ସମୟରେ କଟାର ହିଡ଼ ଭାଙ୍ଗିଯାଇପାରେ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଗ୍ରାମବାସୀ ଠିକାଦାରଙ୍କୁ ଏନେଇ ବାରଣ କରିଥିଲେ ମଧ୍ୟ ସେ ନଶୁଣି ପାଲଟା ଧମକ ଦେଉଥିବା ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ଆଡ଼ବନ୍ଧକୁ ଭଙ୍ଗା ନ ଗଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ବାହାମ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୧୭।୬ (ସମିସ): ବାମରା ଷ୍ଟେସନବସ୍ତି ନିବାସୀ ଗଣେଶ ସାହୁଙ୍କ ଭଣଜା ଅନୁରାଗ ଜୟସ୍ୱାଲ (୨୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ରାତିରେ ଘରେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡ଼ି ଦେଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବାମରା ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅନୁରାଗଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ବାମରା ମୁକ୍ତିଧାମରେ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିଲା। ବାପା ରାକେଶ ମୁଖାଗ୍ନି ଦେଇଥିଲେ।

# 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ




ରେଢ଼ାଖୋଲ,୧୭।୬(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା ଗୃହଠାରେ ବୁଧବାର ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବୁଡରା ପଞ୍ଚାୟତ ସରପଞ୍ଚ ରାଜା ପାଲ, ଭରତାପୁର ପଞ୍ଚାୟତ ସମିତି ସଭ୍ୟ ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**୩ ମାସ ହେଲା ମିଳୁନି ଭତ୍ତା**

# ଦୁର୍ଦ୍ଦିନରେ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ









କୁଚିଣ୍ଡା,୧୭।୬(ସମିସ):

ବୟସର ଭାର, ଶରୀରର ଅସହାୟତା ଓ ଗରିବୀର ଯନ୍ତ୍ରଣା ଭିତରେ ସରକାରୀ ଭତ୍ତା ହିଁ ଥିଲା ଏମାନଙ୍କ ଜୀବନର ଏକମାତ୍ର ଆଶା; କିନ୍ତୁ ଗତ ଏପ୍ରିଲ ମାସରୁ ଜୁନ ଯାଏଁ ଦୀର୍ଘ ୩ ମାସ ଧରି ଭତ୍ତା ଟଙ୍କା ନ ମିଳିବାରୁ ଏବେ ଅନେକ ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ଦୁର୍ଦ୍ଦିନ ମଧ୍ୟରେ ଦିନ କାଟୁଛନ୍ତି। ପୂର୍ବରୁ ହାତରେ ମିଳୁଥିବା ଭତ୍ତା ଟଙ୍କା ଏବେ ବ୍ୟାଙ୍କ ପାସବୁକ୍ ମାଧ୍ୟମରେ ଦିଆଯାଉଛି; କିନ୍ତୁ ବ୍ୟବସ୍ଥାର ପରିବର୍ତ୍ତନ ସହିତ ଭତ୍ତା ପ୍ରଦାନରେ ବିଳମ୍ବ ହେବା ଗରିବ ଓ ଅସହାୟ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ସମ୍ବଲପୁର ଜିଲ୍ଲାର ଆଦିବାସୀ ପ୍ରବଣ ବାମରା ବ୍ଲକର ଜରାବଗା ପଞ୍ଚାୟତ ଲପଡ଼ା ଗ୍ରାମରେ ଏହି ଅସହାୟତାର ଚିତ୍ର ଦେଖିବାକୁ ମିଳିଛି। ୮୫ ବର୍ଷିୟା ନିଳାବତୀ କିସାନ ସ୍ୱାମୀଙ୍କୁ ହରାଇ ଏକାକୀ ଜୀବନ କାଟୁଛନ୍ତି। ଆଖିକୁ ଆଉ ଭଲ ଦେଖାଯାଉ ନାହିଁ। ଚାଲିବାରେ ମଧ୍ୟ ସମସ୍ୟା ହେଉଛି। ଭତ୍ତା ଟଙ୍କା ନ ମିଳିବାରୁ ଔଷଧ କିଣିବା ମଧ୍ୟ କଷ୍ଟକର ହୋଇପଡ଼ିଛି। କେବେ ପଡ଼ୋଶୀଙ୍କ ସହାୟତାରେ ତ କେବେ ଅଳ୍ପ ଖାଦ୍ୟରେ ସେ ଦିନ କାଟୁଛନ୍ତି। ସେହିପରି ୮୦ ବର୍ଷିୟା ଊଶା ନାଏକଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପରିବାର ପାଇଁ ଚିନ୍ତା ବଢ଼ିଛି। ଲପଡ଼ା କଲୋନୀର ଉର୍ବଶୀ ଖଡ଼ିଆ ଓ ସ୍ୱାମୀ ଫକୀର ଖଡ଼ିଆଙ୍କ ଜୀବନ ମଧ୍ୟ ଅଭାବରେ ଭରିଛି। ଏକମାତ୍ର ପୁଅ ୩୦ ବର୍ଷ ତଳେ କାମ କରିବାକୁ ଯାଇ ଆଉ ଫେରି ନ ଥିବାରୁ ବୃଦ୍ଧ ଦମ୍ପତି ଅନ୍ୟର କାମ କରି ଯେମିତି ସେମିତି ଚଳୁଛନ୍ତି। ଭାଙ୍ଗିଯାଇଥିବା ପୁରୁଣା ଘର ସଜାଡିବାକୁ ବଳ ନାହିଁ। ଚିକିତ୍ସା ପାଇଁ ଟଙ୍କାର ଅଭାବ ରହିଛି। ଏବେ ଭତ୍ତା ବନ୍ଦ ଜୀବନକୁ ଆହୁରି କଷ୍ଟକର କରିଦେଇଛି। ୮୦ ପ୍ରତିଶତ ଭିନ୍ନକ୍ଷମ ନିଳାମ୍ବର ରଣା କହିଛନ୍ତି ଯେ, ମିଳୁଥିବା ଅଳ୍ପ ଭତ୍ତା ମଧ୍ୟ ସମୟରେ ନ ମିଳିବାରୁ ଚଳିଇବା କଷ୍ଟକର ହେଉଛି। ବାଲମତୀ କିସାନ, ପୁଷ୍ପଲତା କାଲୋଙ୍କ ଭଳି ବିଧବା ମହିଳା ଏବଂ ପୂର୍ଣ୍ଣମୀ କିସାନ, ବସୁମତୀ ରଣା, ଗିରିଧାରୀ ରଣା, ଅଖିଳ ବାରିକ, ନବୀନ ଚନ୍ଦ୍ର ହୋତା, ସନ୍ତୋଷିନୀ ନାଏକଙ୍କ ଭଳି ଶତାଧିକ ହିତାଧିକାରୀ ଭତ୍ତା ଟଙ୍କା ଅପେକ୍ଷାରେ ରହିଛନ୍ତି। ସରକାର ଗରିବ ଓ ଅସହାୟଙ୍କ ପାଇଁ ଯୋଜନା ପରେ ଯୋଜନା ଘୋଷଣା କରୁଛନ୍ତି। ଯଦି ମାସ ମାସ ଧରି ମିଳିବାକୁ ଥିବା ଭତ୍ତା ଟଙ୍କା ନ ପହଞ୍ଚେ ତେବେ ଏହି ଯୋଜନାର ଲାଭ କାହା ପାଇଁ ବୋଲି ପ୍ରଶ୍ନ ଉଠିଛି। ରାଜ୍ୟ ଓ କେନ୍ଦ୍ର ସରକାର ଉଭୟଙ୍କ ଦ୍ୱାରା ଚାଲିଥିବା ସାମାଜିକ ସୁରକ୍ଷା ଯୋଜନାରେ ଏଭଳି ବିଳମ୍ବ ଅସହାୟ ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଉଛି। ତୁରନ୍ତ ପଦକ୍ଷେପ ନେଇ ବକେୟା ଭତ୍ତା ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।



# ଡିପୁପଡାରେ ଦୁଗ୍ଧ ସମବାୟ ସମିତିର ବୈଠକ

କୁଚିଣ୍ଡା,୧୭।୬(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍‌ର ଡିପୁପଡା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଅଧୀନ ୨୭ଟି ଦୁଗ୍ଧ ସମବାୟ ସମିତି ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଛି। ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ଆହ୍ୱାନ କ୍ରମେ ଡିପୁପଡାଠାରେ ଏହି ଜରୁରୀ ବୈଠକ ବସିଥିଲା। ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ଅତିରିକ୍ତ ସାଧାରଣ ପରିଚାଳକ ସଞ୍ଜୀବ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମବାୟ ସମିତି ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଓ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ଉପରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଓ ସମ୍ପାଦକମାନଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା। ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଚେକ ସାଇନ୍ ଏକ ମୁଖ୍ୟ ସମସ୍ୟା ଯୋଗୁଁ ସମିତି ପରିଚାଳନା କରୁଥିବା ସମ୍ପାଦକମାନେ ଚାଷୀଙ୍କ ରୋଷର ଶିକାର ହେଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ସମନ୍ୱୟ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ତେଣୁ ସମିତିର ସୁପରିଚାଳନା ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେବାସହ ଦୁଗ୍ଧ ଯୋଗାଣ ଅବ୍ୟାହତ ରଖିବାକୁ ଶ୍ରୀ ଶତପଥୀ କହିଥିଲେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଡିପୁପଡା ଦୁଗ୍ଧ ମାର୍ଗର ପ୍ରଗତି ସମ୍ପର୍କରେ ଆଲୋଚନା କରି ଉନ୍ନତ ମାନର ଦୁଗ୍ଧ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସଂଘର ଅର୍ଥନୈତିକ ବିଭାଗ ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଦେବତା, ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭାରପ୍ରାପ୍ତ ଅଞ୍ଚଳ ଅଧିକାରୀ ସରୋଜିନୀ ବାରିକ, ଡିପୁପଡା ଦୁଗ୍ଧମାର୍ଗ କ୍ଷେତ୍ର ପରିଦର୍ଶକ ମାନସ ରଞ୍ଜନ ସାହୁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିପୁପଡା, କୁର୍ମିମୁଣ୍ଡା, ଗନମୁଣ୍ଡା, ସାନଜଟିଆପାଲି, ପାରୁଆଭାଡି, ରାମତିଲେଇମାଲ, ଗୋଛରା, କହ୍ଲେଇପାଲି, ଲଇଗୁରା, ବାଙ୍କେ, ଲଇଡାଗୁଣା, କର୍ଡାଖମଣ, ଜମନକିରା, ପାଣ୍ଡିଆଡିପା, କୁସମନାଲି, କୁନ୍ତରା, ଆଠଗାଁ ଛକ, ଜାମଡିପା,ବମଲେଇକେଲା, ତୁରେଇ, ଝଗଡାଟିରିଆ, ବେଲମୁଣ୍ଡା, ଟାଙ୍ଗରପାଲି, ସର୍ଗିଡିହି, ଜରାବଗା, କେଶାଇବାହାଲ, ଚାରମାଲ ଆଦି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ଶେଷରେ ଦୁଗ୍ଧ ଚାଷୀ ବିରଞ୍ଚି ନାରାୟଣ ଦର୍ଶା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ଛୁଟି ବଢ଼ାଇବା ପାଇଁ ସ୍ୱାଭିମାନ ସମ୍ବଲପୁରର ଦାବି

ସମ୍ବଲପୁର,୧୭।୬(ସମିସ):ବିଶ୍ୱପ୍ରସିଦ୍ଧ ଶୀତଳଷଷ୍ଠୀ ମହୋତ୍ସବକୁ ଦୃଷ୍ଟିରେ ରଖି ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ ସମ୍ବଲପୁର' ପକ୍ଷରୁ ସ୍କୁଲ ଛୁଟି ଅବଧି ବୃଦ୍ଧି ଏବଂ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ଛୁଟି ଘୋଷଣା କରିବାକୁ ଦାବି କରାଯାଇଛି। ଏହି ମର୍ମରେ ଅନୁଷ୍ଠାନ ପକ୍ଷରୁ ରାଜସ୍ୱ ଆୟୁକ୍ତ (ଆରଡିସି), ଉତ୍ତରାଞ୍ଚଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ଯେ, ୧୭ ତାରିଖରୁ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ଶୀତଳଷଷ୍ଠୀ ମହୋତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଛି। ଜୁନ ୧୮ ତାରିଖରୁ ବିଦ୍ୟାଳୟଗୁଡ଼ିକ ଖୋଲିବାକୁ ଥିବାରୁ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ କାର୍ଯ୍ୟକ୍ରମ ସମୟରେ ହିଁ ସ୍କୁଲ ଖୋଲିଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସାଧାରଣ ଜନତା ଏହି ମହାପର୍ବରେ ସାମିଲ ହେବାର ସୁଯୋଗରୁ ବଞ୍ଚିତ ହେବେ। ସଂଗଠନ ପକ୍ଷରୁ ଜୁନ ୨୨ରେ ସ୍କୁଲ ଖୋଲିବାକୁ ଦାବି କରାଯାଇଛି। ଏହି ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ମଧ୍ୟ ପଠାଯାଇଛି। ଅନୁଷ୍ଠାନର ସଂପାଦକ ଶିଶିର ବହିଦାର, ରାଜାରାମ ପାଢ଼ୀ, ସଞ୍ଜୀବ କଂସାରୀ, ଦେବନ୍ତ ବେହେରା,



ସମିର ହୋତା, କୈଳାଶ ପଣ୍ଡା, ଚିନ୍ମୟ ଦାସ, ସମ୍ୟଜିତ୍ ପଟ୍ଟନାୟକ, ଆକାଶ ସାହୁ, ଶ୍ରୀଙ୍ଗଶୁ ରାଉତ, କୁନାଲ ପ୍ରଧାନ, ସପନା ରାଣୀ କର୍ଣ୍ଣ, ସତ୍ୟବାନ ବାଗ, ଉପେନ୍ଦ୍ର ରାଉତ, କୁନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗରମ ପେଜ ପଡ଼ି ଯୁବକ ଗୁରୁତର

କୁଚିଣ୍ଡା,୧୭।୬ (ସମିସ): ବାମରା ବ୍ଲକ୍ ରଙ୍ଗିଆଟିକ୍ରା ଗ୍ରାମରେ ଗରମ ପେଜରେ ପଡ଼ି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ରଙ୍ଗିଆଟିକ୍ରା ଗ୍ରାମର ତୀର୍ଥ ମୁଣ୍ଡା। ସେ ଘରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ଗରମ ପେଜ ପଡ଼ି ଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

# ଚୋରି ଅଭିଯୋଗରେ ଦୁଇ ଯୁବକ ଗିରଫ




ରେଢ଼ାଖୋଲ,୧୭।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ବୁଧବାର ଚୋରି ଅଭିଯୋଗରେ ଦୁଇ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଯୁବକ ମାନେ ହେଲେ ରେଢ଼ାଖୋଲ ଥାନା ଡିମିରିକୁଡ଼ା ଗ୍ରାମର ବାସିନ୍ଦା ଚିଣ୍ଟୁ ନାଏକ(୨୧) ଓ ଅନୁଗୁଳ ଜିଲ୍ଲା ଥାନା ହଣ୍ଡପା ଅଁଳାବେରିନି ଗ୍ରାମର ନବୀନ ପରିଡ଼ା। ଏମାନେ ଜଣେ ବ୍ୟକ୍ତିଙ୍କ ଘର ତାଲା ଭାଙ୍ଗି ଘର ଭିତରୁ ଦୁଇଟି ବ୍ୟାଟେରୀ, ଦୁଇଟି ଇନଭର୍ଟର ମେସିନ୍, ଗୋଟିଏ ସିଲିଂ ଫ୍ୟାନ ଚୋରି କରି ନେଇ ଅନ୍ୟତ୍ର ବିକ୍ରି କରିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଚିଣ୍ଟୁ ଛେଣ୍ଡିପଦା ଅଞ୍ଚଳରେ ଟ୍ରକ୍ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିବା ସମୟରେ ଅଞ୍ଚଳରୁ ଏକ ବାଇକ୍ ଚୋରି କରି ବ୍ୟବହାର କରୁଥିବା ପୁଲିସ ଆଗରେ ସ୍ୱୀକାର କରିଛି।



# ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ

ସମ୍ବଲପୁର, ୧୭।୬ (ସମିସ) :

ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁଯୋମୁରା ବ୍ଲକର ମେଘପାଳ ପଞ୍ଚାୟତ ଟାମ୍ପରସିଂହାଠାରେ ଗଙ୍ଗା ମାତାଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ତଥା କୁମ୍ଭଭରନି ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ରତ୍ନମୁଦ ତଥା କୁମ୍ଭ ଭରନି ଉତ୍ସବରେ ଯୋଗ ଦେବା ସହିତ ଗଙ୍ଗା ମନ୍ଦିର "ମିର୍ଦ୍ଧା ସମାଜ'ର ଅନନ୍ୟ ପରମ୍ପରାର ନିଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ। ଏହି ରତ୍ନମୁଦ ଉତ୍ସବ ଅବସରରେ ବୁଧବାର ପ୍ରାତଃ ସମୟରେ ନିକଟସ୍ଥ ନାଳରୁ ପୂର୍ଣ୍ଣଜଳ କୁମ୍ଭ କଳସ ଯାତ୍ରା ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ବାତାବରଣରେ ଯଜ୍ଞମଣ୍ଡପରେ ଅବସ୍ଥାପିତ କରାଯାଇଥିଲା। ପୁରୋହିତ ଆଶୁତୋଷ ବଡ଼ପଣ୍ଡା ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରିଥିଲେ। ପଣ୍ଡିତଙ୍କ ମନ୍ତ୍ରପାଠ ହରିବୋଲ ହୁଳହୁଳି, ସଂକୀର୍ତ୍ତନରେ ମନ୍ଦିରର ରତ୍ନମୁଦ ସମାପନ ହୋଇଥିଲା। ଏହି ରତ୍ନମୁଦ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଅଭି ମିର୍ଦ୍ଧା ଓ କୁଞ୍ଜ ମିର୍ଦ୍ଧା କାର୍ଯ୍ୟଭାର ତୁଲାଇଥିବାବେଳେ ଏହି ଅବସରରେ ହୋମଯଜ୍ଞ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ଅନାଦି ସାହୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ହୀରାଲାଲ ବେହେରା, ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ମେଘପାଳ ସରପଞ୍ଚ ମମତା ପ୍ରଧାନ, ସମିତିସଭ୍ୟା ଲିଳିମା ଧୂରୁଆ, ଡଙ୍ଗରପଡା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ସମିତିସଭ୍ୟ ପ୍ରକାଶ ପ୍ରଧାନ, ଘନଶ୍ୟାମ ସାହୁ, ଇସମାଇଲ ଆଜାଦ ବଢ଼େଇ, ପ୍ରତାପ ନାୟକ, ଶିବ ମହାକୁଡ଼, ପଦ୍ମଲୋଚନ ରାଉତ, ଦୀପକ ସେଠ, ଜିତେନ୍ଦ୍ର ବଢ଼େଇ, ନିଳାଞ୍ଚଳ ଦେହୁରୀ, ରଞ୍ଜନ ସାହୁ, ସୁଧୀର ସାହୁ, ହୃଦାନନ୍ଦ ପ୍ରଧାନ, ଅର୍ଣ୍ଣ ବେହେରା, ପ୍ରଦୀପ ମିର୍ଦ୍ଧା, ମାଖନ ମିର୍ଦ୍ଧା, ଜଗତେ ମିର୍ଦ୍ଧା, ଶ୍ରଦ୍ଧାକର ମିର୍ଦ୍ଧା, ନେତ୍ର ମିର୍ଦ୍ଧା, ଦିଲୀପ ମିର୍ଦ୍ଧାଙ୍କ ସମେତ ଶତାଧିକ ଭକ୍ତ ଏହି ଉତ୍ସବରେ ଯୋଗ ଦେଇଥିଲେ।

ମେଘପାଳ ପହଞ୍ଚିବା ପୂର୍ବରୁ ଶ୍ରୀ ଆଚାର୍ଯ୍ୟଙ୍କୁ ଘେନୁପାଲି ପଞ୍ଚାୟତବାସୀ ସମଲେଇ ମନ୍ଦିର ପ୍ରାଙ୍ଗଣରେ ସ୍ୱାଗତ କରିଥିଲେ। ପାନୀୟ ଜଳ ସମସ୍ୟା ସମାଧାନ ଓ ମନ୍ଦିରବନ୍ଧଠାରେ ଗାଧୁଆ ତୁଠ ନିର୍ମାଣ ପାଇଁ ଦାବି କରିଥିଲେ। ତା'ପରେ ବିଧାୟକଙ୍କୁ ଡଙ୍ଗରପଡ଼ା ପଞ୍ଚାୟତର ହିରୋ ସମଲେଇ ମନ୍ଦିରଠାରେ ହୀରୋ, ଭଣ୍ଡାରୀମାଲ, ସଦାପାଲି, ଡଙ୍ଗରପଡ଼ାର ଶତାଧିକ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ସମଲେଇ ମନ୍ଦିରରେ ବିଦ୍ୟୁତ୍ ସଂଯୋଗ ପାଇଁ ଦାବି ଜଣାଇଥିଲେ। ହାତୀ ଉପଦ୍ରବ କରୁଥିବାରୁ ଏନେଇ ପ୍ରତିକାର ବ୍ୟବସ୍ଥା ପାଇଁ ମଧ୍ୟ ଦାବି ଜଣାଇଥିଲେ

# ଟିପିଡବ୍ଲ୍ୟୁଓଡିଏଲ ଅଧିକାରୀଙ୍କ ସହ ବିଦ୍ୟୁତ୍ ମଜଦୁର ମହାସଂଘର ଆଲୋଚନା

ସମ୍ବଲପୁର,୧୭।୬(ସମିସ):ବୁଧବାର ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦାୟିତ୍ୱରେ ଥିବା ବିଜୟ ବୁମରାଙ୍କୁ ସାକ୍ଷାତ କରିଛନ୍ତି। ଟିପିଡବ୍ଲ୍ୟୁଓଡିଏଲ ଅଧୀନରେ ଥିବା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଭାବେ ଆଲୋଚନା ହୋଇଛି। କିଭଳି ଦୁର୍ଘଟଣା ନ ଘଟିବ ଓ କର୍ମଚାରୀ ସୁରକ୍ଷିତ ରହିବେ ସେ ଦିଗରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ପ୍ରଶାନ୍ତ ନନ୍ଦ, ଜଗନ୍ନାଥ ମେହେର, ଡିଭିଜନ ସମ୍ପାଦକ ଜଗନ୍ନାଥ ଛତର, ଲଳିତ ନାୟକ, ସୁନ୍ଦରଗଡ ଡିଭିଜନରୁ ରଞ୍ଜିତ, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ଜିତେନ୍ଦ୍ର ପଟେଲ, ବରଗଡ଼ ସର୍କଲ ସଂଗଠନ ସମ୍ପାଦକ ପାଣ୍ଡବ ଜଗଦଲ୍ଲା, ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ।





# ଭିଜିଲାନ୍ସ ଜାଲରେ ପୁଲିସ ଏଏସ୍ଆଇ

ଭୁବନେଶ୍ୱର, ୧୭।୬ (ସମିସ)

ଜବତ ମୋବାଇଲ ଫେରାଇବାକୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି। ଲାଞ୍ଚ ନେବାବେଳେ ମଞ୍ଚେଶ୍ୱର ଥାନା ହୋମଗାର୍ଡ ଓ ଏଏସ୍ଆଇଙ୍କୁ କାବୁ କରିଛି ଭିଜିଲାନ୍ସ। ଗିରଫ ଏଏସ୍ଆଇ ହେଲେ ରାଜେଶ କୁଲୁ ଓ ହୋମଗାର୍ଡ ଜ୍ୟୋତି ରଞ୍ଜନ ବେହେରା। ଘଟଣାରେ ସଂପୃକ୍ତ ଅନ୍ୟଜଣେ ହୋମଗାର୍ଡ ଫେରାର ଅଛନ୍ତି।



ସୂଚନା ଅନୁସାରେ, ଦୁଇ ମାସ ପୂର୍ବେ ଏକ ମାମଲାରେ ଜଣେ ବ୍ୟକ୍ତିଙ୍କର ୨ଟି ମୋବାଇଲକୁ ମଞ୍ଚେଶ୍ୱର ଥାନା ପୁଲିସ ଜବତ କରିଥିଲା। ମୋବାଇଲ ପାଇବା ପାଇଁ ସଂପୃକ୍ତ ବ୍ୟକ୍ତି ଜଣକ ବାରମ୍ବାର ମଞ୍ଚେଶ୍ୱର ଥାନାକୁ ଯାଇଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀ ଏଏସ୍ଆଇ କୁଲୁ ଧରାଛୁଆଁ ଦେଉନଥିଲେ। ପରବର୍ତ୍ତୀ ସମୟରେ ସଂପୃକ୍ତ ବ୍ୟକ୍ତି ଜଣେ ହୋମଗାର୍ଡ ସଂସ୍ପର୍ଶରେ ଆସିଥିଲେ। ମୋବାଇଲ ଫେରି ପାଇବାକୁ ହେଲେ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ହୋମଗାର୍ଡ ଜଣକ ତାଙ୍କୁ କହିଥିଲେ। ବ୍ୟକ୍ତି ଜଣକ ଗତ ୧୨ ତାରିଖ ଦିନ ଏଏସ୍ଆଇ କୁଲୁଙ୍କୁ ୩୦ ହଜାର ଟଙ୍କା ଦେଇ ଗୋଟିଏ ମୋବାଇଲ୍ ନେଇଥିଲେ। ହେଲେ ଆଉ ଗୋଟେ ମୋବାଇଲ ପାଇଁ କୁଲୁ ତାଙ୍କୁ ଆହୁରି ୨୦ ହଜାର ଟଙ୍କା ମାଗିଥିଲେ। ଏନେଇ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ।

- ମୋବାଇଲ ଫେରାଇବାକୁ ନେଉଥିଲେ ୫୦ ହଜାର
- ଲାଞ୍ଚ ନେଇ ଗିରଫ ହେଲେ ଏଏସ୍ଆଇ ଓ ହୋମଗାର୍ଡ



ପୂର୍ବ ଯୋଜନା ମୁତାବକ ବୁଧବାର ସଂପୃକ୍ତ ବ୍ୟକ୍ତି ଜଣକ ମଞ୍ଚେଶ୍ୱର ଥାନାରେ ପହଞ୍ଚି ଟଙ୍କା ଦେଉଥିଲେ। ଏଏସ୍ଆଇ କୁଲୁ ଓ ଜ୍ୟୋତି ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏକ ମାମଲା ରୁଜୁ କରିବା ସହ କୁଲୁ ଓ ଜ୍ୟୋତିଙ୍କୁ ହେପାଜତକୁ ନେଇଛି। ଏଏସ୍ଆଇ କୁଲୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ଦୁଇଟି ସ୍ଥାନରେ ଚଢ଼ଉ କରୁଛି। ସେପଟେ ଘଟଣାରେ ଆଉଜଣେ ହୋମଗାର୍ଡଙ୍କର ସଂପୃକ୍ତି ରହିଥିବା ଭିଜିଲାନ୍ସ ହାତରେ ପ୍ରମାଣ ଲାଗିଛି। ତାଙ୍କୁ ମଧ୍ୟ ଧରିବାକୁ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଜମି ବିକ୍ରି ଆଳରେ ୩୭ ଲକ୍ଷ ଠକେଇ; ଶ୍ୱଶୁର ଓ ବୋହୂ ଗିରଫ



ଭୁବନେଶ୍ୱର, ୧୭।୬ (ସମିସ): ଜମି ବିକ୍ରି ଆଳରେ ୩୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଶଶୁର ଓ ବୋହୂକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମୁକୁନ୍ଦପ୍ରସାଦର ଶିଳ୍ପୀତା ସାହୁ (୩୫) ଓ ତାଙ୍କ ଶଶୁର ବିନୋଦ କୁମାର ସାହୁ (୭୮)।

ପୁଲିସ ସୂଚନା ମୁତାବକ, ରଶ୍ମିରଞ୍ଜନ ମହାପାତ୍ର ୨୦୨୪ ମସିହା ସେପ୍ଟେମ୍ବର ମାସରେ ମହୁରା ଅଞ୍ଚଳରେ ନାବାଳିକା ଶ୍ରୀୟା ସିଦ୍ଧିପ୍ରଜ୍ଞାନ ସାହୁଙ୍କ ନାମରେ ଥିବା ଏକ ପ୍ଲଟ୍ କିଣିବା ପାଇଁ ଜଣେ ପ୍ରୋପର୍ଟି ଏଜେଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଶ୍ରୀୟାଙ୍କ ମାଆ ଶିଳ୍ପିତା ସାହୁ, ବାପା ତପନ ସାହୁ ଓ ଜେଜେବାପା ବିନୋଦ କୁମାର ସାହୁ ଏହାର ବିକ୍ରୟ କର୍ତ୍ତୃତ୍ୱ ରଖିଥିବା ନେଇ ରଶ୍ମିଙ୍କୁ ବିଶ୍ୱାସ କରାଯାଇଥିଲା। ରଶ୍ମି ଏହି କଥାକୁ ବିଶ୍ୱାସ କରି ସେହିବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଶିଳ୍ପିତା ଓ ବିନୋଦଙ୍କ ଆକାଉଣ୍ଟକୁ ମୋଟ ୩୭ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଜମି ରେଜିଷ୍ଟ୍ରେସନ ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ବିକ୍ରୟ ପ୍ରକ୍ରିୟା ସମ୍ପନ୍ନ ହୋଇ ନ ଥିଲା। ଶିଳ୍ପୀତା, ବିନୋଦ ଓ ତପନ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ଅନ୍ୟ କ୍ରେତାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ରଶ୍ମି ବାରମ୍ବାର ଟଙ୍କା ମାଗିଥିଲେ ମଧ୍ୟ ଅଭିଯୁକ୍ତମାନେ ଫେରାଇନଥିଲେ। ରଶ୍ମି ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଶିଳ୍ପୀତା ଓ ତାଙ୍କ ଶଶୁର ବିନୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିବାହ ପ୍ରତିଶ୍ରୁତି ଦେଇ କଲେଜ ଛାତ୍ରୀଙ୍କୁ ପ୍ରତାରଣା

ଭୁବନେଶ୍ୱର, ୧୭।୬ (ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ କଲେଜ ଛାତ୍ରୀଙ୍କ ସହ ପ୍ରତାରଣା କରିଛି ପ୍ରେମିକ। ପଞ୍ଚସଖା ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଟାଉନ୍ ଥାନା କୋରିଆନ ଗାଁର ସୂର୍ଯ୍ୟନାରାୟଣ ପରିଡ଼ା (୨୩)।

- ଅଭିଯୁକ୍ତ ଏମସିଏ ଛାତ୍ର ଗିରଫ
- ଫଟୋ ଓ ଭିଡିଓ ଆଳରେ ବ୍ଲାକମେଲ୍ କରୁଥିଲା
- ଇନଷ୍ଟାଗ୍ରାମ୍‌ରୁ ହୋଇଥିଲା ପରିଚୟ

ପୁଲିସ ସୂଚନା ମୁତାବକ, କେନ୍ଦ୍ରାପଡ଼ାର ଜଣେ ୨୦ ବର୍ଷୀୟା କଲେଜ ଛାତ୍ରୀ ଗତବର୍ଷ ଅଗଷ୍ଟ ମାସରେ ଇନଷ୍ଟାଗ୍ରାମ ଜରିଆରେ ସୂର୍ଯ୍ୟ ସହ ପରିଚୟ ହେବା ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୂର୍ଯ୍ୟ ସେତେବେଳେ ରାଜଧାନୀର ଏକ ଘରୋଇ କଲେଜରେ ଏମସିଏ ଶେଷ ବର୍ଷ ପଢୁଥିବା ବେଳେ ଯୁବତୀଙ୍କୁ ଦେଖା କରିବାକୁ ଡାକିଥିଲା। ଛାତ୍ରୀ ଜଣକ ବରମୁଣ୍ଡା ବସଷ୍ଟାଣ୍ଡରେ ପହଞ୍ଚିବା ପରେ ସୂର୍ଯ୍ୟ ତାଙ୍କୁ ରାଜଧାନୀର ବିଭିନ୍ନ ସ୍ଥାନକୁ ନେଇ ବୁଲାଇଥିଲା। ଘରକୁ ଫେରିବା ସମୟ ବିଳମ୍ବ ହୋଇଯିବାରୁ ସୂର୍ଯ୍ୟ ତାଙ୍କୁ ପଞ୍ଚସଖା ନଗର ସ୍ଥିତ ଏକ ହୋଟେଲରେ ନେଇ ରଖିଥିଲା।

ସେଠାରେ ରହଣି ମଧ୍ୟରେ ଯୁବତୀଙ୍କ ସହ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା। ଖାଲି ସମ୍ପର୍କ ରଖିନଥିଲା, ବରଂ ଯୁବତୀଙ୍କ ଅଜାଣତରେ ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ସେହି ଫଟୋ ଓ ଭିଡିଓ ଆଳରେ ବ୍ଲାକମେଲ୍ କରି ଯୁବତୀଙ୍କୁ ରାଜଧାନୀ ଡକାଇଥିଲା। ପୁଣିଥରେ ସମାନ ହୋଟେଲକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ତା' କଥାରେ ରାଜି ନହେଲେ ଫଟୋ ଓ ଭିଡିଓ ଭାଇରାଲ କରିଦେବା ସହ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ସେହି ଫଟୋ ଓ ଭିଡିଓ ଆଳରେ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ନିକଟରେ ଯୁବତୀ ଜଣକ ବିବାହ କରିବାକୁ କହିବାରୁ ସୂର୍ଯ୍ୟ ତାଙ୍କୁ ଗାଳିଗୁଲଜ କରିଥିଲା। ଏହାସହିତ ତାଙ୍କ ଚରିତ୍ର ସଂହାର କରିବା ଭଳି ମନ୍ତବ୍ୟ ଦେଇଥିଲା। ଯୁବତୀଙ୍କ ଠାରୁ ଏସବୁ ବିଷୟରେ ଜାଣିବା ପରେ ତାଙ୍କ ପରିବାର ଲୋକେ ସୂର୍ଯ୍ୟକୁ ଯୋଗାଯୋଗ କରି ବ୍ଲାକମେଲ୍ କରିବାକୁ ମନା କରିଥିଲେ। ହେଲେ ସେ ଏଥିରୁ ନିବୃତ୍ତ ରହିବା ପରିବର୍ତ୍ତେ ଫଟୋ ଓ ଭିଡିଓ ଗୁଡ଼ିକୁ ଭାଇରାଲ କରି ଦେଇଥିଲା। ଏନେଇ ଯୁବତୀ ଜଣକ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଢେଙ୍କାନାଳରୁ ସୂର୍ଯ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ହଂସପାଳ, ୧୭।୬(ସମିସ): ପାହାଳ ଥାନା ଅଧିନ ଜଗନ୍ନାଥପୁର ପଞ୍ଚାୟତ ଭୀମପୁର ସିନର୍ଜି କଲେଜ ସମ୍ମୁଖ କେନାଲ ବନ୍ଧ ନିକଟରୁ ଜଣେ ଯୁବକଙ୍କ ସନ୍ଦେହଜନକ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କ ହେଉଛନ୍ତି ସ୍ଥାନୀୟ ଅନନ୍ତପୁର ଗ୍ରାମର ପ୍ରଭାତ ବେହେରା ଓରଫ ଜଗା (୨୮) ବୋଲି ଜଣାପଡ଼ିଛି। ପାହାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଭାତ ଙ୍କ ମୃତଦେହ ଉଦ୍ଧାର ବେଳେ ତାଙ୍କ ମୁଣ୍ଡ ଫାଟି ଯାଇଥିବା ସହ ମୁହଁରେ ଏକାଧିକ କ୍ଷତାକ୍ତ ଚିହ୍ନ ଥିବା ଦେଖିବାକୁ ପାଇଥିଲା।ଫଳରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁସାରେ ବୁଧବାର ସକାଳ ୬ଟା ସମୟରେ ଏକ କ୍ଷତ ବିକ୍ଷତ ଯୁବକଙ୍କ ମୃତଦେହ ଦେଖି ପାହାଳ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ଏକ ଭଙ୍ଗା କାଚ ମଦ ବୋତଲ ଜବତ କରାଯାଇଥିଲା। ଏବଂ କିଛି ଦୂରରେ ପ୍ରଭାତଙ୍କ ବାଇକ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରଭାତଙ୍କ ମୃତଦେହ



ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା କହିଛନ୍ତି।। ପ୍ରଭାତଙ୍କୁ ହତ୍ୟା କରାଯାଇ କେନାଲ କୂଳରେ ଫିଙ୍ଗି ଦିଆଯାଇଛି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ ଉତ୍ୟକ୍ତ ସ୍ଥାନୀୟ ଲୋକେ ଫୁଲନଖରା ନିଆଳି ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାସୁଝା କରିଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ଦୋଷୀକୁ ତୁରନ୍ତ ଗିରଫ କରାଯାଇ କଠୋରରୁ କଠୋର ଦଣ୍ଡ ଦେବା ପାଇଁ ଜିଦ୍ ଧରି ବସିଥିଲେ। ମୃତକଙ୍କ ବାପା ବିଷ୍ଣୁ ଚରଣ ବେହେରା ଏହି ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ମୋତେ ନ୍ୟାୟ ଦରକାର ବୋଲି ଅଡ଼ି ବସିଥିଲେ। ଘଟଣା ସ୍ଥଳରେ ଡିସିପି ଜଗମୋହନ ମୀନା ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହି ଘଟଣାରେ ପାହାଳ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ସୂଚନା ଅନୁସାରେ ପ୍ରଭାତ ସ୍ଥାନୀୟ ଜଣେ ଯୁବକଙ୍କ ହାଇୱା ଟ୍ରକ୍ ସାହାଯ୍ୟରେ ବିଭିନ୍ନ ଜାଗାରେ ବାଲି ଚିପ୍ସ ସପ୍ଲାଏ କରନ୍ତି। କାମ ବାବଦରେ ମଙ୍ଗଳବାର ବିଳମ୍ବିତ ରାତିରେ ସେ ଘରୁ ବାହାରିଥିଲେ। କିନ୍ତୁ ଆଉ ଫେରିନଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ଦେଖି କେହି ଏହାକୁ ବିଶ୍ୱାସ କରି ପାରିନଥିଲେ। ବ୍ୟବସାୟିକ ପ୍ରାପ୍ୟ ଅର୍ଥକୁ ନେଇ ହାଇୱା ଗାଡ଼ି ମାଲିକ ସହ ତାଙ୍କର ବାରମ୍ବାର ବିବାଦ ଲାଗିରହୁଥିଲା ବୋଲି ପରିବାର ଲୋକେ ଦାବି କରିଛନ୍ତି।

# ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୧୭।୬ (ସମିସ): ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରର କେ ବସନ୍ତ ରେଡ୍ଡୀ (୨୦)। ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ଦିନ ବସନ୍ତ ତା'ର ଗାଡ଼ିରେ ଚାବି ଲଗାଇ ଶିଖରଚଣ୍ଡୀ ନଗର ସ୍କୁଲ୍ ନିକଟରେ ରଖିଥିଲେ। ଗାଡ଼ି ଚୋରି ହେବା ଆଶଙ୍କା କରି ଏସ୍ ନରସିଂହ ରେଡ୍ଡୀ ଗାଡ଼ିରୁ ଚାବି ବାହାର କରି ନେଇଥିଲେ। ନରସିଂହ ଗାଡ଼ି ଚାବି କାଢୁଥିବାର ଦେଖି ଦେଇ ସେ ଗାଡ଼ି ଚୋରି କରୁଥିବା ବସନ୍ତ, ନିଜାମ ଓ ତା'ର ସହଯୋଗୀ ସନ୍ଦେହ କରିଥିଲେ। ଗାଡ଼ି ଚୋରି ସନ୍ଦେହରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ପତ୍ନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ନରସିଂହଙ୍କୁ ଲୁହା ପାଇପରେ ନିର୍ମମ ଭାବେ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ। ନରସିଂହଙ୍କ ପତ୍ନୀ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଶାନ୍ତି ବିହାର ଦୁର୍ଗାପୂଜା ମଣ୍ଡପ ନିକଟରେ ଚଢ଼ଉ କରି ବସନ୍ତକୁ ଗିରଫ କରିଥିଲା। ବସନ୍ତ ପୂର୍ବରୁ ଇନଫୋସିଟି ଥାନାର ଅନ୍ୟଏକ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ବିଡିଏ ପକ୍ଷରୁ ୪ ନୂଆ 'ଟିପି' ଘୋଷଣା

ଭୁବନେଶ୍ୱର, ୧୭।୬(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଭୁବନେଶ୍ୱର ବିକାଶ ଯୋଜନା ଅଞ୍ଚଳ (ବିଡିପିଏ)ରେ ୪୨ରୁ ୪୫ ନମ୍ବର ପର୍ଯ୍ୟନ୍ତ ଚାରୋଟି ନୂଆ ଟାଉନ ପ୍ଲାନିଂ (ଟିପି) ସ୍କିମ୍ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛି। ଓଡିଏ ଆକ୍ଟ-୧୯୮୨ର ଧାରା ୨୩(୧) ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ମୋଟ ୯୬୮.୭୫ ଏକର ଜମିକୁ ନେଇ ପ୍ରସ୍ତାବିତ ଏହି ଯୋଜନାଗୁଡ଼ିକ ରାଜ୍ୟ ସରକାରଙ୍କ 'ସମୃଦ୍ଧ ସହର' ଅଭିଯାନକୁ ଆଗକୁ ବଢ଼ାଇବା ସହ ଯୋଜନାବଦ୍ଧ ଓ ସ୍ଥାୟୀ ସହରୀକରଣକୁ ତ୍ୱରାନ୍ୱିତ କରିବ। ପାତ୍ରପଡ଼ା ମୌଜାର ୩୩୦.୦୭ ଏକର ଅଞ୍ଚଳକୁ ନେଇ ଟିପି ସ୍କିମ୍-୪୨, ଭଗବାନପୁରର ୨୬୪.୩୩ ଏକରକୁ ନେଇ ଟିପି ସ୍କିମ୍-୪୩, ବିଜିପୁର, ଭଗବାନପୁର, ବାଲିଆପଡ଼ା ଓ କାଶିପୁର ମୌଜାର ୨୯୦.୬୭ ଏକର ଅଞ୍ଚଳରେ ଟିପି ସ୍କିମ୍-୪୪ ଏବଂ ବିଜିପୁର ମୌଜାର ୮୩.୬୮ ଏକର ଅଞ୍ଚଳରେ ଟିପି ସ୍କିମ୍-୪୫ ପ୍ରସ୍ତୁତ କରାଯିବ। ଏହି ଯୋଜନା ମାଧ୍ୟମରେ ରାସ୍ତା, ଡ୍ରେନେଜ୍, ପାଣି ଯୋଗାଣ, ସିଭରେଜ୍, ବିଦ୍ୟୁତ୍, ଉଦ୍ୟାନ ଓ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିର ସମନ୍ୱିତ ବିକାଶ କରାଯିବ। ଟିପି ସ୍କିମ୍ ଅନୁସାରେ ଜମି ମାଲିକମାନେ ସାର୍ବଜନୀନ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରାୟ ୪୦ ପ୍ରତିଶତ ଜମି ଅବଦାନ ଦେବେ ଏବଂ ଅବଶିଷ୍ଟ ୬୦ ପ୍ରତିଶତ ଜମିକୁ ବିକଶିତ ଓ ସୁବିଧାସମ୍ପନ୍ନ ପ୍ଲଟ୍ ଭାବେ ଫେରସ୍ତ ପାଇବେ। ଏହା ଜମି ଅଧିଗ୍ରହଣର ଆବଶ୍ୟକତା କମାଇବା ସହ ଜମିର ମୂଲ୍ୟ ବୃଦ୍ଧି ଓ ବିକାଶ ଲାଭର ସମାନ ବଣ୍ଟନକୁ ସୁନିଶ୍ଚିତ କରିବ। ବିଡିଏ ପୂର୍ବରୁ ସହଜପୁର, ନାରଗୋଦା, ସିଜୁପୁଟ, ପାଇକରାପୁର, ତମାଣ୍ଡୋ, ବିଜିପୁର ଓ ଶ୍ୟାମସୁନ୍ଦରପୁର ଅଞ୍ଚଳରେ ପ୍ରାୟ ୧, ୫୭୭ ଏକର ଜମିକୁ ନେଇ ଟିପି ସ୍କିମ୍ କାର୍ଯ୍ୟକାରୀ କରୁଛି।



ଏହାଛଡ଼ା ଅନ୍ଧାରୁଆ ଓ ଦାସପୁର ମୌଜାରେ ପ୍ରାୟ ୫୬୦ ଏକର ଅଞ୍ଚଳର ଟିପି ସ୍କିମ୍-୮ ପାଇଁ ସରକାରଙ୍କ ଡ୍ରାଫ୍ଟ ଅନୁମୋଦନ ମିଳିଛି। ବର୍ତ୍ତମାନ ବିଡିଏ ଭୁବନେଶ୍ୱର ବିକାଶ ଯୋଜନା ଅଞ୍ଚଳରେ ମୋଟ ୧୬ଟି ଟାଉନ ପ୍ଲାନିଂ ସ୍କିମ୍ ପ୍ରକ୍ରିୟାକରଣ କରୁଥିବା ବେଳେ ଏହା ଏକ ସୁଚିନ୍ତିତ, ସ୍ଥାୟୀ ଓ ବାସଯୋଗ୍ୟ ଭୁବନେଶ୍ୱର ଗଢ଼ିବା ଦିଗରେ ଆଉ ଏକ ମାଇଲଖୁଣ୍ଟ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

# ବେପରୁଆ ଗାଡ଼ି ଚାଳନାକୁ ବିରୋଧ କରିବାରୁ ଆକ୍ରମଣ

- କୁଖ୍ୟାତ ଅପରାଧୀ ଦଧି ଗିରଫ



ଭୁବନେଶ୍ୱର, ୧୭।୬ (ସମିସ): ବେପରୁଆ ଗାଡ଼ି ଚାଳନାକୁ ବିରୋଧ କରିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଇନ୍ଦିରା ମଇଦାନ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଜଣକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱର ବଡ଼ୁ ସାହିରେ ରହୁଥିବା ତିଗିରିଆର ଦଧିବାମନ ଜେନା ଓରଫ୍ ଦଧି (୨୨)।

ପୁଲିସ ସୂଚନାନୁସାରେ, ଗତ ୧୦ ତାରିଖ ସକାଳେ ଅଭିଜିତ ସାହୁ ଇନ୍ଦିରା ମଇଦାନ ନିକଟରେ ସ୍କୁଟିରେ ଯାଉଥିଲେ। ସେହି ସମୟରେ ଦଧି ଏକ କାରକୁ ବେପରୁଆ ଓ ବିପଦଜନକ ଭାବରେ ଚଳାଇ ବିପରୀତ ଦିଗରୁ ଆସି ତାଙ୍କ ସହ ଧକ୍କା ହେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଅଭିଜିତ ଗାଡ଼ିଟିକୁ ଅଟକାଇ ପ୍ରତିବାଦ କରିବାରୁ କାରରେ ଦଧି, କାହ୍ନା, ସୋମନାଥ ଓ ପାଇଲଟ ମିଶି ଲାଠି ଓ ହକି ଷ୍ଟିକରେ ତାଙ୍କ ମୁଣ୍ଡ, ହାତ ଓ ଗୋଡ଼କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଜିତ ସେଠାରୁ ଖସି ପଳାଇ ନୂଆପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଆଜି ଦଧିକୁ ଗିରଫ କରିବା ସହ କାରକୁ ଜବତ କରିଛି। ଦଧି ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ୧୨ ଗ୍ରାମ୍ ବ୍ରାଉନସୁଗର ଜବତ; ବେପାରୀ ଗିରଫ



ଭୁବନେଶ୍ୱର, ୧୭।୬ (ସମିସ): ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରପଡ଼ା ମୁସଲିମ ସାହିର ସାହିଦ ଖାନ୍ (୨୨)। ପୁଲିସ ସୂଚନା ଅନୁସାରେ, ଝାରପଡ଼ା ମେଳନ ପଡ଼ିଆ ନିକଟସ୍ଥ କଂସେଇଖାନା ପଛପଟ ଅଞ୍ଚଳରେ ବେଆଇନ ବ୍ରାଉନସୁଗର କାରବାର ଚାଲିଥିବା ଖବର ପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରେ ସାହିଦ ଓ ଜଣେ ନାବାଳକଙ୍କୁ ଅଟକ ରଖି ଯାଞ୍ଚ କରାଯାଇଥିଲା। ସେମାନଙ୍କ ଠାରୁ ୧୨ ଗ୍ରାମ ବ୍ରାଉନସୁଗର, ମୋବାଇଲ ଫୋନ ଓ ନଗଦ ୩ ହଜାର ଟଙ୍କା ଜବତ କରାଯାଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ସାହିଦକୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ (ଜେଜେବି)ରେ ହାଜର କରାଇଛି।ସାହିଦ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଏନଡିପିଏସ୍ ମାମଲା, ସହିଦନଗର ଓ ଧଉଳି ଥାନାରେ ଛିନତାଇ ଓ ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# କବାଡ଼ିଆ ଠାରୁ ଟଙ୍କା ଲୁଟ୍; ଦୁଇ ଗିରଫ



ଭୁବନେଶ୍ୱର, ୧୭।୬ (ସମିସ): କବାଡ଼ିଆ ଠାରୁ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବ୍ରହ୍ମେଶ୍ୱର ପାଟଣାର ଦେବୀପ୍ରସାଦ ସେନାପତି (୨୩) ଓ ବଡ଼ଗଡ଼ ଭୋଇ ସାହିର ସୂର୍ଯ୍ୟକାନ୍ତ ଭୋଇ (୨୧)। ପୁଲିସ ସୂଚନାନୁଯାୟୀ, ଗତ ୧୩ ତାରିଖ ଦିନ ମଧ୍ୟାହ୍ନରେ କବାଡ଼ିଆ ଶଙ୍କର ମଣ୍ଡଳ ପୁରୀ ବାଇପାସ୍ ସ୍ଥିତ ବାଉଁଶ ଗୋଲା ନିକଟରେ ସ୍କ୍ରାପ୍ ସଂଗ୍ରହ କରୁଥିଲେ। ସେହି ସମୟରେ ଦେବୀ ଓ ସୂର୍ଯ୍ୟକାନ୍ତ ବାଇକରେ ଆସି ତାଙ୍କଠାରୁ ଜବରଦସ୍ତି ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଶଙ୍କର ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚରୁ ପ୍ରଥମେ ଗାଡ଼ି ଏବଂ ପରେ ଦେବୀ ଓ ସୂର୍ଯ୍ୟକାନ୍ତକୁ ଚିହ୍ନଟ କରିଥିଲା। ଆଜି ସାଇ ମନ୍ଦିର ନିକଟରୁ ଦୁଇ ଜଣଙ୍କୁ ଗିରଫ କରିବା ସହ ଏକ ହଜାର ଟଙ୍କା, ଗୋଟିଏ ମୋବାଇଲ ଓ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଥିଲା।

# ନାବାଳିକା ଦୁଷ୍କର୍ମକାରୀକୁ ୩୦ ବର୍ଷ ଜେଲ୍

ଭୁବନେଶ୍ୱର, ୧୭।୬ (ସମିସ): ଏୟାରଫିଲ୍ଡ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ)ର ବିଚାରପତି ସରୋଜ କୁମାର ସାହୁ ଏହି ମାମଲାର ବିଚାରକରି ଅଭିଯୁକ୍ତ ସନ୍ତୋଷ ଖୁଣ୍ଟିଆ ଓରଫ୍ କାହ୍ନାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ପୀଡ଼ିତା ତଥା ଅଢେଇ ବର୍ଷର ନାବାଳିକା ପରିବାର ସହ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରୁହନ୍ତି। ୨୦୨୪ ମସିହା ଜୁନ୍ ମାସରେ ତଥା ଘଟଣା ଦିନ ନାବାଳିକା ନିଜ ବାପାଙ୍କ ସହ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ। ଦୋକାନ ବନ୍ଦ ଥିବାରୁ ଉଭୟେ ଘରକୁ ଫେରି ଆସିବା ପରେ ନାବାଳିକା ଘର ବାହାରେ ଖେଳୁଥିଲେ। ସେହି ସମୟରେ କାହ୍ନା ନାବାଳିକାକୁ ପ୍ରଲୋଭନ ଦେଖାଇ ନିଜ ଘରକୁ ନେଇ ଯାଇଥିଲେ। ସେଠାରେ ଜୋରଜବରଦସ୍ତି ନାବାଳିକାକୁ ଦୁଷ୍କର୍ମ କରିଥିଲା। କିଛି ସମୟ ପରେ ପରିବାର ଲୋକେ ଶିଶୁକନ୍ୟାଟିକୁ ଆଣିବା ପାଇଁ କାହ୍ନା ଘରକୁ ଯାଇଥିଲେ। ସେତେବେଳକୁ ନାବାଳିକା ଜଣକ ସମ୍ପୂର୍ଣ୍ଣ ଉଲଗ୍ନ ଓ ରକ୍ତାକ୍ତ ଅବସ୍ଥାରେ ଖଟ ଉପରେ ପଡ଼ିଥିବା ବେଳେ କାହ୍ନା ତାଙ୍କ ପାଖରେ ଶୋଇଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ପରିବାର ଲୋକେ ପ୍ରତିବାଦ କରିବାରୁ କାହ୍ନା ସେମାନଙ୍କୁ ଧମକ ଦେବା ଆତଙ୍କ ସୃଷ୍ଟି କରିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ କେସ୍ ନଂ ନଂ-୧୮୬/୨୪ରେ ମାମଲା ରୁଜୁ କରିଥିଲା। ପ୍ରଥମେ ସବ୍ ଇନ୍ସପେକ୍ଟର ଜଗନ୍ନାଥ ଡାଣ୍ଡି ଓ ପରବର୍ତ୍ତୀ ସମୟରେ ତତ୍କାଳୀନ ଏୟାରଫିଲ୍ଡ ଥାନା ଅଧିକାରୀ ତଥା ବର୍ତ୍ତମାନର ଡିଏସପି ଶଶିକାନ୍ତ ରାଉତ ତଦନ୍ତ ସମ୍ପନ୍ନ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ କାହ୍ନାକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

**ପୀଡ଼ିତାଙ୍କୁ ୫ ଲକ୍ଷର କ୍ଷତିପୂରଣ**

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୩ ଜଣ ସାକ୍ଷୀ ଓ ୮୪ଟି ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଆସାମୀ କାହ୍ନାକୁ ପୋକ୍ସୋ ଆଇନର ଧାରା-୬ ଅନୁଯାୟୀ ୩୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମନା ଦଣ୍ଡାଦେଶ କରିଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି। ସେହିପରି ଆଇପିସିର ଧାରା-୩୬୩ ଅନୁଯାୟୀ ୭ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜୋରିମନା ଦଣ୍ଡାଦେଶ କରିଛନ୍ତି ଓ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି। ଏହା ବ୍ୟତୀତ ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ଆଇପିସିର ଧାରା-୩୨୩ ଅନୁଯାୟୀ ୧ ବର୍ଷର ସଶ୍ରମ କାରାଦଣ୍ଡ ଓ ଆଇପିସିର ଧାରା-୩୪୨ ଅନୁଯାୟୀ ୧ ବର୍ଷର ସଶ୍ରମ କାରାଦଣ୍ଡ ମଧ୍ୟ ଦଣ୍ଡାଦେଶ କରିଛନ୍ତି। ଅଭିଯୁକ୍ତ କ୍ଷେତ୍ରରେ ଶୁଣାଣି ହୋଇଥିବା ଉପରୋକ୍ତ ସମସ୍ତ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ମାନ୍ୟବର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧା ସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।





# ରାଜଧାନୀରେ ସରିଲା ରଜ ମଉଜ



## ବ୍ରହ୍ମେଶ୍ୱର ରଜ ମହୋତ୍ସବ

ଭୁବନେଶ୍ୱର, ୧୭।୬(ସମିସ): ଉତ୍କଳ ସେବା ଏବଂ ଶିକ୍ଷା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ରହ୍ମେଶ୍ୱର ମେଳଣ ପଡ଼ିଆରେ ଚାରି ଦିନ ବ୍ୟାପୀ ରଜ ମହୋତ୍ସବ ପାଳିତ ହୋଇଯାଇଛି। ରଜ ମହୋତ୍ସବକୁ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭୀମେଶ୍ୱର ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ରାଜାରଣୀ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଙ୍ଗ ଆଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଠାରେ ଚକ୍ରି ଦୋଳି, ଘୋଡା ଦୋଳି, ଡ଼ଙ୍ଗା ଦୋଳି, ଡ୍ରାଗନ ସମେତ ମୀନା ବଜାରରେ ପ୍ରବଳ ଗହଳି ଜମିଥିଲା। ସେହିପରି ୫୮ ନମ୍ବର ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ମାନଙ୍କ ଦ୍ୱାରା ପାରମ୍ପରିକ ପିଠା ଷ୍ଟଲ ସହ ପୋଷାକ ଷ୍ଟଲ ଖୋଲାଯାଇଥିଲା। ଟ୍ରଷ୍ଟର ସଭାପତି ପୂର୍ଣ୍ଣିମା ପଟ୍ଟନାୟକ, ଜସ୍ମିନ କର, ଦେବସ୍ମିତା ମିଶ୍ର, ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ ଲୋକ ନୃତ୍ୟ, ଆଧୁନିକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ରଜ କୁଇନ୍ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପାତ୍ରପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୭।୬(ସମିସ): ରାଜଧାନୀ ଉପକଣ୍ଠ ଗଡ଼ ପାତ୍ରପଡ଼ା ୧୬ ତମ ରଜ ମହୋତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ମହାରାଜା କ୍ରିକେଟ୍ ଆସୋସିଏସନ୍ ଓ ପାତ୍ରପଡ଼ା ଭଗବାନପୁର ଯୁବବାହିନୀ ଆନୁକୂଲ୍ୟରେ ଦୀର୍ଘ ୪ ଦିନ ବ୍ୟାପି ଏହି ମହୋତ୍ସବକୁ ଅଞ୍ଚଳବାସୀ ଉପଭୋଗ କରିଥିଲେ। କ୍ରିକେଟ୍ ଆସୋସିଏସନ୍ ପରିସରରେ



ଥିବା ସବୁଜିମା ଜଙ୍ଗଲ ଭିତରେ ଲାଗିଥିବା ପ୍ରାକୃତିକ ଦୋଳି ସାଙ୍ଗକୁ ରାମ ଦୋଳି, ମିନ୍ନାବଜାର ସହ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଷ୍ଟଲ୍ ଗୁଡିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାସହିତ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଖଦି ଉଦ୍ୟୋଗ ବୋର୍ଡ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ ଓ ପୂର୍ବତନ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଧୃଶାସନ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଜା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ଧୃଶାସନ ରଥ, ରବୀନ୍ଦ୍ର ନାଥ ସାହୁ, ଜୟନ୍ତ କୁମାର ଦାସ, ମାନସ ପାଇକରାୟ ସମେତ ଯୁବବହିନି ସଦସ୍ୟ ଓ ଆରାଧା ବାହିନୀର ସଭ୍ୟାମାନେ ଉପସ୍ଥିତି ଥିଲେ। ମଞ୍ଚ ପରିଚାଳନା କରିଥିଲେ ସତ୍ୟନାରାୟଣ ମହାନ୍ତି।

## ସହିଦ ନଗରରେ ରଜ ମହୋତ୍ସବ




ଭୁବନେଶ୍ୱର, ୧୭।୬(ସମିସ): ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ଅନ୍ତିମ ଦିବସ ତଥା ଭୂଇଁ ଦଳନ ଦିବସ ଧୁମଧାମରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ରଜ ପର୍ବର ପରମ୍ପରା ଓ ସାଂସ୍କୃତିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହିଳାମାନଙ୍କ ପାଇଁ ମାଗଣା ମେହେନ୍ଦି ଶିବିର ଆୟୋଜିତ ହୋଇଥିଲା। ରଜ ଅବସରରେ କୁଇଜ୍, ଅଳତା, ସ୍କିପିଂ, ହୁଳହୁଳି ଓ ଶଙ୍ଖ ଫୁଙ୍କା ପ୍ରତିଯୋଗିତାର ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମିତିର ସଭାପତି ବିଶ୍ୱ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ବହୁ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

## କେ-୮ କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜ ପର୍ବ



ଭୁବନେଶ୍ୱର, ୧୭।୬(ସମିସ): କେ-୮, କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜ ପର୍ବ ପାଳିତ ହୋଇଯାଇଛି। ଏହି ଉତ୍ସବର ମୁଖ୍ୟ ଆକର୍ଷଣରେ ଦୋଳି ଖେଳ, ରଜ ପାନଏବଂସ୍ୱାଦିଷ୍ଟ ଓଡ଼ିଆ ପିଠାପଣାର ସମ୍ଭାର ରହିଥିଲା। ଏହାସହ ରଜ ଗୀତ, କୁଇଜ୍, ଅନ୍ତାକ୍ଷରୀ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ସଭାପତି ବୃନ୍ଦାବନ ବସ୍ତିଆ ଏବଂ ସମ୍ପାଦକ ଦାଶରଥି ସାହୁ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିହାରୀକା ମିଶ୍ର ଓ ସରୋଜ କେ.ଦାସ, ଶ୍ରୀମତୀବିଦ୍ୟୁତ ପ୍ରଭା ତ୍ରିପାଠୀ ସଂଯୋଜନା କରିଥିବା ବେଳେ ପିଏସଏନ ପାତ୍ର, ନିରଞ୍ଜନ ସାହୁ ଏବଂ ଉମେଶ ସାହୁ ଏଥିରେ ସହଯୋଗ କରିଥିଲେ। ଶେଷରେ ଶ୍ରୀ ସିକେ ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ରାଜ୍ୟ ସମବାୟ ୟୁନିୟନରେ ରଜ ମହୋତ୍ସବ

## ଖୁସି ପ୍ରିୟଦର୍ଶିନୀ ହେଲେ ରଜରାଣୀ

ନନ୍ଦନକାନନ, ୧୭।୬(ସମିସ): ଭୁବନେଶ୍ୱର ଉପକଣ୍ଠ କଲ୍ୟାଣପୁର ସ୍ୱସ୍ତିବନରେ ଚାରି ଦିନ ଧରି ଅନୁଷ୍ଠିତ ଭୁବନେଶ୍ୱର ରଜ ମହୋତ୍ସବ ଆଜି ଉଦଯାପିତ ହୋଇଛି। ଭୁବନେଶ୍ୱର ରଜ ମହୋତ୍ସବ ରଜରାଣୀ ଭାବେ ଖଇରାପଡ଼ାର ଖୁସି ପ୍ରିୟଦର୍ଶିନୀ



ସେଠି ବାଜି ମାରିଥିଲା ବେଳେ ଗାୟତ୍ରୀ ବେହେରା, ପ୍ରିୟାଲୀ ସ୍ୱାଇଁ ଯଥା ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ବୋଲି ଆୟୋଜକଙ୍କ ତରଫରୁ ପ୍ରକାଶ କରାଯାଇଛି। ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉଦଯାପନି ଦିବସର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ରଜ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆୟୋଜିତ ସଭାରେ ଜ୍ଞାନ ରଞ୍ଜନ ରାଉତ, ସନ୍ତୋଷ କୁମାର ନାଥ, କଲ୍ୟାଣପୁର ଗ୍ରାମ ସଭାପତି ରାଜେନ୍ଦ୍ର ସ୍ୱାଇଁ, ସୁକାନ୍ତ ପରିଡ଼ା, ବସନ୍ତ ସ୍ୱାଇଁ, ବିକ୍ରମ ସ୍ୱାଇଁ, ବଇଁଶୀଧର ପଡ଼ିଆରୀ, ଗୋପୀନାଥ ଦାସ, ଧର୍ନୁଧର ସ୍ୱାଇଁଙ୍କ ସମେତ ଉପସ୍ଥିତ ଥିଲେ। ସନତ କୁମାର ସ୍ୱାଇଁ, ବୁଲୁ ସ୍ୱାଇଁ, ଅକ୍ଷୟ ବେହେରା ମଞ୍ଚ ପରିଚାଳନା କରିଥିଲେ। ବୁଲୁ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବସନ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟ ଆକର୍ଷଣ ଚଇତି ଘୋଡ଼ା ନାଚ



ହଂସପାଳ, ୧୭।୬(ସମିସ): ବାଲିଅନ୍ତା ପଞ୍ଚାୟତ ଅଧିନ ଭୁବନପୂର ଗ୍ରାମ ମାଆ ଉତ୍ତରମୁଖି ପୀଠ ପରିସରରେ ରଜ ମହୋତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଅଛି। ଏଠାରେ ରଜରେ ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ଚଇତି ଘୋଡ଼ା ନାଚ ଏକ ସପ୍ତାହ ଧରି ଚାଲିଥାଏ। ଏହି ରଜ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ୧୬ ନମ୍ବର ବିଜେଡି ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର ରାଉତରାୟ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ଭୁବନପୁର ଗ୍ରାମ ସଭାପତି ଭିକାରି ଚରଣ ସାହୁ, ଲକ୍ଷ୍ମୀଧର ସାହୁ, ଶିବପ୍ରସାଦ ସାହୁ ଯୋଗ ଦେଇଥିଲେ। ।ମାଙ୍କ ନିକଟରେ ମାଛ ପୋଡ଼ା ବଳି ଓ ଡାଲି ଭୋଗ ଲାଗିଥାଏ। ସାତ ଦିନ ଧରି ମାଙ୍କ ପୀଠ ଚଳଚଞ୍ଚଳ ସହ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହା ସହିତ ପୀଠ ପରିସରରେ ମିନାବଜାର, ବିଭିନ୍ନ ପ୍ରକାରର ଦୋଳି ସହ ଲୋକ ମାନଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଥିଲା। ଭୁବନପୁର ର ସମସ୍ତ ଯୁବକ ମିଳିମିଶି କାର୍ଯ୍ୟ ପରିଚାଳନା କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ରଶ୍ମିତା ବେହେରା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଇଥିଲେ।

## ଓଡ଼ିଶା ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟୋତ୍ସବ

ଭୁବନେଶ୍ୱର, ୧୭।୬(ସମିସ): ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୮ ତମ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟମ୍ବଦା' ରବୀନ୍ଦ୍ର ମଣ୍ଡପଠାରେ ଉଦଘାଟିତ ହୋଇଛି। ଉତ୍ସବରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ପରିବେଷଣ ହେବା ସହିତ ଆଦିବାସୀ ନୃତ୍ୟ ମଧ୍ୟ ପରିବେଷଣ କରଯାଇଥିଲା। ଏହି ସନ୍ଧ୍ୟାରେ ଅତିଥି ଭାବରେ ସମାଜସେବୀ ସୁମିତ୍ରା ଜେନା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଓଡ଼ିଶୀ କଣ୍ଠଶିଳ୍ପୀ ସୁକାନ୍ତ କୁମାର କୁଣ୍ଡୁ, ମର୍ଦ୍ଦଳ ବାଦକ ବିଜୟ କୁମାର ବାରିକ ଏବଂ ଓଡ଼ିଶା ଡାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଅନୁଷ୍ଠାନର କଳାକାରମାନେ



ପରିବେଷଣ କରିଥିଲେ ପଞ୍ଚଭୂତ, ଯାହା ପ୍ରକୃତିର ପାଞ୍ଚଟି ମୌଳିକ ତତ୍ତ୍ୱକୁ ଆଧାର କରି ସୃଷ୍ଟି ହୋଇଥିଲା। ଏହି ନୃତ୍ୟର ସଂରଚନା ଗୁରୁ ଅରୁଣା ମହାନ୍ତି, ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ ଏବଂ ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ କରିଥିଲେ। ପରବର୍ତ୍ତୀ ପରିବେଷଣ ଥିଲା ଆରବୀ ପଲ୍ଲବୀ, ଯାହା ରାଗ ଆରବୀ ଓ ତାଳ ଏକତାଳୀରେ ନିବଦ୍ଧ ଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ତଥା ନୃତ୍ୟାଙ୍ଗନା ଗୁରୁ ଡ. ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ବରିଷ୍ଠ ଗୁରୁ, ନୃତ୍ୟଶିଳ୍ପୀ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ଫକୀରମୋହନଙ୍କ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୧୭।୬ (ସମିସ): ଲକ୍ଷ୍ମୀସାଗର ସ୍ଥିତ ଏମେରାଲ୍ଡ ଆପାର୍ଟମେଣ୍ଟରେ ଡ. ବାସନ୍ତୀ ମହାନ୍ତିଙ୍କ ଆବାହକତ୍ୱରେ ରଜ ମଉଜ ଓ ଫକୀରମୋହନ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗଣପର୍ବ ରଜ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସାରସ୍ୱତ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ପଣ୍ଡା, ସାରସ୍ୱତ ସାଧକ ଡ. ବିବେକାନନ୍ଦ ପାଣିଗ୍ରାହୀ, ପ୍ରଫେସର ଜୟଶ୍ରୀ ପଟ୍ଟନାୟକ, ବିଳାସିନୀ ସିଂହ, ଗୌର ପ୍ରସାଦ ମହାପାତ୍ର, କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ତମ୍ଭକାର ଡ. ସୀମାନ୍ତ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ଚନ୍ଦନ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତେ ପୋଡପିଠା ଓ ରଜ ପାନର ମଜା ନେଇଥିଲେ।

● କେନ୍ଦ୍ରାପଡ଼ା ଏସ୍‌ପିଙ୍କ ପ୍ରେସ ବ୍ରିଫ୍ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା

## ମହାକାଳପଡ଼ା ବିଡିଓ ଓ ଆଇଆଇସିଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୧୭।୬(ସମିସ): ମହାକାଳପଡ଼ା ବିଡିଓ ଏବଂ ଆଇଆଇସିଙ୍କୁ ତୁରନ୍ତ ବରଖାସ୍ତ କରି ଗିରଫ କରିବା ସହ ଘଟଣାରେ ସମ୍ପୃକ୍ତ ଭଡ଼ାଟିଆ ଗୁଣ୍ଡା ଏବଂ ଏହାର ମାଷ୍ଟରମାଇଣ୍ଡ ବିଧାୟକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ପିସିସି ଉପସଭାପତି ସସ୍ମିତା ବେହେରା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମତୀ ବେହେରା ସୋମବାର ଅପରାହ୍ନରେ କେନ୍ଦ୍ରାପଡ଼ା ପହଞ୍ଚି କେନ୍ଦ୍ରାପଡ଼ା ମେଡିକାଲରେ ଚିକିତ୍ସାଧୀନ ଆହତ ସରପଞ୍ଚ ଚାମେଲି ଓଝାଙ୍କୁ ଭେଟିଥିଲେ। ଚାମେଲିଙ୍କ ପିତାମାତାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଶ୍ରୀମତୀ ବେହେରା କେନ୍ଦ୍ରାପଡ଼ା ଏସ୍‌ପିଙ୍କ ପ୍ରେସ ବ୍ରିଫ୍‌କୁ କଡ଼ା ସମାଲୋଚନା କରି ଏହାକୁ ଏକ ନାଟକୀୟ ସ୍କ୍ରିପ୍ଟ ବୋଲି ଅଭିହିତ କରିଥିଲେ। ସେ ମହାକାଳପଡ଼ା ବିଡିଓ, ଆଇଆଇସି ଓ ଅନ୍ୟ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ବରଖାସ୍ତ କରି ଗିରଫ କରିବାକୁ ଦାବି କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ବିଡିଓ ଓ ଆଇଆଇସି ଷଡଯନ୍ତ୍ର କରି ବିଡିଓ କାର୍ଯ୍ୟାଳୟ, ପୁଲିସ ଗାଡ଼ି ଏବଂ ଥାନା ମଧ୍ୟରେ ଚାମେଲି ଓଝାଙ୍କୁ ଆକ୍ରମଣ ଓ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ବିଡିଓଙ୍କ ଭଡ଼ାଟିଆ ଗୁଣ୍ଡାମାନେ କାର୍ଯ୍ୟାଳୟ ମଧ୍ୟରେ ତାଙ୍କୁ ଆକ୍ରମଣ କରିଥିବାରୁ ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ମଧ୍ୟ ସେ ଦାବି କରିଥିଲେ। ସେ ଚାମେଲି ଓଝାଙ୍କୁ ନିଃସର୍ତ୍ତ ଓ ତୁରନ୍ତ ମୁକ୍ତ କରିବା ସହ ତାଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଶ୍ରୀମତୀ ବେହେରା କହିଥିଲେ ଯେ, ଏହା କେବଳ ଚାମେଲି ଓଝାଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ଭାରତୀୟ ଗଣତନ୍ତ୍ରର ଆତ୍ମା ଓ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଏକ ବର୍ବର ଆକ୍ରମଣ। ବିଡିଓ ଓ ଆଇଆଇସିଙ୍କ ଅସାଧୁ ମେଣ୍ଟ ଦ୍ୱାରା ଏହି ଆକ୍ରମଣ ସଂଘଟିତ ହୋଇଛି। ଆମେ ସମସ୍ତେ ଚାମେଲି ଓଝାଙ୍କ ସହ ଅଛୁ ଏବଂ ଦୋଷୀ ବିଡିଓ ଓ ଆଇଆଇସିଙ୍କୁ ଦଣ୍ଡିତ କରିବା ପର୍ଯ୍ୟନ୍ତ ଆମର ସଂଗ୍ରାମ ଜାରି ରହିବ ବୋଲି ସେ କହିଛନ୍ତି।

## ଭିଏସ୍‌ଏସ୍ ନଗରରେ ପ୍ରତିଷ୍ଠା ହେବ ବୀର ସୁରେନ୍ଦ୍ର ସାଏଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୧୭।୬(ସମିସ):ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ବୀର ସୁରେନ୍ଦ୍ର ସାଏ ନଗରରେ ପ୍ରତିଷ୍ଠା ହେବ। ବରପୁତ୍ରଙ୍କ ଘୋଡ଼ା ଉପରେ ବସିଥିବା ଓ ହାତରେ ଖଣ୍ଡା ଓ ଢାଲ ଧରିଥିବା ରୂପରେ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ଭିଏସ୍‌ଏସ୍ ନଗରରେ ପ୍ରତିଷ୍ଠା ପାଇଁ ୨୦୦୭ ମସିହାରୁ ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ସମେତ ନଗରବାସୀ ଦାବି କରିଆସୁଥିବା ବେଳେ ଏବେ ତାଙ୍କ ଦାବି ପୂରଣ ହେବାକୁ ଯାଉଛି। ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ୨୦୦୯ ମସିହାରେ ସଂସ୍କୃତି ବିଭାଗ ଜୟଦେବ ବିହାର ଛକରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତି ନେଇଥିଲେ। ସେହିଭଳି ୨୦୧୯ ମସିହାରେ ସୁରେନ୍ଦ୍ର ସାଏଙ୍କ କେବଳ ଠିଆ ହେବା ଅବସ୍ଥାରେ ପ୍ରତିମୂର୍ତ୍ତି ଭିଏସ୍ ଏସ୍ ନଗରରେ ପ୍ରତିଷ୍ଠା ପାଇଁ ନିଷ୍ପତି ନେଇଥିଲେ। ଏହାକୁ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବିରୋଧ କରାଯିବା ପରେ ଶେଷରେ ଏବେ ଦାବି ମୁତାବକ ନିର୍ମାଣ ଚାଲିଛି ପ୍ରତିମୂର୍ତ୍ତି। ତେଣୁ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଂସ୍କୃତି ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କ୍ଲବ୍ ଲାଇଫ ଲାଇନ୍ ଆନୁକୂଲ୍ୟରେ ତାସ ପ୍ରତିଯୋଗିତା



ଭୁବନେଶ୍ୱର, ୧୭।୬(ସମିସ): ରଜ ପର୍ବରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ଖେଳ ମଧ୍ୟରେ ତାସ ଖେଳ ଅନ୍ୟତମ। ଏହି ଅବସରରେ ଭୁବନେଶ୍ୱର ୟୁନିଟ୍- ୬ସ୍ଥିତ 'କ୍ଲବ ଲାଇଫ ଲାଇନ' ଆନୁକୂଲ୍ୟରେ ଏକ ତାସ ପ୍ରତିଯୋଗିତା କ୍ଲବର ସଦସ୍ୟମାନଙ୍କ ମଧ୍ୟରେ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କ୍ଲବର ସଦସ୍ୟ ସିଦ୍ଧାର୍ଥ ମିଶ୍ର ଫିତା କାଟି ଉଦଘାଟନ କରିଥିଲେ। ଏହି ଉଦ୍‌ଘାଟନ ସମୟରେ କ୍ଲବର ସଭାପତିଙ୍କ ସମେତ ଅନେକ ସଦସ୍ୟ ଓ ପ୍ରତିଯୋଗୀମାନେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଲିଗ୍ ପର୍ଯ୍ୟାୟରେ ୬ଟି ଦଳ ଖେଳିଥିଲେ। ସେଥି ମଧ୍ୟରୁ ୪ଟି ଦଳ ସେମିଫାଇନାଲ୍ କୁ ପ୍ରବେଶ କରିଥିଲେ। ଫାଇନାଲରେ ଅମୀୟ ରଞ୍ଜନ ଜେନା ଏବଂ ପ୍ରମୋଦ କୁମାର ସୁବୁଦ୍ଧିଙ୍କ ଯୋଡି, ମନୋରଞ୍ଜନ ପାଣି ଓ ସୁଶାନ୍ତ କୁମାର ବେହେରାଙ୍କ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ।

## ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଭାରତ ସରକାରଙ୍କ ଫେଲୋସିପ



ଭୁବନେଶ୍ୱର, ୧୭।୬ (ସମିସ): ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଶିଳ୍ପୀ ଓ ଯୁବ ଗବେଷକ, ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଓଡିଶୀ ନୃତ୍ୟରେ ଉଚ୍ଚତର ଗବେଷଣା ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ୨ ବର୍ଷୀୟା ବରିଷ୍ଠ ଫେଲୋସିପ ପ୍ରଦାନ କରାଯାଇଛି। 'ମୁଖ୍ୟ ନାୟିକାକୁ ସୁସ୍ପଷ୍ଟ କରିବାରେ ପାର୍ଶ୍ୱ ନାୟିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ତାର ସାମାଜିକ ପ୍ରଭାବ' ସମ୍ବନ୍ଧରେ ସେ ଗବେଷଣା କରିବେ। ଏବେ ସେ ଅନୁଚିନ୍ତନମ୍ ଅନୁଷ୍ଠାନର ପ୍ରତିଷ୍ଠା କରି ନୃତ୍ୟ ପ୍ରଶିକ୍ଷଣ ସହ ପିଏଚଡି ଓ ଫେଲୋସିପ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ ଦେଉଛନ୍ତି। ବରିଷ୍ଠ ଫେଲୋସିପ ପାଇଁ କଳାକାର, ନୃତ୍ୟ ଗୁରୁ ସଂସ୍କୃତି ପ୍ରେମୀମାନେ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

## 'ରୋଟି ବେଲନା ଆସାନ ନହିଁ' ହିନ୍ଦିରେ ଅନୁଦିତ

ଭୁବନେଶ୍ୱର, ୧୭।୬(ସମିସ): ଓଡ଼ିଆ ସାହିତ୍ୟିକ ଡ଼. ବାସୁଦେବ ସୁନାନୀଙ୍କ କବିତା ସଂଗ୍ରହ 'ରୋଟି ବେଲନା ଆସାନ ନହିଁ', ଓଡ଼ିଆ ଭାଷାରୁ ହିନ୍ଦୀ ଭାଷାକୁ ଅନୁଦିତ ହୋଇଛି। ହିନ୍ଦୀରେ ଅନୁଦିତ ଏହି କବିତା ପୁସ୍ତକକୁ କେନ୍ଦ୍ର କରି "ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର" (ଆଇଜିଏନସିଏ), ନୂଆ ଦିଲ୍ଲୀର ଜନପଦ ସମ୍ପଦା ବିଭାଗ ପକ୍ଷରୁ ୧୬ ଜୁନ ୨୦୨୬ ତାରିଖରେ ଏକ ସାରଗର୍ଭକ ଓ ଚିନ୍ତନପ୍ରବଣ ପୁସ୍ତକ ଆଲୋଚନା, ଅନୁଷ୍ଠାନର ଉମଂଗ ସଭାଗୃହରେ ଆୟୋଜିତ ହୋଇଥିଲା। ପ୍ରଫେସର ପ୍ରମୋଦ ମେହରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଡ଼. ପ୍ରଭାକର ପାଲକା, ରାଧେଶ୍ୟାମ ତିୱାରୀ ଓ ଅନୀତା ଭାରତୀ ପ୍ରମୁଖ ବିଶିଷ୍ଟ ଲେଖକ ଗଣ




ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚକମାନେ ଏହି କବିତା ସଂଗ୍ରହରେ ପ୍ରତିଫଳିତ ଦଳିତ ସାହିତ୍ୟ, ଦଳିତ ଚେତନା ଓ ସାମାଜିକ ବୈଷମ୍ୟର ଗଭୀର ଅନୁଭୂତିକୁ ବିସ୍ତୃତ ଭାବେ ବିଶ୍ଳେଷଣ କରିବା ସହ ଏହି କବିତାଗୁଡ଼ିକର ମୂଳ ସାରତତ୍ତ୍ୱ ସାମାଜିକ ବାସ୍ତବତା, ମାନବୀୟ ମର୍ଯ୍ୟାଦା ଓ ଶ୍ରମ ଶୋଷଣକୁ କେନ୍ଦ୍ର କରି ଗଢ଼ିଉଠି ଥିବା ଦର୍ଶାଇ ସେଇ ପ୍ରସଙ୍ଗ ଉପରେ ବିଷଦ୍ ଆଲୋଚନା ରଖି ଥିଲେ। ଆଲୋଚକ ରାଧେଶ୍ୟାମ ତିୱାରୀ କହିଥିଲେ ଯେ ଦୈନନ୍ଦିନ ରୋଷେଇ କାର୍ଯ୍ୟବେଳେ, ରୋଟି ବେଲିବା ବେଳେ ବ୍ୟବହୃତ ହେଉଥିବା 'ବେଲନା'କୁ ଜୀବନ ଧାରଣ ପାଇଁ ଚାଲିଥିବା କଠିନ ସଂଘର୍ଷର ପ୍ରତିକ ଭାବରେ ସାଧାରଣ ଲୋକଙ୍କ ଅସ୍ତିତ୍ୱର ଓ ତତ୍ ସଂଲଗ୍ନ ଯନ୍ତ୍ରଣାର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ କବିତାରେ ଉପସ୍ଥାପନା କରାଯାଇ ଥିବାର ମତପୋଷଣ କରିଥିଲେ। ଶତାବ୍ଦୀ ଧରି ଅବହେଳିତ ଓ ବଞ୍ଚିତ ସମୁଦାୟମାନଙ୍କର ବେଦନାକୁ ଭାଷା ଦେଇ, ଏହି କବିତାଗୁଡ଼ିକ ଅଦୃଶ୍ୟ ଶ୍ରମର ସ୍ୱର, ଭୋକର ଏକ ମର୍ମସ୍ପର୍ଶୀ ପ୍ରତିଫଳନ ଏବଂ ବ୍ୟବସ୍ଥାଗତ ଅନ୍ୟାୟ ବିରୋଧରେ ଏକ ନିରବ ଅଥଚ ତୀବ୍ର ପ୍ରତିବାଦ ରୂପେ ଉଭା ହୋଇଛି ବୋଲି ଶ୍ରୀ ତିୱାରୀ ମତବ୍ୟକ୍ତ କରିଥିଲେ।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ନିଃଶୁଳ୍କ ଗମନାଗମନ ବ୍ୟବସ୍ଥା

**ଭଦ୍ରକ,୧୭।୬(ସମିସ):** ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ (୨)ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କୁ ନିଃଶୁଳ୍କ ଗମନାଗମନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ମୋଟରଯାନ ନିରୀକ୍ଷକ ବାମଦେବ ସାହୁ, ଭଦ୍ରକ ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଚାଳକ, ଓଏସ୍ଆରଟିସି ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦ ତାରିଖ ଅପରାହ୍ଣ ଏବଂ ୨୧ ତାରିଖ ସକାଳେ ଜିଲ୍ଲାର ୭ଟି ବ୍ଲକ୍ ମୁଖ୍ୟାଳୟରୁ ଭଦ୍ରକ ପର୍ଯ୍ୟନ୍ତ 'ଆମ ବସ୍' ଯୋଗେ ନିଃଶୁଳ୍କ ଯାତାୟାତ ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୨୧ ତାରିଖ ସକାଳ ୮ଟାରୁ ବନ୍ତ ଛକଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସଟଲ୍ ସେବା ପାଇଁ ମୋଟ୍ ୭ଟି 'ଆମ ବସ୍' ନିୟୋଜିତ କରାଯିବ। ଏଥିମଧ୍ୟରେ ଭଦ୍ରକ ଅଟୋନମସ୍ କଲେଜକୁ ୨ଟି, ସରକାରୀ ପଲିଟେକ୍ନିକ୍, ଭଦ୍ରକକୁ ୨ଟି, ଭଣ୍ଡାରିପୋଖରୀ ପଲିଟେକ୍ନିକ୍‌କୁ ୨ଟି ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ୧ଟି ବସ୍ ଚଳାଚଳ କରିବ। ସମସ୍ତ ବ୍ୟବସ୍ଥାର ତଦାରଖ ଓ ସୁପରିଚାଳନା ପାଇଁ ମୋଟରଯାନ ନିରୀକ୍ଷକ ବାମଦେବ ସାହୁଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି। ପରୀକ୍ଷାର୍ଥୀମାନେ ଆବଶ୍ୟକ ପଡ଼ିଲେ ତାଙ୍କ ମୋବାଇଲ୍ ନମ୍ବର ୭୯୭୮୦୧୪୧୭୫ରେ ଯୋଗାଯୋଗ କରିପାରିବେ। ଏହାଛଡ଼ା ନିଟ୍ ପରୀକ୍ଷାର୍ଥୀମାନେ ନିଜର ଆଡ୍‌ମିଟ୍ କାର୍ଡ ପ୍ରଦର୍ଶନ କଲେ ବେସରକାରୀ ବସ୍‌ରେ ମଧ୍ୟ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଓ ସମ୍ପାଦକ ସୂଚନା ଦେଇଥିଲେ।

## ମେଧାବୀ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଶତ୍ରୁଘ୍ନ ଖଟୁଆଙ୍କ ମେଧାବୀ ଝିଅ ରୁନୁ ଖଟୁଆଙ୍କ ଉଚ୍ଚଶିକ୍ଷା ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ଏକ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଜାରକା କୁମାରୀସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଆରୁହା ଜୋନର ବିଜେପି ସଭାପତି ଜିତେନ୍ଦ୍ର ରାଉତ ଓ ନେଉଳପୁର ଅଞ୍ଚଳର ଯୁବ ସମାଜସେବୀ ସଞ୍ଜିବ ଜେନା ଓ ଅନ୍ୟମାନେ ସୁଶ୍ରୀ ରୁନୁ ଖଟୁଆଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ। ସେହିଭଳି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରୋଗରେ ପୀଡ଼ିତ ବ୍ୟକ୍ତି ବିଶେଷଙ୍କୁ ଆଜି ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ମାଗଣା ଔଷଧ ଘରେ ଘରେ ପହଞ୍ଚାଇ ଦିଆଯାଇଛି।



## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜପର୍ବ ଓ କବିତା ପାଠୋତ୍ସବ




**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ପୀଠରେ ରଜ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାରସ୍ୱତ ସାଧକ ଯୋଗେନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ ବିଭୁତି ଭୂଷଣ ପାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବା ବେଳେ ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ଓ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କବି ସରୋଜିନୀ ପଣ୍ଡା ସଂଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠ ଉତ୍ସବକୁ ସଂଗଠନ ସଂପାଦକ ଗଣେଶ୍ୱର ବେହେରା ଓ କଥାକାର ଅର୍ଜ୍ଜୁନ ପୃଷ୍ଟି ସଂଯୋଜନା କରିଥିଲେ। ଏଥିରେ ଶଶୀଭୂଷଣ ଦ୍ୱାରି, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଶୁଭକାନ୍ତ ନାୟକ, ଅଞ୍ଜନା ମହାରଣା, ପ୍ରତିମା ସାହୁ, କାଦମ୍ବିନୀ ମିଶ୍ର, ଦେବେନ୍ଦ୍ର ପଟ୍ଟନାୟକ, ଗଗନ ଦତ୍ତ, ସୁବାସ ସାହୁ, ବିଜୟ କୁମାର ଦେବତା, ଗୋବିନ୍ଦ ଚନ୍ଦ୍ର ସାହୁ, ଉତ୍ତମ ପ୍ରଧାନ ପ୍ରମୁଖ ରଜ ପର୍ବ ଉପରେ କବିତା ଆବୃତ୍ତି କରିଥିଲେ। କବି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଅଧ୍ୟାପକ ବିଜୟ ନାୟକ, ଧ୍ରୁବଚରଣ ବିଶ୍ୱାଳ, ପ୍ରହ୍ଲାଦ ପଣ୍ଡା, ଗୋଲକ ଚନ୍ଦ୍ର ପଲେଇ, ନୃସିଂହ ଚରଣ ମିଶ୍ର, ସନାତନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଗଠନ ସଂପାଦକ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

## 'ଅସହାୟର ବନ୍ଧୁ' ସଂଗଠନ ପକ୍ଷରୁ ସହାୟତା

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକର କାଏମା ପଞ୍ଚାୟତ ଓ ଦେଓଦା ପଞ୍ଚାୟତରେ ଥିବା ଅସହାୟ ଲୋକମାନଙ୍କୁ ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ରଜ ପର୍ବ ଅବସରରେ ସହାୟତା ପ୍ରଦାନ କରାଯାଇଛି। ସଂଗଠନର ସମ୍ପାଦକ ଗଣେଶ୍ୱର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସଦସ୍ୟମାନେ ଗରିବ ଓ ଅସହାୟ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ନୂତନ ବସ୍ତ୍ର, ମିଠା, ଫଳ, ପିଠା ଏବଂ ଆର୍ôଥକ ସହାୟତା ପ୍ରଦାନ କରିଛନ୍ତି। ଏହି ସେବା କାର୍ଯ୍ୟରେ କାଦମ୍ବିନୀ ମିଶ୍ର, ସନ୍ତୋଷ କୁମାର ଦାସ, ଗଣେଶ୍ୱର ସାହୁ, ଶ୍ରୀନିବାସ ସାହୁ,ରମେଶ ତରାଇ, ଜିତେନ୍ଦ୍ର ପରିଡା, ପ୍ରକାଶ ସାହୁ, ପ୍ରମୋଦ ପୁହାଣ ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ସାମିଲ ହୋଇଥିଲେ। ସଙ୍ଗଠନର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

### ମଙ୍ଗଳପୁର-ଝାଟିଆ ସାହି ରସ୍ତା ମରଣଯନ୍ତା

# କୋଟି କୋଟି ଟଙ୍କାର ରାସ୍ତାରେ ଖାଲଖମା ଭର୍ତ୍ତି

**ଅସୁରାଳି,୧୭।୬(ସମିସ):**



ଧାମନଗର ବ୍ଲକ୍ ଅନ୍ତର୍ଗତ ଝାଟିଆ ସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାଟି ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାଟି ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ ହୋଇ ଶୋଚନୀୟ ଅବସ୍ଥା ଧାରଣ କରିଛି। ନିମ୍ନମାନର କାମ ଯୋଗୁଁ ସ୍ଥିତି ପୁଣି ପୂର୍ବପରି ସଂଘାତିକ ହୋଇପଡ଼ିଛି। ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତରା ଯୋଗୁଁ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେତୁର ଦୁଇ ମୁଣ୍ଡ ଦବିଯିବା ସହିତ ଯାତାୟାତ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ବିଶେଷ କରି ରେବ ନଦୀ ସେତୁର ଦୁଇ ପାର୍ଶ୍ୱ ପ୍ରାୟ ଦୁଇ ଫୁଟ୍ ପର୍ଯ୍ୟନ୍ତ ଦବି ଯାଇଥିବାବେଳେ ଏହାର ନିକଟବର୍ତ୍ତୀ ରାସ୍ତା ଓ କୋରୁଆ କେନାଲ ପାର୍ଶ୍ୱ ମଧ୍ୟ ଧସିଯାଇଛି। ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଖାରଜି କୋରୁଆ ଓ କୋରୁଆ କେନାଲ ରାସ୍ତା ଦବିଯାଇ ବିପଦପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ଗୋବିନ୍ଦପୁର ବଜାର ଦାମ ଗାଳି ପାଖରେ ବଡ଼ ବଡ଼ ଗାତ ସୃଷ୍ଟି ହେବା ଫଳରେ ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟୁଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ସ୍ଥାନୀୟ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଓ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି।

ରାସ୍ତା ସାରା ବଡ଼ ବଡ଼ ଗାତ ଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଛନ୍ତି। ବିଶେଷ କରି ରାତି ସମୟରେ ବାଇକ୍ ଚାଳକମାନେ ଗାତ ସ୍ପଷ୍ଟ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିବାରୁ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରାସ୍ତା ଫାଟି ପିଚୁ ଉଠିଯାଇଥିବାରୁ ଗାଡ଼ି ଚଳାଚଳ ସମୟରେ ପଥଚାରୀ, ଗାଡ଼ି ଚାଳକ ଏବଂ ରାସ୍ତାକଡ଼ରେ ଥିବା ବ୍ୟବସାୟୀ ପ୍ରତିଦିନ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବା ସହ ଲୋକମାନେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହେଲେଣି। ଏ ସମ୍ପର୍କରେ ସ୍ଥାନୀୟ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୃହ ବିଭାଗକୁ ଏହି ସମସ୍ୟା ବାବଦରେ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ତେବେ ପ୍ରଶାସନ କେବେ ଏଥିପ୍ରତି ଦୃଷ୍ଟି ଦେଉଛି ଏବଂ ଜନସାଧାରଣ ଏହି ସମସ୍ୟାରୁ ମୁକ୍ତି ପାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଖରସ୍ରୋତା ରଜ ମହୋତ୍ସବ ଉଦ୍‌ଯାପିତ

**ସିଂହପୁର,୧୭।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ତ୍ରିଦିବସୀୟ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଅପରାହ୍ନରେ ରମାକାନ୍ତ ନାୟକ, ଜିତେନ୍ଦ୍ର କୁମାର ବେହେରା, ନିରଞ୍ଜନ ପାତ୍ର, ଟିକିଲତା ବେହେରା ଓ ଖଗେଶ୍ୱର ସାହୁଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହୁଳହୁଳି, ମୁରୁଜ, ଶାଢ଼ି ପିନ୍ଧା ଦୌଡ଼, ମ୍ୟୁଜିକ୍ ଚେୟାର, ଶଙ୍ଖଫୁଙ୍କା ପ୍ରତିଯୋଗିତାରେ ଶତାଧିକ ଯୁବତୀ ଓ ବିବାହିତ ମହିଳା ଭାଗ ନେଇଥିଲେ। ସଭାପତି ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେସାହି ଗ୍ରାମପଞ୍ଚାୟତର ସମିତିସଭ୍ୟ ସନ୍ତୋଷ କୁମାର ବେଉରିଆ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସରପଞ୍ଚ ଅକ୍ଷୟ କୁମାର ବେହେରା, ବରେଣ୍ୟ ଅତିଥି ଭାବେ ସୁଚିତ୍ରା ଦାସ, ଭାରତ ଭୂଷଣ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଫତେପୁର, ଟିଣା ଓ ବାଛୋଳ ଗ୍ରାମ ପଞ୍ଚାୟତର ଶହ ଶହ ଜନସାଧାରଣଙ୍କ ଉପସ୍ଥିତି ଥିଲେ। ବିଚାରକ ଭାବେ ପ୍ରଫୁଲ୍ଲ ମହାକୁଡ, ନୃସିଂହ ମଲ୍ଲିକ, ପ୍ରଶାନ୍ତ କୁମାର ନାୟକ, ଯଜାତି ଦାଶ, ଧିରେସ ସାହୁ, ସୁଶାନ୍ତ ଜେନା, ପ୍ରତାପ ମହାକୁଡ, ପ୍ରମୋଦ ସେଠୀ, ଟିକିଲି ସାହୁ, ପ୍ରମୋଦ ଦାସ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ପଦ୍ମାକର ଗୁର, କଳିଙ୍ଗ ମହାକୂଳ, ରାଜେଶ ଦାସ, ଅଜୟ ମଲ୍ଲିକ, ବୈଦ୍ୟନାଥ ଜେନା, ଶିଶିର କୁମାର ଦାସ, ମନୋଜ ସାହୁ, ନରୋତ୍ତମ ଜେନା, ଫକୀର ପଣ୍ଡା, ମହେନ୍ଦ୍ର ବାରିକ୍, ଦିବାକର ମହାକୁଡ, ପୁରୁଷୋତ୍ତମ କର, ରଜତ ମହାକୂଳ, ରାଜା କର ପ୍ରମୁଖ ସଞ୍ଚାଳନ କରିଥିଲେ। ନିହାର ରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦ କିଶୋର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ

**ଜେନାପୁର,୧୭।୬ (ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ବାଲିଯାତ୍ରା ପଡିଆସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିପୀଠଠାରେ ଉତ୍କଳମଣି ସେବା ସଂଗଠନ ପକ୍ଷରୁ ୯୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବ ପ୍ରଥମେ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଭ୍ୟଙ୍କ ଉପସ୍ଥିତିରେ ବିଶିଷ୍ଟ ସମାଜସେବୀ ସୁଦର୍ଶନ ପ୍ରଧାନ ଓ କ୍ଷେତ୍ରବାସୀ ରାଉତଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ପରେପରେ ଗୋପବନ୍ଧୁ ସ୍ମାରକୀ ପ୍ରତିମୂର୍ତ୍ତିରେ ଅଶ୍ୱିନୀ ପଟ୍ଟନାୟକଙ୍କ ସଭାପତି ଲୋକନାଥ ପୁରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଉପଦେଷ୍ଟା ମଣ୍ଡଳୀର ପ୍ରମୋଦ କୁମାର ମଲ୍ଲିକ, ବିଷ୍ଣୁ ଚରଣ ଓଝା, ସୁଦର୍ଶନ ପ୍ରଧାନ, ରବିନାରାୟଣ ଦାସ, ପ୍ରତାପ ଚନ୍ଦ୍ର ଦାସ, ଅର୍ଜ୍ଜୁନ ଚରଣ ଦାସ, କ୍ଷେତ୍ରବାସୀ ରାଉତ, ଉପସଭାପତି ମାନସ କୁମାର ମହାନ୍ତି, ସମ୍ପାଦକ ମହେଶ୍ୱର ଖଟୁଆ, ସହସମ୍ପାଦକ ପ୍ରହଲ୍ଲାଦ ପାତ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଯୁଗ୍ମ କୋଷାଧ୍ୟକ୍ଷ କୁନିଲ୍ ରାଉତ, ସଂଯୋଜକ ନିଷ୍କାନ୍ତ ଖଟୁଆ, ସଭ୍ୟ କ୍ଷିରୋଦ ଦଳାଇ, ଅଶୋକ କୁମାର ଦାସ, ଆଲୋକ ପୃଷ୍ଟି, ପ୍ରଦୀପ୍ତ ଭୋଇ ଏବଂ ଅଜୟ କବି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ରତନପୁର ରଜ ମହୋତ୍ସବ ଉଦ୍‌ଯାପିତ

**ଧର୍ମଶାଳା,୧୭।୬(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମରେ ତିନିଦିନ ବ୍ୟାପୀ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ସାମ୍ବାଦିକ ଇନ୍ଦ୍ରମଣି ନାୟକ ଉଦ୍‌ଘାଟନ କରିଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରଜ ଉତ୍ସବର ଶେଷ ସନ୍ଧ୍ୟାରେ ବର୍ଷା କାରଣରୁ ଉଦ୍‌ଯାପନୀ ଉତ୍ସବକୁ ବାତିଲ କରାଯାଇଥିଲା। ଗ୍ରାମର ମୁରବି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆଜି ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ କଟକ କମିସନରେଟ୍ ଡିଏସ୍‌ପି ପଦ୍ମିନୀ ବେହେରା, ମୁଖ୍ୟବକ୍ତା ଭାବେ କୁମାରୀ ପଞ୍ଚାୟତ ସିଆର୍‌ସି ନିବେଦିତା ଜେନା ଯୋଗ ଦେଇଥିଲେ। ଏହି ମହୋତ୍ସବ ଏପିଜେ ଅବଦୁଲ କଲାମ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ମନୋଜ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଷ୍ଟମ ବୟାଙ୍ଗଡିହ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



**ଅସୁରାଳି,୧୭।୬(ସମିସ):** ଆଞ୍ଚଳିକ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ବୟାଙ୍ଗ ମେଳଣ ପଡ଼ିଆ କୋଠାରେ ଅନୁଷ୍ଠିତ ହେଉଥିବା ଦୁଇ ଦିନିଆ ରଜ ମହୋତ୍ସବ ବେଶ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଏକ ବିଶେଷ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ମୁଖ୍ୟବକ୍ତା ଭାବେ ଜଣାଶୁଣା କବି ତଥା ସାହିତ୍ୟିକା ଡ. ସୋମା ଚାନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିନ୍ଦଲ କମ୍ପାନୀର ବରିଷ୍ଠ ଅଧିକାରୀ ସଞ୍ଜୟ ମିଶ୍ର, ଆଲୋକ କାନୁନ୍‌ଗୋ, ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ବରିଷ୍ଠ ଉପଦେଷ୍ଟା ତଥା ସମାଜସେବୀ ସଦାଶିବ ପୋଥାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଆମ ସଂସ୍କୃତିରେ ରଜ ପର୍ବର ମାହାତ୍ମ୍ୟ, ନାରୀ ସମ୍ମାନ ଓ ଗଣପର୍ବର ପାରମ୍ପରିକ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉତ୍ସବର ପ୍ରାରମ୍ଭରେ କମିଟିର ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗତ ୮ ବର୍ଷ ଧରି ଚାଲୁଥିବା ଏହି ଶିଶୁ ଅନୁଷ୍ଠାନକୁ ଆଗାମୀ ଦିନରେ ଆହୁରି ଆଗକୁ ନେବା ଏବଂ ଏହାର କେମିତି ସର୍ବାଙ୍ଗିଣ ଉନ୍ନତି ହେବ, ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ମହୋତ୍ସବରେ ବିଶ୍ୱଜିତ୍ ରାଉତ ଓ କରିନା ଦାଶଙ୍କ ଦ୍ୱାରା ଚିତ୍ତାକର୍ଷକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ପୁଣ୍ୟପ୍ରିଶା ରାଉତ ଓ ଶୁଭଶ୍ରୀ ବେହେରା ସୁନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କମିଟି ପକ୍ଷରୁ ବରିଷ୍ଠ ଶିକ୍ଷକ ସଦାଶିବ ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ସାହିତ୍ୟିକ ପ୍ରଭାତ କୁମାର ଧଳ ଏବଂ ଅଞ୍ଚଳର ଆଦର୍ଶ କୃଷକଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ି ଉଦ୍‌ଯାପିତ

# ପୁରୁଷରେ ରୋହତକ, ମହିଳାରେ ରାଜନନ୍ଦଗାଁଓ ଚାମ୍ପିଅନ

**କୁଆଖିଆ,୧୭।୬(ସମିସ):**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ପକ୍ଷରୁ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଗତକାଲି ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ପଟ୍ଟନାୟକ ଏକାଡେମୀ ଭୁବନେଶ୍ୱର ଏବଂ ରାଜନନ୍ଦଗାଁଓ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇ ମାତ୍ର ୧ ପଏଣ୍ଟରେ ରାଜନନ୍ଦଗାଁଓ ଚାମ୍ପିଅନ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ଜବଲପୁର ଏବଂ ରୋହତକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୯- ୨୨ ପଏଣ୍ଟରେ ଜବଲପୁରକୁ ପରାସ୍ତ କରି ରୋହତକ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ପୁରୁଷ ଚାମ୍ପିଅନ ବିଜେତା ରୋହତକ ଦଳଙ୍କୁ ୨ ଲକ୍ଷ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ବେଳେ ମହିଳା ବିଭାଗ ରାଜନନ୍ଦଗାଁଓ ଦଳଙ୍କୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପୁରୁଷ ବିଭାଗର ରନର୍ସ ଅଫ ଦଳ ଜବଲପୁରକୁ ୧ ଲକ୍ଷ ସହ ଟ୍ରଫି, ନାଗପୁରକୁ ୪୦ ହଜାର ତୃତୀୟ ପୁରସ୍କାର, ବିଳାସପୁରକୁ ୪୦ ହଜାର ନଗଦ ରାଶି ପ୍ରଦାନ କରାଯାଇଥିଲା। ମହିଳା ବିଭାଗରେ ରନର୍ସ ଅଫ ଦଳ ପଞ୍ଚାୟନ ଏକାଡେମୀକୁ ୩୦ ହଜାର, କିଟ ଭୁବନେଶ୍ୱରକୁ ତୃତୀୟ ପୁରସ୍କାର ୧୦ ହଜାର ପ୍ରଦାନ ବେଳେ ରାୟପୁର ଦଳଙ୍କୁ ସାନ୍ତ୍ୱନାମୂଳକ ୧୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥିଭାବେ ସଂଗୀତା ବେହେରା, ଯାଜପୁର କବାଡି ଆସୋସିଏସନର ସଭାପତି ପ୍ରଦୀପ କୁମାର ସେଠୀ, ଉପସଭାପତି ଅଭୟ କୁମାର ମହାନ୍ତି, ସାଂସଦ ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ପାଦକ ସମରେନ୍ଦ୍ର ଦାଶ, ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି ଯୋଗଦେଇ ବିଜେତା ଦଳଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଉପସଭାପତି ହେମନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆସୋସିଏସନ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



**ଭଦ୍ରକ,୧୭।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ମଙ୍ଗଳବାର "ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟଘର, ଭିତ୍ତିଭୂମି ବିକାଶ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗିଣ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲକ୍ଷପତି ଦିଦି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

### ବଣାଇଁରେ ରବି ଧାନର ଅଭାବୀ ବିକ୍ରି

# ୧୬ଶହ ଟଙ୍କାରେ ବେପାରୀଙ୍କୁ ବିକିଦେଲେ ଚାଷୀ

**ବଣାଇଁ, ୧୭।୬(ସମିସ)**

ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ରବି ଧାନ କ୍ରୟ ଚାଲିଥିବା ବେଳେ ବଣାଇଁଗଡ଼ ଓ ଗୁରୁଣ୍ଡିଆ ବ୍ଲକର ଅନେକ ଚାଷୀଙ୍କ ପାଇଁ ଜଳକର ରସିଦ ଏକ ବଡ଼ ସମସ୍ୟା ସାଜିଛି। ରୁକୁଡା ଜଳସେଚନ ପ୍ରକଳ୍ପ ୨୦୧୮ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଜଳକର ଆଦାୟ ଓ ରସିଦ ପ୍ରଦାନରେ ଅବହେଳା ଯୋଗୁଁ

**ସମସ୍ୟା ସାଜିଲା ଜଳକର ରସିଦ**

**ସ୍ୱପ୍ନ ପାଲଟିଲା ସବ୍‌ସିଡି ଟଙ୍କା ପାଇବା ଆଶା**

ଚାଷୀମାନେ ସରକାରୀ ଧାନ କ୍ରୟ ବ୍ୟବସ୍ଥାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗତବର୍ଷ ଚାଷୀମାନେ ନିୟମ ଅନୁସାରେ ପଞ୍ଜୀକରଣ କରି ରବି ଧାନ ବିକ୍ରୟ କରିଥିଲେ। କିନ୍ତୁ ଚଳିତ ବର୍ଷ ପଞ୍ଜୀକରଣ ସମୟରେ ପ୍ରାୟ ୪୦ ଜଣ ଚାଷୀଙ୍କ ପଞ୍ଜୀକରଣ ସମ୍ପନ୍ନ ହୋଇଥିବା ବେଳେ ଲ୍ୟାମ୍ପସ କର୍ତ୍ତୃପକ୍ଷ ଜଳକର ରସିଦ ଦରକାର ବୋଲି କହି ପରବର୍ତ୍ତୀ ପଞ୍ଜୀକରଣ ବନ୍ଦ କରିଦେଇଥିଲେ। ଫଳରେ ବଣାଇଁ ଓ ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ପ୍ରାୟ ୭୦ଟି ରାଜସ୍ୱ ଗ୍ରାମର ଚାଷୀମାନେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିପାରିନଥିଲେ।

ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଜଳକର ଆଦାୟ ଓ ରସିଦ ପ୍ରଦାନ ସମ୍ପୂର୍ଣ୍ଣ ଭାବେ ରାଜସ୍ୱ ବିଭାଗର ଦାୟିତ୍ୱ ହୋଇଥିବା ସତ୍ତ୍ୱେ ସେମାନଙ୍କ ଉଦାସୀନତାର ଭାର ଚାଷୀଙ୍କ ଉପରେ ପଡ଼ିଛି। ଏପରିକି ଖରିଫ ଋତୁରେ ମଧ୍ୟ ଜଳସେଚିତ ଜମି ପାଇଁ ଏକର ପ୍ରତି ୧୯ କୁଇଣ୍ଟାଲ ଧାନ ବିକ୍ରୟ କରିବାର ସୁବିଧା ମିଳୁନଥିବା ବେଳେ ଅଣଜଳସେଚିତ ଜମି ପାଇଁ ଧାର୍ଯ୍ୟ ୧୩ କୁଇଣ୍ଟାଲ ହିସାବରେ ଧାନ ବିକ୍ରି କରିବାକୁ ପଡୁଛି। ସରକାରୀ ମଣ୍ଡିରେ ଧାନ ବିକ୍ରୟ କରିପାରିନଥିବାରୁ ବହୁ ଚାଷୀ ବର୍ଷା ଆସିବା ପୂର୍ବରୁ ଖଳାରେ ଗଚ୍ଛିତ ଧାନକୁ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହୋଇଛନ୍ତି। ସରକାରୀ ଦର ପ୍ରାୟ ୩୧୦୦ ଟଙ୍କା ଥିବା ବେଳେ ମାତ୍ର ୧୬୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ପଡ଼ିଥିବାରୁ ଚାଷୀମାନେ ଭାରି କ୍ଷତି ସହିଛନ୍ତି।




ଚାଷୀମାନେ ଦାବି କରିଛନ୍ତି ଯେ, ଜଳକର ରସିଦ ସମସ୍ୟାର ତୁରନ୍ତ ସମାଧାନ କରାଯାଇ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସରକାରୀ ଧାନ କ୍ରୟ ବ୍ୟବସ୍ଥାରେ ସାମିଲ କରାଯାଉ, ଯାହାଦ୍ୱାରା ସେମାନେ ନିଜ ଉତ୍ପାଦନର ଉଚିତ ମୂଲ୍ୟ ପାଇପାରିବେ।

### ସେମାନେ କୁହନ୍ତି.......

ରୁକୁଡା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଜଳକର ରସିଦ ପ୍ରଦାନରେ ପ୍ରଶାସନର ଅବହେଳା ଯୋଗୁଁ ଚାଷୀମାନେ ସରକାରୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଏହା ଚାଷୀଙ୍କ ପ୍ରତି ଅନ୍ୟାୟ। ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ଆବଶ୍ୟକ।

-ବାଣେଶ୍ୱର ସାହୁ
ବଣାଇଁ କୃଷକ ସଂଗଠନ ସଭାପତି

'ଆମେ ଅନେକ କଷ୍ଟ କରି ଧାନ ଚାଷ କରିଥିଲୁ। ସରକାରୀ ମଣ୍ଡିରେ ବିକ୍ରୟ କରି ସବ୍‌ସିଡି ପାଇବାକୁ ଆଶା ରଖିଥିଲୁ। କିନ୍ତୁ ଜଳକର ରସିଦ ନଥିବା ଦର୍ଶାଇ ଆମକୁ ପଞ୍ଜୀକରଣରୁ ବଞ୍ଚିତ କରାଗଲା। ଶେଷରେ ବାଧ ହୋଇ ଅଧା ଦରରେ ବେପାରୀଙ୍କୁ ଧାନ ବିକିଦେଲୁ।

-ଶ୍ୱେତ ବସନ୍ତ ବିଶ୍ୱାଳ (ଚାଷୀ)

'ବର୍ଷା ଆରମ୍ଭ ହେଲେ ଖଳାରେ ରଖା ଧାନ ନଷ୍ଟ ହେବାର ଆଶଙ୍କା ଥିଲା। ତେଣୁ ଆମେ ବାଧ ହୋଇ ୧୬୦୦ ଟଙ୍କାରେ ବିକିଦେଲୁ। ଚାଷୀଙ୍କ ସମସ୍ୟା ପ୍ରତି ପ୍ରଶାସନ ଓ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ରହିଛି।

-ଅଶୋକ ତ୍ରିପାଠୀ (ଚାଷୀ)

## ଚୋରି ଆକ୍ଟିଭା ସହ ମଟର ଏବଂ ଲୁହାଗେଟ୍ ଜବତ; ୨ ଗିରଫ

**ରାଉରକେଲା, ୧୭।୬(ସମିସ):** ଉଦିତନଗର ଅଞ୍ଚଳରୁ ଚୋରି ହୋଇଥିବା ଏକ ଆକ୍ଟିଭା, ଜେଟ ମଟର ଏବଂ ଏକ ଲୁହାଗେଟ୍‌କୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛେଣ୍ଡ କଲୋନୀ ଧାମରା ବସ୍ତିର ଦୂଷ୍ମନ୍ତ କୁମାର ପଟେଲ (୩୨) ଏବଂ ଛେଣ୍ଡ କଲୋନୀ ହରିହର ମନ୍ଦିର ନିକଟସ୍ଥ ସ୍ନେହାଶିଷ ଦତ୍ତ (୪୬)।

ସୂଚନା ମୁତାବକ ଉଦିତନଗର ଥାନା ଅନ୍ତର୍ଗତ ଅଟୋଫିଡ ପେଟ୍ରୋଲ ପମ୍ପ ନିକଟ ନିବାସୀ ଶୁଭ୍ରାଂଶୁ ପାଣିଗ୍ରାହୀ ଥାନାରେ ଦେଇଥିବା ଏତାଲା ମୁତାବକ ଗତ ୧୪ ତାରିଖରେ ତାଙ୍କ ଆକ୍ଟିଭା ସ୍କୁଟି ଓ ଜେଟ ମଟର ଚୋରି ହୋଇଥିଲା। ଏନେଇ ସେ ଉଦିତନଗର ଥାନାରେ ଏତଲା ଦେଇଥିଲେ। ହେଲେ ଆଜି ୨ ଜଣ ଯୁବକ ଚୋରି ହୋଇଥିବା ତାଙ୍କ ଆକ୍ଟିଭା ସ୍କୁଟିରେ ବସି ଡିଏଭି ଛକରେ ବୁଲୁଥିବା ସୂଚନା ପାଇ ପୁଲିସକୁ ଜଣାଇଥିଲେ। ଏହାପରେ ଆଇଆଇସି ଜ୍ଞାନେନ୍ଦ୍ର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିବା ସହ ଚୋରି ଆକ୍ଟିଭାକୁ ଜବତ କରିଥିଲେ। ଏହି ଘଟଣାରେ ଦୂଷ୍ମନ୍ତ ଓ ସ୍ନେହାଶିଷକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଜେଟ୍ ମଟର ଏବଂ ଲୁହା ଗେଟ ମଧ୍ୟ ଜବତ କରିଛନ୍ତି।

## ରଙ୍ଗିଲା ଛକରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**ରାଉରକେଲା, ୧୭।୬(ସମିସ):** ସ୍ଥାନୀୟ ସେକ୍ଟର-୨୨ ଅନ୍ତର୍ଗତ ରଙ୍ଗିଲା ଛକ ସ୍ଥିତ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ରଠାରେ ବୁଧବାର କ୍ୟୁର ସୌଜନ୍ୟତା ଓ ମିଳିତ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଆଲ୍‌ଫା ପଟେଲ ଯୋଗ ଦେଇ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକର୍ମରେ ଔଷଧ ବିତରଣ କେନ୍ଦ୍ରର ମାଲିକ ସୁନୀଲ କୁମାର ପଣ୍ଡା, ଜନଔଷଧିର ସରକାରୀ ଅଧିକାରୀ ଆଦିତ୍ୟ ମହାପାତ୍ର ଓ କ୍ୟୁରବାଏର ପ୍ରତିନିଧି ଅମିତ ସାହୁ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରର ପରିଚାଳନା କରିଥିଲାବେଳେ କେନ୍ଦ୍ରର ଅନ୍ୟ ସଦସ୍ୟ ଚିନ୍ମୟ ପଲାଇ, ସରସ୍ୱତୀ ହାଁସଦା ଓ ସନ୍ତୋଷୀନୀ ବିଶ୍ୱାଳ କାର୍ଯ୍ୟକ୍ରମ ସଫଳ କରିଥିଲେ।

### ହାତୀପଲଙ୍କ ଉତ୍ପାତ

## ଭାଙ୍ଗିଲେ ସୋଲାର ପ୍ୟାନେଲ୍ ଓ ବୋର୍‌ୱେଲ



**ବଣାଇଁ, ୧୭।୬(ସମିସ):** ବଣାଇଁ ରେଞ୍ଜ ଅନ୍ତର୍ଗତ ପିଠାଚୋର ପଞ୍ଚାୟତର ବରହାଛାପଲ ଗ୍ରାମରେ ୧୧ ଟିକିଆ ହାତୀପଲଙ୍କ ଉତ୍ପାତ ଯୋଗୁଁ ଜଣେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। ହାତୀପଲ ଚାଷ ଜମିରେ ପଶି ସୌରଶକ୍ତିଚାଳିତ ବୋର୍‌ୱେଲ ବ୍ୟବସ୍ଥା ଓ ପାଣି ପାଇପଗୁଡ଼ିକୁ ଉପାଡ଼ି ନଷ୍ଟ କରିଦେଇଛନ୍ତି।

ସୂଚନା ଅନୁଯାୟୀ, ବରହାଛାପଲ ଗ୍ରାମର ସୁକୁମାରୀ କିଷାନଙ୍କ ପୁଅ ଚୌ÷ଧୁରୀ କିଷାନ ନିଜ ଚାଷ ଜମିରେ ଧାନ ଓ ବିଭିନ୍ନ ପନିପରିବା ଚାଷ କରୁଥିଲେ। ଏଥିପାଇଁ ସେ ସୌରଶକ୍ତିଚାଳିତ ପାଣି ଯୋଗାଣ ବ୍ୟବସ୍ଥା କରିଥିଲେ। କିନ୍ତୁ ଗତ ରାତିରେ ୧୧ ଟିକିଆ ହାତୀପଲ ଜମିରେ ପଶି ସୋଲାର ପ୍ରକଳ୍ପକୁ ଭାଙ୍ଗିଦେବା ସହ ଗଭୀର ବୋରୱେଲର ପାଇପଗୁଡ଼ିକୁ ଉପାଡ଼ି ନଷ୍ଟ କରିଦେଇଛନ୍ତି। ପ୍ରାୟ ୩୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଚୌଧୁରୀ କିଷାନ ପ୍ରକାଶ କରିଛନ୍ତି। ଆଜି ସକାଳେ ବନ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ହାତୀ ଉପଦ୍ରବ ରୋକିବାକୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନାବାଳିକାକୁ ଗଣଦୁଷ୍କର୍ମ; ୩ ଗିରଫ



**ରାଉରକେଲା, ୧୭।୬ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଭସ୍ମା ଥାନା ଅଞ୍ଚଳର ଏକ ଗ୍ରାମରେ ଗତକାଲି ସନ୍ଧ୍ୟାରେ ଶୌଚ ପାଇଁ ଯାଇଥିବା ଜଣେ ନାବାଳିକାକୁ ଗଣ ଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ମଙ୍ଗଳବାର ଭସ୍ମା ଥାନା ଅନ୍ତର୍ଗତ ଏକ ଗାଁର ଜନୈକା ୧୭ ବର୍ଷିୟା ନାବାଳିକା ସନ୍ଧ୍ୟାରେ ଗାଁ ପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲା। ନାବାଳିକାକୁ ଏକୁଟିଆ ଦେଖି ୩ ଜଣ ଦୁର୍ବୃତ୍ତ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଟେକି ନେଇ ଯାଇଥିଲେ। ଏହାପରେ ଜଣଙ୍କ ପରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ପରେ ଅଭିଯୁକ୍ତମାନେ ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। କିଛି ସମୟ ପରେ ନାବାଳିକା ଜଣଙ୍କ ବହୁ କଷ୍ଟରେ ଆସି ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ପୀଡ଼ିତା ନାବାଳିକା ରାତିରେ ଭସ୍ମା ଥାନାକୁ ଯାଇ ଏତାଲା ଦେଇଥିଲେ। ପୁଲିସ ଏ ନେଇ ଗଣଦୁଷ୍କର୍ମ ଏବଂ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଖବର ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ପି ଶ୍ରୀମତୀ କୌର ନିଜେ ପୀଡିତା ନାବାଳିକା ସହ କଥା ହୋଇ ତୁରନ୍ତ ଏକାଧିକ ଟିମ ଗଠନ କରି ଦୁଷ୍କର୍ମକାରୀ ଯେମିତି କୁଆଡେ ଫେରାର ହୋଇ ନଯିବେ ଚାରିଆଡ଼େ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓ ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଳମ୍ବିତ ରାତ୍ରିରେ ସମସ୍ତ ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ସେମାନଙ୍କ ବୟସ ୨୩ରୁ ୨୫ ବର୍ଷ ହୋଇଥିବା ବେଳେ ସେମାନେ ସମସ୍ତେ ନାବାଳିକାଙ୍କ ଗାଁର ବୋଲି ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ଶ୍ରୀମତୀ କୌର କହିଛନ୍ତି।

## ଆର୍‌ଏସ୍‌ପି ସିଏସଆର ବିଭାଗ ପକ୍ଷରୁ 'ମେଲ୍ ମିଳାପ୍' ଆଲୋଚନାଚକ୍ର

**ରାଉରକେଲା, ୧୭।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ପକ୍ଷରୁ ଲାଠିକଟା ବ୍ଲକର ବାଲାଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମ 'ମେଲ୍ ମିଳାପ୍' ଆୟୋଜିତ ହୋଇଯାଇଛି। ସିଏସଆର ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ମୁନ୍‌ମୁନ ମିତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ସିଏସଆର ବିଭାଗର ଉପ ମହାପ୍ରବନ୍ଧକ ପି. ସାହୁ, ବାଲାଣ୍ଡା ସରପଞ୍ଚ ଯୋଗେଶ୍ୱର କିଷାନ, ବାଲାଣ୍ଡା ଗ୍ରାମ ପଞ୍ଚାୟତର ମାଷ୍ଟର ବୁକ୍ କିପର ମେରୀ କ୍ରିଆନ ତିଗା, ସିଏସଆର ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଛତୁ ଚାଷ ତାଲିମ ଏବଂ 'ବର୍ଜ୍ୟବସ୍ତୁରୁ ସମ୍ପଦ' କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କମ୍ୟୁନିଟି ରିସୋର୍ସ ପର୍ସନ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ମିଶାଇ ପ୍ରାୟ ୫୦ ଜଣ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ। ସୁଶ୍ରୀ ମୁନ୍‌ମୁନ ମିତ୍ର ଅଂଶଗ୍ରହଣକାରୀମାନଙ୍କ ସହ ସେମାନଙ୍କର ସଫଳତାର ଯାତ୍ରା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଅଞ୍ଚଳରେ ଆଗାମୀ ଦିନରେ ଆରଏସପି ସିଏସଆର ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପି. ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ସେକ୍ସନ ଅଫିସର ଜି. ଆର. ନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ବି. ଏକ୍କା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




## ୨୦କୁ ବଢ଼ିଲା ସ୍କୁଲ ଛୁଟି ଅବଧି

**ରାଉରକେଲା, ୧୭।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଏବେ ବି ଗ୍ରୀଷ୍ମର ପ୍ରକୋପ ଜାରି ରହିଛି। ଭୀଷଣ ଗରମ ସହ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅତିଷ୍ଠ କରୁଛି। ମାତ୍ର ଏହା ମଧ୍ୟରେ ସ୍କୁଲ ଖୋଲିବାକୁ ଯାଉଥିବାବେଳେ ସରକାର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବାକୁ କହିଛନ୍ତି। ଗ୍ରୀଷ୍ମ ପ୍ରକୋପକୁ ଦେଖି ସୁନ୍ଦରଗଡ଼ ଜିଲ୍ଲାରେ ସ୍କୁଲ ଛୁଟି ଅବଧି ୨୦କୁ ବୃଦ୍ଧି କରାଯାଇଛି। ଆସନ୍ତା ଜୁନ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ବନ୍ଦ ରଖିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାର ସମସ୍ତ ବିଇଓମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

## ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୧୭।୬(ସମିସ):** ସ୍ଥାନୀୟ ସେକ୍ଟର-୬ ସ୍ଥିତ ବସ୍ତିଆ ସ୍ମୃତି ସଦନରେ ଆୟୋଜିତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ମାରୱାଡ଼ି ସମିତି ରାଉରକେଲାର ଅଧ୍ୟକ୍ଷା ମେଘା ଅଗ୍ରୱାଲ, ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ଉପ ନିର୍ଦ୍ଦେଶକ ସୁଦୀପ ନାୟକ, ସମ୍ମାନିତ ଅତିଥି ଭାବେ ଭେଟରାନ୍ ଜାତୀୟ ଭଲିବଲ ଖେଳାଳି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଜାତୀୟ ଭଲିବଲ ରେଫ୍‌ରି ନିରଞ୍ଜନ ନାୟକ, ବସ୍ତିଆ ସ୍ମୃତି ସଦନର ମ୍ୟାନେଜିଂ ଟ୍ରଷ୍ଟି ଗୌତମ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।




ଗତ ୩ ତାରିଖରୁ ବସ୍ତିଆ ସ୍ମୃତି ସଦନ ପରିସରରେ ଆରମ୍ଭ ହୋଇଥିବା ଭଲିବଲ ଓ ଯୋଗ ପ୍ରଶିକ୍ଷଣ ଶିବିର ପଶ୍ଚିମ ଓଡ଼ିଶାର ଭଲିବଲ ମ୍ୟାନ୍ ତଥା ଭଲିବଲ କୋଚ୍ ଦେବଦତ୍ତ ଜେନା ଓ ଆନ୍ତର୍ଜାତିକ ଯୋଗ ପ୍ରଶିକ୍ଷକ ସୁଶାନ୍ତ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିଲା। ଏଥିରେ ୬୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

ରାଉରକେଲା ବିଧାୟକ ତଥା ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଭଲିବଲ କୋଚ୍ ଦେବଦତ୍ତ ଜେନାଙ୍କ ଭଲିବଲ ପ୍ରତି ତାଙ୍କର ଉତ୍ସର୍ଗୀକୃତ ନିଷ୍ଠାପର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ଦକ୍ଷିଣ ରାଉରକେଲାରେ ମହିଳା ଭଲିବଲର ପ୍ରଶିକ୍ଷଣ ଆରମ୍ଭ କରିଥିବା କୋଚ୍ ତଥା ରାଜ୍ୟ ଭଲିବଲ ଖେଳାଳୀ ଜ୍ଞାନ ରଞ୍ଜନ ପ୍ରହରାଜଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବର ସଫଳ ଆୟୋଜନରେ ଚନ୍ଦ୍ର ଶେଖର କ୍ରୀଡା ସଂଗଠନର ସମସ୍ତ ସଦସ୍ୟ ଓ ସ୍ମାର୍ଟ ଲେଡିଜ କ୍ଲବ୍‌ର ସଦସ୍ୟ ସହଯୋଗ କରିଥିଲେ।

# ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ

**ରାଉରକେଲା, ୧୭।୬(ସମିସ)**

ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆଜି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଉଦ୍‌ଘାଟିତ ହେବା ସହ ଜିଲ୍ଲା ସ୍ତରୀୟ କର୍ମଶାଳା ଏବଂ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ବିଧାନ ସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ଉପାଧ୍ୟକ୍ଷ ଗାଙ୍ଗୀ କିଣ୍ଡୋ, ପୂର୍ବତନ ବିଧାୟିକା କୁସୁମ ଟେଟେ ଏବଂ ବରିଷ୍ଠ ସମାଜସେବୀ ଗିରିଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ।

ଏହି ଅବସରରେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅତିଥିମାନେ ସମସ୍ତ ସୂଚନା ଶିକ୍ଷା ଯୋଗାଯୋଗ ଷ୍ଟଲ ଗୁଡ଼ିକ ପରିଦର୍ଶନ କରି ବିଭିନ୍ନ ବିଭାଗର ହିତାଧିକାରୀ ମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ୩୫ଟି ଷ୍ଟଲ ସ୍ଥାନିତ ହୋଇଅଛି। ଏହି ଷ୍ଟଲ ଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ଖାଦ୍ୟ ଷ୍ଟଲ ଗୁଡ଼ିକ ମଧ୍ୟ ସାମିଲ ହୋଇଛି। ଏହା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ।



ପରେ ପରେ ସ୍ଥାନୀୟ ବିକାଶ ଭବନ ଠାରେ ସରକାରଙ୍କ ଦୁଇ ବର୍ଷ ପାଳନ ଅବସରରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ଉପରେ ଆଲୋକପାତ ସହିତ ବିଭିନ୍ନ କ୍ଷେତ୍ରରେ ଜିଲ୍ଲାକୁ ମିଳିଥିବା ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ସରକାରଙ୍କ ଦୁଇ ବର୍ଷର ଉପଲବ୍ଧି ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଓରାମ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ଉପଲବ୍ଧି ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଭିନ୍ନ ହିତାଧିକାରୀ ମାନଙ୍କୁ ପଟ୍ଟା, ଆୟୁଷ୍ମାନ କାର୍ଡ, ଶ୍ରବଣ ଯନ୍ତ୍ର, ଆବାସ ଗୃହ କାର୍ଯ୍ୟାଦେଶ, ପ୍ରାଣୀ ସମ୍ପଦ ବିଭାଗ ଅର୍ନ୍ତଗତ କାର୍ଯ୍ୟାଦେଶ, ମତ୍ସ୍ୟ ବିଭାଗ ଅର୍ନ୍ତଗତ ଉପକରଣ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସରକାରଙ୍କ ବିଭିନ୍ନ ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ସମ୍ବଳିତ ଏକ ପୁସ୍ତିକା ଏବଂ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ'ର ଜୁନ୍ ମାସ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

● ମଧ୍ୟାହ୍ନଭୋଜନ ଚାଉଳରେ କୀଟନାଶକ ମିଶାଯିବା ଘଟଣା

# ଏବିଇଓଙ୍କୁ ଘେରିଲେ କଳମଚୁଆ ଗ୍ରାମବାସୀ

**ଖଇରା, ୧୭ ।୬ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାମରେ ଗଚ୍ଛିତ ରଖାଯାଇଥିବା ଚାଉଳରେ ବିଷ ମିଶାଯିବାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବୁଧବାର ଉତ୍ୟକ୍ତ ଗ୍ରାମବାସୀ ଘଟଣାର ତଦନ୍ତ କରି ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେବା ସହ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ୨ ଘଣ୍ଟା ଧରି ଘେରାଉ କରି ରଖିଥିଲେ। ପରେ ଏବିଇଓ ଘଟଣାରେ ସଂପୃକ୍ତ ଥିବା କମିଟି ସଭାପତିଙ୍କୁ ଗୁରୁବାର ନୋଟିସ କରି ଡାକିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଏବିଇଓଙ୍କୁ ଛାଡିଥିଲେ। ସ୍କୁଲରେ ଗଚ୍ଛିତ ଥିବା ପାଖାପାଖି ୬ କୁଇଣ୍ଟାଲ ଚାଉଳକୁ ପୋକରୁ ରକ୍ଷା କରିବାକୁ କମିଟି ସଭାପତି ରୋଷେଇ ଦାୟିତ୍ୱରେ ଥିବା ସହାୟିକାଙ୍କୁ



କୀଟନାଶକ ମିଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ପର୍ଶକାତର ବିଷୟରେ ରୋଷେଇ କରୁଥିବା ସହାୟିକା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ଶିକ୍ଷାବିଭାଗକୁ ଜଣାଇବା ସହ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିରହିଥିଲେ। ଏ ସମ୍ପର୍କରେ ଏବିଇଓଙ୍କ ପ୍ରତିକ୍ରିୟା ନିଆଯିବାରେ ଗ୍ରାମବାସୀ କମିଟି ସଭାପତିଙ୍କୁ ବିଦ୍ୟାଳୟରେ ହାଜର ହୋଇ ସମସ୍ତ ଘଟଣା ପ୍ରକାଶ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେବା ପରେ ସଭାପତିଙ୍କୁ ଗୁରୁବାର ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନୋଟିସ କରାଯାଇଥିବା କହିଛନ୍ତି।

# ଚଉମୁଖ ଓ ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ ଦାବିରେ ଗଣଧାରଣା

**ବାଲେଶ୍ୱର,୧୭।୬ (ସମିସ)**

୧୯୯୮ ମସିହା ଠାରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ତୁରନ୍ତ ବିକାଶ କରାଯାଉ ବୋଲି ଦାବିକରି ସେଇ ଅଞ୍ଚଳର ଶତାଧିକ ନରନାରୀ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏହି ଧାରଣାସ୍ଥଳ ସଭାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଗଣଧାରଣା ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ ତଥା ଗଣ ସଂଗଠନର ନେତୃବୃନ୍ଦ ଉଦ୍‌ବୋଧନ ଦେଇ କହିଥିଲେ କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନଂ ୨୦୪୦/୭୫ ତା ୨୬-୦୨-୧୯୯୮ ରିଖ ମାଧ୍ୟମରେ ଚଉମୁଖ-ଡଗରା ବେଳାଭୂମିକୁ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ସ୍ୱୀକୃତି ଦେଇଥିଲାବେଳେ ଦୀର୍ଘବର୍ଷ ଧରି ଏଥିପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରି ନ ଥିବାରୁ ବିକ୍ତାମାନେ ଗଭୀର କ୍ଷୋଭପ୍ରକାଶକରିଥିଲେ। ବିସ୍ତୀର୍ଣ୍ଣ ବେଳାଭୂମି, ଝାଉଁ ଓ ହେନ୍ତାଳ ବଣର ମନୋରମ ପ୍ରାକୃତିକ ସବୁଜିମା, ଜୈବ ବିବିଧତା, ନାଲି ଓ ନୀଳରକ୍ତ କଙ୍କଡ଼ାର ଚାରଣଭୂଇଁ ଏବଂ ବିରଳ ଅଲିଭ୍ ରିଡ୍‌ଲେ କଇଁଚଙ୍କ ଅଣ୍ଡାଦେବା ସ୍ଥଳୀ ହୋଇଥିବାରୁ ଏହି ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। କିନ୍ତୁ ଅତୀତ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ଏବଂ ଘୋଷଣା ସର୍ବସ୍ୱ ହୋଇ ରହିଛି। ଏହି ଅଞ୍ଚଳର ବିକାଶ ହେଲେ ସ୍ଥାନୀୟ ଅଧିବାସୀ ଓ ରାଜ୍ୟ ସରକାରଙ୍କର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ ବୋଲି ସେମାନେ କହିଥିଲେ। ଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଜନଶୁଣାଣିର ବିବରଣୀ ପ୍ରକାଶ ପାଇଁ ସେମାନେ ଦାବି କରିଥିଲେ। ଧାରଣା ସ୍ଥଳରୁ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ, ଜୟନ୍ତୀ ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚଉମୁଖ-ଡଗରା ଅଞ୍ଚଳକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରିବାକୁ ସେମାନେ ଦାବି କରିଥିଲେ। ଏତଦ୍‌ଭିନ୍ନ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହୋଇଯାଉଥିବା ଅଞ୍ଚଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ଗଣଧାରଣାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ରମଣୀ ରଞ୍ଜନ ମଣ୍ଡଳ ଓ ଲକ୍ଷ୍ମୀକାନ୍ତ ଖଟୁଆ, କମିଟିର ଆବାହକ ଅରୁଣ ଜେନା, ଚଉମୁଖ ଗ୍ରାମବାସୀଙ୍କ ପକ୍ଷରୁ ରାଜେଶ ଚୌଧୁରୀ ଓ କୁଶଧ୍ୱଜ ଜେନା ପ୍ରମୁଖଙ୍କ ସମେତ ସି.ପି. ଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସି.ପି.ଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଓ ନିର୍ମଳ ନାୟକ, ଏସ୍.ୟୁ.ସି.ଆଇର ଯୁବନେତା ପ୍ରଶାନ୍ତ ଦାସ, କଂଗ୍ରେସର ନେତା ବିଜନ ନାୟକ, ବିଜେଡ଼ି ନେତା ମନ୍ମଥ ଗିରି, ଅଲ୍ ଇଣ୍ଡିଆ ଫରୱାଡ୍ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ଜେ.ଏମ୍.ଏମ୍ ଜିଲ୍ଲା ସଭାପତି କମଳଲୋଚନ ବାରିକ, ବାଲେଶ୍?ର ଓକିଲ ସଂଘର ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ସେକ୍ ଇସ୍‌ଲାମ୍ ଓ ତୁଷାରକାନ୍ତି ମହାପାତ୍ର, ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ସାମାଜିକ କର୍ମୀ ସାଧୁ ମଲ୍ଲିକ୍, କମଳାକାନ୍ତ ଜେନା, ବିନୋଦ କର, ତପନ ଜେନା, କାର୍ତ୍ତିକ ପାତ୍ର, କାହ୍ନୁଚରଣ ବିଶ୍ୱାଳ ଓ ଶୁକଦେବ ମଣ୍ଡଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ରଜ ମହୋତ୍ସବ ଓ ଦୁଇଦିନିଆ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**କାଳିପଦା, ୧୭।୬ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ମାରାଙ୍ଗ ବୁରୁ ସାଉଁତା ସୁସାର ସେମିଲେଡ କ୍ଲବର ୪୨ ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ରଜ ମହୋତ୍ସବ ଓ ଦୁଇ ଦୁନିଆ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜ ଓ ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜକୁ ୨-୦ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା।ଏହି ଉଦ୍‌ଯାପନ ଉତ୍ସବର ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମ୍ମାନୀତ ଅତିଥି ଭାବରେ ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା



ବିଜନ ନାୟକ,ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୂରଲୀ ମୋହନ ସାହୁ, ବଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ଦେଉଳା ପଞ୍ଚାୟତର ସମିତି ସଦସ୍ୟ ଦିଲ୍ଲିପ ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ ଓ ରନର୍ସ ଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକର ସଭାପତି ଖଗେନ୍ଦ୍ର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ସପନ ମାର୍ଣ୍ଡି , ସମ୍ପାଦକ ବସନ୍ତ ମୁର୍ମୁ, ସହସମ୍ପାଦକ ଅରବିନ୍ଦ ମୁର୍ମୁ, ଉପଦେଷ୍ଟା ଗୋପାଳ ମାର୍ଣ୍ଡି ଙ୍କ ସହିତ କ୍ଲବର ସଦସ୍ୟ ପ୍ରୀତମ ମାଝୀ, ଟୁରିଆ କିସ୍କୁ, ଗୋବିନ୍ଦ ରାଏ, ରଘୁନାଥ ମୁର୍ମୁ, ଅନନ୍ତ ମୁର୍ମୁ, ଶ୍ୟାମ ହାଁସଦା, ପାତ୍ର ଟୁଡୁଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ। ମନୋଜ କୁମାର ପାତ୍ର ଓ ପରମେଶ୍ୱର ବାସ୍କେଙ୍କ ଧାରା ବିବରଣୀ ଦର୍ଶକଙ୍କୁ ପଡ଼ିଆରେ ବାନ୍ଧି ରଖିବା ସହିତ ଖେଳାଳିଙ୍କୁ ଖୁବ ଉତ୍ସାହିତ କରିଥିଲା।

# ନ୍ୟାୟ ଦାବିରେ ନୀଳଗିରି ଥାନା ଆଗରେ ଧାରଣା

**ନୀଳଗିରି, ୧୭।୬ (ସମିସ) :** ଅନ୍ୟାୟ ଭାବେ ପୁତ୍ର ଓ ପୁତୁରାଙ୍କୁ ଗିରଫ ପ୍ରତିବାଦରେ ଧାରଣା, ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର। ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ପ୍ରତାପଡ଼ା ଗ୍ରାମରେ ଗତ ୧୦/୬ ବୁଧବାର ଅପରାହ୍ନ ସମୟରେ ହଠାତ୍ ପ୍ରବଳ ବେଗରେ ପବନ ବୋହିବା ସହିତ ବର୍ଷା ହୋଇଥିବା ବେଳେ ଉକ୍ତ ଗ୍ରାମର ସୁବାସିନୀ ରାଉତ, ସ୍ୱାମୀ ଶ୍ରୀଧର ରାଉତ ଙ୍କ ବାଡିରେ ଉକ୍ତ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋରଞ୍ଜନ ମହାନ୍ତିଙ୍କ ବାଡିର ଥିବା ପୁରୁଣା ନିଦ୍ରାବତୀ ଗଛଟି ଶ୍ରୀଧର ରାଉତଙ୍କ ଘର ଛାତ ଉପରେ ପଡ଼ି ଯିବାରୁ ଛାତ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ମନୋରଞ୍ଜନ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତି ତର୍କ, ପାଟିତୁଣ୍ଡ ଓ ପିଟାପିଟି ହୋଇଥିଲା। ଏ ବାବଦରେ ନୀଳଗିରି ଥାନାରେ ଦୁଇଟି ମାମଲା ତଥା ଶ୍ରୀ ମନୋରଞ୍ଜନ ଙ୍କୁ ଆକ୍ରଣ ଅଭିଯୋଗ ରେ ୨୬୨/୨୬ ମାମଲା ରୁଜୁହୋଇ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଜାଇଥିଲା ବେଳେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀ ରାଉତଙ୍କୁ ମନୋଜ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ଏକ ଅଭିଯୋଗ ମୂଳେ ୨୬୩/୨୬ ନମ୍ବର ମାମଲା ରୁଜୁ କରି ନୀଳଗିରି ପୋଲିସ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ




ମନୋରଞ୍ଜନ କୁ ନୀଳଗିରି ମେଡ଼ିକାଲ ରେ ଚିକିତ୍ସା ହେଉଥିବା ବେଳ ଗୁରୁତର ଦର୍ଶାଇ ରେମୁଣା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରି ଦେଇଥିଲେ। ତେବେ ଅନ୍ୟାୟ ଭାବେ ପୁତ୍ର ଓ ପୁତୁରା ଙ୍କୁ ଗିରଫ ଏବଂ ସୁବାସିନୀ ରାଉତ ଙ୍କ ପ୍ରଦତ୍ତ ଏତଲା କାର୍ଯ୍ୟକାରୀ କରିନଥିଲେ। ଏହାର ପ୍ରତିବାଦରେ ବୁଧବାର ନୀଳଗିରି ଥାନା ସମ୍ମୁଖରେ ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବିରେ ସୁବାସିନୀ ରାଉତଙ୍କ ସମେତ ତାଙ୍କ ପରିବାରର ଲୋକେ ଧାରଣାରେ ବସିଥିଲେ। ନୀଳଗିରି ଆଇଆଇସିଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଏହି ଧାରଣାକୁ ସମର୍ଥନ ଜଣାଇ ନୀଳଗିରି ବିଜେଡି, ଜାତୀୟ କଂଗ୍ରେସ, ସିପିଆଇ ଦଳର ନେତୃ ମଣ୍ଡଳୀ ଧାରଣ ସ୍ଥଳରେ ଉପସ୍ଥିତ ରହିଥିଲେ। ପରେ ବାଲେଶ୍ୱର ଆଡ଼ିସନାଲ୍ ଏସ୍.ପି ନିରଞ୍ଜନ ବେହେରା, ଡି.ଏସ.ପି. ତପସ୍ୱିନୀ କୁହଁର ଧାରଣ ସ୍ଥଳରେ ପହଞ୍ଚି ଧାରଣାକାରୀ ଙ୍କ ସହ ଆଲୋଚନା କରିଥିଲେ। ଉଭୟ ମାମଲାର ନୀରପକ୍ଷ ତଦନ୍ତ କରାଯିବ, ସୁବାସିନୀ ରାଉତ ଲିଖିତ ଅଭିଯୋଗକୁ ରୁଜୁ କରାଯିବା ସହ କ୍ଷତି ଗ୍ରସ୍ତ ହୋଇଥିବା ବାସ ଗୃହ ନିର୍ମାଣ ରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ସହାୟତା ରାଶି ପ୍ରଦାନ ଏବଂ ଖୁବ୍ ଶୀଘ୍ର ଚାର୍ଜସିଟ୍ ଦେବା ପାଇଁ ଅତିରିକ୍ତ ଏସ୍.ପି ନିର୍ଦ୍ଦେଶ ଦେଇଥିଲେ। ଏହି ସବୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସିପିଆଇ ଦଳର ବରିଷ୍ଠ ନେତା ନିରଞ୍ଜନ ବାରିକ, କଂଗ୍ରେସ ଦଳର ତପନ କୁମାର ରାଉତ, ଯଶୋଦା ନନ୍ଦନ ସିଂହ, ଯୋଗେଶ୍ୱର ବେହେରା, ଆଇନଜୀବୀ ଅଜୟ ପଟ୍ଟନାୟକ ସମେତ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ସାମିଲ ଥିଲେ। ଘଟଣା ପରଦିନ ମନୋରଞ୍ଜନ ମହାନ୍ତିଙ୍କୁ ମେଡ଼ିକାଲରେ ନୁହଁ ନିଜ ଗ୍ରାମରେ ବୁଲୁଥିବା ବେଳେ ନୀଳଗିରି ମେଡିକାଲର ଡାକ୍ତର କିପରି ଅବସ୍ଥା ଗୁରୁତର ଥିବାର ପ୍ରକାଶ କଲେ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।

# ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଅଟକ

**ଚନ୍ଦନେଶ୍ୱର, ୧୭।୬ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତର ଏକ ଗ୍ରାମରେ ଜଣେ ଅବିବାହିତ ଭିନ୍ନକ୍ଷମ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଶ୍ରଦ୍ଧାପୁର ଗ୍ରାମର ଚନ୍ଦନ ନାୟକ ଓରଫ ବାବୁଙ୍କ ବିରୋଧରେ ଏହି ସଙ୍ଗୀନ ଅଭିଯୋଗ ଆସିଛି। ପୀଡ଼ିତା ଜଣକ ଭିନ୍ନକ୍ଷମ ହୋଇଥିବା ସହ ସ୍ପଷ୍ଟ ଭାବେ ନିଜ ମତ ପ୍ରକାଶ କରିବାରେ ଅସମର୍ଥ ବୋଲି ଜଣାପଡ଼ିଛି। ଏହି ଦୁର୍ବଳତାର ସୁଯୋଗ ନେଇ ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ଉଠିଛି। ଘଟଣା ସମ୍ପର୍କରେ ଜାଣିବା ପରେ ପୀଡ଼ିତାଙ୍କ ପରିବାର ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଫାଣ୍ଡି ଅଧିକାରୀ ବନବିହାରୀ ଶତପଥି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଯୁବକଙ୍କୁ ପଚରାଉଚରା ପାଇଁ ଭୋଗରାଇ ଥାନାକୁ ନିଆଯାଇଥିବା ବେଳେ ମାମଲାର ସମସ୍ତ ଦିଗକୁ ନେଇ ଖୋଳତାଡ଼ ଚାଲିଛି।

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ଗର୍ଭବତୀ

**ନୀଳଗିରି, ୧୭।୬ (ସମିସ):** କଲେଜରେ ପଢୁଥିବା ବେଳେ ଉଭୟ ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା। ଗ୍ରାମ ଠାକୁରାଣୀଙ୍କୁ ସାକ୍ଷୀ ରଖି ପ୍ରେମିକା ପିନ୍ଧିଥିଲେ ସିନ୍ଦୂର। ବେଶ୍ ସ୍ୱାମୀ ସ୍ତ୍ରୀ ଭାବେ କିଛି ମାସ ଖୁସିରେ ବିତିଲା। ସ୍ତ୍ରୀ ଯେତେବେଳେ ୪ମାସର ଗର୍ଭବତୀ ହେଲା ସ୍ୱାମୀ ଆରମ୍ଭ କଲା ଶାରୀରିକ ମାନସିକ ନିର୍ଯାତନା। ଗର୍ଭ ନଷ୍ଟ ପାଇଁ ବହୁ ଚେଷ୍ଟା କରୁଥିଲା। ସ୍ତ୍ରୀ ରାଜି ହେଲାନି। ଶେଷରେ ସ୍ୱାମୀ ପ୍ରଥମ ସ୍ତ୍ରୀ କୁ ଛାଡି ଅନ୍ୟତ୍ର ମହିଳାକୁ ବିବାହ କରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ଜମୁଡ଼ିହ ଟିଂପୁର ଗ୍ରାମର ଜୟରାମ ସିଂ ର ପୁଅ ଯୋଗେଶ୍ୱର ଉକ୍ତ ଗ୍ରାମର ଚୈତନ୍ୟ ସିଂ ର ଝିଅ କବିତାକୁ ୨୦୨୩ ମସିହାରେ ଉଭୟ ନୀଳଗିରି କଲେଜରେ ପଢୁଥିବା ବେଳେ ଉଭୟ ଭଲ ପାଇ ବସିଥିଲେ। ପରେ ୨୦୨୪ ଡିସେମ୍ବର ମାସରେ ଗ୍ରାମ ଠାକୁରାଣୀ ନିକଟରେ ସିନ୍ଦୂର ଦେଇ ସ୍ୱାମୀ ସ୍ତ୍ରୀ ଭାବେ ପରିଚିତ ହୋଇଥିଲେ। କବିତା ଏହା ଭିତରେ ୪ ମାସର ଗର୍ଭବତୀ ଥିବା ବେଳେ ଏହାକୁ ନଷ୍ଟ କରିବା ପାଇଁ ଚାହୁ ଥିବା ନେଇ ସ୍ତ୍ରୀ ରାଜି ହେଲାନି। ଯୋଗେଶ୍ୱର ଚଣ୍ଡିଖୋଲ ଅଞ୍ଚଳରେ କାମ କରିବାକୁ ଯାଉଥାଏ। ପିଲା ନଷ୍ଟ ନ କରିବାରୁ ଆରମ୍ଭ ହୋଇଥଲା ଶାରୀରିକ ମାନସିକ ନିର୍ଯାତନା। ସ୍ତ୍ରୀକୁ ଅଣଦେଖା କଲା। ତାକୁ ଆଉ ରଖିବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଲା ଯୋଗେଶ୍ୱର। ଏବେ ୯ ମାସର ପିଲାକୁ ପେଟରେ ଧରି ନ୍ୟାୟ ଭିକ୍ଷା ମାଗୁଛି ସ୍ତ୍ରୀ କବିତା। ସ୍ୱାମୀଙ୍କ ବିରୁଦ୍ଧରେ ଅଭିଯୋଗ କରିଥିବା ବେଳେ ପୋଲିସର ଆଶା ଭରସାକୁ ଚାହିଁ ବସିଛି କବିତା।

# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଯାପିତ



**ଖଇରା, ୧୭ ।୬ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ସୁନ୍ଦରପୁର ରଜ ମହୋତ୍ସବ ମଙ୍ଗଳବାର ସଂଧ୍ୟାରେ ନୃତ୍ୟ ସଙ୍ଗୀତର ଆସର ଭିତରେ ଉଦ୍‌ଯାପିତ ହୋଇ ଯାଇଛି। ଚଳିତ ୨୦୨୬ରେ ରଜକୁଇନ ଭାବେ ସବଜୁନିଅରରେ ଦିବ୍ୟାଂଶୀ ମଲ୍ଲିକ, ଜୁନିଅରରେ ବିଷ୍ଣୁପ୍ରିୟା ପ୍ରଧାନ ଓ ସିନିଅରରେ କଲ୍ୟାଣୀ ପ୍ରଧାନଙ୍କୁ ରୁପା ମୁକୁଟ ପ୍ରଦାନ କରାଯାଇଛି। ଏହା ବ୍ୟତିତ ବିଭିନ୍ନ ବିଭାଗରେ ରନର୍ସ ଅପ ଭାବେ ଦିପାଂଶୀ ବେହେରା, ଏଲଏନଭି ପ୍ରଧାନ, ତନିଷ୍କା ବେହେରା, ସାଇ ଦିବ୍ୟାଂଶୀ ନାୟକ, ଶୁଭସ୍ମିତା ପାତ୍ର,ସାଇପ୍ରିୟା ଘଡେଇ,ସୋମାଲିନ ଜେନା,ସୁବାସିନୀ ଜେନା, ମନିଷା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ରଜ ମହୋତ୍ସବ କମିଟି ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଆର୍ମି ଅଧିକାରୀ ଅଭିମନ୍ୟୁ ରାଉତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ପାଣି, ସୁକାନ୍ତ କୁମାର ଜେନା, ଡା ହରେକୃଷ୍ଣ ରାଉତ, ନନ୍ଦ କିଶୋର ସାହୁ, ପୀତବାସ ମୁଖୀ, ନିଲମ ରାଉତ, ସୁଲୋଚନା ଭୋଳ, ସୁରେନ୍ଦ୍ର ପ୍ରସାଦ ସାହୁ, ବାଲ୍ମିକୀ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟିକା ସଞ୍ଜୁ ମହାନ୍ତିଙ୍କ ଦ୍ୱାରା ପରିବେଷିତ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରଜ ମହୋତ୍ସବ କମିଟିର ସମସ୍ତ ସଭ୍ୟ ୪ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଧୁପୁରା ଖାଦାନକୁ ସଂଯୋଗ କରୁଥିବା ୪ ବେଆଇନ ରାସ୍ତା କାଟିଲା ଖଣି ବିଭାଗ

**ରାଜଘାଟ, ୧୭।୬ (ସମିସ):** ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରା ଖାଦାନରୁ ବେଆଇନ ବାଲି ଚାଲାଣ ନେଇ 'ସକାଳ'ରେ ଖବର ପ୍ରସାରଣ ପରେ ବ୍ଲକ ଖଣି ବିଭାଗ ଆକ୍ସନ ମୁଡକୁ ଆସିଛି। ବୁଧବାର ବସ୍ତା ବ୍ଲକ ଖଣି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ମଧୁପୁରା ଖାଦାନରେ ଚଢାଉ କରି ବେଆଇନ ଚାଲାଣ ପାଇଁ ବ୍ୟବହୃତ ୪ଟି କଚ୍ଚା ରାସ୍ତାକୁ ଜେସିବି ଲଗାଇ କାଟି ଦେଇଛି। ମଧୁପୁରା ଖାଦାନରୁ ରାତିଅଧିଆ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ଆସିବା ପରେ ଖବର ପ୍ରସାରିତ ହୋଇଥିଲା। ଏହାପରେ ବାଲେଶ୍ୱର ଜିଲ୍ଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶରେ ବସ୍ତା ବ୍ଲକ ଖଣି ଅଧିକାରୀ




ସତ୍ୟଚିନ୍ମୟ ଜେନା, ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସ କାନ୍ତ ପ୍ରଧାନ, ଗୁଡିଖାଳ ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସକୁ ନେଇ ଗଠିତ ମିଳିତ ଟିମ ଅପରାହ୍ନ ୪ଟାରେ ଖାଦାନରେ ପହଞ୍ଚିଥିଲେ। ଯାଞ୍ଚ ବେଳେ ଖାଦାନର ମୁଖ୍ୟ ପ୍ରବେଶ ପଥ ବ୍ୟତୀତ ଆଖପାଖ ବିଲ ଦେଇ ୪ଟି ଅସ୍ଥାୟୀ କଚ୍ଚା ରାସ୍ତା ତିଆରି ହୋଇ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଖଣି ବିଭାଗ ତୁରନ୍ତ ଜେସିବି ମେସିନ ଲଗାଇ ସେହି ୪ଟି ରାସ୍ତାକୁ ଖୋଳି କାଟି ଦେଇଛି, ଯାହାଫଳରେ ଟ୍ରାକ୍ଟର ଓ ହାଇୱା ଚଳାଚଳ ବନ୍ଦ ହୋଇଛି। ପ୍ରକାଶ ଥାଉକି ଉକ୍ତ ଖାଦାନରୁ ଜିଲ୍ଲାର ଜଣେ ବିଡ଼ିଓଙ୍କ ପୁତୁରା କହି ଜଣେ ଯୁବକ ପ୍ରାୟ ୨ଶହ କୋଟି ରୁ ଉର୍ଦ୍ଧ ଟଙ୍କାର ବାଲି ଚୋରି କରି ସୁବର୍ଣରେଖା ର ଏକ ଶାଖା ନଦୀ ଖୋଳିଥିବାର ପୂର୍ବରୁ ଅଭିଯୋଗ ହୋଇଥିଲା।

# ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବି

**ବାଲେଶ୍ୱର,୧୭ ।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ତିଖିରି ପଂଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ବିଡିଓ ଏବଂ ପୁଲିସର ଆଚରଣକୁ ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ସୋସାଇଟି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧାରଣସମ୍ପାଦକ ମନୋଜ ନାୟକ ପ୍ରସଙ୍ଗ ଉପରେ ଆଲୋକପାତ କରି ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି ବୋଲି କହିଥିଲେ। ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରସ୍ତମ ବେହେରା ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଆର୍ଥିକ ସହାୟତା ନିବେଦନ

**ବାଲେଶ୍ୱର,୧୭ ।୬(ସମିସ):** ନିଜାମପୁର ପଂଚାୟତ ଅର୍ନ୍ତଗତ ଦୁମୁଦା ଗ୍ରାମର ବାସିନ୍ଦାମାନେ ବିଶେଷ କରି କୃଷି କରି ସେମାନଙ୍କର ଜୀବନ ଯାପନ କରନ୍ତି। ସେମାନଙ୍କ ଗାଁ ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ ଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟରେ ମଧ୍ୟ ସମ୍ମୁଖିନ ହୋଇଥାଆନ୍ତି। ଏପରିକି ସେମାନଙ୍କ ଗାଁରେ ଏକ ମନ୍ଦିର ନଥିବାରୁ ସେଠାକାର ଅଧିବାସୀମାନେ ପୂଜା କରିବା ପାଇଁ ଅନ୍ୟ ଏକ ଗାଁ ଉପରେ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଗ୍ରାମବାସୀ ଏବଂ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଗ୍ରାମରେ ଏକ ମହାଦେବଙ୍କ ମନ୍ଦିର ନିର୍ମାଣ କରାଯାଇ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ହେଲେ ଅର୍ଥର ଅଭାବ ହେତୁ ମନ୍ଦିରର ପୂର୍ଣ୍ଣାଙ୍ଗ କାର୍ଯ୍ୟ ହୋଇପାରୁ ନାହିଁ। ଏଣୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ହିମାଂଶୁ ଦାସ, ଉମାକାନ୍ତ ବେହେରା, ଜଗନ୍ନାଥ ଦାସ, ପ୍ରମୋଦ ବେହେରା, ମଞ୍ଜୁଲତା ପରିଡା, ଶ୍ରୀନିବାସ ବେହେରା, ଉମାକାନ୍ତ ପରିଡା, ଚିତ୍ତରଞ୍ଜନ ଦାସ, ପରମେଶ୍ୱର ବେହେରା, ରବିନ୍ଦ୍ର ଜେନା, କବିତା ଜେନା, ସବିତା ମାହାଲ, ମଞ୍ଜୁଲତା ଯେନା, ଅନୁପମା ସାହୁ, ପଦ୍ମାବତୀ ମାହଲ ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ ଏବଂ ଟେବୁଲ ଟପ୍ ଏକ୍ସରସାଇଜ୍ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୭।୬ (ସମିସ)**

ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆଜି ଟେବୁଲଟପ ଏକସରସାଇଜ ଏବଂ ମକ୍‌ଡ୍ରିଲ ପାଇଁ ଏକ ପ୍ରସ୍ତୁତି ବୈଠକ ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମ୍ଭାବ୍ୟ ବନ୍ୟା, ବତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ୧୯ ତାରିଖରେ ଏକ ମକଡ୍ରିଲ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିର ଅନୁଷ୍ଠିତ ହେବ। ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ। ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡ଼ିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବିଡିଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ଅବଗତ କରାଇବାକୁ କୁହାଯାଇଛି। ବନ୍ୟା ଓ ବାତ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଉଡର, ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନଡିଆରଏଫ ,ଓଡ୍ରାଫ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦ ମିତ୍ର ସିଭିଲ ଡେଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଘରେ କେହି ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ସୋର, ୧୭।୬ (ସମିସ):** ସୋର ଥାନା ମାଣିପୁର ପଞ୍ଚାୟତ ଗୁଲୁଣିଆ ଗ୍ରାମରେ ଘରେ କେହି ନ ଥିବା ବେଳେ ଘର ଏବଂ ଗଡ଼ରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଏହି ଗ୍ରାମର ଅର୍ଜୁନ ଘଡେଇ ୧୫ ତାରିଖ ସକାଳେ ପରିବାର ସହ ନିଜ ସଶୁ ଘର ବେତଡା ଗ୍ରାମକୁ ଯାଇଥିଲେ। ଗତକାଲି ଅପରାହ୍ନରେ ଅର୍ଜୁନ ଘରକୁ ଫେରି ଘର ଖୋଲା ଥିବା ଦେଖି ଭିତରେ ପଶିଥିଲେ। ଘର ଭିତରେ ଥିବା ଗଡ଼ରେଜ ଚାବି ଭାଙ୍ଗି କେହି ଦୁର୍ବୃତ୍ତ ଗଡ଼ରେଜରେ ଥିବା ୭ଟି ସୁନାଚେନ, ରାଣି ହାର, ନେକଲେସ, ପାଉଁଜି ୩ ହଳ, ମୁଦି ୨ଟି ସମେତ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ରୁପା ଗହଣା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ଅର୍ଜୁନ ଆଜି ସକାଳେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଘନେଇଲା ଲାଇବ୍ରେରୀ, କଲ୍ୟାଣ ମଣ୍ଡପ ବିବାଦ

**ମଣ୍ଡପରେ ତାଲା ପକାଇବାକୁ ଆସି ବିଏମସି ଏନଫୋର୍ସମେଣ୍ଟ ଟିମ୍ ବିରୋଧର ସମ୍ମୁଖୀନ**

**ବିଡିଏର ଓପନ ସ୍ପେସରେ ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହୋଇଛି ବିଧାୟକ ପାଣ୍ଠି**

**ସ୍ଥାନୀୟ କର୍ପୋରେଟରଙ୍କ ବିରୋଧ ପରେ ବିଏମସି ପକ୍ଷରୁ ନିଆଯାଉଛି ପଦକ୍ଷେପ**

**ସରକାରୀ କୋଠାରୁ ଶାନ୍ତିମାର୍ଗ ଉନ୍ନୟନ ସଂଘ ପକ୍ଷରୁ ଅର୍ଥ ଆଦାୟ ବେନିୟମ : କର୍ପୋରେଟର**

**ସ୍ଥାନୀୟ ଲୋକଙ୍କ ସଂଗୃହିତ ଅର୍ଥରେ ନିର୍ମିତ ମଣ୍ଡପ ଲୋକଙ୍କ ସେବାରେ ସମର୍ପିତ : ସଂଘ**

ବ୍ରହ୍ମପୁର,୧୭।୬(ସମିସ):

ବ୍ରହ୍ମପୁର ମହାନଗର ନିଗମର ୬ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ରୀରାମନଗର ଶାନ୍ତି ମାର୍ଗ ଲାଇବ୍ରେରୀ ତଥା କଲ୍ୟାଣ ମଣ୍ଡପ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ବିବାଦୀୟ କଲ୍ୟାଣ ମଣ୍ଡପରେ ତାଲା ପକାଇ ବିଏମସି ନିଜ ଅକ୍ତିଆରକୁ ନେବାକୁ ହୋଇଥିବା ଉଦ୍ୟମକୁ ଅଞ୍ଚଳବାସୀ ତିବ୍ର ବିରୋଧ କରିଛନ୍ତି। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ' ବିଭିନ୍ନ ପର୍ଯ୍ୟାୟରେ ଲାଇବ୍ରେରୀ ନିର୍ମାଣ ପାଇଁ ବିଧାୟକଙ୍କ ପାଣ୍ଠିରେ ତଥା ବିଡିଏର ଓପନ ସ୍ପେସରେ ଏହି କୋଠା ନିର୍ମାଣ ହୋଇଥିଲା। ୨୦୧୪ମସିହାରୁ ପର୍ଯ୍ୟାୟ କ୍ରମେ ତତ୍‌କାଳୀନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ପରବର୍ତ୍ତି ସମୟରେ ବିକ୍ରମ କୁମାର ପଣ୍ଡାଙ୍କ ଅମଳରେ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ହୋଇଥିବା ଜଣାପଡିଛି। ଏଥିରେ ଅଞ୍ଚଳବାସୀଙ୍କ ଠାରୁ ସଂଗୃହିତ କିଛି ଅର୍ଥ ମଧ୍ୟ ବିନିଯୋଗ ହୋଇଥିବା ଶାନ୍ତି ମାର୍ଗ ଉନ୍ନୟନ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଉକ୍ତ କୋଠାରେ ଲାଇବ୍ରେରୀ ପରିଚାଳିତ ନହୋଇ କିଛି ବ୍ୟକ୍ତିବିଶେଷଙ୍କ ଦ୍ୱାରା ସଂଘ ନାମରେ କଲ୍ୟାଣ ମଣ୍ଡପ ଭାବେ ବ୍ୟବହାର କରାଯାଇ ଲୋକଙ୍କ ଠାରୁ ବେନିୟମ ଭାବେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଅନ୍ୟ କେହି ନୁହଁନ୍ତି ବରଂ ଖୋଦ୍ ସ୍ଥାନୀୟ ତଥା ୬ନମ୍ବର ୱାର୍ଡ କର୍ପୋରେଟର ଶ୍ୱେତାରେଖା ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏନେଇ ସେ ବିଏମସିରେ ମେୟର ଓ କମିଶନରଙ୍କ ନିକଟରେ ଦିର୍ଘ ଦିନରୁ ଅଭିଯୋଗ କରିଆସିବା ସହିତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ବିଏମସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ କର୍ପୋରେଟର ଶ୍ରୀମତୀ ଶ୍ୱେତାରେଖା ତ୍ରିପାଠୀ ଗତକାଲି ଅନୁଷ୍ଠିତ କର୍ପୋରେସନ ବୈଠକରେ ଧାରଣାରେ ବସିଥିଲେ। ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ମେୟର ଓ କମିସନର ପ୍ରତିଶ୍ରୁତି ଦେଇଥିଲେ। ଗତକାଲିର ନିଷ୍ପତ୍ତି ପ୍ରକାରେ ଉକ୍ତ ବିବାଦୀୟ ଲାଇବ୍ରେରୀ ତଥା କଲ୍ୟାଣ ମଣ୍ଡପରେ ତାଲା ପକାଇ ବିଏମସି ନିଜ ଅକ୍ତିଆରକୁ ଆଣିବାକୁ ଯାଇ ଡେପୁଟି କମିସନର ବିକ୍ରମ ଶୁଣ୍ଠିଙ୍କ ନେତୃତ୍ୱରେ ବିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଆଜି ଅପରାହ୍ନରେ ଘଟଣାସ୍ଥଳକୁ ଯାଇଥିଲେ। ତେବେ ବିଏମସି ଟିମକୁ ସେଠାରେ ଅଞ୍ଚଳବାସୀ ତଥା ଶାନ୍ତିମାର୍ଗ ଉନ୍ନୟନ ସଂଘର କର୍ମକର୍ତ୍ତାଙ୍କ ତିବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ସଂଘ କର୍ମକର୍ତ୍ତା ତଥା ସ୍ଥାନୀୟ ଲୋକଙ୍କ କହିବା କଥା ଲାଇବ୍ରେରୀ ପାଇଁ ପାଣ୍ଠି ଯଦି ଆସିଛି ତେବେ ସେଥିପାଇଁ ଚୌକି, ଟେବୁଲ, ଆଲମାରୀ ଅଥବା ବହି ଖଣ୍ଡିକ ପାଇଁ ଦିର୍ଘ ବର୍ଷ ପରେ ମଧ୍ୟ କାହିଁକି ବ୍ୟବସ୍ଥା କରାଯାଇ ନାହିଁ। ଉକ୍ତ କୋଠାରେ ଅଞ୍ଚଳବାସୀଙ୍କ ଠାରୁ ସଂଗୃହିତ ପାଣ୍ଠି ମଧ୍ୟ ବିନିଯୋଗ କରାଯାଇଛି। ବର୍ତ୍ତମାନ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ତାହାକୁ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯାଉଥିବା ବେଳେ କୋଠାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ କିଛି ଅର୍ଥ ଆଦାୟ କରାଯାଉଛି। ଯାହାର ସମସ୍ତ ହିସାବକିତାବ ରହିଥିବା ସେମାନେ ଦାବି କରିଛନ୍ତି। ଏଣୁ କୌଣସି ପରିସ୍ଥିତିରେ କୋଠାକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ଅଡି ବସିଥିଲେ ଅଞ୍ଚଳବାସୀ। ସରକାରୀ ଅନୁଦାନରେ ନିର୍ମିତ କୋଠାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିରେ ଅଞ୍ଚଳବାସୀ ଓ ସ୍ଥାନୀୟ କର୍ପୋରେଟର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ତେବେ ବେନିୟମ ଭାବେ ଚାଲିଥିବା କଲ୍ୟାଣ ମଣ୍ଡପକୁ କୌଣସି ପରିସ୍ଥିତିରେ ଚାଲିବାକୁ ଦିଆଯିବ ନାହିଁ ବରଂ ଏହାକୁ ବିଏମସି ନିଜ ଅକ୍ତିଆରକୁ ନେବ ବୋଲି ସ୍ପଷ୍ଟ କରିଛନ୍ତି ଉଭୟ ମେୟର ଓ କମିସନର। ପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ସରଜମୀନ ତଦନ୍ତ ଓ ସର୍ଭେ କରାଯିବା ସହିତ ଶାନ୍ତିମାର୍ଗ ଉନ୍ନୟନ ସଂଘକୁ ଆବଶ୍ୟକୀୟ ନଥିପତ୍ର ବିଏମସି ପକ୍ଷରୁ ମଗା ଯାଇଥିଲା। ତେବେ ନଥିପତ୍ର ଦାଖଲ ପାଇଁ ସଂଘ ପକ୍ଷରୁ ୪୫ଦିନର ସମୟ ନିଆଯାଇଥିଲା। ଇତି ମଧ୍ୟରେ ୪୫ଦିନ ଅତିକ୍ରାନ୍ତ ହୋଇ ଦିର୍ଘ ପ୍ରାୟ ୩ମାସ ବିତିସାରିଛି। ତଥାପି କୋଠା ସଂକ୍ରାନ୍ତିୟ କୌଣସି ନଥିପତ୍ର ସଂଘ ପକ୍ଷରୁ ବିଏମସି ନିକଟରେ ଦାଖଲ କରାଯାଇନଥିବା କହିଛନ୍ତି ସହକାରୀ କମିସନର ତଥା ଏନଫୋର୍ସମେଣ୍ଟ ଅଧିକାରୀ ବିକ୍ରମ ଶୁଣ୍ଠି। ସେପଟେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଘଟଣା ସ୍ଥଳରେ ପୁଲିସ ମୁତୟନ ସହ ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା ଦେବୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ।





# ଜିଲ୍ଲା ଯୋଜନା କମିଟି ସଦସ୍ୟ ପାଇଁ ୧୩ ନାମାଙ୍କନ





ବ୍ରହ୍ମପୁର/ଛତ୍ରପୁର,୧୭।୬(ସମିସ): ଗଞ୍ଜାମ ଜିଲ୍ଲା ଯୋଜନା କମିଟି ସଦସ୍ୟ ଲାଗି ଆଜି ଶେଷ ଦିନରେ ୧୩ଜଣ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ୬୭ନଂ ଜିଲ୍ଲା ପରିଷଦ ଜୋନ୍‌ର ବି.ଗୀତାଞ୍ଜଳୀ, ୧୦ନଂ ଜୋନ୍‌ର ଭାରତୀ ନାୟକ, ୧୪ ନଂ ଜୋନ୍‌ର ସସ୍ମିତା ସ୍ୱାଇଁ, ୨ନଂ ଜୋନ୍‌ର ଅନିମା ପରିଡା, ୩୩ ନଂ ଜୋନ୍‌ର ଯଶୋଦା ଶବର, ୧୨ନଂ ଜୋନ୍‌ର ଚନ୍ଦନା କୁମାରୀ ସେଠୀ, ୨୨ନଂ ଜୋନ୍‌ର ଶିବ ସେଠୀ, ୩୮ ନଂ ଜୋନ୍‌ର ଅଶୋକ କୁମାର ବିଷୋୟୀ, ୩୦ନଂ ଜୋନ୍‌ର ଟୁକୁନା ଗୌଡ, ୫୪ ନଂ ଜୋନ୍‌ର ଜୀପକ କୁମାର ସାମନ୍ତ, ୭ନଂ ଜୋନ୍‌ର ସନ୍ତୋଷ କୁମାର ପାଢୀ ଏବଂ ୪୮ ନଂ ଜୋନ୍‌ର ସୁଧୀର କୁମାର ଜେନା। ଆଜି ବିଜୁଜନତା ଦଳର ୧୨ଜଣ ପ୍ରାର୍ଥୀ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ଏସ୍.ରାଜେଶ୍ୱରୀ ଦୋରାଙ୍କ ନେତୃତ୍ୱରେ ଛତ୍ରପୁର ସ୍ଥିତ ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟଠାରେ ପହଞ୍ଚି ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ତଥା ଯୁଗ୍ମ ନିର୍ଦ୍ଦେଶକ (ଯୋଜନା ଓ ସମନ୍ୱୟ) ଅଶୋକ କୁମାର ଦାଶଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏ ଅବସରରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୂର୍ଯ୍ୟମଣୀ ବୈଦ୍ୟ ଓ ଲତିକା ପ୍ରଧାନ, ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ ଓ ଚନ୍ଦ୍ରଶେଖର ସାହୁ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଅଜୟ ମହାରଣା, ବିଧାନସଭା ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଯୁବ ନେତା ରଞ୍ଜନ ପଲାଇ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ନୀଳମଣି ପଟ୍ଟନାୟକ, ଭବାନୀକାନ୍ତ ସାହୁ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନାନୁସାରେ, ଚଳିତମାସ ୬ତାରିଖ ଠାରୁ ୧୭ ତାରିଖ ନାମାଙ୍କନ ପତ୍ର ଦାଖଲ ପାଇଁ ଧାର୍ଯ୍ୟ ରହିଥିଲା। ୧୯ତାରିଖ ଯାଞ୍ଚ ହେବ। ୨୨ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହର ହେବ। ଜୁଲାଇ ୭ତାରିଖରେ ନିର୍ବାଚନ ହେବ। ଯଦି ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହେ ତେବେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବେ ବୋଲି ଜଣାପଡ଼ିଛି।

# ଖଜୁରିଆରେ ନାବାଳକଙ୍କୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୧୭।୬(ସମିସ): ପୋଖରୀ ହୁଡ଼ାରେ ପରିସ୍ରା ପାଇଁ ବାରଣ କରିବାରୁ ନୂଆ ଖଜୁରିଆର ୧୭ ବର୍ଷୀୟ ନାବାଳକ ସନିଆ ଆଇଲନଙ୍କୁ ମାଡ ମାରି ହତ୍ୟା କରିଥିବା ଅଭିଯୁକ୍ତକୁ ଗୋସାଇଁନୂଆଗାଁ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଫୁଲଟା ଗ୍ରାମର କୃଷ୍ଣଚନ୍ଦ୍ର ସାସମଲ (୨୮)। ସୂଚନାପ୍ରକାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ନୂଆଖଜୁରିଆ ଗ୍ରାମର ଭାସ୍କର ଆଇଲାନ୍‌ଙ୍କ ୧୭ବର୍ଷର ପୁଅ ସାନିଆ ପ୍ରବଳ ଗରମ ଯୋଗୁଁ ନିଜ ସାଙ୍ଗମାନଙ୍କ ସହ ସ୍ଥାନୀୟ ପୋଖରୀ ହୁଡ଼ାରେ ବସିଥିଲେ। ଏହି ସମୟରେ ଫୁଲଟା ଗ୍ରାମର କୃଷ୍ଣଚନ୍ଦ୍ର ସାସମଲ (୨୮) ସେଠାରେ ପହଞ୍ଚି ପୋଖରୀ ଚଉଁରା ନିକଟରେ ପରିସ୍ରା କରିଥିଲେ। ତେବେ ଗାଁ ପୋଖରୀରେ ପରିଶ୍ରା ନକରିବାକୁ ସନିଆ ତାଙ୍କୁ କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ କୃଷ୍ଣଚନ୍ଦ୍ରଙ୍କ ସନିଆକୁ ମୁଥ, ବିଧା ଓ ଗୋଇଠା ମାରିଥିଲେ। ଆକ୍ରମଣ ଯୋଗୁଁ ସାନିଆ ସେଠାରେ ହିଁ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ମୃତକଙ୍କ ମାଆ କାମିନୀ ଆଇଲାନ୍(୪୫) ଗୋସାଇଁନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା(୨୨୮/୨୬) ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ମୃତକ ଓ ଅଭିଯୁକ୍ତଙ୍କ ପୋଷାକପତ୍ର ସମେତ ଅନ୍ୟାନ୍ୟ ଜୈବିକ ନମୁନା ଜବତ କରିଛି। ବୁଧବାର ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସାସମଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

■ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ

# ପାଠ୍ୟକ୍ରମରେ ନୀତିଗତ ଶିକ୍ଷା ପ୍ରଚଳନ ପାଇଁ ଆହ୍ୱାନ

ବ୍ରହ୍ମପୁର,୧୭।୬(ସମିସ): ପୂଜ୍ୟ ପୂଜା ସମିତି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ତିରୋଧାନ ଦିବସ ପାଳନ କରାଯାଇଛି। ସମିତିର ସମ୍ପାଦକ ଏସ. ସାମ୍ବଶିବା ରାଓ ସ୍ମୃତି ଚାରଣ ସଭାରେ ଅଧ୍ୟକ୍ଷତାରେ ସ୍ଥାନୀୟ ଗିରିରୋଡ ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂପ୍ରତିକ ପରିସ୍ଥିତିରେ ଦେଶ, ଦେଶର ସମ୍ପତ୍ତି, ବ୍ୟବସ୍ଥା ପରିବର୍ତ୍ତନ ପାଇଁ ରାଜନୀତି ଓ ଦେଶବାସୀଙ୍କ ଅଧିକାର ସଙ୍କଟରେ ପଡିଥିବାବେଳେ ଗୋପବନ୍ଧୁଙ୍କ ତ୍ୟାଗ, ସଂଘର୍ଷ, ସେବା ଓ ରାଜନୀତି ସମସ୍ତଙ୍କ ମନରେ ଦେଶପ୍ରେମର ବହ୍ନି ସୃଷ୍ଟି କରିଥିବା ମଞ୍ଚ ସଭାପତି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଜୀବନର ମାନଦଣ୍ଡ "ମଣିଷ ପଣିଆ ଓ ସାମାଜିକ ଦାୟିତ୍ୱ' ବୋଧର ଶିକ୍ଷା ଅର୍ଜନ ନିମନ୍ତେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚଳନ୍ତି ପାଠ୍ୟ ଖସଡ଼ାରେ ନୀତି ଗତ ଶିକ୍ଷାକୁ ସ୍ଥାନ ଦେବାପାଇଁ ସମିତି ପକ୍ଷରୁ ଆହ୍ୱାନ କରଯାଇଛି। ଶେଷରେ ସମିତି ସମ୍ପାଦକ ଏସ୍. ଶାମ୍ବସିବା ରାଓ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଉପଦେଷ୍ଟା ଆର୍. ସତ୍ୟ ନାରାୟଣ ରାଓ, ଆଇନଜୀବୀ ଅବନୀ ଗୟା, ଆଦିତ୍ୟ ନାରାୟଣ ରଥ, ଗୁଣନିଧି ବେହେରା, ବିଜୟ କୁମାର ପାଢ଼ୀ ଓ ଜୟକୃଷ୍ଣ ନାୟକ ଉପସ୍ଥିତ ଥିଲେ।



# ସମାଜସେବୀ ଡ଼ା. ପିସି ସାହୁ ଓ ପୁଷ୍ପାଞ୍ଜଳି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର,୧୭।୬(ସମିସ): ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ମନ୍ଦିର କଲ୍ୟାଣ ମଣ୍ଡପରେ ସ୍ୱନାମଧନ୍ୟ ଭେଷଜ ବିଶେଷଜ୍ଞ ତଥା ସମାଜସେବୀ ଡ଼ା. ପିସି ସାହୁ ଓ ପତ୍ନୀ ପୁଷ୍ପାଞ୍ଜଳି ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏ ଅବସରରେ ସହରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜକୁ ଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୁଇ ପୁଅ ଇଂ. ଲଲାଟେନ୍ଦୁ ସାହୁ ଓ ଡ଼ା. ବିଭୁଦେନ୍ଦୁ ସାହୁ ଓ ପରିବାର ବର୍ଗଙ୍କ ସମେତ ବରିଷ୍ଠ ଡ଼ା. ରବି ଶତପଥୀ, ଡ଼ା. ସୁରେଶ ମିଶ୍ର, ଦୈନିକ ଆଶାର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ଡ଼ା. ମିହିର ଦାସ, ଡ଼ା. ଅମୂଲ୍ୟ ମିଶ୍ର, ଡ଼ା. ଭାରତୀ ମିଶ୍ର, ପ୍ରଫେସର ମଦନ ମିଶ୍ର, ପ୍ରବୀଣ ରଥ, ହରେକୃଷ୍ଣ ଦଳେଇ, ବିଏନଆର ସୁବୁଦ୍ଧି, ରଞ୍ଜନ ସାହୁ , ସୁର କିଶୋର ମିଶ୍ର, କମଳାକାନ୍ତ ପାଣିଗ୍ରାହୀ, ବରିଷ୍ଠ ଅଧିକାରୀ ଈଶ୍ୱର ସାହୁ ଓ ସଦାଶିବ ସାହୁଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହି ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ସାହୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସଚେତନତା କର୍ମଶାଳା



ବ୍ରହ୍ମପୁର,୧୭।୬(ସମିସ): ସ୍ଥାନୀୟ ଏକ ହୋଟେଲ୍‌ରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରୋଗ ନିରୀକ୍ଷଣକୁ ଆହୁରି ମଜବୁତ୍ କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲା ସର୍ଭେଲାନ୍ସ ୟୁନିଟ୍(ଆଇଡିଏସପି) ଓ ଜେଏଚପିଆଇଇଗୋ ଓଡ଼ିଶାର ମିଳିତ ସହଯୋଗରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚ୍‌ଓ) ଡ଼ା. ବାଲୁଙ୍କେଶ୍ୱର ସରଙ୍ଗି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡ଼ା. ଏସ. କାମେଶ୍ୱର ରାଓ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର(ଡିପିଏମ୍) ବୁଲୁନାଥ ସାହୁ, ଜେଏଚପିଆଇଇଗୋର ଷ୍ଟେଟ୍ ପ୍ରୋଗ୍ରାମ ଅଫିସର ରଶ୍ମୀ କେ., ରାଜ୍ୟ ମହାମାରୀ ବିଶେଷଜ୍ଞ ସୁନୀତା ଜେନା ଓ ଜିଲ୍ଲା ମହାମାରୀ ବିଶେଷଜ୍ଞ ମୁକେଶ ଚନ୍ଦ୍ର ମାଳି ପ୍ରମୁଖ ଉପସ୍ଥିତ ହୋଇ ମହାମାରୀ ଆକାର ନେଉଥିବା ରୋଗର ଶୀଘ୍ର ଚିହ୍ନଟ ଓ ପ୍ରମାଣ-ଭିତ୍ତିକ ସ୍ୱାସ୍ଥ୍ୟ ଯୋଜନା ପାଇଁ ଘରୋଇ ହସ୍ପିଟାଲ୍‌ଗୁଡ଼ିକ ଦ୍ୱାରା ସଠିକ୍ ସମୟରେ ରିପୋର୍ଟିଂ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏ ଅବସରରେ "ଇଣ୍ଟିଗ୍ରେଟେଡ୍ ହେଲ୍ଥ ଇନଫରମେସନ୍ ପ୍ଲାଟଫର୍ମ' (ଆଇଏଚଆଇପି) ପୋର୍ଟାଲ୍ ମାଧ୍ୟମରେ ଡେଙ୍ଗୁ, ମ୍ୟାଲେରିଆ, ଚିକନଗୁନିଆ, ଝାଡ଼ାବାନ୍ତି, ହଇଜା, ଟାଇଫଏଡ୍, ମିଳିମିଳା, ଯକ୍ଷ୍ମା, କୋଭିଡ୍-୧୯, ଇନଫ୍ଲୁଏଞ୍ଜା ପରି ରୋଗ ଏବଂ ଗୁରୁତର ତୀବ୍ର ଶ୍ୱାସକ୍ରିୟା ସଂକ୍ରମଣ (ଆଇଏଲଆଇ/ଏସଏଆରଆଇ), ହେପାଟାଇଟିସ୍, ଏକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍/ଜାପାନିଜ୍ ଏନସେଫାଲାଇଟିସ୍(ଏଇଏସ୍/ଜେଇ), ଜଳାତଙ୍କ ଓ ଖାଦ୍ୟ ବିଷାକ୍ତା ଭଳି ରୋଗର ଅନଲାଇନ୍ ରିପୋର୍ଟିଂ ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲାର ବହୁ ଘରୋଇ ହସ୍ପିଟାଲର ମାଲିକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାରେ ୨୦ ପର୍ଯ୍ୟନ୍ତ ସ୍କୁଲ ବନ୍ଦ

ବ୍ରହ୍ମପୁର/ଛତ୍ରପୁର,୧୭।୬(ସମିସ): ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବୁଧବାର ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ପାଇଁ ଲଗାତାର ସତର୍କବାଣୀ ଜାରି କରାଯାଇଛି। ଜିଲ୍ଲାରେ ତୀବ୍ର ଗରମ ଓ ଆର୍ଦ୍ରତା ସହିତ ବଜ୍ରପାତ, ବର୍ଷା ଏବଂ ପବନ ବହିବାର ସମ୍ଭାବନା ରହିଛି। ଏଥି ନିମନ୍ତେ ଗଞ୍ଜାମ ଜିଲ୍ଲା ପାଇଁ "ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ଗ୍ରୀଷ୍ମ ଛୁଟି ହୋଇଥିବା ବେଳେ ଚଳିତ ମାସ ୧୮ ତାରିଖରେ ବିଦ୍ୟାଳୟ ଖୋଲିବା ନିଷ୍ପତି ରହିଥିଲା।

# ଅତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରଦାନ କର: ଏଆଇଡିଏସଓ

ବ୍ରହ୍ମପୁର,୧୭।୬(ସମିସ):

ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି । ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ମଧ୍ୟ ଏହାକୁ ଦୃଢ଼ ବିରୋଧ କରାଯିବା ସହ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତିରେ ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଂପର୍କରେ ଗଣଶିକ୍ଷା ମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ଖାମଖିଆଲି ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ, ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ରୁ ଅଧିକ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି। ମୋଟ ୧୭୦୦ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ। ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ, ଯେଉଁ ୧୭୦୦ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ୱାରା ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶୀକାର ହେବେ। ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର। ବିଜ୍ଞାନ ସମ୍ମତ ଶିକ୍ଷା ଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଶିକ୍ଷା ଜାତୀୟ ଶିକ୍ଷାନୀତି ୨୦୨୦ କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ ନଚେତ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଓଲାଭରରେ 'ମିନି ହାଇମାଷ୍ଟ ଲାଇଟ୍' ନାଁରେ ଅନିୟମିତତା ଅଭିଯୋଗ

# ୩୦ ହଜାର କାମକୁ ଦେଢ଼ ଲକ୍ଷ ବିଲ୍!

ରାଜକନିକା,୧୭।୬(ସମିସ)






ରାଜକନିକା ବ୍ଲକ ଓଲାଭର ପଞ୍ଚାୟତର ଦେଉଳସାହି ଦୁର୍ଗା ମନ୍ଦିରରେ ଲାଗିଥିବା "ମିନି ହାଇମାକ୍ସ ଲାଇଟ୍"କୁ ନେଇ ସ୍ଥାନୀୟଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ପ୍ରକଳ୍ପ ଫଳକରେ ଅଟକଳ ରାଶି ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଯାଇଥିବା ବେଳେ ବାସ୍ତବରେ ଏହି କାମ ୩୦ ହଜାର ଟଙ୍କାରେ ହୋଇପାରିଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳକ ଅନୁଯାୟୀ, ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା ଓ ପଞ୍ଚାୟତ ସମିତି ରାଜକନିକା ଦ୍ୱାରା ୧୫ତମ ଅର୍ଥ କମିଶନ (ଅନ୍ଟାଇଡ୍) ୨୦୨୫-୨୬ ପାଣ୍ଠିରୁ ଦେଉଳସାହି ଦୁର୍ଗା ମନ୍ଦିରରେ "ମିନି ହାଇମାକ୍ସ ଲାଇଟ୍" ସ୍ଥାପନ କରାଯାଇଛି । ଏଥିପାଇଁ ଆନୁମାନିକ ଖର୍ଚ୍ଚ ୧ ଲକ୍ଷ ୫୦ ହଜାର ଟଙ୍କା ଦର୍ଶାଯାଇଛି । କାମଟି ବିଭାଗୀୟ ଭାବେ କରାଯାଇଥିବା ଉଲ୍ଲେଖ ଅଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଲାଗିଥିବା ଲାଇଟ୍ ପୋଲ୍, ଲାଇଟ୍ ଓ ଅନ୍ୟ ସାମଗ୍ରୀର ବଜାର ମୂଲ୍ୟ ସର୍ବାଧିକ ୨୫ରୁ ୩୦ ହଜାର ଟଙ୍କା ହେବ । ହେଲେ ପ୍ରକଳ୍ପ ନାଁରେ ୧.୫ ଲକ୍ଷ ଟଙ୍କାର ବିଲ୍ ହୋଇଛି । ଏହା ସରକାରୀ ଟଙ୍କାର ଅପଚୟ । ଗୋଟିଏ ପୋଲ୍ ଓ ୪ଟି ଲାଇଟ୍ ପାଇଁ ଦେଢ଼ ଲକ୍ଷ କେମିତି ଖର୍ଚ୍ଚ ହେଲା? ସମ୍ପୂର୍ଣ୍ଣ ବିଲ୍-ଭାଉଚର ଓ ମାପବହି ସାର୍ବଜନୀନ କରାଯାଉ ବୋଲି ଗ୍ରାମର ଯୁବକମାନେ ଦାବି କରିଛନ୍ତି । କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କେବଳ ଖର୍ଚ୍ଚ ନୁହେଁ, କାମର ମାନକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ଫଳକ ଲଗାଯାଇଥିବା କାନ୍ଥ ଭଙ୍ଗାରୁଜା ଅବସ୍ଥାରେ ଥିବା ବେଳେ ଚାରିପାଖରେ ଅଳିଆ ଆବର୍ଜନା ପଡିଛି । ଏତେ ଟଙ୍କାର କାମ ହେଲେ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାହିଁକି ହେଲାନି ବୋଲି ସ୍ଥାନୀୟବାସିନ୍ଦା ପଚାରିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ବିଡିଓ, ରାଜକନିକାଙ୍କ ନିକଟରେ ଫେରାଦ ହେବେ ବୋଲି ଜଣାଇଛନ୍ତି । କାର୍ଯ୍ୟର ମାପବହି, ମେଟେରିଆଲ୍ ବିଲ୍, ଜିଏସଟି ବିଲ୍ ଓ ଫଟୋ ଯାଞ୍ଚ କରି ସତ୍ୟାସତ୍ୟ ପଦାକୁ ଆଣିବାକୁ ସେମାନେ ଦାବି କରିଛନ୍ତି । ଯଦି ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି ହୋଇଛି । ଏ ସମ୍ପର୍କରେ ଓଲାଭର ବ୍ଲକ ନିର୍ବାହୀ ଅଧିକାରୀ କିମ୍ବା ବିଡିଓ, ରାଜକନିକାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରତିକ୍ରିୟା ମିଳିଲେ ପ୍ରକାଶ କରାଯିବ । ଏହି ରିପୋର୍ଟ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଫଳକରେ ଥିବା ତଥ୍ୟ ଉପରେ ଆଧାରିତ । ଅଭିଯୋଗର ସତ୍ୟାସତ୍ୟ ପ୍ରଶାସନିକ ତଦନ୍ତ ସାପେକ୍ଷ ।

## ସୁନାଚେନ୍ ଛିନ୍ତାଇ ଘଟଣାର ପର୍ଦ୍ଦାଫାସ୍; ୨ ଗିରଫ

କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବାହାକଣ୍ଡିଆ ଘାଟଗଡା ନିକଟରେ ଗତ ୧୧ ତାରିଖରେ ଏକ ଦମ୍ପତିଙ୍କ ଠାରୁ ସୁନା ଚେନ୍ ଛିନତାଇ ଘଟଣାର ପର୍ଦ୍ଦାଫାସ କରିଛି ସଦର ଥାନା ପୁଲିସ । ଏହି ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ସୁନା ଚେନ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଡେରାବିଶ ଥାନା ଅଧୀନ ମନ୍ତ୍ରୀପଡା ଗ୍ରାମର ମହେଶ୍ୱର ସିଂ (୨୩) ଏବଂ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଧୀନ ମାର୍ଥାପୁର ଗ୍ରାମର ଭଞ୍ଜନ ସିଂ (୩୩) । ପୁଲିସ ତଦନ୍ତ ସମୟରେ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଛିନତାଇ ହୋଇଥିବା ସୁନା ଚେନ୍ ଉଦ୍ଧାର କରିଥିଲା । ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ।



## ବ୍ଲକସ୍ତରୀୟ ବ୍ରାହ୍ମଣ ସଂଘ ବୈଠକ



ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କସ୍ଥିତ ଭୈରବୀଲାଲ ମଠ ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ବ୍ରାହ୍ମଣ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୀଲ କୁମାର ଶତପଥିଙ୍କ ଆବାହକତ୍ୱରେ ଆହୂତ ଏହି ବୈଠକରେ ପଣ୍ଡିତ ଜୟନ୍ତ କୁମାର ଶତପଥି ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ମୁଖ୍ୟ ଅତିଥିଭାବରେ ଯୋଗଦେଇଥିବା ବେଳେ ପଣ୍ଡିତ କ୍ଷିରୋଦ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ସଂଗଠନ ସମ୍ପାଦକ ତପଦ ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ଏବଂ ସଂଯୋଜକ ଦିପକ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ । ଶାରଦା ପ୍ରସନ୍ନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପଣ୍ଡିତ ନିଶିକାନ୍ତ ପଣ୍ଡାଙ୍କ ବେଦପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଂଯୋଜକ ଶ୍ରୀ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଶତପଥି ସଂଗଠନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବରେ ଉମାକାନ୍ତ ମିଶ୍ର, ସମ୍ପାଦକ ଅନୀଲ କୁମାର ଶତପଥି, ସଂଗଠନ ସମ୍ପାଦକ ଧୀରେନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଜୟନ୍ତ କୁମାର ଶତପଥି ମନୋନିତ ହୋଇଥିଲେ । ଏଥିସହିତ ପଂଚାୟତ ସ୍ତରୀୟ କର୍ମକର୍ତ୍ତା ଭାବେ ଇନ୍ଦାଲୋ ପଂଚାୟତର ସୁକାନ୍ତ କୁମାର ତ୍ରିପାଠୀ, ହରିଅଙ୍କର ସୁଦର୍ଶନ ଶତପଥି, ଯଅଁରାବାରିମୂଳର ରିତ ପତି ଓ ଭଗବାନପୁର ପଂଚାୟତର ରବୀନ୍ଦ୍ର ନାଥ ତ୍ରିପାଠୀଙ୍କୁ ମନୋନିତ କରାଯାଇଥିଲା । ଶେଷରେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଢ଼ୀମଙ୍ଗଳା ଯୁବକ ସଙ୍ଘର ବାର୍ଷିକ ରଜ ମହୋତ୍ସବ



ରାଜନଗର,୧୭।୬(ସମିସ): ସବୁବର୍ଷ ପରି ଚଳିତ ବର୍ଷ ଶ୍ରୀଶ୍ରୀ ବୁଢ଼ୀ ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ରାଜନଗର ଗଳିଦାଣ୍ଡର ଆରାଧ୍ୟା ଦେବୀ ମା' ବୁଢ଼ୀମଙ୍ଗଳାଙ୍କ ଦିବ୍ୟ ପ୍ରାଙ୍ଗଣରେ ତ୍ରିଦିବସ ବ୍ୟାପୀ ଏକାଦଶ ବାର୍ଷିକ ରଜ ମହୋତ୍ସବ-୨୦୨୬ ଆଡମ୍ବରରେ ପାଳିତ ହୋଇଯାଇଛି । ପହିଲି ରଜ ସନ୍ଧ୍ୟାରେ ମା ବୁଢୀମଙ୍ଗଳାଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ ସହ ମଞ୍ଚ ଉଦଘାଟନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ପ୍ରଥିତଯଶା ଚିକିତ୍ସକ ଡାଃ ରମେଶ ଚନ୍ଦ୍ର ଦାସ । ରାଜନଗର ଅଞ୍ଚଳରେ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ଯୁବକସଙ୍ଘ ତରଫରୁ ତାଙ୍କୁ 'ରାଜନଗର ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଆଜି ସମାଜରେ ରଜପର୍ବର ଆନନ୍ଦ ହଜିଯାଉଥିବା ବିଷୟରେ ସୂଚନା ଦେବା ସହ ଜନ୍ମ-ନିୟନ୍ତ୍ରଣର କୁପ୍ରଭାବ ଫଳରେ ଆଜି ଛୋଟ ପରିବାରର ଅଭିଭାବକ ଓ ବାପା ମାଆମାନେ ଏକମାତ୍ର ସନ୍ତାନ ହରାଇ ଭୋଗୁଥିବା କଷ୍ଟଯନ୍ତ୍ରଣା ଉପରେ ଡାଃ ଦାସ ଅତି ଗମ୍ଭୀର ଆଲୋଚନା କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବୁଢୀମଙ୍ଗଳା ଗ୍ରାମ୍ୟ କମିଟିର ସମ୍ପାଦକ ଅଭିରାମ ସାହୁ,ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ଜୟଦୁର୍ଗା ବଣିକ ସଂଘର ପୂର୍ବତନ ସଭାପତି ପଣ୍ଡିତ ସଙ୍କର୍ଷଣ ମିଶ୍ର ଯୋଗ ଦେଇ ରଜପର୍ବ ପାଳନ ଉପରେ ଆଲୋଚନା କରିଥିଲେ । ଶିକ୍ଷକ ରବି ନାରାୟଣ ଲେଙ୍କାଙ୍କୁ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା । ପରେ ପରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଉତ୍ତମ ମ୍ୟାଜିକ୍ ସୋ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ସେହିପରି ଶେଷରଜ ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବକସଙ୍ଘ ସଭାପତି ଶିବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭିକାରି ଚରଣ ବଳ, ପ୍ରମୋଦ କୁମାର ବେହେରା, ଅନିରୁଦ୍ଧ ପରିଡ଼ା, କଳାକାର ପ୍ରଫୁଲ୍ଲ ଦାସ, ସୁକାନ୍ତ କୁମାର ବେହେରା ଓ ବାଟୋଇ ପତ୍ରିକା ସମ୍ପାଦକ ଶତ୍ରୁଘନ ତରାଇଙ୍କୁ ମଞ୍ଚରେ ଉତ୍ତରୀୟ ଅର୍ପଣରେ ସମ୍ମାନିତ କରାଯିବା ସହ ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଗଳିଦାଣ୍ଡର ପିଲାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା ।

ରଜସଂକ୍ରାନ୍ତି ସନ୍ଧ୍ୟାରେ ଗୋପାଳ ଦାଶ ସ୍ମାରକୀ କଳାମନ୍ଦିର, ମୂଳବସନ୍ତ ଓ ଶେଷରଜ ଦିନ ହଂସୁଆ କଳା ପ୍ରତିଷ୍ଠାନ,ରାଜନଗରର କଳାକାରମାନଙ୍କ ନୃତ୍ୟ ସଂଗୀତ ପରିବେଷଣରେ ଦର୍ଶକମାନେ ଆନନ୍ଦ ବିଭୋର ହୋଇଥିଲେ । ଯୁବକ ସଙ୍ଘର ସଭାପତି ଶିବାନନ୍ଦ ରାଉତ, ଆବାହକ ଡାଃ ଅମିୟ ରଞ୍ଜନ ପରିଡା,ସମ୍ପାଦକ ଚନ୍ଦ୍ରକାନ୍ତ ସେଠୀ,ଅମ୍ରିତ ପତି, ସହଦେବ ସେଠୀ, ଭରତ ସାହୁ, ରଜତ ପରିଡ଼ା, ସମୀର ସିଂ, ପ୍ରିୟବ୍ରତ ସାହୁ, ଦୀନବନ୍ଧୁ ସୂତାର, ଯଶୋମତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସହଯୋଗ କରିଥିଲେ ଯୁବକସଙ୍ଘର ଉପଦେଷ୍ଟା ଚିତ୍ରଶିଳ୍ପୀ ବିଜୟ ପ୍ରଧାନ, ବ୍ରହ୍ମାନନ୍ଦ ଲେଙ୍କା ।

## ନାବାଳିକା ଦୁଷ୍କର୍ମ ଘଟଣାରେ ଏନ୍‌ଏଚ୍‌ଆର୍‌ସିରେ ମାମଲା: ୫୦ଲକ୍ଷ କ୍ଷତିପୂରଣ ଦାବି

କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସହରରେ ଜଣେ ୧୨ ବର୍ଷୀୟା ନାବାଳିକା ଦୁଷ୍କର୍ମ ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରେ ମାମଲା ଦାଏର କରାଯାଇଛି । ନ୍ୟାୟ ପାଇଁ ଲଢେଇ ପରିବାର (ଓଡ଼ିଶା)ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ କମିଶନଙ୍କ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି । ଏନ୍‌ଏଚ୍‌ଆର୍‌ସି କେସ୍ ନମ୍ବର ୧୩୮୩୮/୨୦୨୬ରେ ଏହି ଅଭିଯୋଗ ଦାଏର ହୋଇଛି । "ଆବେଦନରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ନିକଟ ସର୍କିଟ ହାଉସ କାଳୀମନ୍ଦିର ପାଖରେ ଅସ୍ଥାୟୀ ଭାବେ ରହୁଥିବା ଛତିଶଗଡ଼ର ବିଲାସପୁର ଅଞ୍ଚଳର ଜଣେ ଝାଡୁ ବିକ୍ରେତା ପରିବାରର ୧୨ ବର୍ଷୀୟା ନାବାଳିକା ଏକ ଅମାନବୀୟ ଘଟଣାର ଶିକାର ହୋଇଥିଲେ । ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ମାମଲା ରୁଜୁ ହେବା ସହ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୁବ୍ରତ କୁମାର ଦାଶ ତାଙ୍କ ଆବେଦନରେ ମାନବ ଅଧିକାର କମିଶନଙ୍କ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ସେହିପରି ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ କମିଶନଙ୍କ ନିକଟରେ ଅନୁରୋଧ କରାଯାଇଛି । ଏହି ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସ୍‌ପି, ସେଣ୍ଟ୍ରାଲ୍ ରେଞ୍ଜ ଡିଆଇଜି, ଓଡ଼ିଶା ପୁଲିସ ଡିଜି, ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ, ନ୍ୟାୟ ପାଇଁ ଲଢେଇ ପରିବାର ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ ଓ ପୀଡ଼ିତା ପରିବାରକୁ ନ୍ୟାୟ ପ୍ରଦାନ ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

## ନାବାଳିକା ଦୁଷ୍କର୍ମ ମାମଲାରେ ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗ କାଳୀମନ୍ଦିର ନିକଟରେ ଝାଡୁ ବିକ୍ରି କରୁଥିବା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଘଟଣାରେ ସଦର ଥାନା ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନିକିରାଇ ଥାନା ଅଧୀନ ତରାଣ୍ଡୋ ଗ୍ରାମର ଶୁଭମ କୁମାର ନାୟକ ଓରଫ ଆକାଶ ଓରଫ ଅଚ୍ୟୁତ (୨୮) ଏବଂ ବିନୋଦ ବିହାରୀ ମଳିକ (୩୨) । ପୁଲିସ ସୂଚନା ଅନୁଯାୟୀ, ଘଟଣାକୁ ନେଇ ସଦର ଥାନାରେ କେସ୍ ନମ୍ବର ୩୭୩/୨୦୨୬ ରୁଜୁ ହୋଇଥିଲା କ୍ଷ ତଦନ୍ତ ପରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍)ର ଧାରା ୭୦(୨), ୭୬, ୧୧୫(୨), ୩୫୧(୩) ସହ ପୋକ୍ସୋ ଆଇନର ଧାରା-୬ ଅନୁସାରେ ମାମଲା ରୁଜୁ କରାଯାଇଛି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

## ଦୁର୍ଘଟଣାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ରାଜକନିକା,୧୭।୬(ସମିସ): ରାଜକନିକା ବ୍ଲକ ଖରସ୍ରୋତା ନଦୀ ପଠାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟ କରୁଥିବା ଭାରିଗଦା ପଞ୍ଚାୟତ ମକୁନ୍ଦପୁର ଗାଁ ର ଅଶୋକ ମୁଦୁଲି (୬୩) ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ମୃତ ଅଶୋକ ୧୫ ତାରିଖ ରାତି ଡ୍ୟୁଟି ସାରି ୧୬ ତାରିଖ ଭୋର ସମୟରେ ଗାଁ କୁ ଯିବା ପାଇଁ ନିଜ ବାଇକରେ ଖରସ୍ରୋତା ନଦୀ ପଠାର ପ୍ରକଳ୍ପ ଠାରୁ ମୁଖ୍ୟରାସ୍ତାକୁ ଉଠୁଥିବା ସମୟରେ କେଉଁ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ରାସ୍ତାରେ ପଡି ଯାଇଥିଲେ । ମୁମୂର୍ଷୁ ଅବସ୍ଥାରେ ଅଶୋକଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ଓ ପରେ କଟକ ମେଡିକାଲ ପଠାଯାଇ ଚିକିତ୍ସା ହେଉଥିବା ସମୟରେ ଗତକାଲି ରାତିରେ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ ଦେହ ଆଜି ସକାଳେ ଘରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜଣେ ଅତି ଅସହାୟ ଭାବରେ ଅଳ୍ପ ବେତନରେ କାମ କରି ପରିବାର ପୋଷୁଥିବା ବ୍ୟକ୍ତିର ଦୁର୍ଘଟଣାରେ ମୃତ୍ୟୁ ଯୋଗୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହୋଇଛି ।

## ବିଦ୍ୟାଳୟ ପରିସର ସଫେଇ



ପଞ୍ଚୁପାଣ୍ଡବ,୧୭।୬(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିସରରେ ସଫେଇ ହୋଇଥିବା ଦେଖିବାକୁ ମିଳୁଛି । ଖରା ଛୁଟି ପରେ ଗୁରୁବାର ଦିନ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ଖୋଲା ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ପ୍ରାୟ ଦୁଇ ମାସ ଧରି ବିଦ୍ୟାଳୟ ବନ୍ଦ ଥିବାରୁ ବିଦ୍ୟାଳୟ ପରିସରରେ ଘାସ ଜଙ୍ଗଲ ହୋଇଥିବା ବେଳେ କେତେକ ଜାଗାରେ ନଳକୂପ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସିଆରସିସି ମାନଙ୍କୁ ସମସ୍ତ ବିଦ୍ୟାଳୟ ବୁଲି ତଦାରଖ କରିବା ସହ ଛାତ୍ର ଛାତ୍ରୀ ମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ଅବଗତ କରିଥିଲେ । ଛୋଟି ସିଆରସିସି ତ୍ରିଲୋଚନ ମଲିକ ଓ କୁଶିଆପାଳ ତଥା ଭଗବତୀ କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ହରେକୃଷ୍ଣ କର ବିଭିନ୍ନ ବିଦ୍ୟାଳୟ ବୁଲି ତଦାରଖ କରିଥିଲେ । ବିଦ୍ୟାଳୟ ରେ ଥିବା ବିଦ୍ୟୁତ୍, ପାଣି ସମସ୍ୟା, ରୋଷେଇ ଘରର ସାମଗ୍ରୀ ଏବଂ ବିଦ୍ୟାଳୟ ପରିସର ସଫା କରିବା ପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରିଥିଲେ । ଭଗବତୀ କ୍ଲଷ୍ଟରର ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘନଭ ମଲିକ, ଦୀନବନ୍ଧୁ ମଲିକ, କମଳାକାନ୍ତ ସାହୁ, ଲିଲିମା ସାମଲ, ହୃଷୀକେଶ ମହାରଣା ଏବଂ ଅଙ୍ଗନବାଡ଼ି କର୍ମୀ ଲିଲିମା ପୃଷ୍ଟି ବିଭିନ୍ନ ବିଦ୍ୟାଳୟ ପରିସର ସଫା କରାଇଥିବା ଦେଖିବାକୁ ମିଳିଥିଲା ।

## ଜାତୀୟ ପାୱାରଲିଫ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଲେ ବ୍ରହ୍ମାଂଶୁ

ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗ୍ରାମର ସୁଷମା ଓଝାଙ୍କ ପୁଅ ବ୍ରହ୍ମାଂଶୁ ମହାରଣା(୧୭) ଜାତୀୟ ପାୱାରଲିଫ୍ଟିଂ ଯୁବ ବର୍ଗ ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିସହିତ ସେ ଆଗାମୀ ଦିନରେ ନରୱେରେ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟତା ହାସଲ କରି ଡେରାବିଶ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି । ଉତ୍ତରପ୍ରଦେଶର ମଥୁରା ରାଧାକୁଣ୍ଡ ସ୍ଥିତ ଶ୍ରୀ ଆଦିଗୌଡ ବିଦ୍ୟାଳୟ ପରିସରରେ ଗତ ୪ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ସ୍ୱର୍ଣ୍ଣ ବଜେତା ବ୍ରହ୍ମାଂଶୁ ମୋଟ ୪୭୨.୫କେଜି ଓଜନର ଭାରୋତଳନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ବିଭାଗରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ସୁଦ୍ଧା ବ୍ରହ୍ମାଂଶୁ ଏଥିରେ ସଫଳତା କରି ସ୍ୱର୍ଣ୍ଣ ବିଜେତା ହୋଇ ପାରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ଅଂଚଳରେ ଖୁସିର ଲହରି ଖେଳିଯାଇଛି । ଅନ୍ୟପକ୍ଷରେ ପ୍ରତିଯୋଗିତାରେ ସଫଳ ହୋଇ ବ୍ରହ୍ମାଂଶୁ ନିଜ ଘରକୁ ଫେରିବା ପରେ ଅଂଚଳର ବହୁ କ୍ରୀଡାବିତ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ସୂଚନାଯୋଗ୍ୟ ଅବସରପ୍ରାପ୍ତ ସେନାଧିକାରୀ ନୃସିଂହ ଚରଣ ଓଝାଙ୍କ ନାତି ବ୍ରହ୍ମାଂଶୁ ମାର୍ଶାଘାଇ ସ୍ଥିତ ଏକ ଘରୋଇ କଲେଜରେ ଡିପ୍ଲୋମା ପଢୁଥିବା ବେଳେ କୋଚ ସଞ୍ଜୟ ନାୟକ ଓ ଟ୍ରେନର ବିଭୁତିଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ପାୱାରଲିଫ୍ଟିଂ ଅଭ୍ୟାସ ଜାରି ରଖିଥିଲେ । ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଜିତିବାକୁ ଲକ୍ଷ୍ୟ ରଖିଥିବା ବ୍ରହ୍ମାଂଶୁ ନିଜ ଅଭ୍ୟାସକୁ ଆହୁରି ଯୋରଦାର କରିଥିଲେ ସୁଦ୍ଧା ଅର୍ଥାଭାବ ହେତୁ ଏଥିପାଇଁ ଦରକାର ରହିଥିବା ଆଧୁନିକ କୌଶଳ ଓ ଶିକ୍ଷାରୁ ବଞ୍ଚିତ ହେବା ନେଇ ସନ୍ଦେହ ଉପୁଜିଛି ।





## କର୍କଟ ପୀଡ଼ିତାଙ୍କୁ ସହାୟତା

ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ମମତା ଦାଶ ଦୀର୍ଘ ୭ ବର୍ଷ ହେଲା ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତା ଥାଇ ଚିକିତ୍ସିତ ହେଉଛନ୍ତି । ଏବେ ସେ କେମୋ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି । ରୋଗର ଗୁରୁତ୍ୱ ଦୃଷ୍ଟିରୁ ସେ ନିୟମିତ ଭାବରେ ଭୁବନେଶ୍ୱରର ଏକ ହସ୍‌ପିଟାଲକୁ ଯାତାୟାତ କରୁଛନ୍ତି । ଖବର ପାଇ ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ କୁସୁନୁପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସମାଜସେବୀ ପର୍ଶୁରାମ ନାୟକ ମମତାଙ୍କ ଲହଣ ଶାସନ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଅବସ୍ଥା ସମ୍ପର୍କରେ ବୁଝିଥିଲେ ଏବଂ ଏହି ରୋଗର ଉନ୍ନତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶ୍ରୀ ନାୟକଙ୍କ ସହିତ ଚାନ୍ଦୋଳ ପଞ୍ଚାୟତର ସମିତିସଭ୍ୟା ମୁଲତା ମିଶ୍ର ଓ ସମାଜସେବୀ ଜୟନ୍ତ ଶତପଥି ଉପସ୍ଥିତ ରହିଥିଲେ ।



# କଲଭର୍ଟ ତଳୁ ମୃତଦେହ ଉଦ୍ଧାର କଲା ପୁଲିସ

ପଟ୍ଟାମୁଣ୍ଡାଇ,୧୭।୬(ସମିସ)



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ମଦନପୁର ନିକଟସ୍ଥ ବଙ୍ଗାଳି ପଡ଼ା ନିକଟରେ ଏକ କଲଭର୍ଟ ତଳେ ମୁଣ୍ଡ କଟା ମୃତଦେହ ପଡିଥିବା ନେଇ ଯେଉଁ ପ୍ରଚାର ହୋଇଥିଲା ପୁଲିସ ପହଞ୍ଚିବା ପରେ ତାହା ଭୁଲ ପ୍ରମାଣିତ ହୋଇଛି । ଘଟଣାରୁ ପ୍ରକାଶ ଆଜି ସକାଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ନିକଟସ୍ଥ ବଙ୍ଗାଳି ପଡ଼ାର ଏକ କଲଭର୍ଟ ତଳେ ଗୋଟିଏ ମୁଣ୍ଡ ନଥିବା ମୃତଦେହ ପଡ଼ିଛି ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ମୁହଁ ମାଡି କାଦୁଅରେ ପଡି ଥିବାରୁ ମୁଣ୍ଡ ବେକ ପର୍ଯ୍ୟନ୍ତ କାଦୁଅରେ ପୋତି ହୋଇ ଯାଇଥିବାରୁ ମୃତଦେହର ମୁଣ୍ଡ ନଥିବା ଭଳି ଦେଖା ଯାଉଥିଲା । ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି କାଦୁଅରୁ ମୃତଦେହ ଉଦ୍ଧାର କଲା ପରେ ମୃତଦେହର ମୁଣ୍ଡ ର କୌଣସି କ୍ଷତି ହୋଇ ନଥିବା ଜଣା ପଡିଥିଲା । ଆଇଆଇସି ଶ୍ରୀ ବାରିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ମୃତକ ସିଂହପହର ଗ୍ରାମର ଅଭୟ ନାଥ ( ୪୫ ) ବୋଲି ଜଣାପଡ଼ିଛି । ଅଭୟଙ୍କ ବାପା ଅର୍ଜୁନ ନାଥଙ୍କ ଏତଲା ଅନୁଯାୟୀ ମୃତକଙ୍କ ପତ୍ନୀ ପ୍ରାୟ ୫ ବର୍ଷ ହେଲା ତାଙ୍କୁ ଛାଡ଼ି ଅନ୍ୟ ପୁରୁଷ ସହ ରହୁଥିବା ଜଣାଇଛନ୍ତି । ସେହି କାରଣରୁ ଅଧିକାଂଶ ସମୟରେ ଅଭୟ ମଦ ପିଇ ନିଶାରେ ରହୁଥିଲେ ଏବଂ କଲଭର୍ଟ ଉପରୁ ତଳକୁ ନିଶାସକ୍ତ ଅବସ୍ଥାରେ ପଡ଼ିଯିବା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ ବାପା ଏତଲାରେ ଦର୍ଶାଇଛନ୍ତି ବୋଲି ଆଇଆଇସି ଶ୍ରୀ ବାରିକ ସ୍ପଷ୍ଟ କରିଛନ୍ତି । ଉପଖଣ୍ଡ ପୋଲିସ ଅଧିକାରୀ ସୁକାନ୍ତ ପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ସାଇଣ୍ଟିଫିକ୍ ଟିମ ଆସି ଛାନଭିନ କରିଛନ୍ତି । ଘଟଣା ସ୍ଥଳରୁ ମଦ ବୋତଲ, ଗ୍ଲାସ ଏବଂ ଅଣ୍ଟାରୁ ମଦ ବୋତଲ ମିଳିଛି । ପରେ ମୃତକ ଅଭୟ ନାଥର ମୃତ ଶରୀରର ସାକ୍ଷୀ ମାନଙ୍କ ଉପସ୍ଥିତିରେ ପଞ୍ଚନାମା ହୋଇ ଶବ ବ୍ୟବଚ୍ଛେଦ ନିମନ୍ତେ ଆଳି ଡାକ୍ତରଖାନାକୁ ପଠାଇ ଦିଆ ଯାଇଛି । ଅପମୃତ୍ୟୁ କେସ ନଂ ୯/୨୬ ପଞ୍ଜୀକୃତ କରି ଏସ ଆଇ କୈଶୋରିକା ରାଉତରାୟ ତଦନ୍ତ କରୁଛନ୍ତି ।